## ଲଜ୍ଜାରେ ମଥା ନଇଁଯାଉଛି

**ନୂଆଦିଲ୍ଲୀ,୨୧।୭:** ମେ' ୪ ମଣିପୁର ଘଟଣାକୁ ନେଇ ଲଜ୍ଜାରେ ମଥା ତଳକୁ ନଇଁଯାଉଛି ବୋଲି ସୁପ୍ରିମକୋର୍ଟ ଆଡ୍‌ଭୋକେଟ୍-ଅନ୍-ରେକର୍ଡ ଆସୋସିଏଶନ୍ (ଏସ୍‌ସିଏଓଆର୍‌ଏ) ପକ୍ଷରୁ ଶୁକ୍ରବାର କୁହାଯାଇଛି। ମଣିପୁରରେ ଯୌନହିଂସାକୁ ନିନ୍ଦା କରି ସଂଘରେ ଏକ ସଂକଳ୍ପନାମା ପରିତ ହୋଇଛି। ରାଜ୍ୟର ସରକାରୀ କଳର ବିଫଳତା ଯୋଗୁ ନାଗରିକମାନେ ମୌଳିକ ମାନବିକ ଅଧିକାର ପାଇବାରୁ ବଞ୍ଚିତ ହୋଇଥିବା ଏଥିରେ ଦର୍ଶାଯାଇଛି।

## ମଣିପୁରକୁ କେନ୍ଦ୍ରୀୟ ଟିମ୍ ପଠାଯାଉନାହିଁ କାହିଁକି: ମମତା

**କୋଲକାତା,୨୧।୭:** ଭାଜପାର 'ବେଟି ବଚାଓ' ଯୋଜନା ଏବେ 'ବେଟି ଜଳାଓ'ରେ ପରିଣତ ହୋଇଛି। ଭାଜପା ଶାସିତ ତଥା ହିଂସା ପ୍ରଭାବିତ ମଣିପୁରକୁ ଅଦ୍ୟାବଧି କେନ୍ଦ୍ରୀୟ ଟିମ୍ କାହିଁକି ପଠାଯାଇ ନାହିଁ ବୋଲି ଶୁକ୍ରବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଶ୍ନ କରିଛନ୍ତି। କୋଲକାତାରେ ଶହୀଦ ଦିବସ ପାଳନ ଅବସରରେ ଏକ ସଭାକୁ ସମ୍ବୋଧିତ କରି ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବେଳେ କେନ୍ଦ୍ର ସରକାର କେନ୍ଦ୍ରୀୟ ଟିମ୍ ପଠାଇଥିଲେ। କିନ୍ତୁ ଉତ୍ତର-ପୂର୍ବ ରାଜ୍ୟ ମଣିପୁରକୁ କାହିଁକି ପଠାଉନାହାନ୍ତି। କେନ୍ଦ୍ରରେ ଭାଜପା ତୃତୀୟ ଥର କ୍ଷମତାସୀନ ହେଲେ ଦେଶରେ ଆଉ ଗଣତନ୍ତ୍ର ରହିବ ନାହିଁ।

## ସୁଇଡେନ୍ ଦୂତାବାସ ଜାଳିଦେଲେ ଇରାକୀ

**ବାଗ୍‌ଦାଦ/ଷ୍ଟକ୍‌ହୋମ୍,୨୧।୭:** ଷ୍ଟକ୍‌ହୋମ୍‌ରେ ଯୋଜନାବଦ୍ଧ ଭାବେ ମୁସଲମାନଙ୍କ ପବିତ୍ର ଗ୍ରନ୍ଥ କୋରାନ ପୋଡ଼ାଯିବାର ପ୍ରତିବାଦରେ ଗୁରୁବାର ସୁଇଡେନ୍ ରାଷ୍ଟ୍ରଦୂତଙ୍କୁ ଇରାକ୍ ବହିଷ୍କାର କରିଛି। ବାଗ୍‌ଦାଦସ୍ଥିତ ସୁଇଡେନ୍ ଦୂତାବାସରେ ସ୍ଥାନୀୟ ଲୋକେ ନିଆଁ ଲଗାଇଦେଇଛନ୍ତି। ଇରାକ୍ ସରକାର ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ବାଗ୍‌ଦାଦ ସୁଇଡେନ୍‌ରେ ଅବସ୍ଥାପିତ ନିଜ ରାଷ୍ଟ୍ରଦୂତଙ୍କୁ ମଧ ପ୍ରତ୍ୟାହାର କରିଛି। ସେହିପରି ଇରାକୀ ତେଲ ଉପରେ ସୁଇଡେନ୍‌ର ଏରିକ୍ସନକୁ ଦିଆଯାଇଥିବା ୱାର୍କିଂ ପରମିଟ୍‌କୁ ରଦ୍ଦ କରିଦେଇଛି। ଇସ୍‌ଲାମ ବିରୋଧୀ ସୁଇଡେନ୍‌ରେ ବସବାସ କରୁଥିବା ଜଣେ ଇରାକୀ ପ୍ରବାସୀଙ୍କ ସମେତ ବିକ୍ଷୋଭକାରୀମାନେ ଜୁନ୍‌ରେ ଷ୍ଟକ୍‌ହୋମ୍‌ସ୍ଥିତ ଏକ ମସ୍‌ଜିଦ ବାହାରେ କୋରାନ ପୋଡ଼ିଥିଲେ।

## ଚନ୍ଦ୍ରଯାନ-୩ର ଚତୁର୍ଥ କକ୍ଷ ଉତ୍ଥାନ

**ବେଙ୍ଗାଲୁରୁ, ୨୧।୭:** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଗୁରୁବାର ଚନ୍ଦ୍ରଯାନ-୩ର ଚତୁର୍ଥ କକ୍ଷ ଉତ୍ଥାନ ସଫଳତାର ସହ ସମ୍ପନ୍ନ କରିଛି। ଇସ୍ରୋ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ୍ କମାଣ୍ଡ ନେଟ୍‌ୱର୍କ (ଆଇଏସ୍‌ଟିଆର୍‌ଏସି)ରୁ ଏହା ସମ୍ପନ୍ନ ହୋଇଥିଲା। ଫଳରେ ପୃଥିବୀଠାରୁ ଚନ୍ଦ୍ରଯାନର ସର୍ବନିମ୍ନ ଦୂରତା ୨୩୩ କି.ମି. ଥିବାବେଳେ ସର୍ବାଧିକ ଦୂରତା ୭୧,୩୫୧ କି.ମି.କୁ ବୃଦ୍ଧି ପାଇଛି। ଏହାର ପରବର୍ତ୍ତୀ କକ୍ଷ ଉତ୍ଥାନ ଆସନ୍ତା ୨୫ ତାରିଖ ଅପରାହ୍ନ ୨ରୁ ୩ଟା ମଧରେ ହେବ। ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ପୃଥିବୀ କୈନ୍ଦ୍ରିକ ପଇଁତରା ପରେ ଅଗଷ୍ଟ ୧ରେ ଏହା ଚନ୍ଦ୍ର କକ୍ଷରେ ପ୍ରବେଶ କରିବ। ଅଗଷ୍ଟ ୨୩ ଅପରାହ୍ନ ୫ଟା ୪୭ରେ ଏହାର ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିବାର ଯୋଜନା ରହିଛି।




ମଣିପୁରରେ ଦୀର୍ଘ ଅଢ଼େଇ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଜାତିଆଣ ହିଂସା ପ୍ରତିବାଦରେ ତାମିଲନାଡୁ ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ଚେନ୍ନାଇରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ମଣିପୁର ଯୌନହିଂସା: ସଂସଦରେ ଅଚଳାବସ୍ଥା

**ମଣିପୁର ଜାତିଆଣ ଓ ଯୌନ ହିଂସା ପ୍ରସଙ୍ଗରେ ମୋଦି ସରକାରଙ୍କ ବିଫଳତାର ପ୍ରତିବାଦ କରିବ ଇଣ୍ଡିଆ। ୨୬ ଦଳକୁ ନେଇ ଗଠିତ ଏହି ବିରୋଧୀ ମେଣ୍ଟ ପକ୍ଷରୁ ସୋମବାର ପୂର୍ବାହ୍ନ ୧୦.୩୦ରେ ପାର୍ଲାମେଣ୍ଟ ପରିସରସ୍ଥିତ ଗାନ୍ଧୀମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯିବ। ଯଦି ରାହୁଲ ଗାନ୍ଧୀ ମଣିପୁର ଯାଇପାରୁଛନ୍ତି ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଂସା ପ୍ରଭାବିତ ରାଜ୍ୟକୁ କାହିଁକି ଗସ୍ତ କରିପାରିବେ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।**

ନୂଆଦିଲ୍ଲୀ,୨୧।୭

ମଣିପୁର ହିଂସା ଓ ଯୌନହିଂସାକୁ ନେଇ ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ଅଚଳାବସ୍ଥା ଜାରି ରହିବାରୁ ଗୃହକାର୍ଯ୍ୟ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଶୁକ୍ରବାର ଲୋକ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କଂଗ୍ରେସ, ଡିଏମ୍‌କେ ଏବଂ ବାମପନ୍ଥୀ ସଦସ୍ୟମାନେ ଗୃହର ମଧଭାଗକୁ ଯାଇ ସ୍ଲୋଗାନ ଦେଇଥିଲେ। ବାଚସ୍ପତି ଓମ୍ ବିର୍ଲାଙ୍କୁ କହିଥିଲେ, ମଣିପୁର ରକ୍ତରଞ୍ଜିତ। ବିରୋଧୀଙ୍କ ଏଭଳି ସ୍ଲୋଗାନରୁ କୌଣସି ସମାଧାନ ବାହାରିବ ନାହିଁ। କେବଳ ଆଲୋଚନା ଜରିଆରେ ହିଁ ସମାଧାନ ସମ୍ଭବ। ତେଣୁ ଗୃହ ଚଳାଇବାକୁ ଦିଅନ୍ତୁ ବୋଲି ବାଚସ୍ପତି ସେମାନଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ କଥା ଶୁଣି ନ ଥିଲେ। ବାଚସ୍ପତି ପ୍ରତିରକ୍ଷା ମନ୍ତ୍ରୀ ତଥା ଗୃହର ଉପନେତା ରାଜନାଥ ସିଂଙ୍କୁ କହିବାକୁ ପରାମର୍ଶ ଦେଇଥିଲେ। ରାଜନାଥ କହିଛନ୍ତି, ସରକାର ମଣିପୁର ହିଂସା ଉପରେ ଆଲୋଚନା ଚାହୁଁଛନ୍ତି। କିନ୍ତୁ ବିରୋଧୀ ଦଳଗୁଡ଼ିକ ହଇଗୋଳ କରି ଗୃହକାର୍ଯ୍ୟ ଚଳାଇବାକୁ ଦେଉନାହାନ୍ତି। ବିରୋଧୀଙ୍କ ହଇଗୋଳ ମଧ୍ୟରେ ବାରମ୍ବାର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ବାଚସ୍ପତି ଲୋକ ସଭାକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ରାଜ୍ୟ ସଭାରେ ମଧ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ମଣିପୁର ପ୍ରସଙ୍ଗରେ ବିତର୍କ ଦାବି କରି ବିରୋଧୀ ସଦସ୍ୟମାନେ ହଇଗୋଳ କରିଥିଲେ। ଫଳରେ ଗୃହର ଅଧ୍ୟକ୍ଷ ଜଗଦୀପ ଧନକର ଦିନକ ପାଇଁ ଗୃହକାର୍ଯ୍ୟ ମୁଲତବୀ ଘୋଷଣା କରିଛନ୍ତି।

## ମଣିପୁର ସରକାରକୁ ବରଖାସ୍ତ କରନ୍ତୁ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୧।୭

ମଣିପୁର ସ୍ଥିତିକୁ ନେଇ ସରକାର ଆଦୌ ଗମ୍ଭୀର ନୁହନ୍ତି। ତେଣୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟର ଭାଜପା ସରକାରକୁ ବରଖାସ୍ତ କରନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସଭାର କଂଗ୍ରେସ ଉପନେତା ପ୍ରମୋଦ ତିୱାରୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମଣିପୁର ଉପରେ ବିରୋଧୀ ବିସ୍ତୃତ ବିତର୍କ ଦାବି କରୁଥିବାବେଳେ ସରକାର ନାମକୁ ମାତ୍ର ସଂକ୍ଷିପ୍ତ ଆଲୋଚନା ଚାହୁଁଛନ୍ତି। ଆଲୋଚନାରୁ କିଏ ପଳାୟନ କରୁଛନ୍ତି, ତାହା ଏଥିରୁ ସ୍ପଷ୍ଟ ହେଉଛି। ସରକାର ଏହା ଉପରେ ସମ୍ବେଦନଶୀଳ ଥିଲେ ମଙ୍ଗଳବାର ଆଲୋଚନା ଆରମ୍ଭ ହେଉ। ସମସ୍ତ ଦଳକୁ ମତ ରଖିବାକୁ ଦିଆଯାଉ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ବିବୃତି ରଖନ୍ତୁ। ସେ ଯଦି ବାହାରେ କହିପାରୁଛନ୍ତି ତେବେ ଗୃହ ଭିତରେ କାହିଁକି ବିବୃତି ଦେଇପାରିବେ ନାହିଁ ବୋଲି ତିୱାରୀ ପ୍ରଶ୍ନ କରିଛନ୍ତି। କଂଗ୍ରେସ ମୁଖପାତ୍ର ପୱନ ଖେରା କହିଛନ୍ତି, ରାଷ୍ଟ୍ରପତି ନିଜ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ମଣିପୁର ସରକାରକୁ ବରଖାସ୍ତ କରନ୍ତୁ। ଦେଶ ତାଙ୍କଠାରୁ ଏହା ଆଶା କରୁଛି।

## ମଣିପୁର, ୟୁପିରେ ମୁଣ୍ଡକାଟ

ଇମ୍ଫାଲ/ଲକ୍ଷ୍ନୌ,୨୧।୭

ଭାଜପା ଶାସିତ ମଣିପୁରରେ ୨ କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବାବେଳର ଭିଡିଓକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଦେଖିବାକୁ ମିଳିଥିବାବେଳେ ସ୍ତବ୍ଧ କରିଦେବା ଭଳି ଆଉ ଏକ ଭିଡିଓ ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି। ହିଂସା ପ୍ରଭାବିତ ରାଜ୍ୟରେ କୁକିସମ୍ପ୍ରଦାୟର ଜଣେ ପୁରୁଷଙ୍କ ମୁଣ୍ଡକାଟ କରାଯାଇଥିବା ଏଥିରେ ଦେଖିବାକୁ ମିଳିଛି। ମୁଣ୍ଡ କଟାଯାଇଥିବା ବ୍ୟକ୍ତି ଜଣକ ହେଲେ ଡାଭିଡ୍ ଥିଏକ୍। ବିଷ୍ଣୁପୁର ଜିଲାର ଏକ ଜନବସତି ଅଞ୍ଚଳରେ ତାଙ୍କ କଟାମୁଣ୍ଡକୁ ବାଉଁଶରେ ତିଆରି ଏକ ବାଡ଼ରେ ରଖାଯାଉଛି। ଜୁଲାଇ ୨ ତାରିଖ ରାତି ୧୨ଟାରେ ସଶସ୍ତ୍ର ଉଗ୍ରପନ୍ଥୀମାନେ ହତ୍ୟା କରିଥିବା ୩ ବ୍ୟକ୍ତିଙ୍କ ମଧ୍ୟରୁ ଡାଭିଡ୍ ଅନ୍ୟତମ।

କେବଳ ମଣିପୁର ନୁହେଁ, ଭାଜପା ଶାସିତ ସବୁଠୁ ବଡ଼ ରାଜ୍ୟ ଉତ୍ତର ପ୍ରଦେଶ (ୟୁପି)ରେ ଆଇନ ଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ଶୁକ୍ରବାର ସେଠାରେ ମଧ ଏକ ଅନୁରୂପ ଘଟା ଘଟିଛି। ବାରବାଙ୍କି ଜିଲା ମିଠ୍ୱାରାର ରିୟାଜ(୨୪) ନିଜ ଭଉଣୀଙ୍କ ମୁଣ୍ଡକାଟ୍ କରିଛନ୍ତି। ସେ କଟାମୁଣ୍ଡ ଧରି ଫତେପୁର ଥାନାରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଭଉଣୀ ଅସିଫା (୧୮)ଙ୍କ ପ୍ରେମ ସମ୍ପର୍କକୁ ନେଇ ପୂର୍ବାହ୍ନ ୧୧ଟାରେ ତାଙ୍କ ସହ ରିୟାଜଙ୍କ ଯୁକ୍ତିତର୍କ ହୋଇଥିଲା। ବଡ଼ଭାଇ ରିୟାଜ ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ କାଟିଦେଇଥିଲେ। ସେ କଟାମୁଣ୍ଡକୁ ପ୍ୟାକ୍ କରି ଥାନାକୁ ଧରି ଯାଇଥିଲେ।

ଅସିଫା ନିଜ ପୁରୁଷବନ୍ଧୁ ଚାନ୍ଦ ବାବୁଙ୍କୁ ବିବାହ କରିବାକୁ ଚାହୁଁଥିବାବେଳେ ପରିବାର ଲୋକେ ଏହାକୁ ବିରୋଧ କରିଆସୁଥିଲେ। ଗତ ମେ' ୨୯ରେ ଅସିଫାଙ୍କ ବାପା ଅବ୍ଦୁଲ ରଶିଦ୍ ଝିଅଙ୍କୁ ବିବାହ ଉଦ୍ଦେଶ୍ୟରେ ଅପହରଣ ଅଭିଯୋଗ ଆଣି ଆଇପିସି ଦଫା ୩୬୬ବଳରେ ଥାନାରେ ଏତଲା ଦେଇଥିଲେ। ଚାନ୍ଦ ବାବୁଙ୍କୁ ଗିରଫକରି ଜେଲକୁ ପଠାଯାଇଛି। କିନ୍ତୁ ଅସିଫା ତାଙ୍କୁ ବିବାହ କରି ନୂଆ ଜୀବନ ଆରମ୍ଭ କରିବାକୁ ଚାହୁଁଥିବାରୁ ଏହାକୁ ନେଇ ଘରେ ବିବାଦ ସୃଷ୍ଟି ହୋଇଥିଲା।




ମେ ୪ ଘଟଣା ପ୍ରତିବାଦରେ ଶୁକ୍ରବାର ମଣିପୁରର ଉଖ୍‌ରୁଲରେ ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।

## ଭାରତ-ଶ୍ରୀଲଙ୍କା ଆର୍ଥିକ ସହଭାଗିତା ବଢ଼ିବ

### ନୂଆଦିଲ୍ଲୀରେ ମୋଦି-ୱିକ୍ରମସିଂହେ ଆଲୋଚନା



ହାଇଦ୍ରାବାଦ ହାଉସରେ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନୂଆଦିଲ୍ଲୀ,୨୧।୭(ପି.ଟି.)

ଭାରତ ଏବଂ ଶ୍ରୀଲଙ୍କା ଆର୍ଥିକ ସହଭାଗିତାରେ ଉଲ୍ଲେଖନୀୟ ବୃଦ୍ଧି ନେଇ ଦୁଇ ଦେଶ ଶୁକ୍ରବାର ମହତ୍ତ୍ୱାକାଂକ୍ଷୀ ଭିଜନ ଡକ୍ୟୁମେଣ୍ଟ ଆପଣାଇଛନ୍ତି। ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଗଣମାଧ୍ୟମକୁ ବିବୃତି ଦେଇ ମୋଦି କହିଥିଲେ, ଗତବର୍ଷ ଶ୍ରୀଲଙ୍କା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଜଣେ ଘନିଷ୍ଠ ବନ୍ଧୁ ଭାବେ ଭାରତ କାନ୍ଧରେ କାନ୍ଧ ମିଳାଇ ଛିଡ଼ାହୋଇଥିଲା। ଶ୍ରୀଲଙ୍କାରେ ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଶୁଭାରମ୍ଭ ଲାଗି ଚୁକ୍ତିନାମା ହୋଇଛି। ଏହା ଦ୍ୱାରା ଦୁଇଦେଶ ମଧ୍ୟରେ ଫିନ୍‌ଟେକ୍ ସହଯୋଗ ହୋଇପାରିଛି। ପରସ୍ପରର ସୁରକ୍ଷା ସ୍ୱାର୍ଥ ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଏକାଠି କାର୍ଯ୍ୟ କରିବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭିଜନ ଦସ୍ତାବିଜ୍ ଅନୁଯାୟୀ ଉଭୟ ଦେଶ ପର୍ଯ୍ୟଟନ, ଶକ୍ତି, ବାଣିଜ୍ୟ, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ଓ ଯୋଗାଯୋଗ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବଢ଼ାଇବେ। ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ସାମୁଦ୍ରିକ, ବାୟୁ, ଶକ୍ତି ତଥା ଯୋଗଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖାଯାଇଛି। ଭାରତର ଅଭିବୃଦ୍ଧିରେ ପଡୋଶୀ ଦେଶ ଏବଂ ଭାରତ ମହାସାଗର ଅଞ୍ଚଳ ଲାଭବାନ ହେବା ଆମେ ବିଶ୍ୱାସ କରୁ ବୋଲି ଶ୍ରୀଲଙ୍କା ରାଷ୍ଟ୍ରପତି କହିଥିଲେ।

## ଗୋ ଫାଷ୍ଟ ଚଳାଚଳକୁ ଡିଜିସିଏ ମଞ୍ଜୁରୀ




ନୂଆଦିଲ୍ଲୀ,୨୧।୭

ଆର୍ଥିକ କ୍ଷତିର ସମ୍ମୁଖୀନ ଗୋ ଫାଷ୍ଟ ଏୟାରଲାଇନ୍ସ ଦୁଇ ମାସ ହେଲା ବିମାନ ଚଳାଚଳ ବନ୍ଦ ରଖିବା ପରେ ପୁନର୍ବାର ସେବା ଆରମ୍ଭ ଲାଗି ଆଣିଥିବା ଯୋଜନାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କେତେକ ସର୍ତ୍ତ ସହ ମଞ୍ଜୁରୀ ପ୍ରଦାନ କରିଛି। ଅଡିଟ୍ ଅବ୍‌ଜରଭେଶନକୁ ଅନୁପାଳନ କରିବ ବୋଲି ଏୟାରଲାଇନ୍ସ ନିଶ୍ଚିତ କରିବା ପରେ ଡିଜିସିଏ ଏହାର ଯୋଜନାକୁ ଗ୍ରହଣ କରିଛି। ଏୟାରଲାଇନ୍ସ ୧୫ଟି ବିମାନ ଯୋଗେ ଦିନକୁ ୧୧୪ ଥର ଉଡ଼ାଣ କରିପାରିବ। ଗତ ମେ' ୩ରୁ ଗୋ ଫାଷ୍ଟ ଏହାର ବିମାନ ସେବାକୁ ବନ୍ଦ ରଖିଥିଲା।

## କର୍ଣ୍ଣାଟକରୁ ରାଜ୍ୟ ସଭା ଯିବେ ସୋନିଆ

ନୂଆଦିଲ୍ଲୀ,୨୧।୭

### ପ୍ରସ୍ତାବ ଦେଲେ ସିଦ୍ଧାରାମାୟା



ସୋନିଆ ଗାନ୍ଧୀ

କର୍ଣ୍ଣାଟକରୁ ରାଜ୍ୟ ସଭାର ୪ ଆସନ ଆଗାମୀ ୮ ମାସରେ ଖାଲି ହେବାକୁ ଯାଉଥିବାବେଳେ ପୂର୍ବତନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଉକ୍ତ ରାଜ୍ୟରୁ ପାର୍ଲାମେଣ୍ଟର ଉଚ୍ଚ ସଦନକୁ ନିର୍ବାଚିତ ହେବା ନେଇ ଚର୍ଚ୍ଚା ଜୋର ଧରିଛି। କର୍ଣ୍ଣାଟକରୁ ରାଜ୍ୟ ସଭା ସଦସ୍ୟ ଥିବା ଜି.ସି. ଚନ୍ଦ୍ରଶେଖର, ସୟେଦ ନାସିର ହୁସେନ୍, ଡ. ଏଲ୍. ହନୁମନ୍ଥାୟା ଏବଂ ରାଜୀବ ଚନ୍ଦ୍ରଶେଖରଙ୍କ କାର୍ଯ୍ୟକାଳ ୨୦୨୪ ଏପ୍ରିଲ ୨ରେ ଶେଷ ହେବାକୁ ଯାଉଛି। ରାଜ୍ୟର ବର୍ତ୍ତମାନର ବିଧାନସଭା ସ୍ଥିତି ଅନୁଯାୟୀ କଂଗ୍ରେସ ୩ ସଦସ୍ୟଙ୍କୁ ରାଜ୍ୟ ସଭା ପଠାଇପାରିବ। ନାସିର କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଘନିଷ୍ଠ ଏବଂ ଏଆଇସିସି କୋଅର୍ଡିନେଟର ଥିବାରୁ ସେ ଆଉ ୬ ବର୍ଷ ପାଇଁ ରାଜ୍ୟ ସଭା ଯାଇପାରନ୍ତି। ଏହା ବ୍ୟତୀତ କଂଗ୍ରେସର ସୋସିଆଲ ମିଡିଆ ମୁଖ୍ୟ ତଥା ମୁଖପାତ୍ର ସୁପ୍ରିୟା ଶ୍ରୀନାଟେଙ୍କ ସହ ସୋନିଆ ଗାନ୍ଧୀ ରାଜ୍ୟ ସଭାକୁ ଯିବା ଚର୍ଚ୍ଚା ହେଉଛି। ନିକଟରେ ସୋନିଆ ବେଙ୍ଗାଲୁରୁ ଗସ୍ତରେ ଯାଇଥିବାବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ତାଙ୍କୁ ରାଜ୍ୟ ସଭା ଆସନ ପ୍ରସ୍ତାବ ଦେଇଥିଲେ। ଯଦିଓ ସୋନିଆ ଏନେଇ ମୁହଁ ଖୋଲିନାହାନ୍ତି, ତେବେ କେତେକ କାରଣକୁ ନେଇ ସେ ରାଜ୍ୟ ସଭା ଯିବା ସମ୍ଭାବନା ସମ୍ପର୍କରେ ସୂଚନା ମିଳିଛି। ପ୍ରଥମ କାରଣ ହେଲା ସୋନିଆ ରାଜ୍ୟ ସଭାକୁ ଗଲେ ସେ ୧୦ ଜନପଥ ବାସଭବନକୁ ନିଜ ହାତରେ ରଖିପାରିବେ। ୧୯୮୯ରେ ରାଜୀବ ଗାନ୍ଧୀ ବିରୋଧୀ ଦଳ ନେତା ଥିବା ସମୟରୁ ଉକ୍ତ ବାସଭବନରେ ସୋନିଆ ରହିଆସୁଛନ୍ତି। ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସରକାରୀ ବାସଭବନରୁ ବାହାରିଯାଇଥିବାରୁ ୧୦ ଜନପଥ ବାସଭବନକୁ ରଖିବା ସୋନିଆଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ସୋନିଆ ୫ ଥର ଲୋକ ସଭାକୁ ନିର୍ବାଚିତ ହୋଇସାରିଲେଣି। ତେବେ ସ୍ୱାସ୍ଥ୍ୟଗତ ଓ ଅନ୍ୟାନ୍ୟ କାରଣରୁ ସେ ୨୦୧୯ ପରେ ନିଜ ନିର୍ବାଚନ ମଣ୍ଡଳୀର ସେବା କରିପାରି ନାହାନ୍ତି। ପ୍ରିୟଙ୍କା ଗାନ୍ଧୀ ୨୦୨୪ ଲୋକ ସଭା ନିର୍ବାଚନ ଲଢ଼ି ଜିତିଲେ ମଧ ପ୍ରଥମ ଥର ଏମ୍‌ପି ଭାବେ ତାଙ୍କୁ ୧୦ ଜନପଥ ବାସଭବନ ମିଳି ନ ପାରେ।

## ଗୁଜରାଟ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୭(ପି.ଟି.)



### ମାନହାନି ମାମଲାରେ ରାହୁଲଙ୍କ ପିଟିଶନ

### ପରବର୍ତ୍ତୀ ଶୁଣାଣି ୪ରେ

ମୋଦି ସାଙ୍ଗିଆ ମନ୍ତବ୍ୟକୁ ନେଇ ମାନହାନି ମାମଲାରେ ତଳକୋର୍ଟଙ୍କ ରାୟକୁ ଗୁଜରାଟ ହାଇକୋର୍ଟ କାଏମ ରଖିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ଏନେଇ ଶୁକ୍ରବାର ଗୁଜରାଟର ପୂର୍ବତନ ମନ୍ତ୍ରୀ ପୂର୍ଣ୍ଣେଶ ମୋଦି ଏବଂ ଗୁଜରାଟ ସରକାରଙ୍କୁ ଜବାବ ମାଗିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୪କୁ ଧାର୍ଯ୍ୟ କରିଛନ୍ତି। ତେବେ ତଳକୋର୍ଟଙ୍କ ଦ୍ୱାରା ରାହୁଲ ଦୋଷୀସାବ୍ୟସ୍ତ ରାୟ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବା ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଉଭୟ ପକ୍ଷର ଯୁକ୍ତି ନ ଶୁଣିବା ପର୍ଯ୍ୟନ୍ତ ସ୍ଥଗିତାଦେଶ ଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ କହିଥିଲେ।

୨୦୧୯ ଏପ୍ରିଲ ୧୩ରେ କର୍ଣ୍ଣାଟକର କୋଲାରରେ ଏକ ନିର୍ବାଚନୀ ରାଲିକୁ ରାହୁଲ ଗାନ୍ଧୀ ସମ୍ବୋଧନ କରିବା ଅବସରରେ ସବୁ ଚୋରଙ୍କ ସାଙ୍ଗିଆ ମୋଦି କିପରି ହେଲା ବୋଲି ପ୍ରଶ୍ନ କରିଥିଲେ। ଏନେଇ ପୂର୍ଣ୍ଣେଶ ରାହୁଲଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ଶୁକ୍ରବାର ଶୁଣାଣି ବେଳେ ଜଷ୍ଟିସ୍ ଗଭାଇ ଏବଂ ପି.କେ. ମିଶ୍ରାଙ୍କ ଖଣ୍ଡପୀଠ ତଳକୋର୍ଟଙ୍କ ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ଲଗାଯିବା କେତେଦୂର ଯୋଗ୍ୟ ତାହା ଜାଣିବାକୁ ଚାହିଁଥିଲେ। ରାହୁଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ବନୁ ସିଙ୍ଘଭି ଉପସ୍ଥିତ ରହି କହିଥିଲେ, ଦଣ୍ଡାଦେଶ ଯୋଗୁ ତାଙ୍କ ମହକିଲ ୧୧୧ ଦିନ ଚିନ୍ତାରେ ରହିବା ସହ ପାର୍ଲାମେଣ୍ଟର ଗୋଟିଏ ଅଧିବେଶନ ହରାଇଛନ୍ତି। ଏବେ ସେ ଆଉ ଏକ ଅଧିବେଶନକୁ ମଧ ହରାଇବାକୁ ଯାଉଛନ୍ତି। ଦୋଷୀସାବ୍ୟସ୍ତ ହେବା ପରେ ଗତ ମାର୍ଚ୍ଚ ୨୪ରେ ରାହୁଲଙ୍କ ପାର୍ଲାମେଣ୍ଟ ସଭ୍ୟପଦ ରଦ୍ଦ ହୋଇଥିବାରୁ ତାଙ୍କ ୱାୟନାଡ୍ ଆସନରେ ଯେକୌଣସି ସମୟରେ ଉପନିର୍ବାଚନ ଘୋଷଣା ହୋଇପାରେ। ତେଣୁ ମାମଲାର ଶୁଣାଣି ଜରୁରୀ ବୋଲି ସିଙ୍ଘଭି କହିଥିଲେ। ପୂର୍ଣ୍ଣେଶଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ମହେଶ ଜେଠ୍‌ମାଲାନି ଏବଂ ଗୁଜରାଟ ସରକାରଙ୍କ ଓକିଲଙ୍କୁ ସେମାନଙ୍କ ଜବାବ ଲିଖିତ ଭାବେ ଉପସ୍ଥାପନ କରିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୨/୨୦୨୩ | Bhubaneswar, Saturday, July 22/2023 | ପୃଷ୍ଠା-୧




**ଭାଜପା ସହ ଏକାଠି କାମ କରିବ ଜେଡିଏସ୍**

କର୍ନାଟକର ସ୍ୱାର୍ଥ ପାଇଁ ଜେଡିଏସ୍ ଭାଜପା ସହ ଏକାଠି ବିରୋଧୀ ଦଳ ଭାବେ କାର୍ଯ୍ୟ କରିବ ବୋଲି ଏହାର ନେତା ଏଚ୍.ଡି. କୁମାରସ୍ୱାମୀ ଶୁକ୍ରବାର ଘୋଷଣା କରିଛନ୍ତି।

୦୭

୦୮

**‘ପ୍ରୋଜେକ୍ଟ-କେ’ମାନେ ‘କଲ୍କୀ ୨୮୯୮ ଏଡି’**

ପ୍ରଭାସଙ୍କ ଅଭିନୀତ ‘ପ୍ରୋଜେକ୍ଟ-କେ’ରମାନେ ‘କଲ୍କୀ ୨୮୯୮ ଏଡି’ ବୋଲି ଏହାର ପ୍ରଥମ ଟିଜର୍ ରିଲିଜ୍ ବେଳେ ନିର୍ଦ୍ଦେଶକ ନାଗ୍ ଅଶ୍ୱିନୀ କହିଛନ୍ତି।



# ଏବେ ଶକ୍ତିକୁ ସ୍କୁଟର

## କ୍ୟାବିନେଟ ନିଷ୍ପତ୍ତି

- ବିନା ସୁଧରେ ମିଳିବ ୧ ଲକ୍ଷ ଟଙ୍କା ଯାଏ ଋଣ
- ୧୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

**ଭୁବନେଶ୍ୱର,୨୧।୭(ଅନିଲ ଦାସ)**

ରାଜ୍ୟ ସରକାର ଗ୍ରାମାଞ୍ଚଳ ଭିତ୍ତିଭୂମିଠାରୁ ଆରମ୍ଭ କରି ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ ଉପରେ ସରକାର ଅଧିକ ଫୋକସ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ସ୍କୁଟର କିଣିବାକୁ ରାଜ୍ୟ ସରକାର ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଯୋଗାଇ ଦେବେ। ସଦସ୍ୟମାନେ ନିଜ ମନପସନ୍ଦର ସ୍କୁଟର କିଣି ନିଜ କାର୍ଯ୍ୟକୁ ସହଜ କରିପାରିବେ। ଏଥିପାଇଁ ରାଜ୍ୟ ସରକାର ମିଶନ ଶକ୍ତି ବିଭାଗ ମାଧ୍ୟମରେ ‘ମିଶନ ଶକ୍ତି ସ୍କୁଟର ଯୋଜନା’ ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ବଜେଟରେ ୫୨୮.୫୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ଏହି ପଦକ୍ଷେପ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘଙ୍କ ସହିତ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍ଏସ୍) ଏବଂ କାର୍ଯ୍ୟନିର୍ବାହୀ କମିଟି (ଇସି) ସଦସ୍ୟାମାନଙ୍କର ଯାତାୟାତକୁ ସୁଗମ କରିବ। ଏହି ଯୋଜନାରେ ୧,୨୫,୦୦୦ ଗ୍ରାମ ପଞ୍ଚାୟତ, ୱାର୍ଡ, ବ୍ଲକ୍, ସହର ଏବଂ ଜିଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଉପକୃତ ହେବେ।

ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ସଦସ୍ୟମାନେ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ସମ୍ପୂର୍ଣ୍ଣ ସୁଧ ଫେରସ୍ତ ପାଇବେ। ରାଜ୍ୟରେ ମହିଳା ସଶକ୍ତୀକରଣ ଦିଗରେ ସେମାନଙ୍କର ଅବଦାନକୁ ସ୍ୱୀକୃତି ଦେବ ପାଇଁ ରାଜ୍ୟ ସରକାର ସ୍କୁଟର କ୍ରୟ ପାଇଁ ଋଣ ଉପରେ ସମ୍ପୂର୍ଣ୍ଣ ସୁଧ ଛାଡ଼ ଘୋଷଣା କରିଛନ୍ତି। କମ୍ୟୁନିଟି ରିସୋର୍ସ ପର୍ସନ(ସିଆର୍ପି-ସିଏମ୍), ମାଷ୍ଟର ବୁକ୍ କିପର(ଏମ୍ବିକେ), ପ୍ରାଣୀ ମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର, ଜୀବିକା ସହାୟିକା, ଉଦ୍ୟୋଗୀ ମିତ୍ର, ବିସିଏ ଭଳି ପ୍ରାୟ ୭୫,୦୦୦ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ କାର୍ଯ୍ୟରତ ଅଛନ୍ତି। ରାଜ୍ୟର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ☞ପୃଷ୍ଠା-୨

## ଆଜି ନବୀନ ହେବେ ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାସୀନ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୧।୭(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ରାଜନୈତିକ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ଯାଉଛନ୍ତି। ଆସନ୍ତା ୨୩ ତାରିଖରେ ଦେଶର ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାସୀନ ମୁଖ୍ୟମନ୍ତ୍ରୀ ହେବାର ସେ ଗୌରବ ଅର୍ଜନ କରିବେ। ଦେଶର ସର୍ବାଧିକ ସମୟ କ୍ଷମତାରେ ରହିବା ରେକର୍ଡ ସିକିମ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ପୱନ କୁମାର ଚାମ୍ଲିଙ୍ଗଙ୍କ ନାମରେ ରହିଛି। ସେ ୨୪ ବର୍ଷ ୧୬୬ ଦିନ ମୁଖ୍ୟମନ୍ତ୍ରୀ ଭାବେ ରହିଥିଲେ। ସେହିପରି ଦ୍ୱିତୀୟ ସର୍ବାଧିକ ଶାସନ ରେକର୍ଡ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜ୍ୟୋତି ବସୁଙ୍କ ନାମରେ ରହିଥିଲା। ସେ ପଶ୍ଚିମବଙ୍ଗରେ ୨୩ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପ୍ରୋଟୋକଲ୍ ଉଲ୍ଲଂଘନ**

## ୧୧ ଜିଲା ହସ୍ପିଟାଲରେ ମିଳିବ ଉନ୍ନତ କ୍ୟାନ୍ସର ଚିକିତ୍ସା

ରାଜ୍ୟର ୧୧ଟି ଜିଲା ହସ୍ପିଟାଲରେ ଆସନ୍ତା ୨ବର୍ଷ ମଧ୍ୟରେ ଉନ୍ନତମାନର କ୍ୟାନ୍ସର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ୧୦୦୧.୧୪କୋଟି ଟଙ୍କା ଖର୍ଚ୍ଚ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିରେ ଆସନ୍ତା ୨ବର୍ଷ ମଧ୍ୟରେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ବୁର୍ଲାର ଭିମ୍ସାର, କୋରାପୁଟସ୍ଥିତ ଏସ୍ଏଲ୍ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁରସ୍ଥିତ ଏମ୍କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, କଳାହାଣ୍ଡିର ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀରର ବି.ବି. ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ, କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ବାଲେଶ୍ୱରର ଏଫ୍ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ, ତାଳଚେର ସରକାରୀ ମେଡିକାଲ କଲେଜ ସମେତ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ କମ୍ପ୍ରେହେନସିଭ୍ କ୍ୟାନ୍ସର କେୟାର ୟୁନିଟ୍ ସ୍ଥାପନ କରାଯିବ। ଫଳରେ ଲୋକମାନଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏସବୁ ମେଡିକାଲରେ ରେଡିଓଥେରାପି, ବ୍ରାକିଥେରାପି, ହିଷ୍ଟୋପାଥୋଲୋଜି, କର୍କଟ ଶଲ୍ୟ ଚିକିତ୍ସା, କେମୋଥେରାପି ଓ ପାଲିଏଟିଭ୍ କେୟାର ସେବାକୁ ସୁବ୍ୟବସ୍ଥିତ କରାଯିବ। ପ୍ରତ୍ୟେକ ଅନୁଷ୍ଠାନରେ ଅପରେଶନ ଥିଏଟର, ଆଇସିୟୁ, କେମୋଥେରାପି, ରେଡିଓଥେରାପି ଓ ☞ପୃଷ୍ଠା-୨

# ‘ଦେଶ ପାଇଁ ଲଢ଼ିଛି, ସ୍ତ୍ରୀକୁ ସୁରକ୍ଷା ଦେଇପାରିଲିନି’



କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ ଘଟଣାର ମାଷ୍ଟରମାଇଣ୍ଡ ହୁଇରେମ୍ ହେରାଦାସ ସିଂଙ୍କ ଘରେ ମହିଳାମାନେ ନିଆଁ ଲଗାଇ ଦେଇଛନ୍ତି।

**ଇମ୍ଫାଲ,୨୧।୭**

ମଣିପୁରର ସେନାପତି ଜିଲା ବାଇଁପୋକ୍ପିରେ ଦେହରୁ ପୋଷାକ କାଢ଼ି ଉଲଗ୍ନ କରି ବୁଲାଯାଇଥିବା ଜଣେ କୁକି ମହିଳାଙ୍କ ସ୍ୱାମୀ ହେଉଛନ୍ତି କାର୍ଗିଲ ଯୁଦ୍ଧ ଲଢ଼ିଥିବା ସେନାର ଅବସରପ୍ରାପ୍ତ ଯବାନ। ଦେଶକୁ ସୁରକ୍ଷା ଦେଇଥିଲେ, କିନ୍ତୁ ନିଜ ସ୍ତ୍ରୀଙ୍କୁ ରକ୍ଷାକରି ପାରିଲେ ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଭାରତୀୟ ସେନାର ଆସାମ ରେଜିମେଣ୍ଟରେ ସୁବେଦାର ଭାବେ ସେବା ପ୍ରଦାନ କରିଥିବା ବ୍ୟକ୍ତି ଜଣକ ବିଚଳିତ କରିଥିବା ୨୬ ସେକେଣ୍ଡର ବର୍ବର ଭିଡିଓକୁ ନେଇ କହିଛନ୍ତି, ମୁଁ ଦେଶ ପାଇଁ କାର୍ଗିଲ ଯୁଦ୍ଧ ଲଢ଼ିଛି। ଏପରି କି ଭାରତୀୟ ଶାନ୍ତି ରକ୍ଷକ ବାହିନୀରେ ଯୋଗଦେଇ ଶ୍ରୀଲଙ୍କା ଯାଇଛି। ଦେଶକୁ ସୁରକ୍ଷା ଦେଇଛି, କିନ୍ତୁ ଅବସର ପରେ

## ମଣିପୁର ମହିଳାଙ୍କୁ ଉଲଗ୍ନ ପରେଡ୍

- କାର୍ଗିଲ ଯୋଦ୍ଧାଙ୍କ କ୍ଷୋଭ: ଯୁଦ୍ଧଭୂଇଁଠୁ ମଣିପୁର ସ୍ଥିତି ଆହୁରି ବିପଜ୍ଜନକ

ଘରକୁ ଫେରି ଦେଖିଲି ମୋ ନିଜ ସ୍ଥାନ ଯୁଦ୍ଧଭୂଇଁରୁ ଅଧିକ ବିପଦପୂର୍ଣ୍ଣ। ସଶସ୍ତ୍ର ଆତତାୟୀମାନେ ଆମ ଗାଁକୁ ଆସି ଘରଗୁଡ଼ିକରେ ନିଆଁ ଲଗାଇଦେଇଥିଲେ। ଗ୍ରାମବାସୀ ନିଜ ଜୀବନ ବଞ୍ଚାଇବା ପାଇଁ ପଳାୟନ କରିବାରେ ଲାଗିଥିଲେ। ମୋ’ ସ୍ତ୍ରୀ ମୋଠାରୁ ଅଲଗା ହୋଇଯାଇଥିଲେ। ସେ ଓ ଅନ୍ୟ ୪ ଜଣ ଏକ ଜଙ୍ଗଲକୁ ଲୁଚିବାକୁ ଗଲେ। ଆମ ଗାଁକୁ ଆସିଥିବା ଆକ୍ରମଣକାରୀମାନେ ତାଙ୍କୁ ଜଙ୍ଗଲରେ ☞ପୃଷ୍ଠା-୨




ଦାୟିତ୍ୱ ବିନା ସଫଳତା କଦାପି ବାସ୍ତବ ହୋଇନଥାଏ

**ସଞ୍ଜୟ ହଂସ**

ଫାଉଣ୍ଡର ଚେୟାରମ୍ୟାନ୍, ଲାଲ୍ଚାନ୍ଦ୍ ଗ୍ରୁପ୍

LALCHND

Trusted Brand Since 1948

# ଚମକୁଥିବା ସବୁ ଜିନିଷ ସୁନା ନୁହେଁ



ଦୀର୍ଘ ୩୫ ବର୍ଷର ଲୋକଙ୍କ ଭରସା ଓ ବିଶ୍ୱାସ ହିଁ ଲାଲ୍ଚାନ୍ଦ୍ ଜୁଏଲର୍ସକୁ ଓଡ଼ିଶାର ପ୍ରତିଷ୍ଠିତ ଜୁଏଲର୍ ବ୍ରାଣ୍ଡ୍ କରାଇପାରିଛି। ଆମେ ଲାଲ୍ଚାନ୍ଦ୍ ଜୁଏଲର୍ସ, ଓଡ଼ିଶାର ବୃହତ ଏବଂ ଭରସାଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ ରୂପେ ସର୍ବଦା ଗ୍ରାହକଙ୍କୁ ସଚେତନ କରାଇବା ଆମର ଦାୟିତ୍ୱ ହୋଇ ରହିଆସିଛି।

ଆମର ଏହି ଆଲେଖ୍ୟ ମାଧ୍ୟମରେ ଆମ ରାଜ୍ୟରେ ବର୍ତ୍ତମାନର ଅଳଙ୍କାର ସ୍ଥିତି ସମ୍ପର୍କରେ ଏକ ଚିନ୍ତାଜନକ ତଥ୍ୟ ଗ୍ରାହକଙ୍କ ସମ୍ମୁଖରେ ପ୍ରକାଶ କରିବାକୁ ଯାଉଛୁ। ଆମେ ଏହା କରିବାକୁ ବାଧ୍ୟ ହେଉଛୁ ଏବଂ ଏହା ମଧ୍ୟ ଐତିହାସିକ ପ୍ରସଙ୍ଗ ହୋଇ ରହିଛି।

ଲାଲ୍ଚାନ୍ଦ୍ ବ୍ରାଣ୍ଡ ୧୯୮୮ରେ ଏକ ଅଳଙ୍କାର ପ୍ରତିଷ୍ଠାନ ରୂପେ ସାରା ଓଡ଼ିଶାରେ ପରିଚିତ ହେବାକୁ ଲାଗିଲା । ସେହି ସ୍ଥାପନା ସମୟରୁ ହିଁ ଲାଲ୍ଚାନ୍ଦ୍ ଜୁଏଲର୍ସ ଅଳଙ୍କାରର ଶୁଦ୍ଧତା ଏବଂ ଡିଜାଇନ୍, ବିଶେଷ କରି କ୍ରୟ ସମୟରେ ଶୁଦ୍ଧ ସୁନାର ମହତ୍ତ୍ୱକୁ ନେଇ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଆସୁଛି। ଏଥିପାଇଁ ଲାଲ୍ଚାନ୍ଦ୍ କୌଣସି ପ୍ରକାର ଖର୍ଚ୍ଚକୁ ଗୁରୁତ୍ୱ ନଦେଇ ସମସ୍ତ ପ୍ରକାର ମାଧ୍ୟମର ଉପଯୋଗ କରିଆସିଛି। ସେହି ସମୟରେ ରାଜ୍ୟର ଅନ୍ୟ ଅଞ୍ଚଳ ପରି ଭୁବନେଶ୍ୱର-କଟକରେ ମଧ୍ୟ ଅଧିକ ଅଳଙ୍କାର ପ୍ରତିଷ୍ଠାନ ନଥିଲା, କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ଜଣାଶୁଣା ଅଳଙ୍କାର ପ୍ରତିଷ୍ଠାନ ନିଜ ସମକକ୍ଷ ଅଳଙ୍କାର ପ୍ରତିଷ୍ଠାନ ତୁଳନାରେ ଅଶୁଦ୍ଧ ଗହଣା ଦେଶର ଚାରୋଟି ମେଟ୍ରୋ ସହର ଏବଂ ଅନ୍ୟ ବଡ଼ ସହରରେ ବିକ୍ରି କରୁଥିଲେ।



ସେତେବେଳେ ଓଡ଼ିଶାରେ ସୁନାର ୨୨/୨୦ କ୍ୟାରେଟ ସିଷ୍ଟମ ଥିଲା, ଯାହାକୁ ଆମର କେତେଜଣ ସ୍ଥାୟୀ ଗ୍ରାହକ ଆଜି ପର୍ଯ୍ୟନ୍ତ ଭଲ ଭାବେ ମନେ ରଖିଛନ୍ତି। ଏହାର ଅର୍ଥ, ଗ୍ରାହକମାନେ ୨୨ କ୍ୟାରେଟ୍ ସୁନା କିଣୁଥିଲେ କିନ୍ତୁ ଏହାକୁ ବିକ୍ରି କଲା ବେଳେ ସେମାନେ ୨୦ କ୍ୟାରେଟ ସୁନାର ମୂଲ୍ୟ ହିସାବରେ ଦାମ୍ ପାଉଥିଲେ। ଅନ୍ୟ ମିଶ୍ରଧାତୁ ସହ ଝଳେଇ ବାବଦକୁ ୧୦% ଅର୍ଥରାଶି କଟିଯାଉଥିଲା। ତେବେ ଲାଲ୍ଚାନ୍ଦ୍ ହିଁ ସର୍ବପ୍ରଥମେ ୨୨/୨୨ କ୍ୟାରେଟ୍ ସୁନା ମାର୍କେଟରେ ପ୍ରଚଳନ କରିଥିଲା, ଯେଉଁଥିରେ ଅଳଙ୍କାର ସୁନାରେ ହିଁ ଝଳେଇ ହେଉଛି। ଲାଲ୍ଚାନ୍ଦ୍ ରାଜ୍ୟରେ ଏକ ବଡ଼ ଆକାରରେ ମିଡିଆ ଅଭିଯାନ ଜରିଆରେ ଗ୍ରାହକଙ୍କୁ ହୃଦୟଙ୍ଗମ କରାଇଥିଲା ଯେ, କିପରି ଗ୍ରାହକମାନେ ସେମାନଙ୍କର ପ୍ରିୟ ତଥା ଭରସାଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ ଦ୍ୱାରା ଠକେଇର ଶିକାର ହେଉଛନ୍ତି। ଏହି ମିଡିଆ ଅଭିଯାନର ପ୍ରଭାବ ଦ୍ୱାରା ଖୁବଶୀଘ୍ର ଗ୍ରାହକମାନେ ପୁରୁଣା ସିଷ୍ଟମକୁ ପ୍ରତ୍ୟାଖ୍ୟାନ କରିଚାଲିଲେ, ଯାହାଦ୍ୱାରା ରାଜ୍ୟର ଅଳଙ୍କାର ଶିଳ୍ପ ଜଗତରେ ସୁଧାର ସହ ଉନ୍ନତି ଘଟିଲା।

ପରବର୍ତ୍ତୀ ସମୟରେ, ଉଚ୍ଚମାନ ତଥା ଶୁଦ୍ଧ ହୀରା ଚିହ୍ନଟ ଏବଂ କ୍ରୟ ଉପରେ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଲାଲ୍ଚାନ୍ଦ୍ ଜୁଏଲର୍ସ ଅନେକ ଅଭିଯାନ ଆରମ୍ଭ କରିଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଭବିଷ୍ୟତରେ ଗ୍ରାହକମାନେ ଯେପରି ଅସାଧୁ ଅଳଙ୍କାର ପ୍ରତିଷ୍ଠାନ ଏବଂ ଠକ ବ୍ୟବସାୟୀଙ୍କ ବଶବର୍ତ୍ତୀ ନ ହୁଅନ୍ତୁ।

ବର୍ତ୍ତମାନର ଅଳଙ୍କାର ବଜାର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ ନାମୀଦାମୀ ତଥା ପ୍ରତିଷ୍ଠିତ ଜୁଏଲର୍ ବ୍ରାଣ୍ଡ୍ ଅନେକ ଲୋଭନୀୟ ଅଫର୍ ଆଳରେ ମେକିଂ ଚାର୍ଜ ବାବଦରେ ଗ୍ରାହକମାନଙ୍କୁ ଭ୍ରମିତ କରୁଛନ୍ତି। କିନ୍ତୁ ଲାଲ୍ଚାନ୍ଦ୍ ଜୁଏଲର୍ସ ସର୍ବଦା ସୁନାର ଶୁଦ୍ଧତା ଓ ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇ ବିନା କୌଣସି ଲୁକ୍କାୟିତ ସର୍ତ୍ତରେ ଅଫର୍ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଚୁପ୍ ରହିଲେ ଆମର ଭୁଲ୍ ହେବ।

ନିମ୍ନରେ ବିଭ୍ରାନ୍ତିକର ଅଫର୍ ସମ୍ପର୍କରେ ବିସ୍ତୃତ ସାରଣୀ ଦିଆଯାଇଛି...



| ଅନ୍ୟ ଜୁଏଲର୍ସ | | ଲାଲ୍ଚାନ୍ଦ୍ ଜୁଏଲର୍ସ (ପୂର୍ବ ଭାରତର ସର୍ବବୃହତ ଅଳଙ୍କାର ପ୍ରତିଷ୍ଠାନ) |
|---|---|---|
| ଦାବି/ ଅଫର୍ | ସତ୍ୟତା | |
| ୯୧୬ ଏଚ୍ୟୁଆଇଡି ସୁନା ଗହଣାର ମେକିଂ ଚାର୍ଜ ଉପରେ **୭୦% ପର୍ଯ୍ୟନ୍ତ** ରିହାତି | ସମସ୍ତ ସୁନା ଗହଣାକୁ ଦୁଇଟି ଟ୍ୟାଗ୍ରେ ବିଭକ୍ତ କରାଯାଇଛି, ଯଥା: ସବୁଜ ଏବଂ ଧଳା। ସବୁଜ ଟ୍ୟାଗ୍ଯୁକ୍ତ ସୁନା ଗହଣା ଉପରେ କୌଣସି ଅଫର୍ ନଥିବା ବେଳେ ଧଳା ଟ୍ୟାଗ୍ଯୁକ୍ତ ସୁନା ଗହଣାର ମେକିଂ ଚାର୍ଜ ଉପରେ ୭୦% ପର୍ଯ୍ୟନ୍ତ ରିହାତି ରଖାଯାଇଛି। ଏଠି ଧ୍ୟାନ ରଖନ୍ତୁ ଷ୍ଟକ୍ର ୯୯% ଗହଣା ସବୁଜ ଟ୍ୟାଗ୍ଯୁକ୍ତ ଏବଂ ଏହାର ସର୍ବନିମ୍ନ ମେକିଂ ଚାର୍ଜ ୧୨୫୦ଟଙ୍କା/ଗ୍ରାମ୍ରୁ ଆରମ୍ଭ ହୋଇ ୧୭୫୦ଟଙ୍କା/ଗ୍ରାମ୍ ପର୍ଯ୍ୟନ୍ତ ଯାଇଥାଏ। ସେହିପରି ଧଳା ଟ୍ୟାଗ୍ଯୁକ୍ତ ସୁନା ଗହଣା ଅତି ପୁରୁଣା ଡିଜାଇନ୍ ଏବଂ ଏହାର ସୀମିତ ଷ୍ଟକ୍ ହିଁ ଉପଲବ୍ଧ । ଏହି ଧଳା ଟ୍ୟାଗ୍ଯୁକ୍ତ ଗହଣାର ମେକିଂ ଚାର୍ଜ ୩୭୫ଟଙ୍କା/ଗ୍ରାମ୍ ରହିଛି । | ଫ୍ଲାଟ୍ ୬୯୯ଟଙ୍କା/ଗ୍ରାମ୍ ମେକିଂ ଚାର୍ଜ ଏଚ୍ୟୁଆଇଡି ହଲ୍ମାର୍କଯୁକ୍ତ ସୁନା ଗହଣା ଉପରେ |
| ହୀରା ଗହଣାର ମେକିଂ ଚାର୍ଜ ଉପରେ **୮୦% ପର୍ଯ୍ୟନ୍ତ ରିହାତି** | ସ୍କିମ୍ ଅନୁଯାୟୀ, ହୀରା ଗହଣାର ମେକିଂ ଚାର୍ଜ ଉପରେ ୮୦% ପର୍ଯ୍ୟନ୍ତ ରିହାତି ରଖାଯାଇଛି। କିନ୍ତୁ ବାସ୍ତବରେ ଷ୍ଟକ୍ର ୯୦% ହୀରା ଗହଣାର ମେକିଂ ଚାର୍ଜ ଉପରେ ୨୫% ରିହାତି ଦେଇ ବିକ୍ରି କରୁଛନ୍ତି। | ଫ୍ଲାଟ୍ ୨୫% ରିହାତି ହୀରା ମୂଲ୍ୟ ଉପରେ<br>ବିନା ବ୍ୟତିକ୍ରମ<br>ବିନା ଲୁକ୍କାୟିତ ଦେୟ<br>ବିନା ସର୍ତ୍ତ |

ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍ଚାନ୍ଦର ମୂଳମନ୍ତ୍ର । କାରଣ ଆମେ ଶତ ପ୍ରତିଶତ **ଏଚ୍ୟୁଆଇଡି** (ହଲ୍ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଙ୍ଗର ଅଭିଜ୍ଞତା ପ୍ରଦାନ କରିପାରିବୁ।

JEWELLERS SINCE 1988

**ଆଜିର ମନ୍ତବ୍ୟ**

“ପାର୍ଲାମେଣ୍ଟର ମୌସୁମୀ ଅଧିବେଶ ଅବ୍ୟବହିତ ପୂର୍ବରୁ ମଣିପୁରରେ ମହିଳାଙ୍କ ଉଲଗ୍ନ ପରେଡ୍ ଭିଡିଓ ଭାଇରାଲ କରାଯିବା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। -ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଗତି ଉପରେ ବସିଲେ କୁଆ।
ଗରୁଡ଼ ବୋଲିକି ହୋଇବ କୁହା?**

କୁଆ ଓ ଗରୁଡ଼ ପକ୍ଷୀ ମଧ୍ୟରେ ଆକାଶ ପାତାଳ ଫରକ ରହିଥାଏ। ଗୁଣ, ପ୍ରକୃତି ତଥା ସ୍ୱଭାବରେ ଗରୁଡ଼ପକ୍ଷୀ ଶ୍ରେଷ୍ଠ ବୋଲି ଜଣାଯାଇଥାଏ। ତେଣୁ ଗୁଣଧର୍ମ ନଥିବା ବ୍ୟକ୍ତିଜଣକ ଯେତେ ଉପରକୁ ବା ଉଚ୍ଚ ଆସନକୁ ଗଲେ ସୁଦ୍ଧା ସେ କେବେହେଲେ ଅସଲ ଗୁଣଧାରୀ ବ୍ୟକ୍ତିଙ୍କ ସଙ୍ଗେ ସମାନ ହୋଇପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଜାନ୍ ଯାଉ, ମାନ୍ ଥାଉ
ମାନ୍ ଗଲେ ତା’ ନ ମିଳେ ଆଉ।**

ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ମର୍ଯ୍ୟାଦା ଥରେ ଚାଲିଗଲେ ଆଉ ଫେରି ନ ଥାଏ। ତେଣୁ ଏଥିପ୍ରତି ସତର୍କ ରହିବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ‘ଟ୍ରକ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ କରିବାକୁ ଆଗ୍ରହୀ ନା ନାହିଁ ଜଣାଅ’

### ଜିଲାପାଳପାନଙ୍କୁ ପରିବହନ ସଚିବଙ୍କ ଚିଠି

ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)

ସଡ଼କ ସୁରକ୍ଷା ପାଳନ ଦିଗରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସଡ଼କରେ ଦୁର୍ଘଟଣା ଘଟି ଯେପରି କାହାରି ଜୀବନ ନ ଯିବ ଏବଂ କେହି ଗୁରୁତର ନ ହୁଅନ୍ତି ସେଥିପ୍ରତି ମୁଖ୍ୟତଃ ଗୁରୁତ୍ୱ ଦିଆଯାଉଛି। ହେଲେ ଉଭୟ ଏନ୍ଏଚ୍ ଏବଂ ଏସ୍ଏଚ୍ ଉପରେ ଟ୍ରକ୍ ପାର୍କିଂ ସଡ଼କ ଦୁର୍ଘଟଣାର ଏକ ମୁଖ୍ୟ କାରଣ। ତେଣୁ ସରକାର ଏନ୍ଏଚ୍ ଏବଂ ଏସ୍ଏଚ୍‌ର କେତେକ ମୁଖ୍ୟ ସ୍ଥାନ ସହ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ରାସ୍ତାକଡ଼ରେ ସ୍ଥାୟୀ ଟ୍ରକ୍ ଟର୍ମିନାଲ ଗଠନ କରିବାକୁ ସ୍ଥିରକରି କାର୍ଯ୍ୟ ଆରମ୍ଭ କରାଯାଇଛି। ଚଳିତ ବର୍ଷ ଏଥିଲାଗି ରାଜ୍ୟ ସରକାର ୧୫୦ କୋଟି ଟଙ୍କା ଯୋଗାଇ ଦେଉଛନ୍ତି। ୭ ଜିଲା ଯଥା–ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ନବରଙ୍ଗପୁର ଏବଂ କଟକ(ଜଗତପୁର) ଅଞ୍ଚଳରେ ଟ୍ରକ୍ ଟର୍ମିନାଲ କରିବା ଲାଗି ଜମି ହସ୍ତାନ୍ତର କାର୍ଯ୍ୟ ସରିଲାଣି। ଯାଜପୁର, ବ୍ରହ୍ମପୁର, କେନ୍ଦୁଝର, ମାଲକାନଗିରି ଏବଂ ବୌଦ୍ଧରେ ଜମି ହସ୍ତାନ୍ତର ଲାଗି ପ୍ରସ୍ତାବ ଆସିସାରିଛି। କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ଡିଏମ୍ଏଫ୍‌ରୁ ଅର୍ଥ ଆଣି ଟ୍ରକ୍ ଟର୍ମିନାଲ କାର୍ଯ୍ୟ କରାଯିବ। ସ୍ଥାନୀୟ ଆବଶ୍ୟକତାକୁ ଦେଖି ଜିଲାପାଳମାନେ ଏହି କାର୍ଯ୍ୟ ହାତକୁ ନେଲେ ଭଲ ହେବ। ଜିଲାପାଳମାନେ ଏହି ନିର୍ମାଣ କାର୍ଯ୍ୟ କରିବାକୁ ଆଗ୍ରହୀ ନା ନାହିଁ ସେକଥା ସ୍ପଷ୍ଟ କରନ୍ତୁ। ଯଦି ଏଥିଲାଗି ରାଜି ଅଛନ୍ତି, ତେବେ ଡିପିଆର୍ ପ୍ରସ୍ତୁତ ସହ ଏହି କାର୍ଯ୍ୟ ପ୍ଲାନ୍ ଏବଂ ଆକଳନ ସରକାରଙ୍କ ନିକଟକୁ ୭ ଦିନ ମଧ୍ୟରେ ପଠାନ୍ତୁ। ଏଥିରେ ବିଫଳ ହେଲେ ପିଡବ୍ଲୁଡି ଏବଂ ଓପିଏଚ୍‌ଡବ୍ଲୁସି ମିଳିତ ଭାବେ ଏହି କାର୍ଯ୍ୟ କରିବେ ବୋଲି ବୁଝାଯିବ। ହେଲେ ଏହି କାମ ସରିବାରେ ବିଳମ୍ବ ହେଲା ଭଳି ମନେହେଉଛି। ତେଣୁ ଜିଲାପାଳମାନେ ଏହି କାମ ହାତକୁ ନେଇ କିପରି ସମୟ ପୂର୍ବରୁ ଶେଷ ହେବ ସେଥିଲାଗି ଉଦ୍ୟମ କରନ୍ତୁ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ଚିଠି ଲେଖି ସମସ୍ତ ଜିଲାପାଳଙ୍କୁ ଶୁକ୍ରବାର ଚିଠି ଲେଖି କହିଛନ୍ତି।

# ଜାଲ୍ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ଶିକ୍ଷକ ଗିରଫ



ଖବରଦାତା ସମ୍ମିଳନୀରେ ଗିରଫ ଶିକ୍ଷକଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର।

ନନ୍ଦପୁର, ୨୧।୭ (ଶଙ୍କର ପୂଜାରୀ)

ଜାଲ୍ ବିଏଡ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଜଣେ ଶିକ୍ଷକ ଧରାପଡ଼ିଛନ୍ତି। ତାଙ୍କୁ ପାଡୁଆ ପୋଲିସ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରିଛି। ନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଭିଯୋଗକୁ ଭିତ୍ତିକରି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ଖବରରୁ ଜଣାପଡ଼ିଛି, ଭେଜା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନୀଳାମ୍ବର ସେଠୀ ଶିକ୍ଷକତା କରୁଥିଲେ। ବିଭାଗ ତରଫରୁ ତାଙ୍କ ବିଏଡ୍ ପ୍ରମାଣପତ୍ର ଯାଞ୍ଚ ହେଉଥିବା ସୂଚନା ପାଇ ସେ ଗତ ୩।୧୧।୨୦୧୯ରୁ ନିଜ କାର୍ଯ୍ୟରେ ଅନୁପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ବାରମ୍ବାର ନୋଟିସ କରାଯାଇଥିଲେ ମଧ୍ୟ ସେ ଏହାକୁ ଗୁରୁତ୍ୱ ନ ଦେଇ ଲୁଚିରହିଥିଲେ। ତାଙ୍କର ଦରମା ମଧ୍ୟ ବନ୍ଦ କରାଯାଇ ଓସିଏସ୍ (ସିସିଏ) ନିୟମ ୧୯୬୨ ପ୍ରକାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସେଠୀ ଜାଲ୍ ବିଏଡ୍ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ପାଡୁଆ ଥାନାରେ ଅଭିଯୋଗ କରିଥିଲେ। ଏନେଇ କେସ୍ ନଂ. ୪୪/୨୩ ମାମଲା ରୁଜୁକରି ଥାନାଧିକାରୀ ସବ୍ୟସାଚୀ ଶତପଥୀ ତଦନ୍ତ କରୁଥିଲେ। ଶୁକ୍ରବାର ଶିକ୍ଷକ ସେଠୀ ନନ୍ଦପୁର ଶିଶୁମନ୍ଦିର ନିକଟରେ ଥିବା ଜାଣିପାରି ତାଙ୍କୁ ଉଠାଇଆଣି ଗିରଫ କରିଥିଲା। ଏହି ସମୟରେ ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝି, ଭେଜା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ବେହେରା ଉପସ୍ଥିତ ଥିଲେ ବୋଲି ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଜି ନବୀନ ହେବେ ଦ୍ୱିତୀୟ ସର୍ବାଧିକ ...

ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ରହିଥିଲେ। ତେବେ ନବୀନ ଶନିବାର ଜ୍ୟୋତି ବସୁଙ୍କ ସମକକ୍ଷ ହୋଇ ଦ୍ୱିତୀୟ ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ରୂପେ ନୂଆ ରେକର୍ଡର ଅଧିକାରୀ ହେବେ। ନବୀନ ମଧ୍ୟ ୨୦୨୩ ଜୁଲାଇ ୨୨ ତାରିଖରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରୁଛନ୍ତି । ନବୀନ ୨୦୦୦ରୁ ଲଗାତର(୨୦୦୪,୨୦୦୯,୨୦୧୪ ଓ ୨୦୧୯) ୫ମ ଥର ବିଧାନସଭା ନିର୍ବାଚନରେ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ଅଛନ୍ତି। ସେ କ୍ରମାଗତ ଭାବେ ଗଞ୍ଜାମ ଜିଲାର ହିଞ୍ଜିଳି ବିଧାନସଭା ନିର୍ବାଚନରୁ ବିଜୟୀ ହୋଇ ଆସୁଛନ୍ତି। ଓଡ଼ିଶାବାସୀ ନବୀନଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଆଜି ସେ ଏହି ଗୌରବ ଅର୍ଜନ କରିଛନ୍ତି ବୋଲି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

# ଜଳବନ୍ଦୀ ଜୀବନ ବିତାଉଛନ୍ତି ୬ ଗ୍ରାମର ବାସିନ୍ଦା



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରୁ ଚାଉଳ ଧରି ଫେରୁଥିବା ବାଲିଗୁଡ଼ା ଗ୍ରାମର ଜଣେ ମହିଳା ମୁରାନ ନଦୀ ଭିତରେ ପଶି ଯାଉଛନ୍ତି।

### ପୋଲ ନିର୍ମାଣରେ ମୁରାନ ନଦୀ ବାଧକ

ଦଶମନ୍ତପୁର,୨୧।୭ (ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତର ବାଲିଗୁଡ଼ା, ବଡ଼କଙ୍କଡ଼ାପୁଟ, ସାନକଙ୍କଡ଼ାପୁଟ, ବାଲିଗୁଡ଼ା, ଡଙ୍ଗାୟତ ଫୁଟ, ଡୁମ୍ବାଗୁଡ଼ା ଆଦି ୬ଟି ଗ୍ରାମର ଲୋକେ ମୁରାନ ନଦୀ ଯୋଗୁ ଜଳବନ୍ଦୀ ଜୀବନ ବିତାଉଛନ୍ତି। ବାଲିଗୁଡା ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ପୋଡୁଚାଷ ସେମାନଙ୍କ ମୁଖ୍ୟ ଜୀବିକା। ମାତ୍ର ଗ୍ରାମ ଦେଇ ପ୍ରବାହିତ ମୁରାନ ନଦୀ ସେମାନଙ୍କ ଉନ୍ନତିରେ ପ୍ରତିବନ୍ଧକ ସାଜିଛି ବୋଲି କହନ୍ତି ଗ୍ରାମର ନିରା ଗୋଲରି, ଚନ୍ଦ୍ର ଭୋଇ, ମୋହନ ଜାନି, ଅନ୍ତି ଜାନି ଓ ଗୁଲା ମୁଦୁଲି। ପଞ୍ଚାୟତଠାରୁ ୪ କି.ମି. ଦୂରରେ ଥିବା ଏହି ଗ୍ରାମର ଲୋକମାନେ ନଦୀ ଯୋଗୁ ଶିକ୍ଷା, ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ସରକାରଙ୍କ ବିଭିନ୍ନ ଯୋଜନାରୁ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଶନ ଚାଉଳ ଆଣିବାକୁ ପଞ୍ଚାୟତକୁ ହେଉ ଅବା ଯେକୌଣସି କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ହେଲେ ସେମାନେ ନିଜ ଜୀବନ ବାଜି ଲଗାଇ ନଦୀପାର ହୋଇ ଯାଇଥାନ୍ତି ବୋଲି କହିଛନ୍ତି। ଗ୍ରାମରେ କେହି ରୋଗରେ ପୀଡ଼ିତ ହେଲେ ତାଙ୍କୁ ନଦୀ ପାରକରି ଡାକ୍ତରଖାନା ନେବା କଷ୍ଟକର ହୋଇଥାଏ। ନଦୀ ଉପରେ ଯଦି ପୋଲଟିଏ ନିର୍ମାଣ ହୁଅନ୍ତା ତେବେ ଉପରୋକ୍ତ ୬ଟି ଗ୍ରାମର ଲୋକେ ଉପକୃତ ହୁଅନ୍ତେ। ସେମାନଙ୍କୁ ଜଳବନ୍ଦୀ ଜୀବନରୁ ମୁକ୍ତି ମିଳନ୍ତା ବୋଲି ପ୍ରକାଶ କରିଛନ୍ତି ଗ୍ରାମବାସୀ। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ସେମାନେ ନିବେଦନ କରିଛନ୍ତି।

# ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଫାବଲେସ୍ ପଲିସିକୁ ଅନୁମୋଦନ

**କ୍ୟାବିନେଟ ନିଷ୍ପତ୍ତି**

### ସୃଷ୍ଟି ହେବ ୨୫ ହଜାର ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୨୧।୭(ଅନିଲ ଦାସ)

ରାଜ୍ୟ ସରକାର ଓଡ଼ିଶାକୁ ଦେଶର ସେମିକଣ୍ଡକ୍ଟର ଡିଜାଇନ ଏବଂ ଉତ୍ପାଦନର ଏକ ଅଗ୍ରଣୀ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଫାବଲେସ୍ ପଲିସି କାର୍ଯ୍ୟକାରୀ କରିବାକୁ ଯାଉଛି। ଏହି ନୀତି କାର୍ଯ୍ୟକାରୀ ହେବାର ୭ ବର୍ଷ ମଧ୍ୟରେ ଅନ୍ତତଃପକ୍ଷେ ଗୋଟିଏ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଏବଂ ପ୍ରାୟ ୧୦୦ ଫାବଲେସ୍ ଡିଜାଇନ କମ୍ପାନୀ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ପ୍ରାୟ ୫ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୨୦ ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ଦିଆଯାଇଥିବା ଉକ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

ଓଡ଼ିଶାରେ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ ଚିପ୍ସ ଉତ୍ପାଦନରେ ଏହା ନିବେଶକମାନଙ୍କୁ ଆକୃଷ୍ଟ କରିବ। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ପ୍ରଚୁର ପ୍ରାକୃତିକ ସମ୍ପଦ ଏବଂ ନିବେଶକ ଅନୁକୂଳ ନୀତି ଯୋଗୁ ଓଡ଼ିଶା ବ୍ୟବସାୟ କ୍ଷେତ୍ରରେ ଏକ ଆକର୍ଷଣୀୟ ସ୍ଥାନ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ ଏବଂ ଉତ୍ପାଦନ(ଇଏସ୍‌ଡିଏମ୍) କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ନେଇଛନ୍ତି ।

### ଜଳ କର ବକେୟା ପଇଠ ଓଟିଏସ୍ ଅବଧି ବଢ଼ିଲା

କେନ୍ଦ୍ର ଓ ରାଜ୍ୟ ଉଦ୍ୟୋଗ, ସରକାରୀ ୟୁନିଟ୍, ସଙ୍ଗଠନ ଏବଂ ଘରୋଇ ଶିଳ୍ପ, ବାଣିଜ୍ୟିକ ଓ ଅନ୍ୟାନ୍ୟ ପ୍ରତିଷ୍ଠାନର ବକେୟା ଜଳ କର ଏକକାଳୀନ ସମାଧାନ (ଓଟିଏସ୍) ଅବଧିକୁ ବୃଦ୍ଧି କରାଯାଇଛି। ଆସନ୍ତା ସେପ୍ଟେମ୍ବର ୩୦ ଆବେଦନର ଶେଷ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ସମାଧାନର ଶେଷ ତାରିଖକୁ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ଗତ ୫୩ତମ ରାଜ୍ୟ କ୍ୟାବିନେଟ ବୈଠକରେ ବକେୟା ଜଳ କର ପଇଠ ପାଇଁ ଓଟିଏସ୍ ନୀତିକୁ ଅନୁମୋଦନ କରାଯାଇଥିଲା। ଏଥିପାଇଁ ମାର୍ଚ୍ଚ ୫ ତାରିଖ ଆବେଦନର ଶେଷ ସମୟ ଥିଲା। ଆବେଦନର ଶେଷ ତାରିଖ ସୁଦ୍ଧା ମୋଟ ୩୧ଟି ଶିଳ୍ପ ସଂସ୍ଥା ଆବେଦନ କରିଥିବାବେଳେ ଆବେଦନର ଶେଷ ତାରିଖ ପରେ ଆଉ ୧୩ଟି ଶିଳ୍ପ ସଂସ୍ଥା ଆବେଦନ କରିଛନ୍ତି। ଅନ୍ୟ କେତେକ ଶିଳ୍ପ ସଂସ୍ଥା ମଧ୍ୟ ଓଟିଏସ୍ ପାଇଁ ଆବେଦନ କରି ଯୋଜନାର ଲାଭ ନେବାକୁ ଅପେକ୍ଷା କରିଛନ୍ତି। ରାଜ୍ୟର ସାମଗ୍ରିକ ଅର୍ଥନୈତିକ ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ସହିତ ଅନ୍ୟ ଜଳ ବ୍ୟବହାରକାରୀମାନେ ଯେପରି ଓଟିଏସ୍‌ର ଲାଭ ଉଠାଇପାରିବେ ସେଥିପାଇଁ କ୍ୟାବିନେଟ ଯୋଜନାର ଅବଧି ବୃଦ୍ଧିକୁ ଅନୁମୋଦନ କରିଛି।

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଘଟଣା

# ଦୋଷୀଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

ଜଗତ୍‌ସିଂହପୁର,୨୧।୭
(ପ୍ରମୋଦ କୁମାର ନାୟକ)

ରଘୁନାଥପୁର ଥାନା ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକାଙ୍କୁ ୨୦୨୦ରେ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ପୀଡ଼ିତାଙ୍କ ମା’ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୫୯/୨୦) ରୁଜୁ କରିଥିଲା। ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଶୁକ୍ରବାର ଏହି ମାମଲାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ଦଣ୍ଡାଦେଶ ଦେଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ତାରସିଂହ ଅନ୍ତର୍ଗତ ଗୋଳବନ୍ଧ ଗ୍ରାମର ରବୀନ୍ଦ୍ର ସାହୁ (୨୬)। ଏଥିସହ ୫୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି । ଏହି ରାଶି ଅନାଦାୟ ହେଲେ ଅଧିକ ୧୧ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ରବୀନ୍ଦ୍ର ସମ୍ପୃକ୍ତା ନାବାଳିକାଙ୍କ ଗାଁରେ ରହି ରାଜମିସ୍ତ୍ରି କାମ କରୁଥିଲେ। ୩।୧।୨୦ ସନ୍ଧ୍ୟାରେ ନାବାଳିକା ଜଣକ ଗ୍ରାମ ପଡ଼ିଆକୁ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏହାପରେ ମା, ବାପା ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ୬।୧।୨୦ରେ ନାବାଳିକାଙ୍କ ପରିବାର ପକ୍ଷରୁ ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା। ପରବର୍ତ୍ତୀ ସମୟରେ ରବୀନ୍ଦ୍ର ନାବାଳିକାଙ୍କୁ ଅପହରଣ କରି ଏକ କାରରେ ଭୁବନେଶ୍ୱର ଡୁମଡୁମା ନେଇଯାଇଥିବା ଜଣାପଡ଼ିଥିଲା। ସେଠାରୁ ସେ ନାବାଳିକାଙ୍କୁ ଆଇଗିଣିଆ ନେଇ କିଛି ଦିନ ରଖି ବଳାତ୍କାର କରିଥିଲେ। ଅପହରଣର ୨ ମାସ ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ରବୀନ୍ଦ୍ରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୪ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ‘ଦେଶ ପାଇଁ ଲଢ଼ିଛି, ...

ଠାବ କରିଥିଲେ। ମୋ ସ୍ତ୍ରୀଙ୍କୁ ସେମାନେ ଏକ ଦୂର ସ୍ଥାନକୁ ନେଇ ଉଲଗ୍ନ କରି ପରେଡ୍ କରାଇଥିଲେ। ମୁଁ ନିଜ ଘର, ସ୍ତ୍ରୀ ଓ ଗାଁର ପ୍ରତିବେଶୀକୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ଏସବୁ ଘଟଣା ଘଟିବାବେଳେ ପୋଲିସ ଉପସ୍ଥିତ ଥିଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଘରେ ନିଆଁ ଲଗାଇ ମହିଳାମାନଙ୍କୁ ଅପମାନିତ କରିଥିବା ଲୋକଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳୁ ବୋଲି ୱାର୍ ଭେଟେରାନ୍ ଦାବି କରିଛନ୍ତି। ପ୍ରକାଶ ଯେ, ମେ’ ୪ରେ ୩ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯାଇଥିଲା। ଏନେଇ ମେ’ ୧୮ରେ ଥାନାରେ ଏତଲା ଦିଆଯାଇଥିଲା। ଜୁନ୍ ୨୧ରେ ପୋଲିସ ଏଫ୍ଆଇଆର୍ କରି ଚୁପ୍ ବସିଯାଇଥିଲା। ପୀଡ଼ିତାଙ୍କ ମଧ୍ୟରୁ ଜଣେ ୨୧ ବର୍ଷୀୟାଙ୍କୁ ଗଣବଳାତ୍କାର କରାଯାଇଥିଲା। ତାଙ୍କ ଭାଇ ଓ ବାପା ଏହାକୁ ବିରୋଧ କରିବାକୁ ଲୋକେ ଉଭୟଙ୍କୁ ହତ୍ୟା କରିଥିଲେ। ଉଲଗ୍ନ ପରେଡ୍ ଭିଡିଓ ଆସିବା ପରେ ୪ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ୩୨ ବର୍ଷୀୟ ହୁଇରେମ୍ ହେରାଦାସ ସିଂଙ୍କ ଘରେ ଉତ୍ତ୍ୟକ୍ତ ଲୋକେ ଗୁରୁବାର ରାତିରେ ନିଆଁ ଲଗାଇଦେଇଥିଲେ। ଉଲଗ୍ନ ପରେଡ୍ ଘଟଣାରେ ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଶୁକ୍ରବାର ଆଉ ଜଣଙ୍କ ଘରକୁ ଲୋକେ ଜାଳି ଦେଇଛନ୍ତି। ମଣିପୁରରେ ମେଇତି ସମ୍ପ୍ରଦାୟ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରିବା ପରେ ମେ’ ୩ରେ ଉପୁଜିଥିବା ଜାତିଆଣ ହିଂସାରେ ଅଦ୍ୟାବଧି ୨୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସରକାରୀ ଭାବେ ଏହାକୁ ୧୬୦ ଦର୍ଶାଯାଉଛି।

## ୧୧ ଜିଲା ହସ୍ପିଟାଲରେ ...

ପାଲିଏଟିଭ୍ କେୟାର ୟୁନିଟ୍ ସମେତ ୫୦ରୁ ୧୦୦ ବେଡ୍ ସୁବିଧା କରାଯିବ। ଆବଶ୍ୟକ ପଡ଼ିଲେ ବେଡ୍ ସଂଖ୍ୟା ବୃଦ୍ଧି କରାଯିବ। ରାଜ୍ୟ ସରକାରଙ୍କ ଅଧୀନରେ ନିୟମିତ କ୍ୟାଡର ସ୍ପେଶାଲିଷ୍ଟ, ସୁପର ସ୍ପେଶାଲିଷ୍ଟ ଓ ବୈଷୟିକ କର୍ମଚାରୀଙ୍କ ପଦବୀ ସୃଷ୍ଟି କରାଯାଇ ଏହି ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଏବେ ଶକ୍ତିକୁ ସ୍କୁଟର...

ଏବଂ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନଙ୍କୁ ଅଧିକ ସଶକ୍ତ କରିବା ପାଇଁ ମିଶନ ଶକ୍ତି ବିଭାଗ ବଦ୍ଧପରିକର। ଏହି ଯୋଜନାକୁ ବ୍ୟାପକ ଭାବରେ ଉପଲବ୍ଧ କରାଇବା ସହିତ ସୁଚାରୁରୂପେ କାର୍ଯ୍ୟକାରୀ କରିବା ନିମନ୍ତେ ‘ମିଶନ ଶକ୍ତି ସ୍କୁଟର ଯୋଜନା’ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟମାନଙ୍କର ବ୍ୟକ୍ତିଗତ ଯାତାୟାତକୁ ସୁଗମ କରିବା ସହ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରବି ପୁଷ୍ୟା ନକ୍ଷତ୍ରରେ ଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି କରି ମନକୁ ବିଭ୍ରାନ୍ତ କରିପାରନ୍ତି। ଅବଶ୍ୟ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇଲେ ମଧ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ହାତକୁ ନେଇଥିବା କାର୍ଯ୍ୟରେ ଅଗ୍ରଗତି ଘଟିବାର ଆଶା କରାଯାଇପାରେ।

**ବୃଷ**
ଚନ୍ଦ୍ର ପୂର୍ବାଫାଲଗୁନୀ ନକ୍ଷତ୍ରସ୍ଥ ଯୋଗୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁଙ୍କ ନିକଟରୁ ଅର୍ଥ ଲାଭକରି ଖୁସି ହେବେ। ଗୁରୁବର୍ଗ କିମ୍ବା ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସାମାଜିକ କିମ୍ବା ରାଜନୈତିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟ ମନ୍ଥର ହେବ।

**ମିଥୁନ**
ଦ୍ୱିତୀୟସ୍ଥ ମଙ୍ଗଳ ହେତୁ ଟିକିଏ ଟିକିଏ କଥାରେ ଉତ୍ତେଜିତ ହୋଇପଡ଼ିବାରୁ ସମସ୍ୟା ବଢ଼ିବ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ରହିପାରନ୍ତି। ଘର କାମରେ କିମ୍ବା କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବା କଷ୍ଟକର ହୋଇପାରେ।

**କର୍କଟ**
ବୁଧ ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅସ୍ଥିରତା ସାଙ୍ଗକୁ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ତଥାପି ଅପରାହ୍ନରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। ସାମାଜିକ ସ୍ତରରେ ମନ ବୁଝିଲା ଭଳି କଥା କହି ଅନ୍ୟକୁ ଆପଣାର କରିପାରନ୍ତି।

**ସିଂହ**
ପାପଗ୍ରସ୍ତ ବୃହସ୍ପତି ଜନିତ ନିକଟ ସମ୍ପର୍କୀୟମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିବ। ପାରିବାରିକ ସମସ୍ୟା ସୁଧାରିବାକୁ ଯାଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
କେତୁଙ୍କ କୁପ୍ରଭାବରୁ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ପରୋକ୍ଷ ଶତ୍ରୁତା ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି।

**ତୁଳା**
ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ସମାଗମସ୍ଥ ଚନ୍ଦ୍ରଜନିତ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇପାରେ।

**ବିଛା**
ଯାତ୍ରାରେ ସଫଳତା ମିଳିବ କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମଭାବସ୍ଥ ଶୁକ୍ର ହେତୁ ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ପାଖ ଲୋକମାନେ ଈର୍ଷାପରାୟଣ ହୋଇ ଅପପ୍ରଚାର କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ରାହୁଗୁରୁ ସଂଯୋଗରୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା ରହିଛି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ସୃଷ୍ଟିର ଆଶଙ୍କା ରହିଛି।

**ମକର**
କର୍ମକ୍ଷେତ୍ରରେ କବନ୍ଧଗ୍ରହ ଯୋଗୁ ପୂର୍ବସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବାକୁ ପଡ଼ିପାରେ। ସାମାଜିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ**
ଧନାଧିପ ତୃତୀୟସ୍ଥ ହେତୁ ବନ୍ଧୁଙ୍କ ସହଯୋଗରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ସବୁ ଜାଣି ଶୁଣି ନୀରବଦ୍ରଷ୍ଟା ଭଳି କାମ କରିବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ**
ନିଜ ବୁଦ୍ଧିମତ୍ତାର ପରିଚୟ ଦେଇ ଅନ୍ୟମାନଙ୍କୁ ଆପଣାର କରିବା ସକାଶେ କୌଶଳ ପ୍ରୟୋଗ କରିପାରନ୍ତି। ଶୁକ୍ର ଯୁକ୍ତ ଚନ୍ଦ୍ର ଓ ମଙ୍ଗଳ ହେତୁ କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ।

ଆଜି ଶ୍ରାବଣ(ମଳ)ଶୁକ୍ଳପକ୍ଷ ଚତୁର୍ଥୀ ଯୁକ୍ତ ୫ମୀ, ଶନିବାର, ଜୁଲାଇ ୨୨ ତାରିଖ, ରାଶି ନକ୍ଷତ୍ର–ପୂର୍ବାଫାଲଗୁନୀ/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୫ ଗତେ ଘ.୦୧।୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୭ ଗତେ ଘ.୧୦।୧୫ ମଧ୍ୟେ ରାହୁକାଳ।




# ଭୁବନେଶ୍ୱର କୋର୍ଟରୁ ଧରାପଡ଼ିଲେ ନକଲି ଜାମିନଦାର

- ଗିରଫ ପରେ ଜେଲ ଗଲେ
- ରାଜ୍ୟର ସମସ୍ତ କୋର୍ଟରେ ବି ଏମିତି ଯାଞ୍ଚ ହେଉ

ଭୁବନେଶ୍ୱର,୨୧।୭(ସତ୍ୟଜିତ୍ ରାଉତ)

କୋର୍ଟରେ ବୁଲୁଛନ୍ତି ନକଲି ଜାମିନଦାର। ଅଭିଯୁକ୍ତଙ୍କୁ ବେଲ୍ କରାଇବାରେ ସହଯୋଗ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରୁ କପିଳେଶ୍ୱର ଅଞ୍ଚଳର ବାଉରିବନ୍ଧୁ ପତି ନାମକ ଜଣେ ନକଲି ଜାମିନଦାରଙ୍କୁ କମିଶନରେଟ ପୋଲିସ ଗିରଫ କରିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍‌ଧରିଛି। ସବୁଠାରୁ ବଡ଼କଥା ହେଲା ନକଲି ଜାମିନଦାରଙ୍କ ସମ୍ପର୍କରେ ଜଣାପଡିବା ପରେ ବଡ଼ଗଡ଼ ଥାନା ପୋଲିସର ଏକ ଟିମ୍ ଛଦ୍ମବେଶରେ କୋର୍ଟ ପରିସରରେ ଛକି ରହିଥିଲା। ଅଭିଯୁକ୍ତଙ୍କ ସମ୍ପର୍କୀୟ ନାଁରେ ନକଲି ଜାମିନଦାର ବାଉରିବନ୍ଧୁଙ୍କୁ


ଅଭିଯୁକ୍ତ ବାଉରିବନ୍ଧୁ ପତି

ଧରିଥିଲା। ତେବେ ବାଉରୀବନ୍ଧୁ ଦୁଇଟି ପରିଚୟରେ ଜାମିନଦାର ସାଜିଥିଲେ। ବାମନ ଚରଣ ସାମନ୍ତରାୟ ଓ ବାମନ ଚରଣ ଦ୍ୱିବେଦୀ। ପୋଲିସ ତାଙ୍କଠାରୁ ପ୍ରକୃତ ପରିଚୟ ସହ ନକଲି ପରିଚୟଥିବା ୩ଟି ଆଧାର କାର୍ଡ ମଧ୍ୟ ଜବତ କରିଛି। ଏକ ଆଧାର କାର୍ଡରେ ତାଙ୍କର ଠିକଣା ଯାଜପୁର ମଧ୍ୟ ଦର୍ଶାଇଛନ୍ତି। ଏନେଇ ପୋଲିସ ନିଜ ଆଡୁ ଏକ ମାମଲା (ନଂ.୩୯୫/୨୦୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଶୁକ୍ରବାର ବାମନ ଚରଣଙ୍କୁ କୋର୍ଟଚାଲାଣ କରାଯିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଗୁରୁବାର ପୋଲିସ ଟିମ୍ କୋର୍ଟ ପରିସରକୁ ଛଦ୍ମବେଶରେ ଯାଇଥିଲା। ସେଠାରେ ପୋଲିସ କର୍ମଚାରୀମାନେ ବୁଲି ଯାଞ୍ଚ କରିବା ସହ ସାମନ୍ତରାୟ ସାଙ୍ଗିଆରେ ଜାମିନଦାର ଦରକାର ବୋଲି ସେମାନେ କହିଥିଲେ। ଏହାପରେ ବାମନ ଚରଣ ନିଜେ ସାମନ୍ତରାୟ ସାଙ୍ଗିଆର ବୋଲି କହିବା ସହ ବେଲ୍ କରାଇଦେବେ ବୋଲି କହିଥିଲେ। ସେହି ସମୟରେ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା। ତେବେ ଏଭଳି ଏକାଧିକ ନକଲି ଜାମିଦାର କୋର୍ଟରେ ବୁଲୁଥିବା ଚର୍ଚ୍ଚା ହେଉଛି। ଏହି ଯାଞ୍ଚପ୍ରକ୍ରିୟାକୁ ଆଗକୁ ଅଧିକ କଡ଼ାକଡ଼ି କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏଭଳି ନକଲି ଜାମିନଦାର ଓଡ଼ିଶାର ବିଭିନ୍ନ କୋର୍ଟରେ ଥିବା ଜଣେ ଆଇନଜୀବୀ କହିଛନ୍ତି। ପୋଲିସ ପକ୍ଷରୁ ବିଭିନ୍ନ କୋର୍ଟରେ ଯାଞ୍ଚ କରାଯିବାର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କୋର୍ଟ ଛୁଟି

କଟକ,୨୧।୭ (କାର୍ତ୍ତିକ ସାହୁ)

ଆସନ୍ତା ୨୬ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଉକ୍ତ ଦିନ ଓଡ଼ିଶା ହାଇକୋର୍ଟ ପକ୍ଷରୁ କୋର୍ଟ ଛୁଟି ଘୋଷଣା କରାଯାଇଛି। କଟକ ଜଜ୍‌ଶିପ୍ ମୁଖ୍ୟାଳୟର ସମସ୍ତ ସିଭିଲ ଓ କ୍ରିମିନାଲ କୋର୍ଟ ଛୁଟି ପାଇଁ ହାଇକୋର୍ଟ ରେଜିଷ୍ଟ୍ରାର(ଆଡ୍‌ମିନିଷ୍ଟ୍ରେଶନ)ଙ୍କ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ କଟକ ଜିଲା ଓ ଦୌରାଜଜ୍, ରାଜ୍ୟ ସରକାରଙ୍କ ଗୃହ, ଆଇନ, ରାଜସ୍ୱ ବିଭାଗର ସଚିବ, କମିଶନରେଟ୍ ପୋଲିସକୁ ନକଲ ପ୍ରଦାନ କରି ଅବଗତ କରାଯାଇଥିବା ଜଣାପଡିଛି।

# ମାଲଗୋଦାମରେ ମସଲା ଅପମିଶ୍ରଣ

- ମିଶାଯାଉଛି ରାସାୟନିକ ରଙ୍ଗ
- ୨୪ ବସ୍ତା ନକଲି ମସଲା ଗୁଣ୍ଡ ଜବତ, ଜଣେ ଗିରଫ

କଟକ,୨୧।୭ (କାର୍ତ୍ତିକ ସାହୁ)


ଚଢାଉରେ ସାମିଲ ପୋଲିସ ଓ ଅନ୍ୟମାନେ।

କଟକ ଅପମିଶ୍ରିତ ସାମଗ୍ରୀର ପେଣ୍ଠସ୍ଥଳ ପାଲଟିଛି। କିଛି ମାସ ବ୍ୟବଧାନ ପରେ ମାଲଗୋଦାମ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଶୁକ୍ରବାର କମିଶନରେଟ୍ ପୋଲିସ କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଚଢାଉ କରି ୨୪ ବସ୍ତାରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ନକଲି ମସଲାଗୁଣ୍ଡ ଜବତ କରିଛି। ରୋଷେଇରେ ବ୍ୟବହାର ହେଉଥିବା ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ବେସନ ଆଦି ଅପମିଶ୍ରଣ ହେଉଥିବା ପୋଲିସ ଚଢ଼ାଉବେଳେ ଜାଣିବାକୁ ପାଇଛି। ଏହି କାରବାରର ମୁଖ୍ୟ ଅଭିଯୁକ୍ତ ଅରୁଣ ଗନ୍ତାୟତଙ୍କୁ ମାଲଗୋଦାମ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ମାଲଗୋଦାମ ଅଞ୍ଚଳର ଉକ୍ତ ସ୍ଥାନରେ ମସଲା ଅପମିଶ୍ରଣ ୟୁନିଟ୍ ଚାଲିଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ମାଲଗୋଦାମ ଆଇଆଇସି ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉରେ ସାମିଲ ଥିବା ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ଜଣଙ୍କ ଏକ ବିଦ୍ୟୁତ୍‌ଚାଳିତ ମସଲା ପେଷା ମେଶିନ୍ ରଖିଛନ୍ତି। ଅପମିଶ୍ରଣ ପାଇଁ ବସ୍ତା ବସ୍ତା ରାସାୟନିକ ରଙ୍ଗ ସେଠାରେ ମହଜୁଦ୍ ରହିଛି। ସେହି ରଙ୍ଗଗୁଡ଼ିକୁ ମସଲାର ରଙ୍ଗ ଅନୁଯାୟୀ ମିଳାଇ ସେଥିରେ ମିଶ୍ରଣ କରାଯାଉଛି, ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ନକଲି ଲଙ୍କାଗୁଣ୍ଡ ପ୍ରସ୍ତୁତବେଳେ ଶୁଖିଲା ଲଙ୍କା ୩୦% ଓ ଚାଉଳ ଗୁଣ୍ଡ ୭୦% ସହିତ ରାସାୟନିକ ରଙ୍ଗ ମିଶ୍ରଣ କରି ପେଷାଯାଉଛି। ସେହିପରି ନକଲି ହଳଦୀ, ଧନିଆ, ଜିରା, ବେସନ ଆଦି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ସେଗୁଡ଼ିକୁ ଓଜନ କରି ପ୍ୟାକିଂ କରାଯାଉଥିବା ଦେଖିବାକୁ ମିଳିଛି। ବିଶେଷକରି ରାସ୍ତାକଡ଼ରେ ଫାଷ୍ଟଫୁଡ୍ ବିକୁଥିବା ବ୍ୟବସାୟୀ ଏହି ସାମଗ୍ରୀଗୁଡ଼ିକୁ ଶସ୍ତାରେ କିଣିନେଉଛନ୍ତି। ସେହିପରି ବଜାର ଦରଠାରୁ କମ୍ ଦାମ୍‌ରେ ମିଳୁଥିବାରୁ ଲୋକମାନେ ମଧ୍ୟ ଆଗ୍ରହର ସହ ଏହାକୁ କିଣୁଛନ୍ତି। ଅପରପକ୍ଷରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର କହିଛନ୍ତି, ଜବତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯିବ। ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଜବତ ଅପମିଶ୍ରିତ ସାମଗ୍ରୀ ଓ ମେଶିନ।

ସୂଚନାଯୋଗ୍ୟ, ପୂର୍ବରୁ କଟକ ସହରର ବିଭିନ୍ନ କାରଖାନା ଓ ଗୋଦାମରେ ଚଢ଼ାଉ କରାଯାଇ ନକଲି ମସଲା ଗୁଣ୍ଡ, ସିମେଣ୍ଟ, ଘିଅ, ଚା'ପତି ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରି ଜେଲ୍ ପଠାଯାଇଛି। କଟକ ବଣିକ ସଂଘ ମଧ୍ୟ ଅପମିଶ୍ରଣକାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏପରି କି ଅପମିଶ୍ରଣ ଧରାପଡ଼ିଲେ ମାଲଗୋଦାମରେ ବ୍ୟବସାୟ କରିପାରିବେ ନାହିଁ ବୋଲି ଚେତାବନୀ ଦିଆଯାଇଛି। ଏସବୁ ସତ୍ତ୍ୱେ କଟକରେ ନକଲି ଓ ଅପମିଶ୍ରଣ ସାମଗ୍ରୀ ପ୍ରସ୍ତୁତ ଉପରେ ରୋକ୍ ଲଗାଯାଇପାରୁନାହିଁ। ଏହାକୁ ଖାଇବା ଦ୍ୱାରା ଲୋକମାନେ ରୋଗର ଶିକାର ହେଉଥିବାବେଳେ ବ୍ୟବସାୟୀ ମାଲାମାଲ୍ ହେଉଛନ୍ତି। ତେଣୁ ଆଗାମୀ ଦିନରେ ଏଭଳି କାରବାର ରୋକିବାକୁ ସିଏମ୍‌ସି ଓ ପୋଲିସ ପ୍ରଶାସନ କିଭଳି ପନ୍ଥା ଆପଣାଉଛନ୍ତି ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି।




“ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢିବାକୁ ଏବଂ ବିଜୟ ଲାଭକରିବାକୁ। –ଶ୍ରୀମା



# ପ୍ରୋଟୋକଲ୍ ଉଲ୍ଲଂଘନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ଝାଡ଼ଖଣ୍ଡରେ ୨୦୦୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ କେ. ଶ୍ରୀନିବାସନଙ୍କ ସହ ଜଡ଼ିତ ମାମଲା ବାବୁ ପରିସରର ଧ୍ୟାନଆକର୍ଷଣ କରିଛି। ପ୍ରୋଟୋକଲ୍ ଉଲ୍ଲଂଘନ କରି ଦୁଇଥର କ୍ୟାବିନେଟ ନୋଟ୍‌ର ବିଷୟବସ୍ତୁକୁ ଟ୍ୟାମ୍ପରିଂ ବା ଏପାଖସେପାଖ କରିବା ଘଟଣା ପାଇଁ ଶ୍ରୀନିବାସନଙ୍କୁ ରାଜ୍ୟ ସରକାର ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି, ଉକ୍ତ ଅନୁମୋଦିତ କ୍ୟାବିନେଟ ନୋଟ୍‌ରେ ୬ଟି ଏକଲବ୍ୟ ବିଦ୍ୟାଳୟ ପାଇଁ କାର୍ଯ୍ୟର ସମ୍ପ୍ରସାରଣ ବିଷୟ ଦର୍ଶାଯାଇଥିଲା। ଅବଶ୍ୟ ଶ୍ରୀନିବାସନ ଯଥୋଚିତ ଅନୁମତି ବିନା ନୋଟ୍‌ରେ ଦୁଇଟି ଅତିରିକ୍ତ ବାକ୍ୟ ଯୋଡ଼ିଥିଲେ, ଯାହା ଅର୍ଥ ଯୋଗାଣର ଧାରାକୁ ପ୍ରଭାବିତ କରିବା ସହ ଆର୍ଥିକ ଅପବ୍ୟବହାରର ସନ୍ଦେହ ସୃଷ୍ଟି କରିଛି। ଆହୁରି ମଧ୍ୟ ସୂତ୍ରରୁ ପ୍ରକାଶ ଯେ, କାରଣଦର୍ଶାଅ ନୋଟିସର ଜବାବ ନ ଦେବାରୁ ଶ୍ରୀନିବାସନଙ୍କୁ ପଦବୀରୁ ହଟାଇ ଦିଆଯାଇଛି ଏବଂ ବର୍ତ୍ତମାନ ସେ ନିଯୁକ୍ତି ଅପେକ୍ଷାରେ ଅଛନ୍ତି। ବରିଷ୍ଠ ବାବୁମାନଙ୍କ ମତରେ, ସରକାର ନେଉଥିବା ନିଷ୍ପତ୍ତି ନିର୍ଦ୍ଧାରିତ ପ୍ରକ୍ରିୟା ଏବଂ ପ୍ରୋଟୋକଲ୍‌ଗୁଡ଼ିକୁ ପାଳନ କରେ। ଏହି ପରିପ୍ରେକ୍ଷୀରେ ଆବଶ୍ୟକ ଅନୁମୋଦନ ବିନା ଦୁଇଥର ଦୁଇଟି ବାକ୍ୟ ଯୋଗ କରିବା ହେଉଛି ଶାସନ କାର୍ଯ୍ୟର ଏକ ଗୁରୁତର ବିଚ୍ୟୁତି। କ୍ୟାବିନେଟ ନୋଟ୍‌ରେ ଟ୍ୟାମ୍ପରିଂ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଯଦିଓ ଏହା ତୁରନ୍ତ ଲକ୍ଷ୍ୟ କରାଯାଇଥିଲା ଏବଂ ଉକ୍ତ ପ୍ରସଙ୍ଗ ବିଭିନ୍ନ ସ୍ତରରେ ଉଠାଯାଇଥିଲା, ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ସହ ପ୍ରକ୍ରିୟାର ସମୀକ୍ଷା କରିବା ପାଇଁ ଝାଡ଼ଖଣ୍ଡ ସରକାରଙ୍କ ସକାଶେ ଉକ୍ତ ମାମଲା ଏକ ଜାଗ୍ରତ ଆହ୍ୱାନ।

### ଇଡି ଅଧ୍ୟାୟ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିର୍ଦ୍ଦେଶକ ସଞ୍ଜୟ ମିଶ୍ରଙ୍କ ତୃତୀୟ ସମ୍ପ୍ରସାରଣକୁ ବେଆଇନ ବୋଲି କହିବା ଏବଂ ତାଙ୍କ କାର୍ଯ୍ୟକାଳକୁ ଚଳିତ ମାସର ଶେଷ ଦିନ ପର୍ଯ୍ୟନ୍ତ ସ୍ଥିର କରିବା ସୁପ୍ରିମକୋର୍ଟଙ୍କ ପାଇଁ ଏକ କଷ୍ଟସାଧ ନିଷ୍ପତ୍ତି ଥିଲା। ମିଶ୍ରଙ୍କର ତୃତୀୟ ସମ୍ପ୍ରସାରଣ ପରେ ଇଡି ମୁଖ୍ୟ ଭାବରେ ସେ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ)ର କାର୍ଯ୍ୟକ୍ରମକୁ ଅତିକ୍ରମ କରି ଇଡିର ପ୍ରଭାବକୁ ବଢ଼ାଇ ଦେଇଛନ୍ତି ଏବଂ ସରକାରଙ୍କ କ୍ଷମତା ବୃଦ୍ଧି କରିବାରେ ଏହାକୁ ଏକ ରଣନୀତିକ ଶକ୍ତି ବା ସଂସ୍ଥା ଭାବରେ ସ୍ଥାନିତ କରିଛନ୍ତି। ବର୍ତ୍ତମାନ ଆଗକୁ ଦେଖିଲେ ତାଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି। ସୂତ୍ରରୁ ପ୍ରକାଶ,ଉତ୍ତର–ପୂର୍ବ କିମ୍ବା ଦକ୍ଷିଣରେ କୌଣସି ରାଜ୍ୟର ରାଜ୍ୟପାଳ ହେବା, ବ୍ରିଟେନରେ ଭାରତର ହାଇକମିଶନର କିମ୍ବା କେନ୍ଦ୍ରମନ୍ତ୍ରୀ ଭାବରେ ନିଯୁକ୍ତ ହେବା ନେଇ ଆଲୋଚନା ଚାଲିଛି । ଏହା ବ୍ୟତୀତ ମିଶ୍ରଙ୍କ ଉତ୍ତରାଧିକାରୀଙ୍କ ପାଇଁ ଅନେକ ନାମ ବି ବିଚାରକୁ ନିଆଯାଉଛି। ନିକଟରେ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ସଦସ୍ୟ ଭାବେ ନିଯୁକ୍ତ ପ୍ରବୀଣ କୁମାର ଏହି ପଦବୀ ପାଇଁ ଜଣେ ଆଗଧାଡ଼ିର ପ୍ରାର୍ଥୀ ହୋଇଥିବା କୁହାଯାଉଛି। ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍‌ର ପୂର୍ବତନ ନିର୍ଦ୍ଦେଶକ ତଥା ଜଣେ ସଚିବସ୍ତରୀୟ ଅଧିକାରୀ ପଙ୍କଜ କୁମାର ମିଶ୍ର ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ଇଡିରେ ପୂର୍ବତନ ମୁଖ୍ୟ ନିର୍ଦ୍ଦେଶକ ସୀମାଞ୍ଚଳ ଦାଶ ମଧ୍ୟ ସମ୍ଭାବ୍ୟ ପ୍ରାର୍ଥୀ ଭାବରେ ଉଭା ହୋଇଛନ୍ତି। ଏହି ଦୌଡ଼ରେ ଏସ୍‌ଏସ୍‌ବିର ଅନ୍ୟ ଜଣେ ଅତ୍ୟନ୍ତ ବିଶ୍ୱସ୍ତ ମହିଳା ଅଧିକାରୀ ବି ଅଛନ୍ତି। ପରବର୍ତ୍ତୀ ଇଡି ମୁଖ୍ୟ ଭାବରେ ଜଣେ ଆଇଏଏସ୍ ଅଧିକାରୀ ନିଯୁକ୍ତ ହୋଇପାରନ୍ତି। ମିଶ୍ରଙ୍କ ଉତ୍ତରାଧିକାରୀ ଯିଏ ହୁଅନ୍ତୁନା କାହିଁକି, ବରିଷ୍ଠ ବାବୁମାନେ ଏକମତ ଯେ ତାଙ୍କ ଭଳି ଦାୟିତ୍ୱ ତୁଲାଇବା କଷ୍ଟକର ହେବ।

### ସତର୍କ ଘଣ୍ଟି

ଅବସରପ୍ରାପ୍ତ ବାବୁମାନଙ୍କୁ ଗୋପନୀୟ ତଥ୍ୟ ପ୍ରକାଶ ନ କରିବା ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) କଠୋର ପଦକ୍ଷେପ ଗ୍ରହଣ କରିଛି। ବାବୁମାନଙ୍କ ଏଭଳି କାର୍ଯ୍ୟ ଜାତୀୟ ସୁରକ୍ଷା ଓ ଗଣତାନ୍ତ୍ରିକ ସିଦ୍ଧାନ୍ତଗୁଡ଼ିକ ମଧ୍ୟରେ ଥିବା ସମନ୍ୱୟ ଉପରେ ପ୍ରଶ୍ନ ଉଠାଇଛି। ଅବସରପ୍ରାପ୍ତ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍ ଅଧିକାରୀମାନେ ସେମାନଙ୍କ ପୁସ୍ତକରେ ଗୁପ୍ତ ତଥା ସମ୍ବେଦନଶୀଳ ତଥ୍ୟ ପ୍ରକାଶ କରୁଛନ୍ତି। ଏହିସବୁ ତଥ୍ୟର ରହସ୍ୟ ଥିବା କାରଣରୁ କିମ୍ବା କୁଶାସନ ବା ତ୍ରୁଟି ପ୍ରକାଶ କରି ସରକାରଙ୍କୁ ଲଜ୍ଜିତ କରିବାକୁ ଏହା ପ୍ରକାଶ କରାଯାଉଛି। କ୍ଷମତାରେ ଥିବା ବ୍ୟକ୍ତିଙ୍କ ପାଇଁ ଏହି ଅଭ୍ୟାସକୁ ରୋକିବାର ଆବଶ୍ୟକତା ରହିଛି। ତେବେ ଅଲ୍ ଇଣ୍ଡିଆ ସର୍ଭିସେସ (ମୃତ୍ୟୁ–ସହ–ଅବସର–ଲାଭ) ସଂଶୋଧିତ ଆଇନ, ୨୦୨୩ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ଗମ୍ଭୀର ଚିନ୍ତା ଉଦ୍ରେକ କରିଛି। ସଂଶୋଧିତ ନିୟମଗୁଡ଼ିକ ଗୁରୁତର ଅପରାଧରେ ଦଣ୍ଡିତ ହେବା କିମ୍ବା ଅବସର ପରେ ଅସଦାଚରଣରେ ଦୋଷୀ ସାବ୍ୟସ୍ତ ହୋଇଥିବା ପେନ୍‌ସନଭୋଗୀଙ୍କ ପେନ୍‌ସନ ସ୍ଥଗିତ ରଖିବା ପାଇଁ କେନ୍ଦ୍ର ସରକାରଙ୍କୁ କ୍ଷମତା ପ୍ରଦାନ କରିଥାଏ। ଏଥିସହ ଅବସରପ୍ରାପ୍ତ ଅଧିକାରୀମାନେ ଯେଉଁମାନେ ଗୁପ୍ତଚର ବିଭାଗରେ କାର୍ଯ୍ୟ କରିଛନ୍ତି ସେମାନେ ବର୍ତ୍ତମାନ କୌଣସି ସୂଚନା ପ୍ରକାଶ କରିବା ପୂର୍ବରୁ ଅନୁମତି ନେବାକୁ ପଡ଼ିବ। ପ୍ରଶ୍ନ ହେଉଛି, ସରକାର କିପରି ଅପରାଧର ଗମ୍ଭୀରତା ନିର୍ଣ୍ଣୟ କରିବାକୁ ପ୍ରସ୍ତାବ ଦେଇଛନ୍ତି, ତାହା ସ୍ପଷ୍ଟ ହେଉନାହିଁ। ତେବେ ଏହି ନୂଆ ନିୟମଗୁଡ଼ିକର ବହି ଲେଖି ସରକାରଙ୍କୁ ସମାଲୋଚନା କରୁଥିବା ବାବୁମାନଙ୍କ ପାଇଁ ଏକ ସତର୍କ ଘଣ୍ଟି। ସେମାନଙ୍କୁ ନିୟମ ଅନୁସାରେ କାମ କରିବାକୁ ହେବ, ନଚେତ ସେମାନଙ୍କ ଅସନ୍ତୋଷ ପାଇଁ ମୂଲ୍ୟ ଦେବାକୁ ପଡ଼ିବ।

Email: dilipcherian@gmail.com

# ଏକକ ଦେୱାନୀ ସଂହିତା ଲାଗୁହେବ କି



ଅନିଲ ବିଶ୍ୱାଳ

୨୨ତମ ବିଧି ଆୟୋଗ ଏବେ ଦେଶରେ ସମାନ ନାଗରିକ ଆଇନ ବା ଏକକ ଦେୱାନୀ ସଂହିତା ଲାଗୁହେବା ନେଇ ସମସ୍ତଙ୍କର ମତାମତ ଲୋଡ଼ିଛନ୍ତି। ଏହା ପୂର୍ବରୁ ୨୦୨୧ରେ ସମାନ ଦେୱାନୀ ସଂହିତାକୁ ନେଇ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଥିଲେ, ଦେଶରେ ଏହାର ଆବଶ୍ୟକତା ରହିଛି ଓ ଏହାକୁ ଲାଗୁ କରିବା ନେଇ ଆଉ ବିଳମ୍ବ ନ କରିବା ଉଚିତ। ଭାରତୀୟ ସମାଜରେ ଜାତି, ଧର୍ମ ଓ ସମୁଦାୟ ସହିତ ଜଡ଼ିତ ଥିବା ବିଭିନ୍ନ ଫରକ ଶେଷ ହେବାକୁ ଯାଉଛି। କିନ୍ତୁ କିଛି ଆଇନ ଏପରି ବିଭେଦକୁ ଶେଷ କରିବା ପାଇଁ ଦେଉନାହିଁ ବୋଲି ହାଇକୋର୍ଟ କହିଥିଲେ। ସମାନ ଦେୱାନୀ ସଂହିତା ଲାଗୁ ହୋଇ ନ ଥିବା କାରଣରୁ ମହିଳାଙ୍କ ପ୍ରତି ଅନ୍ୟାୟ, ଛାଡ଼ପତ୍ର, ସମ୍ପତ୍ତିରେ ପିଲାମାନଙ୍କର ଅଧିକାର ନେଇ ସମସ୍ୟା ହେଉଛି। ଆଗରୁ ଅନେକ ଥର ସୁପ୍ରିମକୋର୍ଟ, ବିଭିନ୍ନ ରାଜ୍ୟର ହାଇକୋର୍ଟମାନେ ସମାନ ଦେୱାନୀ ସଂହିତା ଲାଗୁ କରିବା ସପକ୍ଷରେ ମତ ଦେଇଛନ୍ତି। ଏହାର ଲାଗୁ ସପକ୍ଷରେ ଯେଉଁମାନେ ଅଛନ୍ତି ସେମାନେ କୁହନ୍ତି, ଦେଶର ଏକତା, ଧର୍ମନିରପେକ୍ଷତା, ମହିଳା ସଶକ୍ତୀକରଣ, ଲିଙ୍ଗଗତ ସମାନତା ଦୃଷ୍ଟିରୁ ଏହା ଲାଗୁ ହେବାର ଆବଶ୍ୟକତା ରହିଛି। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କର କହିବା କଥା ହେଉଛି ଏହା ଲାଗୁ ହେଲେ ସେମାନଙ୍କର ଧର୍ମୀୟ ସ୍ୱାଧୀନତା କ୍ଷୁଣ୍ଣ ହେବ। ୨୧ତମ ବିଧି ଆୟୋଗ ମଧ୍ୟ ଏଭଳି ସମାନ ଢଙ୍ଗରେ ଏକ ପ୍ରକ୍ରିୟା ଆରମ୍ଭ କରିଥିଲା। ୨୦୧୮ରେ ପ୍ରକାଶିତ ଏହାର ରିପୋର୍ଟରେ ଯଦିଓ ସମାନ ଦେୱାନୀ ସଂହିତାର ଆବଶ୍ୟକତା ନାହିଁ ବୋଲି ବିଧି ଆୟୋଗ କହିଥିଲେ କିନ୍ତୁ ବିଭିନ୍ନ ପର୍ସନାଲ ଲ'ରେ ଥିବା ଅସଙ୍ଗତି, କୁସଂସ୍କାର, ଲିଙ୍ଗଗତ ତାରତମ୍ୟକୁ ସଂଶୋଧନ କରିବା ନେଇ ସୁପାରିସ କରିଥିଲେ। ଇତିମଧ୍ୟରେ ୪ ବର୍ଷରୁ ଅଧିକ ସମୟ ବିତିଗଲାଣି କିନ୍ତୁ କୌଣସି ପର୍ସନାଲ ଲ'ରେ ସେଭଳି କିଛି ସଂଶୋଧନ ହୋଇପାରିଲା ନାହିଁ ; ଯାହା ଏବେ ପୁଣି ସମାନ ଦେୱାନୀ ଆଇନ ଲାଗୁକରିବା ପାଇଁ ଆଲୋଚନା କରିବା ଲାଗି ବାଧ୍ୟ କରିଛି।

ଦେଶରେ ନାଗରିକମାନଙ୍କ ପାଇଁ ଯେଉଁ ଆଇନ ବ୍ୟବସ୍ଥା ଅଛି ତାହା ଦୁଇଭାଗରେ ବିଭକ୍ତ। ଗୋଟିଏ ହେଲା ଆପରାଧିକ ଆଇନ, ଯାହା ସମସ୍ତଙ୍କ ପାଇଁ ସମାନ। ଅନ୍ୟଟି ହେଲା ବିବାହ, ଛାଡ଼ପତ୍ର, ରକ୍ଷଣାବେକ୍ଷଣ, ପୋଷ୍ୟ ସନ୍ତାନ, ସମ୍ପତ୍ତିରେ ଅଧିକାର ଭଳି ସିଭିଲ ମାମଲା, ଯେଉଁଥିରେ ଦେଶରେ ବିଭିନ୍ନ ଧର୍ମୀୟ ସମ୍ପ୍ରଦାୟଙ୍କ ପାଇଁ ଅଲଗା ଅଲଗା ନିୟମ ରହିଛି। ସମାନ ଦେୱାନୀ ସଂହିତାର ଅର୍ଥ ହେଉଛି, ଦେଶର ବିଭିନ୍ନ ସମ୍ପ୍ରଦାୟ ଭିତରେ ଥିବା ଅଲଗା ଅଲଗା ଆଇନ ପରିବର୍ତ୍ତେ ସମସ୍ତ ନାଗରିକଙ୍କ ପାଇଁ ଗୋଟିଏ ଆଇନ। ଭାରତ ହେଉଛି ବିଶ୍ୱରେ ସବୁଠାରୁ ବଡ଼ ଗଣତନ୍ତ୍ର। କିନ୍ତୁ ନିଜର ସ୍ୱତନ୍ତ୍ର ସମ୍ବିଧାନ ହେବାର ୭୩ ବର୍ଷ ପରେ ବି ଆମେ 'ସମସ୍ତ ନାଗରିକଙ୍କ ପାଇଁ ସମାନ ନିୟମ' ଏପରି କଥା ସୁନିଶ୍ଚିତ କରିପାରିନେ। 'ଗୋଟିଏ ଦେଶ ଗୋଟିଏ ଆଇନ' ହେଉଛି ଯେ କୌଣସି ଦେଶର ପ୍ରଥମ ଭିତ୍ତିଭୂମି। ସମ୍ବିଧାନ ଅନୁସାରେ ଦେଶ ଚାଲିବା ଉଚିତ। ଗର୍ବ କରୁଛେ ଯେ ଆମ ଦେଶ ହେଉଛି ପନ୍ଥ ନିରପେକ୍ଷ ଦେଶ କିନ୍ତୁ ରିଲିଜିଅନ ଆଧାରରେ ଥିବା ଅଲଗା ଅଲଗା ଆଇନକୁ ପାଳନ କରୁଛେ। ସମ୍ବିଧାନର ଧାରା ୧୪ରେ ଆମେ କହୁଛେ ଆଇନ ଆଗରେ ସମସ୍ତେ ସମାନ କିନ୍ତୁ ସମସ୍ତଙ୍କ ପାଇଁ ସମାନ ଆଇନ ଆମେ କରିପାରିନେ। ସେହିଭଳି ସମାନ ଦେୱାନୀ ସଂହିତା ଲାଗୁ ନ ହେବା ସମ୍ବିଧାନର ଧାରା ୧୫ ଓ ୨୧କୁ ମଧ୍ୟ ବିରୁଦ୍ଧାଚରଣ କରୁଛି। ଲିଙ୍ଗଗତ ସମାନତା, ମହିଳାଙ୍କ ସଶକ୍ତୀକରଣ କଥା କହୁଛେ କିନ୍ତୁ ପରିବାରରେ ମହିଳାଙ୍କ ସାମାଜିକ ଅଧିକାର, ସମ୍ପତ୍ତିରେ ଅଧିକାର, ଛାଡ଼ପତ୍ର ଆଦି ଅନେକ କ୍ଷେତ୍ରରେ ବିଭିନ୍ନ 'ପର୍ସନାଲ ଲ' ନାଁରେ ବଞ୍ଚିତ କରୁଛେ।




୧୯୮୫ରେ ଶାହାବାନୋ ମାମଲାରେ ସୁପ୍ରିମକୋର୍ଟ ଯେଉଁ ବହୁ ଚର୍ଚ୍ଚିତ ରାୟ ଦେଇଥିଲେ ତାହା ସେତେବେଳେ ଦେଶରେ ସମାନ ଦେୱାନୀ ସଂହିତା ଲାଗୁ କରିବା ନେଇ ବାଟ ଫିଟିଥିଲା। ଯଦି ସେତେବେଳର ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିବା ପାଇଁ ସଂସଦରେ ଆଇନ ଆଣି ନ ଥାନ୍ତେ ହୁଏତ ଏତେବେଳକୁ ଭାରତରେ ସମାନ ଦେୱାନୀ ଆଇନ ଲାଗୁ ହୋଇସାରନ୍ତାଣି। ଯେତେବେଳେ ଦେଶର ସମ୍ବିଧାନ ପ୍ରସ୍ତୁତ ହେଲା ସମ୍ବିଧାନ ସଭାରେ ସମାନ ଦେୱାନୀ ସଂହିତାକୁ ଲାଗୁ କରିବା ନେଇ ଯଦିଓ ବାବା ସାହେବ ଆମ୍ବେଡକର, କେଏମ୍ ମୁନ୍‌ସି, କ୍ରିଷ୍ଣା ଆୟାର ସମାନ ଦେୱାନୀ ସଂହିତା ସପକ୍ଷରେ ଥିଲେ କିନ୍ତୁ କିଛି ସଦସ୍ୟ ଏହାକୁ ବିରୋଧ କରିବା କାରଣରୁ ସହମତି ହୋଇପାରିଲା ନାହିଁ। ଶେଷରେ ନିଷ୍ପତ୍ତି ହୋଇଥିଲା କି ବର୍ତ୍ତମାନ ଅଲଗା ଅଲଗା ନିୟମ ଥାଉ, କିନ୍ତୁ ଭବିଷ୍ୟତରେ ସମାନ ଦେୱାନୀ ସଂହିତା ଲାଗୁ କରାଯିବ। ଆମ୍ବେଡକରଙ୍କ ଆଇନ ମନ୍ତ୍ରିତ୍ୱ ସମୟରେ ସେ ଏହାକୁ ଲାଗୁ କରିବା ପାଇଁ ପ୍ରୟାସ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୪୪ ଓ ବାବା ସାହେବ ଯେଉଁ ଅପେକ୍ଷା ଦେଶର ପରବର୍ତ୍ତୀ ପିଢ଼ି ଉପରେ ରଖିଥିଲେ ତାହା ଆଜି ଯାଏ ଅଧୁରା ହୋଇ ରହିଗଲା। ସେତେବେଳର ମହିଳା ସାଂସଦ ତଥା ଭାରତର ପ୍ରଥମ ସ୍ୱାସ୍ଥ୍ୟମନ୍ତ୍ରୀ ଅମ୍ରିତା କାଉର କହିଥିଲେ ଯେ ସମାନ ଦେୱାନୀ ସଂହିତା ଲାଗୁ ନ ହୋଇ ପାରିବାର ଅର୍ଥ ହେଉଛି ପୁରୁଷପ୍ରଧାନ ସମାଜରେ ମହିଳାଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଭାରତ ବିଫଳ।

ସମସ୍ୟା କେଉଁଠି ଅଛି? କାହିଁକି ଦେଶରେ ସମାନ ଦେୱାନୀ ସଂହିତା ଲାଗୁ ହୋଇପାରିନାହିଁ? ଯେତେବେଳେ ବି ଦେଶରେ ନାଗରିକ ସଂହିତା ଲାଗୁକରିବା କଥା ଆସିଛି ଏହାକୁ ବିରୋଧ କରାଯାଇଛି। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନେ ଜାଣିବା ଉଚିତ ଯେ ସମାନ ଦେୱାନି ସଂହିତାରେ ଦେଶରେ ଥିବା ସମସ୍ତ ପ୍ରକାରର 'ପର୍ସନାଲ ଲ'କୁ ଧ୍ୟାନରେ ରଖି, ସେଥିରେ ସୁଧାର ଆଣି, ସମସ୍ତଙ୍କର ଗ୍ରହଣଯୋଗ୍ୟ ହେଲା ଭଳି ନିୟମ ପ୍ରଣୟନ ହେବ। ୧୯୮୫ ଓ ୨୦୧୭ରେ ସୁପ୍ରିମକୋର୍ଟ ଟ୍ରିପଲ ତଲାକକୁ ବେଆଇନ ଘୋଷଣା କରିଥିଲେ ; ଯାହା 'ମୁସଲିମ ପର୍ସନାଲ ଲ' ଅନୁସାରେ ବୈଧ ଥିଲା। ୨୦୦୩ରେ ଫାଦର ଜନ୍ ଭାଲାମୋଟମଙ୍କ ମାମଲାରେ ଯେତେବେଳେ ସୁପ୍ରିମକୋର୍ଟ ସମାନ ଦେୱାନୀ ସଂହିତା କଥା ଉଲ୍ଲେଖ କରିଥିଲେ ସେତେବେଳେ ଖ୍ରୀଷ୍ଟିଆନମାନଙ୍କର ଉତ୍ତରାଧିକାରର ଏକ ନିୟମକୁ ଅସାମ୍ବିଧାନିକ କହିଥିଲେ। ନିକଟରେ ଜୁଲାଇ ୭, ୨୦୨୧ରେ ଦିଲ୍ଲୀ ହାଇକୋର୍ଟ ଯେଉଁ ମାମଲାରେ ସମାନ ଦେୱାନୀ ସଂହିତାର ଆବଶ୍ୟକତା କଥା କହିଛନ୍ତି ତାହା ଏକ ହିନ୍ଦୁ ବିବାହକୁ ନେଇ। ତେଣୁ କଥା ଧର୍ମୀୟ ଅଧିକାରର ନୁହେଁ, ବରଂ ଏହା ହେଉଛି ଲିଙ୍ଗଗତ ସମାନତାର, ମହିଳା ସଶକ୍ତୀକରଣ, ମହିଳାମାନଙ୍କର ସମ୍ମାନ ଓ ଅଧିକାରର।

'ସମାନ ଦେୱାନୀ ସଂହିତା' ଏପରି ଏକ ପ୍ରସଙ୍ଗ ନୁହେଁ ଯେ, ଯାହାକୁ ସଂସଦରେ ସଂଖ୍ୟା ଅଛି ବୋଲି ପାରିତ କରାଇ ଲାଗୁ କରିହେବ। ଏହାକୁ ଲୋକମାନଙ୍କ ସହମତିରେ ହିଁ ଲାଗୁ କରାଯିବାର ପ୍ରାସଙ୍ଗିକତା ରହିଛି। ବିତର୍କ ହେଉ, ଆଲୋଚନା ହେଉ। ବିଭିନ୍ନ ସମୟରେ ଅଦାଲତମାନେ ଏହାକୁ ଲାଗୁ କରିବା ନେଇ ସପକ୍ଷରେ କହିଛନ୍ତି। ସମାଜର ସବୁ ବର୍ଗର ମତାମତ ନିଆଯାଇ ସରକାର ଏହା ଉପରେ ଆବଶ୍ୟକ ସଂଶୋଧନ କରି ଏହାକୁ ଲାଗୁ କରିପାରନ୍ତି।

**ହରିରାଜପୁର, ପୁରୀ**
**ମୋ:୯୪୩୮୫୭୯୨୯୦**

# ପରିବା ଦର ବୃଦ୍ଧିର କାରଣ



ପ୍ରମୋଦ କୁମାର ପଣ୍ଡା

ଓଡ଼ିଶା ୧୫.୫ ନିୟୁତ ହେକ୍ଟର କ୍ଷେତ୍ରଫଳ ଥିବା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ। ସମଗ୍ର ଦେଶରେ ହାରାହାରି ବାର୍ଷିକ ବୃଷ୍ଟିପାତ ୧୨୦୦ ମିଲିମିଟର ହେଉଥିବା ବେଳେ ଓଡ଼ିଶାରେ ୧୫୦୦ ମିଲିମିଟର ହୁଏ। ଦେଶରେ ୮ ପ୍ରକାର ମୃତ୍ତିକା ଥିବାବେଳେ ଓଡ଼ିଶାରେ ମଧ୍ୟ ଆଠ ପ୍ରକାର ମୃତ୍ତିକା ଅଛି। ଦେଶରେ ୧୫ ପ୍ରକାର କୃଷି ଜଳବାୟୁ କ୍ଷେତ୍ର ଥିବାବେଳେ ଆମ ପାଖରେ ଅଛି ୧୦ ପ୍ରକାର। ନାନାବିଧ ବିବିଧତା ବୋଧହୁଏ ଆମକୁ ଦେଶର ସବୁଠୁ ଅଧିକ ପ୍ରକାର ପନିପରିବା ଚାଷ କରିବା ପାଇଁ ସୁଯୋଗ ଦେଇଛି। ରାଜ୍ୟରେ ମଧ୍ୟ ଏସବୁର ଚାଷ କରାଯାଉଥିଲା କିଛି ବର୍ଷ ପୂର୍ବେ। ମାତ୍ର ଦୁଃଖର କଥା, ସବୁଠୁ ଅଧିକ ପ୍ରକାର ପନିପରିବା ହୋଇପାରୁଥିବା ରାଜ୍ୟରେ ପରିବାର ଆକାଶଛୁଆଁ ଦାମ ସହଜରେ ହଜମ ହେଉନାହିଁ। ଏହା କାହିଁକି ଘଟିଲା ଆମକୁ ବୈଜ୍ଞାନିକ ତର୍ଜମା କରିବାକୁ ହେବ।

ପନିପରିବା ଦରଦାମକୁ ନେଇ ରେକର୍ଡ ପରେ ରେକର୍ଡ କରିଚାଲିଛି ୨୦୨୩ । ଏ ବର୍ଷ ଅଦା କିଲୋ ପିଛା ୨୮୦ ଟଙ୍କାରେ ପହଞ୍ଚିଥିବା ବେଳେ ଟମାଟୋ ୧୪୦ ଟଙ୍କା, ବିନ୍ ୨୨୦ ଟଙ୍କାରେ ପହଞ୍ଚିଛି। ଏହା କାହିଁକି ଘଟିଛି ଆସନ୍ତୁ ତର୍ଜମା କରିବା। ଓଡ଼ିଶାର ଜନସଂଖ୍ୟା ୪.୮୦ କୋଟି। ଏତେସଂଖ୍ୟକ ଲୋକଙ୍କ ପାଇଁ ପ୍ରଚୁର ପନିପରିବା ଆବଶ୍ୟକ। ଓଡ଼ିଶାର ଚାଷୀ ଭାଇ ଭଉଣୀ ସାଧାରଣତଃ ଶୀତଦିନରେ ଅଧିକ ପନିପରିବା ଚାଷ କରନ୍ତି। ଅତ୍ୟଧିକ ଉତ୍ପାଦନ ହେତୁ ଓ ରପ୍ତାନି ଅଭାବରୁ ଚାଷୀଭାଇ ଅଭାବୀ ବିକ୍ରି ବା କମ୍ ଦାମରେ ବିକ୍ରି କରିବାକୁ ବାଧ ହୁଅନ୍ତି। ଯଦିଓ ବର୍ଷାଦିନେ କିମ୍ବା ଶୀତଦିନେ ପରିବା ଚାହିଦା ସମାନ ଥାଏ, ମାତ୍ର ଅଧିକାଂଶ ଚାଷୀ ବର୍ଷାଦିନେ ପରିବା ଚାଷ କରିବାକୁ ଆଗ୍ରହ ଦେଖାନ୍ତି ନାହିଁ। କାରଣ ଚାଷୀମାନେ ମଧ୍ୟମ ଖାଲୁଆ ଜମିରେ ପନିପରିବା ଚାଷ କରନ୍ତି, ଯାହାକି ମାତ୍ରାଧିକ ବର୍ଷା କିମ୍ବା ବନ୍ୟାରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୁଏ। ଯେଉଁ ଡିପଜମି କିମ୍ବା ପାହାଡ଼ିଆ ଜମି ଅଛି ଯାହାକି ବର୍ଷାଦିନେ ପନିପରିବା ପାଇଁ ଉପଯୁକ୍ତ, ମାତ୍ର ଜଳସେଚନ ସୁବିଧା ନ ଥିବାରୁ କିମ୍ବା ଲୋକଙ୍କ ଆଗ୍ରହ ଅଭାବରୁ ସେ ସବୁ ଜମିରେ ପନିପରିବା ଚାଷ ହୋଇପାରୁନାହିଁ। ପୂର୍ବରୁ ଏପରି ନ ଥିଲା। ଯଦିଓ ଲୋକେ ବେଶି ରପ୍ତାନି କରୁ ନ ଥିଲେ, ମାତ୍ର ନିଜ ପରିବାର ଚଳିବା ମୁତାବକ ପନିପରିବା ନିଜ ବାଡ଼ିରେ ନିଶ୍ଚୟ ଉତ୍ପନ୍ନ କରୁଥିଲେ। ବର୍ଷାଦିନେ ଗ୍ରାମର ସମସ୍ତଙ୍କ ବାଡ଼ିରେ ଜହ୍ନି, ଭେଣ୍ଡି, ବାଇଗଣ, ପୋଇ, ଶାଗ ପ୍ରଭୃତି ଚାଷ କରାଯାଉଥିଲା। ଆଜି ଭଳି ଲୋକମାନଙ୍କର ନିଜେ ନ କରି ବଜାରରୁ କିଣି ଖାଇବା ମାନସିକତା ବିକଶିତ ହୋଇ ନ ଥିଲା। ସେତେବେଳେ ସରକାରଙ୍କ ପାଖରେ ପ୍ରଚୁର ପଇସା ମହଜୁଦ ନ ଥିଲା ମାଗଣା ଜିନିଷ ବାଣ୍ଟିବା ପାଇଁ। ଲୋକଙ୍କ ଆର୍ଥିକ ସ୍ଥିତି ମଧ୍ୟ ସ୍ୱଚ୍ଛଳ ନ ଥିଲା ସବୁ ଜିନିଷ ବଜାରରୁ କିଣି ଖାଇବା ପାଇଁ। ବାଡ଼ି ଘରୁ ସବୁ ପ୍ରକାର ପନିପରିବା, ଶାଗ ମୁଗ ମିଳୁଥିଲା। ଧନ୍ୟବାଦ ଦେବାକୁ ପଡ଼ିବ ପଡ଼ୋଶୀ ରାଜ୍ୟଗୁଡ଼ିକୁ, କାରଣ ସେମାନଙ୍କ କୃଷକ ପରିଶ୍ରମ କରି ଆଳୁ, ପିଆଜ, ରସୁଣ ଓ ଅନ୍ୟାନ୍ୟ ସାମଗ୍ରୀ ଉତ୍ପାଦନ କରୁଛନ୍ତି ବୋଲି ଆମକୁ ଖାଇବାକୁ ମିଳୁଛି। ସେମାନେ ଯଦି ତାଙ୍କ ଆବଶ୍ୟକତା ମୁତାବକ ଉତ୍ପାଦନ କରି ବଳକା ଉତ୍ପାଦନ ନ କରନ୍ତେ, ତା' ହେଲେ ଆମକୁ ବିଦେଶରୁ



ଆମଦାନୀ କରି ଖାଇବାକୁ ପଡୁଥାନ୍ତା। ସେ ଯାହା ହେଉ ବର୍ତ୍ତମାନ ଆମ ରାଜ୍ୟର ଅଧିକାଂଶ ଲୋକ ନିଜ ନିଜର ଉତ୍ପାଦନ ନ କରି ଖାଲି ସରକାରଙ୍କୁ ଦୋଷ ଦେବାରେ ବ୍ୟସ୍ତ। ସେମାନେ ଭାବନ୍ତି ସରକାର ସବୁ କରିବା କଥା। ମାତ୍ର ଆମକୁ ଭାବିବା ଦରକାର ଯେ, ସରକାର ଆମକୁ ନେଇ ଗଠିତ। ସରକାର କ'ଣ ଯାଇ ସମସ୍ତଙ୍କ ବାଡ଼ି ବଗିଚାରେ ଚାଷ କରିବେ ? ଯେଉଁ ରାଜ୍ୟଗୁଡ଼ିକ ଆଳୁ, ପିଆଜ, ରସୁଣ, କଦଳୀ ପ୍ରଭୃତି ପ୍ରଚୁର ପରିମାଣରେ ଚାଷ କରି ଆମକୁ ରପ୍ତାନି କରୁଛନ୍ତି, ସେ ରାଜ୍ୟର ସରକାର ଯାଇ କ'ଣ ସମସ୍ତଙ୍କ ବାଡ଼ିବଗିଚାରେ ଚାଷ କରୁଛନ୍ତି ? ବଡ଼ ଅଦ୍ଭୁତ ସ୍ଥିତି। ସେ ଯାହା ହେଉ, ଆସନ୍ତୁ ଜାଣିବା ପରିବା ଦାମ୍ ବଢ଼ିଲା କାହିଁକି?

ଆମ ରାଜ୍ୟ ଖରାଦିନିଆ ଓ ବର୍ଷା ଦିନିଆ ପନିପରିବା ଉତ୍ପାଦନରେ ଆବଶ୍ୟକତାଠୁ ବହୁ ପଛରେ ଅଛି। ଯେତେବେଳେ ବାହାର ରାଜ୍ୟରୁ ପନିପରିବା ଆସୁଛି ଆମର ଦର ଦାମ୍ ସ୍ଥିର ରହୁଛି। ଯେତେବେଳେ ବାହାର ରାଜ୍ୟରୁ ଆସିବା ବନ୍ଦ ହେଉଛି କୌଣସି କାରଣରୁ, ସେତେବେଳେ ଦରଦାମ୍ ଆକାଶଛୁଆଁ ହେଉଛି। ତେଣୁ ଉଭୟ ଖରା ଓ ବର୍ଷା ଋତୁରେ ପନିପରିବା ଚାଷ ପାଇଁ ଆମକୁ ସ୍ୱତନ୍ତ୍ର ଯୋଜନା କରି କାର୍ଯ୍ୟ କରିବାକୁ ହେବ। ଖରାଦିନ ପାଇଁ ଜଳସେଚନ ବ୍ୟବସ୍ଥା ଏବଂ ବର୍ଷା ଦିନ ପାଇଁ ଡିପ ଓ ଉଚ୍ଚା ଜମିରେ ପନିପରିବା ଚାଷ ପାଇଁ ଜଳସେଚନ ଓ ବୈଜ୍ଞାନିକ ପଦ୍ଧତି ବ୍ୟବହାରର ଆବଶ୍ୟକତା ରହିଛି। ସମଗ୍ର ରାଜ୍ୟର କେଉଁ କେଉଁ ଅଞ୍ଚଳରେ ବର୍ଷାଦିନିଆ ପନିପରିବା ଚାଷ ହେବ ଓ ଅତ୍ୟଧିକ ବର୍ଷାରୁ କିମ୍ବା ମରୁଡ଼ିରୁ କିପରି ତାକୁ ରକ୍ଷା କରାଯାଇପାରିବ, ତା'ର ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ବାହାର ରାଜ୍ୟର ବେପାରୀ ଆମଠୁ ଅଦା କିଲୋ ପିଛା ୨୦ ଟଙ୍କାରେ କିଣି ଶୀତଳ ଭଣ୍ଡାରରେ ରଖି ୩–୪ ମାସ ପରେ ଆମ ବେପାରୀଙ୍କୁ ୨୦୦ –୨୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ଆମ ବ୍ୟବସାୟୀ କାହିଁକି ସେ କାର୍ଯ୍ୟ ନ କରିବେ ? ଆମ ରାଜ୍ୟ ବ୍ୟବସାୟୀ ମଧ୍ୟ ଅନ୍ୟ ରାଜ୍ୟରୁ ଶସ୍ତାରେ ଜିନିଷ କିଣି ଗଚ୍ଛିତ କରି ପରବର୍ତ୍ତୀ ସମୟରେ ଅଧିକ ମୂଲ୍ୟରେ ବିକିପାରିବେ। ଅନ୍ୟ ରାଜ୍ୟରେ ଲୋକ ବ୍ୟକ୍ତିଗତ ସ୍ତରରେ ଶୀତଳଭଣ୍ଡାର ନିର୍ମାଣ କରି ତା'ର ଭରପୂର ଫାଇଦା ନେଉଥିବା ବେଳେ ଆମେ ଖାଲି ସରକାରଙ୍କୁ ଦୋଷ ଦେଇ ଚୁପ ରହିବା ଠିକ୍ କି ? ତେଣୁ ଆମ ଚାଷୀ ଭାଇମାନଙ୍କୁ ସଚେତନ ହେବାକୁ ହେବ। ଜନସାଧାରଣଙ୍କୁ କୋଢିଆ କଲାଭଳି ଯୋଜନା ବା ପଦକ୍ଷେପକୁ ବନ୍ଦ କରିବାକୁ ପଡ଼ିବ। ସର୍ବପ୍ରଥମେ ରାଜ୍ୟରେ ବିଭିନ୍ନ ଋତୁରେ କେଉଁ କେଉଁ ପରିବା କେତେ ପରିମାଣରେ ଆବଶ୍ୟକ ତା'ର ହିସାବ କରିବାକୁ ହେବ। ଆମେ କେତେ ଉତ୍ପାଦନ କରୁଛେ, ଆଉ କେତେ ବାହାର ରାଜ୍ୟରୁ ଆସୁଛି, ତା'ର ହିସାବ ଠିକ୍ ଭାବେ କରାଯିବା ଆବଶ୍ୟକ । ରବି ଋତୁରେ ଆମେ ପରିବା ଉତ୍ପାଦନରେ ଆଗୁଆ। ସେ ଋତୁରେ ରପ୍ତାନି ପାଇଁ ବ୍ୟବସ୍ଥା ଲୋଡ଼ା। ମାତ୍ର ଆମର ପ୍ରଶାସକଙ୍କୁ ରବି ଋତୁ ଛାଡି ଅନ୍ୟାନ୍ୟ ଋତୁରେ ଚାହିଦା ଅନୁସାରେ ରାଜ୍ୟର କେଉଁ କେଉଁ ଜିଲାରେ ସେ ସବୁ ଭଲ ଭାବରେ ଚାଷ ହୋଇପାରିବ, ତା'ର ଯୋଜନା ପ୍ରସ୍ତୁତ କରି କ୍ରିୟାନ୍ୱୟନ କରିବାକୁ ପଡ଼ିବ। ସେଠାକାର ଚାଷୀଙ୍କୁ ସେ ସବୁ ଉତ୍ପାଦନ କରିବା ପାଇଁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ସେ ସବୁର ଲାଭଜନକ ବିକ୍ରିବଟା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ବିକାଶ କରିବାକୁ ହେବ। ଆସନ୍ତୁ ସମସ୍ତେ ମିଶି ଅଣ–ରବିଋତୁରେ ପନିପରିବା ଉତ୍ପାଦନରେ ଚାଷୀଭାଇଙ୍କୁ ସ୍ୱାବଲମ୍ବୀ କରି ସେମାନଙ୍କ ଆୟ ବଢ଼ାଇବା।

**ଶ୍ୟାମଚାନ୍ଦପାଟଣା, ଭଦ୍ରକ**
**ମୋ– ୮୯୧୭୪୨୬୪୪୦**

## ଏଇ ଭାରତରେ

ବିନା ମାଟିରେ ଅଗଣାରେ ଚାଷ କରି ମାସକୁ ୫୦୦ କେ.ଜି. ପରିବା ଉତ୍ପାଦନ କରିବା ସହଜରେ ବିଶ୍ୱାସ କରି ହେଉ ନ ଥିଲେ ବି ସତ। ଏଭଳି ଚାଷ କରୁଛନ୍ତି ଭଦୋଦରାର ଇଞ୍ଜିନିୟର ଶଶାଙ୍କ ଚୌବି। ସେ ବିନା ମାଟିରେ ଅର୍ଥାତ ଆକ୍ୱାପୋନିକ୍ସ( କେବଳ ପାଣିରେ) ପଦ୍ଧତିରେ ଏହି ଚାଷ କରୁଛନ୍ତି। ଏହି ପଦ୍ଧତିରେ ପରିବା ସହ ମାଛ ଚାଷ ମଧ୍ୟ କରାଯାଉଛି। ପ୍ରଥମେ ଉକ୍ତ ଚାଷ ସମ୍ବନ୍ଧରେ ତାଙ୍କର କୌଣସି ଧାରଣା ନ ଥିଲା, କିନ୍ତୁ ଏ ସମ୍ପର୍କରେ ସେ ପ୍ରଶିକ୍ଷଣ ନେଇ ଏବେ ୨,୦୦୦ ବର୍ଗଫୁଟ ଜାଗାରେ ବିଭିନ୍ନ କିସମର ୨,୫୦୦ ଗଛ ବଢାଇ ପରିବା, ଫୁଲ ଉତ୍ପାଦନ କରୁଛନ୍ତି। ଏହା ବ୍ୟତୀତ ବହୁ କିସମର ଔଷଧୀୟ ଗଛ ମଧ୍ୟ ବଢ଼ାଇଛନ୍ତି। ଶଶାଙ୍କ ଦିଲ୍ଲୀରେ ଏକ କର୍ପୋରେଟ ଚାକିରି କରିଥିଲେ। ପରେ ଏହାକୁ ଛାଡ଼ି ସେ ୨୦୧୮ରେ ଆକ୍ୱାପୋନିକ୍ସ ପଦ୍ଧତିରେ ଚାଷ ଆରମ୍ଭ କରିଥିଲେ। ଏହି ପଦ୍ଧତିରେ ସେ ପାରମ୍ପରିକ ଚାଷ ତୁଳନାରେ ୮୦% ଜଳ ବଞ୍ଚାଇପାରୁଛନ୍ତି। ଏବେ ସୁଦ୍ଧା ସେ ଗୁଜରାଟ ଓ ରାଜସ୍ଥାନର ୩୫ ଜଣଙ୍କୁ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ପ୍ରଶିକ୍ଷଣ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁଲାଇ ୧୯୯୮

- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପୁନର୍ଗଠନ ପ୍ରକ୍ରିୟାରେ ୫ ଜଣ ଉପସଭାପତି ନିଯୁକ୍ତ।
- ମହାରାଷ୍ଟ୍ରର ମନୋହର ଯୋଶୀଙ୍କ ମନ୍ତ୍ରିମଣ୍ଡଳରୁ ସୁରେଶ ନଜ୍‌ଲେ ବହିଷ୍କୃତ।
- ହେପ୍ଟାଥଲନରେ ବିଶ୍ୱ ରେକର୍ଡଧାରୀ ୩୬ ବର୍ଷୀୟା ଜାକିଜୋଏନର କେରସୀଙ୍କ ଆନ୍ତର୍ଜାତିକ ଦୌଡ଼କୁଦ ପ୍ରତିଯୋଗିତାରୁ ଅବସର ଘୋଷଣା।

## ଚିରନ୍ତନୀ

କେତେ ମେଘ ଉଦେ ହୋଇ ଗିରି ଚୂଡ଼ାପରେ
ଯାଏ ଯେ ମିଳାଇ ପଲକରେ
ନ ଦେଖିଁ ନିଜର ପଥ,
ଦେହେ ତା'ର ବିଜୁଳି ଚମକ
ନ ଲାଗୁଁ, ଅସୀମ ଦେଶେ
ନିଭିଯାଏ ନ ହୁଏ ବିଲୋକ।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | 4 |
| | | 7 | 4 | | 1 | | | |
| | 9 | | 7 | | | | | |
| | | 9 | 6 | | | | | |
| | | 1 | | | 3 | | 9 | |
| | | 4 | 2 | | | 5 | | 3 |
| | | | 5 | | 9 | 6 | | 8 |
| | | | | | | | | |
| 2 | | | | 6 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 7 | 8 | 4 | 2 | 1 | 9 | 6 |
| 9 | 8 | 6 | 7 | 1 | 5 | 4 | 2 | 3 |
| 2 | 1 | 4 | 6 | 3 | 9 | 7 | 5 | 8 |
| 1 | 6 | 8 | 2 | 5 | 3 | 9 | 4 | 7 |
| 4 | 7 | 5 | 1 | 9 | 6 | 3 | 8 | 2 |
| 3 | 2 | 9 | 4 | 8 | 7 | 5 | 6 | 1 |
| 7 | 5 | 3 | 9 | 2 | 8 | 6 | 1 | 4 |
| 6 | 4 | 2 | 5 | 7 | 1 | 8 | 3 | 9 |
| 8 | 9 | 1 | 3 | 6 | 4 | 2 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜନ ଆକ୍ରୋଶରୁ ବଞ୍ଚିବା ସହଜ ନୁହେଁ

ମହାଶୟ,

ବନ୍ୟା କି ବାତ୍ୟା ବେଳେ ସରକାରୀ କଳ ତତ୍ପର ହୋଇଉଠନ୍ତି ଓ ଜିରୋ କାଜୁଆଲ୍‌ଟି ଖବର ଚମକାଇଦିଏ ,ଯେମିତି କେହି ଜଣେ ବିପର୍ଯ୍ୟୟରେ ମୃତ୍ୟୁବରଣ ନ କରନ୍ତୁ। ମାତ୍ର ସେହି ସରକାରୀ କଳ ପ୍ରତିଦିନ ସକାଳେ ଖବରକାଗଜରେ ହାତୀ ଆକ୍ରମଣରେ ମୃତ୍ୟୁ, କୁମ୍ଭୀର ଟାଣିନେବାରେ ଅକାଳ ମୃତ୍ୟୁ, ସାପ କାମୁଡ଼ାରେ ଅଜସ୍ର ମୃତ୍ୟୁ ପ୍ରଭୃତି ରୋକିବାକୁ ଆଗ୍ରହ ଦେଖାଉନାହାନ୍ତି କାହିଁକି ? ଲୋକ ସେବକମାନଙ୍କର କାମ ଲୋକଙ୍କର ସେବା କରିବା ଓ ସହଜ ଜୀବନ ଧାରଣର ବ୍ୟବସ୍ଥା କରିବା। ତେବେ ଏସବୁ ମୃତ୍ୟୁ ପାଇଁ ଉଦାସୀନ କ'ଣ ପାଇଁ ବୁଝାପଡୁନାହିଁ। ସେହିପରି ଡିଜିଟାଲ ନାଁରେ ବ୍ୟାଙ୍କରୁ ଟଙ୍କା ନେଇଯିବା ବା ପୂଜାପାର୍ବଣରେ କି ଧର୍ମାନୁଷ୍ଠାନଗୁଡ଼ିକରେ ଦଳାଚକଟାରେ ମୃତ୍ୟୁ ମଧ୍ୟ ଆହୁରି ଯନ୍ତ୍ରଣାଦାୟକ। ଏସବୁ ପ୍ରତିକାର ମଧ୍ୟ ବନ୍ୟା, ବାତ୍ୟା ପରି କରିବାକୁ ଜନ ପ୍ରତିନିଧି ଓ ସରକାରଙ୍କର ମୌଳିକ କର୍ତ୍ତବ୍ୟ। ମହିଳା ସଶକ୍ତୀକରଣର ଅର୍ଥ ନୁହେଁ ଯେ ସରକାରୀ ଦଳର ସଦସ୍ୟ କରିବା। ମହିଳା ଅଧିକାରୀମାନେ ବର୍ତ୍ତମାନ ସବୁଠାରୁ ଅଧିକ ଲାଞ୍ଚ ନେଇ ଧରାପଡ଼ି ଜେଲ ଯାଉଛନ୍ତି। ସବୁ ସଂସ୍ଥାରେ ଠିକା କର୍ମଚାରୀ ଶୋଷଣ ଓ ଦଲାଲ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଶିକ୍ଷା, ସଂସ୍କୃତି ଓ ନ୍ୟାୟ ପ୍ରଦାନରେ ବିଭିନ୍ନତା ଓ ବିଳମ୍ବ, ଜନସେବାରୁ ନିବୃତ୍ତ ଯେକୌଣସି ସରକାର ଜନ ଆକ୍ରୋଶରୁ ବଞ୍ଚିବା ସହଜ ନୁହେଁ। ଯେତେ ଯୋଜନା ଓ ପ୍ରଚାର ପ୍ରସାର, ଦାନ ଦକ୍ଷିଣା ଦେଲେ ବି ଗାଦି ସମ୍ଭାଳିବା କଷ୍ଟକର ବ୍ୟାପାର। ଗଣତନ୍ତ୍ର ଶାସନରେ ଏହା ଭୁଲିବା ଉଚିତ ନୁହେଁ।

**– ଡ. ରାଜୀବ ଷଡ଼ଙ୍ଗୀ,କୁଣ୍ଡି, ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଝଟ ବର୍ଷା

ଗଳ୍ପ

**ଝରଣା ପଟ୍ଟନାୟକ**

ମୋନା ତରତର ହୋଇ କଲେଜ ବାହାରୁଥିଲା। ବାହାରେ ପହିଲି ଶ୍ରାବଣର ଅଝଟିଆ ବର୍ଷା ଧାର ଛୁଟିଛି। ଟିକିଏ ସମ୍ଭାଳି ଯାଇ ଲୋକବାକଙ୍କ ସୁବିଧା କରିବାକୁ ଏ ବର୍ଷାର ମନ ନାହିଁ। ମୋନା ତ ଗାଡ଼ିରୁ ଓହ୍ଲେଇ କଲେଜ ପୋର୍ଟିକୋ ପାଖେ ପହଞ୍ଚିବାବେଳକୁ ଅଧା ଭିଜିଯିବ! ମୁଁ ତାକୁ କହିଲି ଛୁଟିନବା ପାଇଁ। ସେ ମନା କଲା।

ବର୍ଷାଟୋପାର ମାଟି ସହିତ ବାଟିଖେଳ, ତାଳପତ୍ରକୁ କୋଳାକୋଳି ସତରେ ଗୋଟେ ନିରବଧି ପ୍ରକ୍ରିୟା। ବନ୍ଦ ହେବାର ନାହିଁ। ଯିବାକୁ ତ ପଡ଼ିବ ମୋନାକୁ। ଆକ୍ସିଡେଣ୍ଟ ପରେ ମୁଁ ଯେ ଛଅ ମାସ ହେଲାଣି ଛୁଟିରେ।

ମୋନା କହିଲା, ମୋ' ଲାଗି ବ୍ୟସ୍ତ ହୁଅନି। ତମେ କବି ଲୋକ। ସମୟ ପାଉଛ। ଯେତେ ପାରିବ ଲେଖ। ହସିଲି। କହିଲି, ଏ ପ୍ରବଳ ବର୍ଷା ଛିଟାମାରି ମତେ ଅଧା ଓଦା କରିସାରିଲାଣି। ପାଦ ତଳେ ପକେଇ ପାରୁନି। ଏଠୁ ହଟିବି କେମିତି? ଘରକୁ ରାନ୍ଧୁଣୀ ଆସିନି କି କାମବାଲୀ ଆସିନି।

ମୋନାର ମୁହଁ ଭଙ୍ଗୀରେ ରୁଗୁରୁଗୁ ରାଗ। କହିଲା, ତମ ସ୍ତ୍ରୀ ବୋଲି ତମର ହର୍ କଥାକୁ କାନ ପତେଇଥିବି ନା' କ'ଣ? ଅପେକ୍ଷା କର! ନଅଟା ହେଲାଣି ସେମାନେ ଆସିଯିବେ।

ମୋ' କଥାକୁ କୋଣଠେସା କରି ମୋନା ବାହାରିଗଲା। ଏବେ ତା'ର ସ୍କୁଲ୍‌ବେଳର ସହପାଠୀ ଶ୍ରୀପ୍ରକାଶ ଆସି ଇଂରାଜୀ ବିଭାଗରେ ଯୋଗ ଦେଇଛନ୍ତି। ଲାଗୁଛି ମୋନାକୁ ବୋଧେ ଇଂରାଜୀ ବିଭାଗର ଅଧିକା ଦାୟିତ୍ୱ ସମ୍ଭାଳିବାକୁ ପଡୁଛି।

ଇଆଡ଼େ ମୁଁ ଓଦା। ଜଳଖିଆ ଖାଇନି। ମୋନାର କ'ଣ ହୋଇଛି କେଜାଣି ସେ ମୋ' କଥା ବୁଝାଶୁଝା କରିବାକୁ ଅମଙ୍ଗ। ସବୁ ଛାଡ଼ିଦେଉଛି ସେଇ ସ୍ତ୍ରୀଲୋକଟା ଉପରେ।

ଭୋକ ଲାଗିଲାଣି। ଖାଇବା ଆଣି ଖାଇବାର ଉପାୟ ନାହିଁ। ବାଁ ପାଦତଳର ଦଲ୍‌ଦଲ୍ ଘା' ଆଉ କଟମଟ କରୁଥିବା ଡାହାଣ ଆଣ୍ଠୁ ମୋର ବିପକ୍ଷବାଦୀ ହୋଇ ଯାଇଛନ୍ତି। ଗୋଟେ ପାଖ ଭଲ ହୋଇ ଯାଆନ୍ତା କି! ମୋନା ତ ଏବେ ଚଳନ୍ତି ସୁଖର ଆବର୍ତ୍ତରେ। ସ୍କୁଲ୍‌ଦିନର ସାଙ୍ଗକୁ ସହକର୍ମୀ ଭାବେ ଯେ ପାଇଛି! ଏବେ ତା' ମନର ନଈ ହୁଏତ ଉଦ୍‌ବେଗରେ ରହି ବାଟ ପାଉନଥିବ।

ଖଟ ଉପରେ ଥିବା ସ୍ନାକ୍ସ ଡବାରୁ କୁକିଜ୍ ଆଣି ପାଟିରେ ପକେଇଲି। ଏ ବର୍ଷାର ଅବିଶ୍ରାନ୍ତ ଧାରା ମୋତେ ବ୍ୟସ୍ତ କରି ପକେଇଲାଣି। ଆଜି ମୋ' ସିନିଅର ଡାଇରେକ୍ଟର କହିଥିଲେ 'ହେମନ୍ତ ବାବୁ! ଛୁଟିଟା ବଢ଼େଇ ଦିଅନ୍ତୁ। ଡାକ୍ତର ସାର୍ଟିଫିକେଟ୍ ଦେଲେ ବିଲ୍ ହେବ। ଆଉ ବି କହୁଥିଲେ ଅଫିସ୍ ତରଫରୁ ମୋ' ଲାଗି ଆଜି ହ୍ୱିଲ୍‌ଚେୟାର ଆସିବ ବୋଲି। ମୋନା କ'ଣ ମୋ' ପାଇଁ ହ୍ୱିଲ୍ ଚେୟାରର ଆବଶ୍ୟକତା ଅନୁଭବ କରିନି?' ପାରିଲାପଣ ଦେଖେଇ ଚାଲିଛି ବର୍ଷା। କ୍ଷେତ ବାଡ଼ି ଜଳମଗ୍ନ। ରାସ୍ତାରେ ଖାଲ ଢିପ ଆଉ ବାରି ହେବନି। ପଶ୍ଚିମ ଓଡ଼ିଶାର ବର୍ଷା ଏଇମିତି। ଶ୍ରାବଣ ଚମକେଇ ଚାଲିଛି। ଛାତି ଫୁଲେଇ ଅନାଧୁନିଆ ମାଡ଼ିଯାଉଛି।



ଫୋନ୍ ରିଂ ହେଲା। ଉଠେଇଲି। ସ୍କୁଲର ଫୋନ୍। ମୋନା ତା'ହେଲେ ଝିଅକୁ ଆଣିନି? ଦୁଇ ଘଣ୍ଟା ହେଲାଣି ଝିଅଟା ସ୍କୁଲରେ? ମୋନାକୁ ଫୋନ୍ କଲି। 'ଡ୍ରାଇଭରକୁ ପଠାଉଛି' କହି ମୋନା ଫୋନ୍ କାଟିଲା।

ଦୁଆର ଠେଲି ପଶିଆସିଲା ମିନତି, ଆମ ରାନ୍ଧୁଣୀ। ତା' ପଛେ ପଛେ ଝିଅଟିଏ। ଘଣ୍ଟାକୁ ଚାହିଁଲି। ଦିନ ଏଗାରଟା। ମିନତି କହିଲା, ବାବୁ! ଝିଅର ସ୍କୁଲ ବର୍ଷା ଯୋଗୁଁ ଛୁଟି ହୋଇଗଲା। ତାକୁ ଆଣିବାକୁ ଯାଇଥିଲି। ଡେରି ହେଲା। ଝିଅଟି ଜଳଖିଆ ଥାଳି ଆଣି ଟୁଲ୍ ଉପରେ ମୋ' ସାମ୍ନାରେ ରଖିଲା। ମୋ' ପାଦ ଧରି ମୁଣ୍ଡିଆ ମାରିଲା। ଓଦା ଓଢ଼ଣି ଭିତରେ ସ୍ପଷ୍ଟ ଥିଲା ତା' ବୟସ। ନିଶ୍ଚୟ ଷୋହଳ। ଗାଲ ମୁହଁ ଉଜ୍ଜ୍ୱଳା ସକାଳ ସୂର୍ଯ୍ୟକିରଣ ପରି ହସିଦେଲା। ଖୋଲିଗଲା ତା' ଓଠ। କହିଲା, 'ମୁଁ ଦଶମ ଶ୍ରେଣୀରେ ପଢୁଛି।'

ଧରି ପକେଇଲି ତା' ହାତ। ଆଖିରେ ନାଚିଗଲା ଗୋଟେ ସୁନିର୍ମଳ ଆକାଶ। ତା' ଭିତରେ ଅପ୍ସରୀ। ଉତ୍ତୁଙ୍ଗ ଲାଳିତ୍ୟଭରା ତା' ଶରୀର। ମୋ' ଭିତରେ ଅଣନିଃଶ୍ୱାସୀ ହୋଇ ଛୁଟିଛି ଝଡ଼ିବର୍ଷା। ଦେହ ଭିତରେ ସ୍ନାୟବିକ ଚଳପ୍ରଚଳ ତୀବ୍ରତର ହେଲାଣି।

ଝିଅଟି ହାତ ଛଡ଼େଇ ନେଲା। ପଛରେ ତା'ର ମା'। ଅଝଟିଆ ଧରିଛି ମନଟା। କହିଲି ମିନତି! ମୁଁ ପରେ ଖାଇବି। ତୋ' ଝିଅକୁ କହ ମୋ' ପାଦ ତଳରେ ନୂଆ ବ୍ୟାଣ୍ଡେଜ୍ ଦବ।

ମୋ' ମୁହଁକୁ ବଲବଲ କରି ଚାହିଁଲା ମିନତି। ଝିଅକୁ ନେଇ ପଶିଗଲା ରୋଷେଇ ଘରେ।

ବର୍ଷାଟାର ଅଝଟ ବି କିଛି କମ୍ ନୁହେଁ। ମୁଁ ଗଳିଯାଉଥିଲି ନିଜ ଭିତରେ। ମୋର ଶାରୀରିକ ଅକ୍ଷମତା ମୋତେ ମୋନାଠୁ ଅଲଗା କରିସାରିଲାଣି। ମୁଁ ତ ଗୋଟେ ପଙ୍ଗୁ। 'ଚାଳିଶ' ନ ଛୁଇଁ ଥିବା ମୋନା କାହିଁକି ବା ପରବାୟ କରିବ ମୋତେ।

ଅନୁଭବ କଲି ଗେଟ୍ ପାଖରୁ ଆସୁଥିବା ଶବ୍ଦ। ଝିଅକୁ ନେଇ ବୋଧେ ମୋନା ଆସିଲା। ଝିଅ ବର୍ଷାନୀ ବଡ଼ ଅଭିମାନୀ। ଆମ ଭିତରୁ କିଏ ଜଣେ ତା' ସ୍କୁଲରେ ନେଇ ତାକୁ ପହଞ୍ଚେଇଲେ ସେ ଖୁସି ହୁଏ।

ଗୋଟିଏ ଛତାରେ ମୋନା ସହିତ ଆଉ ଜଣେ ପଶିଲେ ଘରେ। ଭଦ୍ରଲୋକ ମୋତେ ନମସ୍କାର କଲେ। କହିଲେ, ମୁଁ ଶ୍ରୀପ୍ରକାଶ। ଆଜି ଆପଣଙ୍କୁ ଦେଖିବାର ସୁଯୋଗ ପାଇଲି।

'ଏଇ ନିଅ ଟାୱେଲ୍।' ମୋନା ଶ୍ରୀପ୍ରକାଶଙ୍କ ହାତକୁ ତଉଲିଆ ବଢ଼େଇ ଦେଲା। ରୋଷେଇ ଘରକୁ ପଶିଲାବେଳେ କହୁଥିଲା, ମିନତି ଯାହା ରାନ୍ଧିଥିବନା! ଛାଡ଼, ଛାଡ଼। ମୁଁ ଅଧଘଣ୍ଟାଏ ଭିତରେ ରାନ୍ଧି ବାଢ଼ିଦେବି।

ମୋ' ଆଖି ଗେଟ୍ ପାଖରେ ଥିବା ଗାଡ଼ି ପାଖରେ ପହଁରୁଥିଲା। ପଚାରିଲି, ମୋନା, ବର୍ଷାନୀ?

ଜିଭ କାମୁଡ଼ି ପକେଇ ଗାଡ଼ି ଆଡ଼କୁ ମାଡ଼ି ଚାଲିଲା ମୋନା। ଖଟରୁ ଓହ୍ଲେଇ ପଡ଼ିବାକୁ ଯାଇ ମୁହଁ ମାଡ଼ି ତଳେ ପଡ଼ିଲି ମୁଁ। କିଛି ଦିଶୁନ ଥିଲା। ବିକଳ ମୁହୂର୍ତ୍ତଟା ଥମ୍ ହୋଇ ଯାଇଥିଲା।

ମୋ : ୯୪୩୭୫୪୪୦୪୫

## ପୁସ୍ତକ ପରିଚୟ

### ମୋ ଜୀବନ ଚଲାପଥର କାହାଣୀ
### ଏକ ଉପାନ୍ତ ପଲ୍ଲୀର ଚାଷୀ ପରିବାରରୁ କୁଳପତି




**ଲେଖକ:** ଶିବ ପ୍ରସାଦ ଅଧିକାରୀ
**ପ୍ରକାଶକ:** ଡ. ଜୟନ୍ତୀ କୁମାରୀ ସାହୁ, ମାଣିଆକାଟି, ସୋରଡ଼ା, ଗଞ୍ଜାମ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-

ଗଞ୍ଜାମ ଜିଲାର କନ୍ଧମାଳ ସଂଲଗ୍ନ ଏକ କ୍ଷୁଦ୍ର ଗ୍ରାମ ମାଣିଆକାଟିରେ ଜନ୍ମ ହୋଇ ସ୍ୱୀୟ ପ୍ରଚେଷ୍ଟା ବଳରେ କିପରି ଉଚ୍ଚଶିକ୍ଷା ପ୍ରାପ୍ତ ହେଲେ ଓ ଶେଷରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ହୋଇପାରିଲେ, ତା'ରି କାହାଣୀକୁ ଲେଖକ ଆଲୋଚ୍ୟ ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି। 'ଉପକ୍ରମ'ରେ ଲେଖିଛନ୍ତି: ''ପରିସ୍ଥିତିକୁ ସାମ୍ନା କରି ହାରିବା କିମ୍ବା ଜିତିବା ସହ ଆଗକୁ ବଢ଼ିବାର ଅନୁଭୂତି ହିଁ ଏଠାରେ ମୁଁ ବର୍ଣ୍ଣନା କରିଛି ଏବଂ ଏହା ମୋର ନିଜସ୍ୱ। ଏହା ସମସ୍ତଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ ନୁହେଁ। ମୋର ଅନୁଭୂତିକୁ ନେଇ ପାଠକ ନିଜ ନିଜର ସ୍ୱୀୟ ରାସ୍ତା ଆପଣେଇ ଉତ୍କର୍ଷରେ ପହଞ୍ଚିବା ସହିତ ସମାଜର ମଙ୍ଗଳ ସାଧନାରେ ବ୍ରତୀ ହୋଇପାରିଲେ ମୋର ଶ୍ରମ ସାର୍ଥକ ହେବ।'' ୨୦୨୦-୨୧ରେ କୋଭିଡ୍ ଯୋଗୁଁ ଗୃହବନ୍ଦୀ ଥିବା ଅବସ୍ଥାରେ ଲେଖକ ଏ ବହିଟିକୁ ଲେଖିଛନ୍ତି। ଏଥିରେ ମୋଟ ୧୪ଟି ପରିଚ୍ଛେଦ ରହିଛି 'ଉପକ୍ରମ'କୁ ଲଗେଇ। 'ମୋ ଗାଁ ଓ ପିଲାଦିନ', 'ସୋରଡ଼ାରେ ସ୍କୁଲ ଜୀବନ, ବ୍ରହ୍ମପୁର ସହରରେ ଉଚ୍ଚଶିକ୍ଷା', 'ଗବେଷଣା ପରେ ବିଶ୍ୱବିଦ୍ୟାଳୟରେ ଚାକିରି ପାଇଁ ସଂଘର୍ଷ', 'ବିଦେଶ ଯାତ୍ରା', 'ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା', 'ଜାପାନ ଅନୁଭୂତି ଓ ଗବେଷଣା', 'ବିଶ୍ୱଭାରତୀରେ ଅଧ୍ୟାପନା ଓ ଗବେଷଣା', 'ଫକୀରମୋହନ ବିଶ୍ୱବିଦ୍ୟାଳୟରେ କୁଳପତି ଦାୟିତ୍ୱ ନିର୍ବାହ' ଆଦି ଶୈକ୍ଷିକ ଓ ଗବେଷକ ଜୀବନର ଅଙ୍ଗେନିଭା କଥାକୁ ଶିବପ୍ରସାଦ ଅତି ସରଳ ଓ କଥାକୁହା ଭଙ୍ଗୀରେ ପରିବେଷଣ କରିଛନ୍ତି ବହିଟିରେ। ଏହା ଛାତ୍ର, ଅଧ୍ୟାପକ ତଥା ସାଧାରଣ ପାଠକଙ୍କ ପାଇଁ ଏକ ରସାଳ-ପାଠ୍ୟ। ବହିଟିର ଜନାଦୃତି ଅବଧାରିତ।

### ଅର୍ଘ୍ୟ




**ଲେଖିକା:** ଝିନୁ ଛୋଟରାୟ
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ୨୦୦/-

ଲେଖିକାଙ୍କର ଏହା ପ୍ରଥମ କବିତା ବହି। ବହିଟିରେ ମୋଟ ୫୦ଟି କବିତା ସ୍ଥାନିତ। ପାଞ୍ଚୋଟି ପ୍ରଭାଗ ଯଥା: 'ଭାବକୁ ନିକଟ', 'ସମ୍ପର୍କ ଡୋରି', 'ଅନ୍ତର୍ଦୃଷ୍ଟି', 'ଭାବ ତରଙ୍ଗ' ଓ 'ସମୟ ସ୍ରୋତ'ରେ ଏସବୁ ସମାନ ଭାବେ ବାଣ୍ଟି ହୋଇ ରହିଛନ୍ତି। କବିତାଗୁଡ଼ିକୁ ପଢ଼ିଲେ ମନେହୁଏ ମାତୃଭାଷା 'ଓଡ଼ିଆ' ଲେଖିକାଙ୍କ ମନରେ ଆବାଲ୍ୟରୁ ଯେଉଁ ଛାପ ଛାଡ଼ିଯାଇଛି, ତାହାକୁ ଲିଭାଇ ପାରୁ ନାହିଁ ଦୂର ଦେଶର ଅବହାୱା। ବିଦେଶରେ ଥାଇ ବି ଗୁରୁଦେବ ଶ୍ରୀଶ୍ରୀ ବାୟାବାବାଙ୍କୁ ସେ ଭୁଲିପାରନ୍ତି ନାହିଁ। ଅତୀତ ବାରବାର ତାଙ୍କ ମନକୁ ଆବୋରି ବସେ। ସେ ଲେଖନ୍ତି: ''ବାବା ହେ!/ କାଲି ପରି ଲାଗେ ମନେପଡ଼େ ସବୁ/ ସ୍ମୃତି ସବୁ ସେ ଯେ ଚିର ଅଭୁଲା/ ସ୍ୱପ୍ନ ପରି ଅବା ଆଖି ପିଛୁଳାକେ/ ଦିନ ସବୁ ସତେ କୁଆଡ଼େ ଗଲା।'' (ମୋ 'ବାବା'ଙ୍କ ସ୍ମରଣେ)। 'ସ୍ମୃତି' ହିଁ କବିତାର ଜଠର। ତେଣୁ 'ସ୍ମୃତି'ର କାଂକ୍ଷିତ ଆଲୋଡ଼ନ କବିତାକୁ ଭାବମୁଖର କରିଛି। 'ପୁନରାବୃତ୍ତି' ଶୀର୍ଷକ କବିତାରେ କବୟିତ୍ରୀ କହନ୍ତି: ''ଚାଲୁଚାଲୁ ଜୀବନ ରାସ୍ତାରେ/ ଦେଖାହୁଏ ପଥିକଙ୍କୁ କେତେ/ ମୋଡ଼ ଭାଙ୍ଗି ଚାଲିଯାଏ କିଏ/ ଆତ୍ମୀୟତା ବଢ଼େ କାହା ସାଥେ।'' 'ପଖାଳ' କବିତାରେ ଧରାଦିଏ ଲେଖିକାଙ୍କ ଓଡ଼ିଆ ମନ। ସେ ଲେଖନ୍ତି: ''ପଖାଳ କଂସା/ ଓଡ଼ିଆଙ୍କ ସେଥି ଭାରି ଲାଳସା/ ଷାଠିଏ ପଉଟି ଖାଇସାରି ପୁଣି/ ଶ୍ରୀଜଗନ୍ନାଥଙ୍କ ସେଥିରେ ଆଶା।'' ବହିର ସବୁ କବିତା ଯେ ଭଲ ହୋଇଛି, ତାହା କହିଲେ ଉତ୍ପ୍ରୋଧ ବୋଲି ଧରାଯିବ। ଓଡ଼ିଆ ଭାଷାର ନାଡ଼ି ନକ୍ଷତ୍ର କଳିବାକୁ ଆହୁରି ସାଧନା କରିବାକୁ ହେବ କବିଙ୍କୁ। ତେବେ ବହିଟିର କବିତାଗୁଡ଼ିକ ମନ୍ଦ ନୁହେଁ।

## କାଳକାଳକୁ

### ''ସ୍ୱାଧୀନତା ପ୍ରତି ସବୁଠୁଁ ବଡ଼ ଆହ୍ୱାନ ସମାଲୋଚନାର ଅଭାବ।''
**- ୱୋଲେ ସୋୟିଙ୍କା**



**ୱୋଲେ ସୋୟିଙ୍କାଙ୍କ** ଜନ୍ମ ୧୩ ଜୁଲାଇ ୧୯୩୪ରେ ନାଇଜେରିଆର ଆବେଓକୁଟାରେ। ଏକାଧାରରେ ସେ କବି, ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ। ଇଂଲିଶ୍‌ରେ ଲେଖୁଥିବା ଏହି ନାଇଜେରୀୟ ଲେଖକଙ୍କୁ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ମିଳେ ୧୯୮୬ରେ ଓ ପ୍ରଶସ୍ତିପତ୍ରରେ କୁହାଯାଏ- ''ବ୍ୟାପକ ସାଂସ୍କୃତିକ ପ୍ରେକ୍ଷାପଟରେ, କାବ୍ୟାତ୍ମକ ଶୈଳୀରେ ଅସ୍ତିତ୍ୱର ନାଟକ ରଚନା ପାଇଁ।'' ୨୦୧୭ରେ ଏହି ଲେଖକଙ୍କୁ ମିଳେ 'ୟୁରୋପ ଥିଏଟର ପୁରସ୍କାର'। ସେ କହନ୍ତି: ''ବାଘ ରଡ଼ି କରି ରଟେ ନାହିଁ ନିଜର କାଡ଼ପଣ, କାମରେ ଦେଖାଏ।'' ସୋୟିଙ୍କାଙ୍କ ପ୍ରସିଦ୍ଧ ବହିଗୁଡ଼ିକ ମଧ୍ୟରୁ ଦୁଇଟି ହେଲା- "You must set forth at Dawn: A memoir" ଓ "A Dance of the forests."

## କବିତା

### ଅନ୍ୱେଷଣ
**ରାକେଶ ପଣ୍ଡା**

ଶାନ୍ତିର ଅନ୍ୱେଷଣେ
ମୁଁ ଆଜି ଅଶାନ୍ତିର ପଥିକ
ସ୍ୱପ୍ନ ଦେଖେ କାଟିବାକୁ ସମୟ
ନିଃସଙ୍ଗେ କିଛି କ୍ଷଣେ
ହେଲେ କାଟେ ଦିନ
ଦାୟିତ୍ୱର ଭିଡ଼େ।

ଚାପଗ୍ରସ୍ତେ, ମନ କରେ ଚିତ୍କାର
ବିନା କାରଣରେ ମୁଁ
ଉଗ୍ର, ବ୍ୟସ୍ତ, ବିବ୍ରତ,
ଖାଲି ନୁହେଁ ପ୍ରଭାତ,
ମଧ୍ୟାହ୍ନ, ସାନ୍ଧ୍ୟ, ରାତ୍ରେ ହୁଏ
ଅସ୍ଥିର, ଅଧୀର, ସ୍ୱରାଘାତ।

ସ୍ୱପ୍ନ ମୁଁ ଦେଖେ
ପୁଣି ହୋଇଥାଏ ଚିନ୍ତିତ
ତାକୁ ଦେବାରେ ବାସ୍ତବ ରୂପ,
କେବେ ସଫଳତା ଅନ୍ୟର
କରେ ବିଚଳିତ
ଅଧିକରୁ ଅଧିକ ଦେଇ ଶ୍ରମଦାନ
ଅବା କେଉଁ ଗଳା ବାଟେ
ହେବାକୁ ଥାଏ ମୋତେ
ତା'ର ସମକକ୍ଷ।

ସବୁ ଲକ୍ଷ୍ୟ, ଦାୟିତ୍ୱ ଅନ୍ତରାଳେ
ପୁଣି ଖୋଜିବୁଲେ ନିରବ ପରିବେଶ
ଯେଉଁଠି ଖାଲିଥିବ ନିରବତା
କେହି ନଥିବେ କରିବାକୁ ଶାନ୍ତିଭଙ୍ଗ,
ତେବେ ମୁଁ କାହିଁକି କରେ ନିଜେ
ନିଜ ବାସ୍ତବ ଖୁସି ସହ ଛଳନା
ମାୟାର ମାୟାରେ ଅସ୍ତିତ୍ୱ ଚୋରେଇ
ଅନ୍ଧାରରେ ଦିଏ ଶାନ୍ତିକୁ ହଜେଇ।

ମୋ: ୯୩୩୭୮୯୭୬୫୦

### ଚାରିଟି ଏକପଦୀ
**ସୁଜିତ କୁମାର ଶତପଥୀ**

॥୧॥
ମୁଁ ମୁଠାଏ ଅନ୍ଧାରର ନିରବତା
ତମେ ଆକାଶେ ମୁଖରତାର ଆଲୁଅ
କେମିତି ଦୂରେଇଯିବି କୁହ
ତମରି ପାଖେ ଯେ ବନ୍ଧା ମୁଁ
ଯୋଉଠି ବି ଉଦ୍‌ଭାସିତ ହୁଅ!

॥୨॥
ତମେ କେବେ ଶୁଣିଲନି, କିଛି କଥା ନାହିଁ
ମୁଁ ଯଦି ଶୁଣେ ଅହରହ, କିଛି ଭାବ ନାହିଁ
ଶୁଣିବା ନ ଶୁଣିବା ସମାନ ଏଠି
ପ୍ରେମ ଓ ଅପ୍ରେମ ପରସ୍ପରର ବିମ୍ବ ଯୋଉଠି।

॥୩॥
ଏତିକି ପ୍ରାର୍ଥନା ମୋର
ତମେ ଅପହଞ୍ଚ ପ୍ରାର୍ଥନା ହୋଇ
ରୁହ ନାହିଁ କେବେ ମୋର
ତମେ ମୋର ରୂପାୟିତ
ଦର୍ପଣଟିଏ ହୋଇଥାଅ
ସାମ୍ନାରେ ଝୁଲୁଥାଅ।

॥୪॥
ସବୁ ପୂରିଯିବା ଠିକ୍ କଥା ନୁହଁ
ଅଭାବବୋଧ କିଛି ଥାଉ
ସତ ହେଉ କି ନହେଉ ଛାତିରେ
ଦରଗଡ଼ା ସ୍ୱପ୍ନଟିଏ ଥାଉ।

ମୋ: ୭୦୦୮୦୩୯୬୦୧

### ସ୍ୱପ୍ନର କୁହୁକ
**ପ୍ରଣତୀ ରଥ**

ମୋ' ଆଞ୍ଜୁଳିରେ ଭରିଦେଲ
ଶତ ଶତ ସ୍ୱପ୍ନର କୁହୁକ
ତମୋମୟ ଜୀବନରୁ କରି ଉଦ୍ଧାର
ଦେଲ ମୋତେ ଚନ୍ଦ୍ରର ଆଲୋକ।

ସେହି ଆଲୋକରେ ହୋଇ ଆଲୋକିତ
ଏହି ନିର୍ଜନ, ଏକାଂତ ମଧ୍ୟରେ
ମୁଁ ଚାଲିବାକୁ ଲାଗିଲି।
ତୁମରି ଗତିପଥରେ ପାଦକୁ ମିଶାଇ
ଶୂନ୍‌ଶାନ୍ ଗିରିକୂଟକୁ ମଧ୍ୟ
ପାଦ ଉଠାଇଲି
ହେଲେ,
ଜହ୍ନର ଯେମିତି ଆଲୋକ ନାହିଁ
ରାତ୍ରିର ବିଦାୟ ପରେ
ପ୍ରଭାତ ହେଉଣୁ ପହିଲି ସୂର୍ଯ୍ୟ କିରଣ ଡାକେ
ଠିକ୍ ସେହିପରି ତୁମେ ଥିଲ
ଅସ୍ଥାୟୀ ଓ ଅଳ୍ପାୟୁ।

କେଉଁଆଡ଼େ ହଠାତ୍ ନିଶ୍ଚିହ୍ନ ହୋଇଯାଇଥିଲ
ମୁଁ ଖୋଜିଲି,
ଖରଜଳ ମୃଗୁଣୀର ତୃଷ୍ଣାପ୍ରାୟ
ଚିତ୍କାରିତ ସ୍ୱରେ, ତୋଫାନ ବେଗରେ
ତୁମକୁ ଡାକିଲି।
ତୁମେ ଶୋଇଯାଇଥିଲ ବୋଧେ
ଘଟକର୍ଣ୍ଣର ନିଦ୍ରା
ମୋ' ବିକଳ ଶୁଭି ନ ଥିଲା
ତୁମରି କର୍ଣ୍ଣକୁ।

ଗିରିଶୃଙ୍ଗେ ବସି ପୁଷ୍କର ହାତରେ
କେତେ ସନ୍ଦେଶ ପଠାଇଛି
ସବୁଠି ବିସ୍ତାର ବୋଲି
ତୁମକୁ ବୋଧେ ପାଇଯିବ
ହେଲେ କ'ଣ ହେବ
ତୁମେତ ଆଉ କେଉଁ ଗ୍ରହରେ
ଯାଇଥିଲ ଲୁଚି।

ରାଉରକେଲା, ସୁନ୍ଦରଗଡ଼

# ନିର୍ଭୟା ସେ ଆଉଜଣେ

ଲଘୁଗଳ୍ପ

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ଦିନ ପାଖାପାଖି ସାଢ଼େ ଦଶଟା ଉପରେ। କୋର୍ଟ ପରିସରରେ ଗହଳି ଆରମ୍ଭ ହୋଇ ସାରିଥାଏ। ମୁଁ ମୋ' ମହକିଲଙ୍କ ସହିତ କଥା ହେଇ ହେଇ କୋର୍ଟ ପରିସରକୁ ପ୍ରବେଶ କରୁଥାଏ। ଏହି ସମୟରେ ମହିଳା ପୋଲିସ ବଳୟ ମଧ୍ୟରେ ସନ୍ଧ୍ୟାକୁ ଦେଖି ଚମକି ପଡ଼ିଲି।

ସନ୍ଧ୍ୟାରାଣୀ ଦାସ। ସ୍କୁଲରେ ପଢ଼ିବା ବେଳେ ମୋର ସହପାଠିନୀ ଥିଲା। କଲେଜ ପଢ଼ି ସାରିବା ପରେ ତା'ର ବାହାଘର ହୋଇଗଲା ଜଣେ ଶିକ୍ଷକଙ୍କ ସହିତ। ସେଦିନ ତାକୁ ଶେଷଥର ଦେଖିଥିଲି। ବୋହୂ ବେଶରେ ବହୁତ ସୁନ୍ଦର ଦେଖାଯାଉଥିଲା। ଆଉ ଆଜି... ହାତରେ ଶଙ୍ଖା ନାହିଁ, ମଥାରେ ସିନ୍ଦୂର ନାହିଁ, ଶ୍ୱେତ ବସ୍ତ୍ର ପରିହିତା ବିଧବା ମହିଳା। ବୟସ ପାଖାପାଖି ମୋ' ବୟସର। ଇତିମଧ୍ୟରେ ସେ କୋର୍ଟ ରୁମ୍‌କୁ ପ୍ରବେଶ କରିସାରିଥାଏ। ଘଟଣା କ'ଣ ବୁଝାବୁଝି କଲାରୁ ଜାଣିବାକୁ ପାଇଲି ତିନି ଜଣଙ୍କ ହତ୍ୟା ଅଭିଯୋଗରେ ଅଭିଯୁକ୍ତା। ସନ୍ଧ୍ୟା ପୁଣି ହତ୍ୟାକାରିଣୀ! ସେଥିରେ ପୁଣି ବିଧବା! ତା'ହେଲେ ସେ କ'ଣ ତା' ସ୍ୱାମୀଙ୍କୁ ହତ୍ୟା କରିଛି? ମନଟା କେମିତି ଗୋଳେଇଘାଣ୍ଟି ହେଉଥାଏ। ରାତିରେ ଆଉ ନିଦ ହେଲାନି। ପରଦିନ ସକାଳେ ପହଞ୍ଚିଲି ଜେଲରେ, ଯେଉଁଠି ସନ୍ଧ୍ୟା ବିଚାରାଧୀନ କଏଦୀ ଭାବରେ ବନ୍ଦୀ ହୋଇ ରହିଥିଲା।

ଜେଲରଙ୍କଠାରୁ ଅନୁମତି ନେଇ ସନ୍ଧ୍ୟାକୁ ଦେଖାକଲି। ମୋତେ ଦେଖି କାନ୍ଦି ପକେଇଲା ସେ। କାନ୍ଦି କାନ୍ଦି ବର୍ଣ୍ଣନା କଲା ତା'ର ସେହି ଅତୀତ ଦିନର କାହାଣୀ। ମନ୍ତ୍ରମୁଗ୍ଧ ପକ୍ଷୀ ପରି ଚାହିଁ ରହିଥାଏ ତାକୁ। ବାହାଘରର ଏକ ବର୍ଷ ମଧ୍ୟରେ ଶାଶୁ ଶ୍ୱଶୁର ହାତ ଧରାଧରି ହୋଇ ଚାଲିଗଲେ। ଶ୍ୱଶୁରଙ୍କ ମୃତ୍ୟୁ ପରେ ଆମର ଜମିବାଡ଼ି ଉପରେ ଅନ୍ୟମାନଙ୍କର ଦୃଷ୍ଟି ପଡ଼ିଲା। ଆମର ଜମି ହଡ଼ପ କରିବାକୁ ଚେଷ୍ଟା କଲେ କିଛି ଲୋକ। ବାଦ ବିବାଦ ବଢ଼ିଲା। କଥା ଗଲା କୋର୍ଟକୁ। ଅନେକ ଧାଁ ଧପଡ଼ ପରେ ଶେଷରେ ନ୍ୟାୟ ମିଳିଲା। ଆମ ଜମି ଆମ ପାଖକୁ ଚାଲିଆସିଲା। ଏଥିରେ ସେମାନେ ଅଧିକ ହିଂସ୍ର ହୋଇଉଠିଲେ। ଦିନେ ମୋ' ସ୍ୱାମୀ ସ୍କୁଲରୁ ଫେରୁଥିବା ସମୟରେ ତିନି ଜଣ ଲୋକ ସଂଘବଦ୍ଧ ଭାବରେ ଆକ୍ରମଣ କଲେ। ବିଭିନ୍ନ ମାରଣାସ୍ତ୍ର ଆକ୍ରମଣରେ ମୋ' ସ୍ୱାମୀ ସେଇଠି ଟଳିପଡ଼ିଲେ। ସବୁଦିନ ପାଇଁ ମୁଁ ବେସାହାରା ହୋଇଗଲି। ସେତେବେଳେ ମୋ' ଗର୍ଭରେ ମୋ' ସ୍ୱାମୀଙ୍କର ଶେଷ ସନ୍ତକ ତିନି ମାସର।



ମୋ' ବଞ୍ଚିବାର ଶେଷ ଆଶା। ଭାବୁଥିଲି ଏକୁଟିଆ କାହିଁକି ବଞ୍ଚିବି। କିନ୍ତୁ ମୋ' ଗର୍ଭର ସନ୍ତାନ ତଥା ମୋ' ସ୍ୱାମୀଙ୍କୁ ନ୍ୟାୟ ଦେବା ପାଇଁ ମୁଁ ଲଢ଼େଇ ଆରମ୍ଭ କରିବି। ସେମାନେ ତ ଗିରଫ ହୋଇ ସାରିଥିଲେ। ଚାଲିଲା ଆଇନର ଲଢ଼େଇ। ପାଖାପାଖି ଦୁଇ ମାସ ଜେଲରେ ରହିବା ପରେ ସମସ୍ତେ ଜାମିନରେ ଆସି ବିଭିନ୍ନ ସମୟରେ ମୋତେ ଧମକ ଚମକ ଦେଲେ।

ସେଦିନ ସନ୍ଧ୍ୟାରେ ଓକିଲଙ୍କ ସହ ପରାମର୍ଶ କରି ଫେରୁଥାଏ। ସେହି ତିନିଜଣ ଆମ ଗାଆଁମୁଣ୍ଡ ବରଗଛ ପାଖରେ ଥିବା ଭଙ୍ଗାଘର ବାରଣ୍ଡାରେ ମଦ୍ୟପାନ କରୁଥିଲେ। ମୋତେ ଦେଖି ଟାଣିନେଲେ ସେହି ଘର ଭିତରକୁ। ମୋ' ଦେହରୁ ଲୁଗାପଟା ଟାଣି ପକାଇଦେଲେ। ଯେତେ ନେହୁରା ହେଲେ ମଧ ଶୁଣିବା ଅବସ୍ଥାରେ ନଥାନ୍ତି। ସେତେବେଳେ ମୁଁ ସାତ ମାସର ଗର୍ଭବତୀ। ଦେହକୁ ବଳ ପାଉ ନଥାଏ ତଳେ ପଡ଼ି। ତାଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଛାଟିପିଟି ହେଲା ବେଳକୁ ହାତରେ ବାଜିଲା ଗୋଟିଏ ଭଙ୍ଗା ମଦ ବୋତଲ। ସତେ ଯେମିତି ଭଗବାନ୍ ଦ୍ରୌପଦୀଙ୍କୁ ରକ୍ଷା କଲା ପରି ମୋ' ହାତରେ ତ୍ରିଶୂଳ ଧରାଇ ଦେଲେ ଶତସିଂହର ବଳ ଦେଇ ଶତ୍ରୁସଂହାର କରିବା ପାଇଁ। ବୋତଲକୁ ଧରି ମାରି ଚାଲିଲି ସେମାନଙ୍କ ପେଟରେ। ବାସ୍। ଘଟଣାସ୍ଥଳରେ ଦୁଇ ଜଣ ଓ ଡାକ୍ତରଖାନାରେ ଜଣେ ରାକ୍ଷସର ଅନ୍ତ ହେଲା। ମୁଁ ପୋଲିସରେ ଆତ୍ମସମର୍ପଣ କଲି। ମୁଁ ସିନା ପ୍ରତିଶୋଧ ନେଇଗଲି, ହେଲେ ମୋ' ବଞ୍ଚିବାର ଶେଷ ଆଶା ଟିକକ ସେମାନେ ମୋ'ଠୁଁ ଛଡ଼ାଇ ନେଲେ। ସେମାନଙ୍କର ଆକ୍ରମଣ ସହି ନପାରି ଗର୍ଭରେ ଥିବା ମୋ' ସ୍ୱାମୀଙ୍କର ଶେଷ ସନ୍ତକ ଦୁନିଆ ଦେଖିବା ଆଗରୁ ଦୁନିଆ ଛାଡ଼ି ଚାଲିଗଲା। ଏତକ କହି ସନ୍ଧ୍ୟା ଲଥିକିନା ତଳେ ବସିପଡ଼ିଲା।

ଶେଷରେ ନିଷ୍ପତ୍ତି ନେଲି ସନ୍ଧ୍ୟାର ଓକିଲ ଭାବେ ମୁଁ କେଶ୍ ପରିଚାଳନା କରିବି। କେଶ୍ ଚାଲିଲା, ତାରିଖ ପରେ ତାରିଖ ଗଡ଼ିଲା। ଶେଷରେ ହେଲା ଧର୍ମର ଜୟ। ନିଜକୁ ତଥା ଗର୍ଭସ୍ଥ ସନ୍ତାନର ରକ୍ଷା କରିବା ପାଇଁ ସନ୍ଧ୍ୟା ନେଇଥିବା ପଦକ୍ଷେପରେ ମାନ୍ୟବର ଅଦାଲତ ତାକୁ ଦୋଷମୁକ୍ତ କଲେ।

ମୋ: ୯୬୬୮୦୦୧୧୫୫

# ରାଜ୍ୟ ସରକାର-ଟିବିଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

## ଅର୍ଥନୈତିକ ନୀତି ସମୀକ୍ଷା, ପ୍ରସ୍ତୁତିରେ ସହାୟକ ହେବ

ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)

ରାଜ୍ୟ ଲୋକସେବା ଭବନଠାରେ ଶୁକ୍ରବାର ଓଡ଼ିଶା ସରକାର ଏବଂ ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ଲୋବାଲ ଚେଞ୍ଜ (ଟିବିଆଇ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅଣ ବ୍ୟବସାୟିକ ଅନୁବନ୍ଧନ ସରକାରଙ୍କ ଅନେକ ପ୍ରକଳ୍ପର ସଫଳ ରୂପାୟନ କରିବା ସହ ଅର୍ଥନୈତିକ ନୀତି ସମୀକ୍ଷା ଏବଂ ପ୍ରସ୍ତୁତି କ୍ଷେତ୍ରରେ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦିଆଯାଇଛି।

ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନରେ ଅବସ୍ଥିତ ଏବଂ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କ ଦ୍ୱାରା ଏହା ସ୍ଥାପିତ ହୋଇଛି। ଏହି ଅନୁଷ୍ଠାନ ସମ୍ପ୍ରତି ୪୫ରୁ ଅଧିକ ଦେଶରେ ସଫଳତାର ସହ କାର୍ଯ୍ୟ କରୁଛି। ଉକ୍ତ ପ୍ରତିଷ୍ଠାନ ସମ୍ପୃକ୍ତ ଦେଶଗୁଡ଼ିକର ନୀତି ତର୍ଜମା, ପ୍ରସ୍ତୁତି, ପରିଚାଳନା ଓ ଚୂଡ଼ାନ୍ତ ରୂପାୟନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି ଅନୁବନ୍ଧନ ଦ୍ୱାରା ଓଡ଼ିଶାର ସାମଗ୍ରିକ ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ବୋଲି ବୈଠକରେ କୁହାଯାଇଛି। ଇ-ପ୍ରୟୋଗ କ୍ଷେତ୍ରରେ ସରକାରଙ୍କ ପ୍ରମୁଖ ଗଭର୍ନାନ୍ସ ନିର୍ମାଣ ଏବଂ ଆଇଟି ଜ୍ଞାନକୌଶଳର ସଫଳ ରୂପାୟନ କ୍ଷେତ୍ରରେ ମଧ୍ୟ ଏହି ଅନୁବନ୍ଧନ ସହାୟକ ହେବ। ଓଡ଼ିଶାର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ସହ ରାଜ୍ୟର ନିର୍ଦ୍ଧାରିତ ଲକ୍ଷ୍ୟକୁ ସର୍ବୋତ୍ତମ ସ୍ତରରେ ପହଞ୍ଚାଇବା ପାଇଁ ଟିବିଆଇ ତା'ର ଅଭିଜ୍ଞତା, ଉପଲବ୍ଧି, ଜ୍ଞାନକୌଶଳକୁ ଆଧାରକରି ରାଜ୍ୟ ସରକାରଙ୍କୁ ସହାୟତା ପ୍ରଦାନ କରିବ ବୋଲି ବୁଝାମଣାପତ୍ରରେ ଉଲ୍ଲେଖ କରାଯାଇଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା ଏବଂ ଟିବିଆଇର ରାଷ୍ଟ୍ରୀୟ ନିର୍ଦ୍ଦେଶକ ବିବେକ ଅଗ୍ରୱାଲ ଆନୁଷ୍ଠାନିକ ଭାବେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।



# ବନ୍ଦ ରହିଲା ଅଧିକାଂଶ ଘରୋଇ ବିଦ୍ୟାଳୟ

## ୪ ଦଫା ଦାବିରେ ଅପୋସାର ଆନ୍ଦୋଳନ ଆରମ୍ଭ

ଭୁବନେଶ୍ୱର,୨୧।୭
(ଅନୁରାଧା ମହାରଣା)

ସ୍ଥାୟୀ ମାନ୍ୟତା ପ୍ରମାଣପତ୍ର (ସିଓଆର୍), ୨୫ ପ୍ରତିଶତ ମାଗଣା ଶିକ୍ଷା ବକେୟା ପ୍ରଦାନ, ମାଗଣା ପାଠ୍ୟପୁସ୍ତକ ପ୍ରଦାନ, କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆଂଶିକ ସରକାରୀ ସହାୟତା ପ୍ରଦାନ ଆଦି ୪ ଦଫା ଦାବିରେ ଅଲ୍ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ (ଅପୋସା) ଆନ୍ଦୋଳନକୁ ଓହ୍ଲାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟର ଅଧିକାଂଶ ଘରୋଇ ବିଦ୍ୟାଳୟ ବନ୍ଦ ରହିବା ସହ ଲୋୟର ପିଏମ୍‌ଜିରେ ମହାସମାବେଶ କରାଯାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି।

ରାଜ୍ୟର ସମସ୍ତ ଘରୋଇ ବିଦ୍ୟାଳୟକୁ ଶୁକ୍ରବାର ବନ୍ଦ କରିବା ନିମନ୍ତେ ଅପୋସା ପକ୍ଷରୁ ଡାକରା ଦିଆଯାଇଥିଲା। ତେବେ ଏହା ୯୦ ପ୍ରତିଶତ ସଫଳ ହୋଇଥିବା ସଂଘ କହିଛି। ଯଦି ସରକାର ତୁରନ୍ତ ସଂଘର ଦାବି ଉପରେ ବିଚାର ନ କରନ୍ତି, ତା'ହେଲେ ରାଜ୍ୟସାରା ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଯେଉଁ ନିୟମରେ ରାଜ୍ୟର ହଜାର ହଜାର ବିଦ୍ୟାଳୟ ସିଓଆର୍ ପାଇଲେ, ସେହି ନିୟମ ରାତାରାତି ବଦଳିଗଲା କିପରି ବୋଲି ସଂଘ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି। କାହା ନିର୍ଦ୍ଦେଶରେ ଏହା ଚାଲିଛି, ଏହାର ତଦନ୍ତ ହେଉ ବୋଲି ସଂଘ ଦାବି କରିଛି। ସମ୍ପାଦକ ଅବନ୍ତୀ କୁମାର ସୂତାର କହିଛନ୍ତି, ନିୟମ ସମସ୍ତଙ୍କ ପାଇଁ ସମାନ କରାଯାଉ। ସ୍ଥାୟୀ ଭିତ୍ତିଭୂମି ଥିବା ବିଦ୍ୟାଳୟକୁ ସ୍ଥାୟୀ ସିଓଆର୍ ଓ ଭଡ଼ାଘରେ ଚାଲୁଥିବା ବିଦ୍ୟାଳୟକୁ ୧୦ ବର୍ଷିଆ ସିଓଆର୍ ପ୍ରଦାନ କରାଯାଉ। ଅପୋସାର ସଭାପତି ଅଜିତ୍ କୁମାର ଦାଶ ୨୫ ପ୍ରତିଶତ ମାଗଣା ଶିକ୍ଷାର ବକେୟା ଠିକ୍ ସମୟରେ ପୈଠ କରିବା ପାଇଁ ଯୁକ୍ତି ବାଢ଼ିଛନ୍ତି।



ଲୋୟର ପିଏମ୍‌ଜିରେ ଅଲ୍ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ ପକ୍ଷରୁ ବିକ୍ଷୋଭ।

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

## ନାବାଳିକା ଛାତ୍ରୀ ବଳାତ୍କାର ମାମଲା

ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକା ଛାତ୍ରୀ ବଳାତ୍କାର ମାମଲାର ଚୂଡ଼ାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ଆଡ଼ହକ୍ ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଗଣେଶ୍ୱର ପତି ପ୍ରମାଣ ମିଳିଥିବାରୁ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୭ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ବିଚାରପତି ରାୟରେ ଦର୍ଶାଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଞ୍ଚଳର ମଙ୍ଗୁଲୁ ନାୟକ (୩୫)।

ରାଜମିସ୍ତ୍ରି କାମ କରୁଥିବା ମଙ୍ଗୁଲୁ ୨୦୧୯ ଜାନୁୟାରୀରେ ତାଙ୍କ ପଡ଼ିଶା ଘରର ଜଣେ ନାବାଳିକା ଛାତ୍ରୀଙ୍କୁ ଏକାକୀ ଥିବା ଦେଖି ଏକାଧିକଥର ବଳପୂର୍ବକ ବଳାତ୍କାର କରିଥିଲେ। ଝିଅର ଋତୁସ୍ରାବ ନ ହେବାରୁ ପରିବାର ଲୋକେ ସେହିବର୍ଷ ଅକ୍ଟୋବରରେ ଡାକ୍ତର ପାଖକୁ ଯାଇଥିଲେ। ସେତେବେଳେ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଜଣାପଡିଥିଲା। ପରେ ଝିଅଠାରୁ ବାପା ସବୁ ଜାଣିବା ପରେ ମଙ୍ଗୁଲୁଙ୍କୁ ଯାଇ ପଚାରିଥିଲେ। ସେ ଏହାକୁ ମନା କରିବା ସହ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ୨୦୧୯ ଅକ୍ଟୋବର ୨୦ରେ ପୀଡ଼ିତାଙ୍କ ବାପା ଘଟଣା ସମ୍ପର୍କରେ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୯୩/୧୯ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମଙ୍ଗୁଲୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଥାନାଧିକାରୀ ଧୀରେଶ କୁମାର ଦାଶ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁକ୍ରବାର ରାୟ ପ୍ରକାଶ ବେଳେ ଗିରଫ ପର ଠାରୁ ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ମଙ୍ଗୁଲୁଙ୍କୁ ପୋଲିସ କଡା ସୁରକ୍ଷାରେ ଆଣି କୋର୍ଟରେ ହାଜର କରିଥିଲା। ସାକ୍ଷୀମାନଙ୍କ ସାକ୍ଷ୍ୟ ପ୍ରମାଣ ଓ ପୋଲିସ ଦାଖଲ କରିଥିବା ଚାର୍ଜଶିଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ଏକ ଶିଶୁପୁତ୍ର ଜନ୍ମ ଦେଇଥିବା ପୀଡ଼ିତା ନାବାଳିକାଙ୍କୁ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମୋହନ ସିଂହାରୀ ମାମଲା ପରିଚାଳନା କରିଥିଲେ।

# ସରକାରଙ୍କୁ ୧୦୩.୩୭ କୋଟି ଟଙ୍କାର ଲାଭାଂଶ ପ୍ରଦାନ କଲା ଓପିଜିସି



ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ୍ ଲିମିଟେଡ୍ (ଓପିଜିସି) ପକ୍ଷରୁ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧୦୩.୩୭ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଭାଗୀୟ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉନ୍ନୟନ କମିଶନର ଅନୁ ଗର୍ଗ, ଓପିଟିସିଏଲ୍ ସିଏମ୍‌ଡି ସଞ୍ଜୟ କୁମାର ମିଶ୍ର ଓ ଶକ୍ତି ବିଭାଗର ଅନ୍ୟ ଉପରିସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଓପିଜିସି ଏମ୍‌ଡି ପି.କେ. ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)କୁ ଏହି ଚେକ୍ ପ୍ରଦାନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି (ସିଏମ୍‌ଏଫ୍)କୁ ମଧ୍ୟ ଓପିଜିସି ପକ୍ଷରୁ ୨କୋଟି ଟଙ୍କା ପ୍ରଦାନ କରାଯାଇଥିଲା।

# କେଦାରନାଥ ପର୍ବତରେ ଉଡ଼ିଲା ପତିତପାବନ ବାନା



ପୁରୀ, ୨୧।୭(ଅଜିତ ମହାନ୍ତି): ଜୟ ଜଗନ୍ନାଥ ଧ୍ୱନୀରେ ଦେବଭୂମି ବାବା କେଦାରନାଥଙ୍କ ଧାମ ପ୍ରକମ୍ପିତ ହେଲା। କେଦାରନାଥଙ୍କ ପାବନକ୍ଷେତ୍ରରେ ପାହାଡ଼ ଶୀର୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନା ଉଡ଼ିଛି। ଏନେଇ ପୁରୀବାସୀ ଖୁସି ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ପୁରୀର କେତେଜଣ ଶ୍ରଦ୍ଧାଳୁ ସମ୍ପ୍ରତି କେଦାରନାଥଙ୍କ ଦର୍ଶନ ପାଇଁ ଯାଇଥିବାବେଳେ ସାଥିରେ ପତିତପାବନ ବାନା ନେଇଥିଲେ। କେଦାରନାଥଙ୍କ ଦର୍ଶନ କରିବା ପରେ ସେମାନେ ପତିତପାବନ ବାନାକୁ ଉକ୍ତ ପର୍ବତ ଶୀର୍ଷରେ ଉଡ଼ାଇ ଜଗତ ମଙ୍ଗଳ କାମନା କରିଛନ୍ତି। ଉକ୍ତ ପତିତପାବନ ବାନା କେଦାରନାଥଙ୍କ ମନ୍ଦିର ପଛ ପାର୍ଶ୍ୱରେ ଲଗାଯାଇଛି। ଏହା ଅତ୍ୟନ୍ତ ମନୋରମ ଦେଖାଯାଉଛି। ବାବା କେଦାରନାଥଙ୍କ ଦର୍ଶନ ପାଇଁ ଯାଉଥିବା ଜଗନ୍ନାଥପ୍ରେମୀମାନେ ଏହି ଦୃଶ୍ୟ ଦେଖି ଭାବବିହ୍ୱଳ ହେବା ସହ ପତିତପାବନ ବାନାକୁ ପ୍ରଣିପାତ କରୁଥିବା ଦେଖିବାକୁ ମିଳୁଛି।

# ଭାଜପା ଏସ୍‌ଟି ମୋର୍ଚ୍ଚା ଜିଲା ସଭାପତି ଗିରଫ

- ପାନୀୟ ଜଳ ପାଇଁ ଆଦିବାସୀଙ୍କ ଆନ୍ଦୋଳନର ନେତୃତ୍ୱ ନେଇଥିଲେ
- ସରକାରୀ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା, ଆନ୍ଦୋଳନ ଚେତାବନୀ


ଅର୍ଜ୍ଜୁନ କିସ୍କୁ।

ତାଳଚେର,(ମନୋଜ ନନ୍ଦ)/ ଅନୁଗୋଳ, ୨୧।୭ (ଅମିତ ସାମଲ)

ଅନୁଗୋଳ ଜିଲା ଭାଜପା ଏସ୍‌ଟି ମୋର୍ଚ୍ଚା ସଭାପତି ଅର୍ଜ୍ଜୁନ କିସ୍କୁଙ୍କୁ ତାଳଚେର ବିକ୍ରମପୁର ପୋଲିସ ଗିରଫ କରିଛି। ଗତ ଜୁନ ୧୨ରେ ଏଫ୍‌ସିଆଇ ମୁଣ୍ଡା ବଜାର ଠାରେ ପିଇବା ପାଣି ପାଇଁ ସହସ୍ରାଧିକ ଆଦିବାସୀ ଆନ୍ଦୋଳନ କରିଥିଲା ବେଳେ ଅର୍ଜ୍ଜୁନ ଏହାର ନେତୃତ୍ୱ ନେଇଥିଲେ। ବିକ୍ରମପୁର ପୋଲିସ ଗୁରୁବାର ରାତିରେ ତାଙ୍କୁ ଘରୁ ଉଠାଇ ଆଣିବା ସହ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ଅନ୍ୟ ୨୩ ଜଣଙ୍କ ନାମ ଏତଲାରେ ରଖିଛି। ଏହି ଘଟଣାକୁ ନେଇ ଜିଲା ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ଜିଲା ସଭାପତି ଡିଲେଶ୍ୱର ପ୍ରଧାନ ଏହାକୁ ନିନ୍ଦା କରିବା ସହ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।

ଜିଲା ସଭାପତି ପ୍ରଧାନ କହିଛନ୍ତି, ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଘୋଷଣା କରିଥିଲେ। କିନ୍ତୁ ବିକ୍ରମପୁର ଥାନା ମୁଣ୍ଡାବସ୍ତିର ପାନୀୟ ଜଳ ସମସ୍ୟା ସମାଧାନ କରାଯାଉ ନାହିଁ। ଏ କ୍ଷେତ୍ରରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସରକାର ଜଣେ ଆଦିବାସୀ ନେତାଙ୍କୁ ବାନ୍ଧି ଜେଲ୍ ପଠାଇଛନ୍ତି। ଏହା ବିରୋଧରେ ଦଳ ଜୋରଦାର ଆନ୍ଦୋଳନ କରିବ ବୋଲି ଜିଲା ଭାଜପା ସଭାପତି ପ୍ରଧାନଙ୍କ ସମେତ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ସଞ୍ଜୀବ ସାହୁ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା ପ୍ରମୁଖ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ସେହିପରି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ କୋର୍ଟ ପରିସରରେ ଉପସ୍ଥିତ ରହିବା ସହ ଜେଲ୍ ହାଜତରେ କିସ୍କୁଙ୍କୁ ଭେଟିଛନ୍ତି। ପାଣି ମାଗିବାରୁ ଜଣେ ଆଦିବାସୀ ନେତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଜେଲ ପଠାଇବା ବିଜୁ ଜନତା ଦଳ ସରକାରର ହୀନମନ୍ୟତା ବୋଲି ସାମଲ ପ୍ରକାଶ କରିଛନ୍ତି। ଏହା ବିରୋଧରେ ଆଦିବାସୀମାନଙ୍କୁ ନେଇ ଭାଜପା ନିର୍ଣ୍ଣାୟକ ଲଢେଇ କରିବ ବୋଲି ସାମଲ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିକ୍ରମପୁର ଥାନା ଆଇଆଇସି ଦୀପିକାଦେବୀ ରାୟ କହିଛନ୍ତି, ଅର୍ଜ୍ଜୁନ କିସ୍କୁଙ୍କ ନାମରେ ମାମଲା ଥିବାରୁ ତାଙ୍କୁ ଗିରଫ କରାଯାଇଛି। ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ କହିଛନ୍ତି, ଘଟଣା ନେଇ ପ୍ରଶାସନ ନିକଟରେ ଖବର ନାହିଁ।

No.CAD-1376

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 7 / 2016**

In the Matter of:
Odisha State Co-operative Marketing Federation Ltd, Bhubaneswar .................. Plaintiff/ Claimant
-Vrs
Parswanath Food Processors, Nuapada .............. Defendants/Respondent

**NOTICE**
**No. 11570 (Legal-1 (C)/Dated: 27.06.2023**

To,
Sri Abhisekh Bafna,
S/o, Sri Gautam Chand Bafana,
Prop. of Parswanath Food Processors
At/P.O.- Gorma, P.S.- Khariar Road, Dist.- Nuapada

Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 7 / 2016** for passing an award for recoverable of Rs.59,51,178.00/- (Rupees Fifty Nine lakhs Fifty one thousand one Hundred Seventy Eight only). Whereas Notice issued to you by R.P. with A.D but postal AD has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.

By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 4 / 2016**

In the Matter of:
Odisha State Co-operative Marketing Federation Ltd, Bhubaneswar .................. Plaintiff/ Claimant
-Vrs
Nilamadhaba Rice Mill, Nuapada .............. Defendants/Respondent

**NOTICE**
**No. 11566 (Legal-1 (C)/Dated: 27.06.2023**

To,
Sri Susant Kumar Sahoo,
S/o Sri Late Damodar Sahoo
Prop. of Nilamadhaba Rice Mill,
At- Mohara, P.O.- Badi, P.S.- Khariar, Dist.- Nuapada

Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 4 / 2016** for passing an award for recoverable of Rs.6,01,747.00/- (Rupees Six lakhs One thousand Seven hundred Forty Seven only). Whereas Notice issued to you by R.P. with A.D but postal AD has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.

By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 6 / 2016**

In the Matter of:
Odisha State Co-operative Marketing Federation Ltd, Bhubaneswar .................. Plaintiff/ Claimant
-Vrs
Lingaraj Rice Mill, Nuapada .............. Defendants/Respondent

**NOTICE**
**No. 11572 (Legal-1 (C)/Dated: 27.06.2023**

To,
Sri Janamitra Sharma,
S/o Sri Om Prakash Sharma,
Prop. of Lingaraj Rice Industries
At- Jadamunda, P.O.- Darlipada, P.S.- Komna, Dist.- Nuapada

Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 6/ 2016** for passing an award for recoverable of Rs.65,82,347.00/- (Rupees Sixty Five lakhs Eighty two thousand Three hundred Forty Seven only). Whereas Notice issued to you by R.P. with A.D but postal AD has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.

By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 3 / 2016**

In the Matter of:
Odisha State Co-operative Marketing Federation Ltd, Bhubaneswar .................. Plaintiff/ Claimant
-Vrs
Manikyam Rice Mill, Bargarh .............. Defendants/Respondent

**NOTICE**
**No. 11568 (Legal-1 (C)/Dated: 27.06.2023**

To,
Smt. P. Manikyam,
W/o Sri Brahama Reddy
Prop. of Manikyam Rice Mill
At-Attabira, P.O-Attabira
P.S. Attabira, Dist.- Bargarh

Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 3 / 2016** for passing an award for recoverable of Rs.47,63,781.00/- (Rupees Forty Seven lakhs Sixty three thousand Seven hundred Eighty one only). Whereas Notice issued to you by R.P. with A.D has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.

By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 5 / 2016**

In the Matter of:
Odisha State Co-operative Marketing Federation Ltd, Bhubaneswar .................. Plaintiff/ Claimant
-Vrs
Gayatri Rice Mill, Nuapada .............. Defendants/Respondent

**NOTICE**
**No. 11574 (Legal-1 (C)/Dated: 27.06.2023**

To,
Smt. Saubhagini Bisi,
W/o Sri Pabitra Mohan Bisi,
Prop. of M/S Gayatri Rice Mill
At- Gadtar, P.O./P.S.- Nuapada, Dist.- Nuapada

Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 5/ 2016** for passing an award for recoverable of Rs.68,03,984.00/- (Rupees Sixty Eight lakhs Three thousand Nine hundred Eighty Four only). Whereas Notice issued to you by R.P. with A.D but postal returned with remark Addressee temporary unavailable. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.

By Order of the Court
Sd./- Sub-Asst. Registrar, Cooperative Societies (Legal)

**IN THE COURT OF THE A.R.C.S. (Headquarters), OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**
**Arbitration Case No. 1 / 2016**

In the Matter of:
Odisha State Co-operative Marketing Federation Ltd, Bhubaneswar .................. Plaintiff/ Claimant
-Vrs
Manikeswari Traders, Kalahandi .............. Defendants/Respondent

**NOTICE**
**No. 11576 (Legal-1 (C)/Dated: 27.06.2023**

To,
Sri Manoj Kumar Bansal
S/o Sri Pyarelal Agarwal,
Prop. of M/S Manikeswari Traders
At/P.O.- Narla Road, P.S.- Narla, Dist.- Kalahandi

Whereas, the OSCMF Ltd (MARKFED) (Plaintiff) has preferred the **Arbitration Case No. 1 / 2016** for passing an award for recoverable of Rs.45,80,756.00/- (Rupees Forty Five lakhs Eighty thousand Seven hundred Fifty Six only). Whereas Notice issued to you by R.P. with A.D but postal AD has not returned. Now therefore, take notice through this Paper publication to appear before the Court as above at 8th Floor, Heads of Department Building, Bhubaneswar-1 on 05.08.2023 at 11 A.M. to defend the case failing which the matter shall be decided on merit as per law.

By Order of the Court
Sd./- Sub-Asst. Registrar, Cooperative Societies (Legal)

OIPR-39017/11/0012/2324

**ODISHA PUBLIC SERVICE COMMISSION CUTTACK**
**NOTICE**
**No.5929/PSC, Dt.20.7.23**
**1E-15-2020/21 (DR-II)**

**No.D-89:** It is information of all concerned that, pursuant to Advt. No. 13 of 2018-19, 13 (Thirteen) candidates, bearing following Roll Nos. have been allowed to appear the Viva Voce test to determine their eligibility for recruitment to the post of Assistant Professor (Dentistry), The Viva Voce test in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack-753001 on 29.07.2023 as per the programme mentioned below.

| Date | Time of Viva Voce Test | Roll No. of the candidates |
|---|---|---|
| 29.07.2023 | 10.30 A.M. | 151, 152, 155, 156, 158, 161, 164 & 175 = **08 Candidates** |
| | 2.30 P.M. | 176, 178, 180, 181 & 183 = **05 Candidates** |

* The candidates are advised to report in the office of the Commission half an hour before the commencement of interview on the scheduled date and time as mentioned above.

**Sd./- Secretary**
OIPR-12002/11/0062/2324

**ପୌରପରିଷଦ କାର୍ଯ୍ୟାଳୟ:ଝାରସୁଗୁଡ଼ା**
**MUNICIPAL OFFICE: JHARSUGUDA**

ସଂଖ୍ୟା-୪୫୬୮ ତା.୧୯.୦୭.୨୦୨୩
e-Mail:jsgmunicipality@yahoo.com ☎:୦୬୬୪୫-୨୭୩୦୧୯
jharsugudam.hud@nic.in

**ଅଭିବ୍ୟକ୍ତି ପ୍ରକାଶନ**

**No.C-866:** ଏତଦ୍ୱାରା ଝାରସୁଗୁଡା ପୌରପରିଷଦର ସମସ୍ତ ୨୪ ଗୋଟି ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତିବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୁକ୍ତା ଯୋଜନା ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ୱାର୍ଡମାନଙ୍କରେ ହେବାକୁ ଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟଗୁଡିକର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା(Implementing Agency) ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତିବାସିନ୍ଦା ସଂଗଠନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ଏଣୁ, ଏଥିନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତିବାସିନ୍ଦା ସଂଗଠନମାନେ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା୨୯.୦୭.୨୦୨୩ ରିଖ ଅପରାହ୍ନ ୩ଟା ସୁଦ୍ଧା କେବଳ ସ୍ପିଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌରପରିଷଦରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା୨୯.୦୭.୨୦୨୩ ରିଖ ୪.୦୦ ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ଝାରସୁଗୁଡା ଜିଲ୍ଲା ୱେବସାଇଟ www.jharsuguda.nic.in ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାପାର ଉପରେ "ମୁକ୍ତା ଯୋଜନା ଦ୍ୱାରା ସହର ରୂପାନ୍ତରୀକରଣ ନିମନ୍ତେ ଆର୍ଥିକ ବର୍ଷ ୨୦୨୩-୨୦୨୪ ପାଇଁ ଅନୁମୋଦିତ ହୋଇଥିବା କାର୍ଯ୍ୟର ଆବେଦନ" ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ଝାରସୁଗୁଡା ପୌରପରିଷଦ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରନ୍ତି ।

**ବିଶେଷ ଦ୍ରଷ୍ଟବ୍ୟ:**
୧. ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଝାରସୁଗୁଡା ପୌରପରିଷଦ କିମ୍ବା ଜିଲ୍ଲା ଦ୍ୱାରା କୌଣସି ଚୁକ୍ତିଭିତ୍ତିକ କାର୍ଯ୍ୟ ଯଥା- (ଆହାର, FSTP, MCC, MRF, ଚୁଡା ଛତୁଆ ଇତ୍ୟାଦିରେ) କିମ୍ବା ମୁକ୍ତା ଯୋଜନାର କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇ ନ ଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ଝାରସୁଗୁଡା ପୌରପରିଷଦ
OIPR-13165/11/0014/2324




ଗ୍ୱାଲିୟରଠାରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ଆୟୋଜିତ ଜନ ଆକ୍ରୋଶ ରାଲି ସମୟରେ ରାସ୍ତାପାର୍ଶ୍ୱରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ମଧ୍ୟପ୍ରଦେଶ କଂଗ୍ରେସ ସଭାପତି କମଲନାଥଙ୍କ କଟ୍ ଆଉଟ୍ ଲଗାଯାଇଛି।

# ଭାଜପା ସହ ଏକାଠି କାମ କରିବ ଜେଡିଏସ୍: କୁମାରସ୍ୱାମୀ

ନୂଆଦିଲ୍ଲୀ,୨୧।୭

କର୍ନାଟକର ସ୍ୱାର୍ଥ ପାଇଁ ଜେଡିଏସ୍ ଭାଜପା ସହ ଏକାଠି ବିରୋଧୀ ଦଳ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବା ଏହାର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଶୁକ୍ରବାର ଘୋଷଣା କରିଛନ୍ତି। ଦଳ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଅଧ୍ୟକ୍ଷ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ତାଙ୍କୁ କ୍ଷମତା ଦେଇଥିବା କୁମାରସ୍ୱାମୀ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଜେଡିଏସ୍ ଏନ୍‌ଡିଏ ମେଣ୍ଟରେ ସାମିଲ


ଏଚ୍.ଡି. କୁମାରସ୍ୱାମୀ

ହେବା ସମ୍ଭାବନା ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ଗୁରୁବାର ରାତିରେ ଜେଡିଏସ୍ ବିଧାୟକ ଦଳ ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ପ୍ରଶ୍ନ କରାଯିବାରୁ କୁମାରସ୍ୱାମୀ କହିଥିଲେ, ବିଧାନସଭା ଭିତରେ ଓ ବାହାରେ ଭାଜପା ଏବଂ ଜେଡିଏସ୍ ବିରୋଧୀ ଦଳ । ରାଜ୍ୟର ସ୍ୱାର୍ଥ ପାଇଁ ସେମାନେ ଏକାଠି କାମ କରିବାକୁ ନିଷ୍ପତ୍ତି ହୋଇଛି। ଜେଡିଏସ୍‌ର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏବେ ସାଂଗଠନିକ ପରିବର୍ତ୍ତନ ଯୋଜନା ହେଉଛି। ପାର୍ଲାମେଣ୍ଟ ନିର୍ବାଚନ ଆଉ ୧୧ ମାସ ରହିଛି। ଏନ୍‌ଡିଏ ସହ ଏକାଠି ନିର୍ବାଚନ ଲଢ଼ିବା ନେଇ ସେତେବେଳେ ନିଷ୍ପତ୍ତି ନିଆଯିବ ବୋଲି କୁମାରସ୍ୱାମୀ କହିଥିଲେ।

# ଅଗଷ୍ଟ ୧୫ ସୁଦ୍ଧା କୋଟିଏ ଗଛ ଲଗାଇବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)

ପ୍ରକୃତି ତଥା ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ୧ କୋଟି ଗଛ ଲଗାଇବା ପାଇଁ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ସଂକଳ୍ପ ନେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି।

ଧର୍ମେନ୍ଦ୍ର ଏକ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି, ପ୍ରକୃତି ଆମକୁ ଅନେକ କିଛି ଦେଇଛି। ଏଥିପାଇଁ ପ୍ରକୃତି ମାତାଙ୍କ ପାଖରେ ସବୁବେଳେ କୃତଜ୍ଞ। ବର୍ତ୍ତମାନ ସମୟରେ ଭବିଷ୍ୟତ ପିଢ଼ି ପାଇଁ ଆମ ପରିବେଶର ସୁରକ୍ଷା କରିବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ। ମିଳିତ ଜାତିସଂଘ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ପରିବେଶ କାର୍ଯ୍ୟକ୍ରମ ଅନୁସାରେ, ଜଳବାୟୁର ପରିବର୍ତ୍ତନ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ କେବଳ ବୈଷୟିକ ପଦ୍ଧତି ଦ୍ୱାରା ସମାଧାନ ହୋଇପାରିବ ନାହିଁ। ଏହାର ନିରାକରଣ ନାଗରିକମାନଙ୍କ ସାମୂହିକ ଏକତା ଓ ଇଚ୍ଛାଶକ୍ତି ଦ୍ୱାରା ସମ୍ଭବ ହୋଇପାରିବ। ଆମ ପାଖରେ ପ୍ରକୃତି ଅଛି ଏବଂ ପରିବେଶକୁ ପୁନରୁଦ୍ଧାର କରିବାର ଅପାର ଶକ୍ତି ମଧ୍ୟ ରହିଛି। ଧରାପୃଷ୍ଠକୁ ସୁସ୍ଥ ରଖିବା ପାଇଁ ସମସ୍ତେ ବ୍ୟକ୍ତିଗତ ସ୍ତରରେ ଯୋଗଦାନ କରିବା ଜରୁରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ 'ମିଶନ ଲାଇଫ୍' ଆଧାରରେ ସମସ୍ତେ ମିଳିତ ଭାବେ ପରିବେଶର ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ପଦକ୍ଷେପ ନେବା ଦରକାର। ଚଳିତ ମୌସୁମୀ ଋତୁରେ ସମସ୍ତେ ୧ କୋଟି ଗଛ ଲଗାଇବାର ସଂକଳ୍ପ ନେବା। ଚାରା ରୋପଣକୁ କେବଳ ନିଜ ଭିତରେ ସୀମିତ ରଖିବା ନାହିଁ, ଏକ ଜନ ଆନ୍ଦୋଳନରେ ପରିଣତ କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମଧ୍ୟପ୍ରଦେଶରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି: ପ୍ରିୟଙ୍କା

ଗ୍ୱାଲିୟର,୨୧।୭

ଚଳିତ ବର୍ଷ ଶେଷ ଭାଗରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶୁକ୍ରବାର ଗ୍ୱାଲିୟରରେ ବିଶାଳ ରାଲିକୁ ସମ୍ବୋଧିତ କରିଛନ୍ତି। ଭାଜପା ଶାସିତ ଏହି ରାଜ୍ୟରେ ପରିବର୍ତ୍ତନର ବଡ଼ ଲହର ବହିବାକୁ ଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନିର୍ବାଚନ ମଣ୍ଡଳୀରେ ରାଲିକୁ ସମ୍ବୋଧିତ କରି ପ୍ରିୟଙ୍କା କହିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। ବିରୋଧୀ ଦଳର ବରିଷ୍ଠ ନେତାମାନଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନ ଦେବା ବଦଳରେ ସେମାନଙ୍କୁ ଚୋର କହୁଛନ୍ତି। ମଣିପୁର ଜଳୁଥିବାବେଳେ ୭୭ ଦିନ ପରେ ମହିଳାମାନଙ୍କ ପ୍ରତି ବୀଭତ୍ସ ଅତ୍ୟାଚାରର ଭିଡିଓ ସାମନାକୁ ଆସିବାରୁ ପ୍ରଧାନମନ୍ତ୍ରୀ ମୁହଁ ଖୋଲିଥିବା ପ୍ରିୟଙ୍କା କହିଥିଲେ।

ନିର୍ବାଚନ ହେବାକୁ ଥିବା ମଧ୍ୟପ୍ରଦେଶକୁ ୪୦ ଦିନ ମଧ୍ୟରେ ପ୍ରିୟଙ୍କାଙ୍କର ଏହା ଦ୍ୱିତୀୟ ଗସ୍ତ। ଜୁନ୍ ୧୨ରେ ସେ ଜବଲପୁରରେ ଏକ ରାଲିକୁ ଉଦ୍‌ବୋଧନ ଦେବା ସହ ମଧ୍ୟପ୍ରଦେଶରୁ କଂଗ୍ରେସର ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ଯଦି କଂଗ୍ରେସ ରାଜ୍ୟରେ କ୍ଷମତାକୁ ଆସେ ତେବେ ମହିଳାମାନଙ୍କୁ ପ୍ରତି ମାସରେ ୧,୫୦୦ ଟଙ୍କା ଆର୍ଥିକ ସହାୟତା ସହ ୧୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି, ପୁରୁଣା ପେନ୍‌ସନ ସ୍କିମ୍ ଆଦି ୫ ଯୋଜନା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ସରକାର ଦୁର୍ନୀତିରେ ବୁଡ଼ି ରହିବା ସହ ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇବାରେ ବିଫଳ ହୋଇଛନ୍ତି। ଏହି ଅବସରରେ ସେ କଂଗ୍ରେସରୁ ଭାଜପା ନେତା ହୋଇଥିବା ଜ୍ୟୋତିରାଦିତ୍ୟଙ୍କୁ ସମାଲୋଚନା କରିଥିଲେ। ୨୦୧୮ ବିଧାନସଭା ନିର୍ବାଚନ ଜିତି କଂଗ୍ରେସ ମଧ୍ୟପ୍ରଦେଶରେ ସରକାର ଗଢ଼ିଥିଲା। ତେବେ ୨୦୨୦ ମାର୍ଚ୍ଚରେ ଜ୍ୟୋତିରାଦିତ୍ୟଙ୍କ ନେତୃତ୍ୱରେ ତାଙ୍କର କେତେଜଣ ଅନୁଗତ ବିଧାୟକ ଭାଜପାରେ ଯୋଗଦେବାରୁ ୧୫ ମାସର କମଲନାଥ ସରକାର ଭାଙ୍ଗିଯାଇଥିଲା ଏବଂ ଶିବରାଜଙ୍କ ନେତୃତ୍ୱରେ ଭାଜପା କ୍ଷମତାକୁ ଫେରିଥିଲା।

# ସ୍କୁଲ ପିଲାଙ୍କୁ ଉନ୍ନତ ଶିକ୍ଷାରୁ ବଞ୍ଚିତ କରିବାକୁ ଭାଜପାର ଷଡ଼ଯନ୍ତ୍ର: ବିଜେଡି

ଭୁବନେଶ୍ୱର,୨୧।୭(ଅନିଲ ଦାସ)

ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ଏକ ସ୍କୁଲର ଅଫିସ ଗୃହ ଛାତରୁ ପ୍ଲାଷ୍ଟର ଖସି ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆହତ ହେବା ଘଟଣା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ତେବେ ୫-ଟି ସ୍କୁଲରେ ନିମ୍ନମାନର କାମ ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଓଡ଼ିଶା ଭାଜପା ଯେଉଁ ଅଭିଯୋଗ ଆଣିଛି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। କୌଣସି ୫-ଟି ରୂପାନ୍ତରଣ କାର୍ଯ୍ୟରେ ସ୍କୁଲ ଅଫିସ ଗୃହର ନିର୍ମାଣ ବା ମରାମତି ହୁଏ ନାହିଁ, ଯାହା ଏଠାରେ ବି ହୋଇନାହିଁ ବୋଲି ବିଜୁ ଜନତା ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଶୁକ୍ରବାର ଶଙ୍ଖଭବନଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି, ଆମ ରାଜ୍ୟର ପିଲାମାନେ ଉନ୍ନତ ମାନର ସ୍କୁଲରେ ଏକ ସୁସ୍ଥ ଶୈକ୍ଷିକ ବାତାବରଣରେ ଭଲ ଶିକ୍ଷା ପାଆନ୍ତୁ ତାହା ଓଡ଼ିଶା ଭାଜପା ଚାହୁଁନାହିଁ। ସେମାନଙ୍କୁ ୫-ଟି ଭୂତ ଘାରିଛି। ସେମାନେ ୫-ଟି ସ୍କୁଲ ରୂପାନ୍ତରଣକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରି ସ୍କୁଲ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି।


ତୁମ୍ବନାଥ ପଣ୍ଡା

କେବଳ ମିଛର ସାହାରା ନେଇ ରାଜନୀତି କରିବାକୁ ଭାଜପା ନେତାଙ୍କ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗୁରୁବାର ଅସ୍ତରଙ୍ଗର ସେହି ସ୍କୁଲକୁ ଯାଇଥିଲା। କିଛିଦିନ ପୂର୍ବରୁ ବାହାନଗାଠାରେ ଭୟଙ୍କର ରେଳ ଦୁର୍ଘଟଣା ଘଟି ଯେତେବେଳେ ପ୍ରାୟ ୩୦୦ ଲୋକଙ୍କ ଜୀବନ ଚାଲିଗଲା ଏବଂ ଶହ ଶହ ଲୋକ ଆହତ ହେଲେ, ସେତେବେଳେ ଦୁର୍ଘଟଣାସ୍ଥଳକୁ ଓଡ଼ିଶା ଭାଜପାର କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କାହିଁକି ଯାଇ ନ ଥିଲା। ନିକଟରେ ପୁଣିଥରେ ବାଲେଶ୍ୱର ନୀଳଗିରି ନିକଟରେ ଏକ ମେମୁ ଟ୍ରେନ୍ ମେନ୍ ଲାଇନ ଛାଡ଼ି ଲୁପ୍ ଲାଇନ ଚାଲିଯାଇଥିଲା। ତେବେ ଲୋକୋ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଅଳ୍ପକେ ବାହାନଗା ଭଳି ବଡ଼ ଦୁର୍ଘଟଣା ଟଳିଗଲା। ଏଭଳି ଦୁର୍ଘଟଣା ବେଳେ ରାଜ୍ୟ ଭାଜପାର କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତଥ୍ୟ ସଂଗ୍ରହ କରିବାକୁ କାହିଁକି ଯାଉନାହିଁ। ୩ ଦିନ ତଳେ ୧୬ ନମ୍ବର ଜାତୀୟ ରାଜପଥର ଯାଜପୁର ରସୁଲପୁର ନିକଟରେ ଗୋଟିଏ ବ୍ରିଜ୍ ତଳକୁ ଦବିଗଲା। ଭାଜପାର କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସେଠାକୁ କାହିଁକି ଯାଇନାହିଁ। ଏନ୍‌ଏଚ୍‌ଏଆଇ କେନ୍ଦ୍ର ସରକାରଙ୍କ ଅଧୀନ ବୋଲି ଓଡ଼ିଶା ଭାଜପାର ଟିମ୍ କ'ଣ ସେଠାକୁ ଗଲା ନାହିଁ ? ଏହିଭଳି ଫ୍ୟାକ୍ଟ ଫାଇଣ୍ଡିଂ ନାମରେ ସେମାନେ କେବଳ ରାଜନୀତି କରୁଛନ୍ତି। ଓଡ଼ିଶାବାସୀ ଏଭଳି ଦଳ ଆଉ ଚରିତ୍ରର ନେତାଙ୍କୁ ଭଲ ଭାବରେ ଚିହ୍ନିଛନ୍ତି। ସେମାନଙ୍କ କେବେ ବି ସଫଳ ହେବ ନାହିଁ ବୋଲି ତୁମ୍ବନାଥ କହିଛନ୍ତି।

# ସ୍କୁଲ ଛାତରୁ ପ୍ଲାଷ୍ଟର ଖସିବା ନେଇ ବର୍ଷିଲା ଭାଜପା

ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)

ଓଡ଼ିଶାରେ ଶିକ୍ଷାନୁଷ୍ଠାନ ଦୁର୍ନୀତିର ଗନ୍ତାଘର ହୋଇଛି। ଶିକ୍ଷା କ୍ଷେତ୍ରରେ ସର୍ବ ଭାରତୀୟସ୍ତରରେ ଓଡ଼ିଶାର ସ୍ଥାନ ୨୪ ନମ୍ବରରେ ପହଞ୍ଚିଛି। ପିଜିଆଇ କ୍ଷେତ୍ରରେ ଓଡ଼ିଶାର ଶିକ୍ଷା ସବୁଠୁ ତଳେ ରହିଛି। ଓଡ଼ିଶାରେ ଶିକ୍ଷାର ବ୍ୟବସ୍ଥା ସମ୍ପୂର୍ଣ୍ଣଭାବେ ଭୁଶୁଡ଼ିପଡ଼ିଛି। ସ୍କୁଲଗୁଡ଼ିକ ୫-ଟି ଅଧୀନରେ ଅନ୍ତର୍ଭୁକ୍ତ ହେବାପରେ ବିଦ୍ୟାଳୟ ଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଛି। ସ୍କୁଲ କାର୍ଯ୍ୟ ନାଁରେ କିଭଳି ହରିଲୁଟ୍‌କୁ କରାଯାଉଛି ତାହା ଛାତ୍ରୀଛାତ୍ରମାନେ ଦେଖୁଛନ୍ତି। ଏଭଳି କହି ସ୍କୁଲ ଛାତରୁ ପ୍ଲାଷ୍ଟର ଖସିବା ଘଟଣାରେ ଶାସକ ଦଳ ଉପରେ ଭାଜପା ନେତା ବିଭୁ ପ୍ରସାଦ ତରାଇ ପ୍ରବଳ ବର୍ଷିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭୁ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶରେ ୫-ଟି ବିଭାଗ ଖୋଲାଯାଇ ବିଭିନ୍ନ ଜିଲାର ସ୍କୁଲଗୁଡିକର ଭିତ୍ତିଭୂମି ନିର୍ମାଣ କରାଯାଉଥିବା କୁହାଯାଉଛି। ଶିକ୍ଷାର ପ୍ରଚାର ଏବଂ ପ୍ରସାର କରିବା ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରୁଥିବାର ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଏହାର ଉଦାହରଣ ପଡ଼ିଆରୀ ବିଦ୍ୟାପୀଠରେ ଦେଖିବାକୁ ମିଳିଛି। ଗତ ୬ ମାସ ତଳେ


ବିଭୁ ପ୍ରସାଦ ତରାଇ

କାକଟପୁର ନିର୍ବାଚନମଣ୍ଡଳୀର ଡାକଦାସ୍ଥିତ ପଡ଼ିଆରୀ ବିଦ୍ୟାପୀଠରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ସ୍କୁଲର ଭିତ୍ତିଭୂମି ନିର୍ମାଣ କରାଯାଇଥିଲା। ହେଲେ ଗତ ୧୯ ତାରିଖରେ ବିଦ୍ୟାଳୟର କମନ୍ ରୁମ୍‌ର ଛାତ ପ୍ଲାଷ୍ଟର ଖସି ଜଣେ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସେନାପତି ଓ ସିଆର୍‌ସିସି ତ୍ରିଲୋଚନ ବେହେରା ଏବଂ ଦୈତାରି ନାୟକ ଆହତ ହୋଇ ଭୁବନେଶ୍ୱରରେ ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଜୁନିୟର ଇଞ୍ଜିନିୟରଙ୍କ ନାଁରେ କାର୍ଯ୍ୟାଦେଶ ଦିଆଯାଇଥିଲା। ବିଡିଓ ବବିତା ମଞ୍ଜରୀ ନାୟକଙ୍କ ପାଖରେ ଲୋକମାନେ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଥିଲେ ମଧ୍ୟ ଏନେଇ ସେ କର୍ଣ୍ଣପାତ କରି ନ ଥିଲେ। ଏଥିରୁ ୫-ଟି ସ୍କୁଲଗୁଡିକ ଠିକାଦାରିରେ ଚାଲିଥିବା ସ୍ପଷ୍ଟ ବୋଲି ବିଭୁ କହିଛନ୍ତି।

# କଂଗ୍ରେସ ଭବନ ବାହାରେ ମୋକିମ୍, ଚିରଞ୍ଜୀବ ସମର୍ଥକଙ୍କ ହୋହଲ୍ଲା



ମହମ୍ମଦ ମୋକିମ୍ ଏବଂ ଚିରଞ୍ଜୀବ ବିଶ୍ୱାଳଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ଭୁବନେଶ୍ୱରରେ ସମର୍ଥକଙ୍କ ବିକ୍ଷୋଭ।

ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)

- ଜଣେ ଯୁବନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବସିଲା ଶୃଙ୍ଖଳା କମିଟି
- ଆଜି କଂଗ୍ରେସର କାର୍ଯ୍ୟକାରିଣୀ
- ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର ହେଲେ ନାରାୟଣ

ମହମ୍ମଦ ମୋକିମ୍ ଏବଂ ଚିରଞ୍ଜୀବ ବିଶ୍ୱାଳଙ୍କୁ କଂଗ୍ରେସରୁ ନିଲମ୍ବିତ କରିବା ପରେ ଦଳ ଭିତରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ୨ ନେତାଙ୍କ ସମର୍ଥକମାନେ ରାସ୍ତାକୁ ଓହ୍ଲାଇବା ସହ ଖବରଦାତା ସମ୍ମିଳନୀ କରି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏପରିକି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତିଙ୍କ କୁଶପୁତ୍ତଳିକା ମଧ୍ୟ ଦାହ କରିଥିଲେ। ତେବେ ସେହିପରି ଶୁକ୍ରବାର ଉଭୟ ନେତାଙ୍କ ସମର୍ଥକମାନେ ମୋକିମ୍ ଏବଂ ଚିରଞ୍ଜୀବ ଜିନ୍ଦାବାଦ୍ ପକାଇବା ସହିତ ଶରତ ପଟ୍ଟନାୟକଙ୍କ ବିରୋଧରେ ସ୍ଲୋଗାନ ଦେଇ କଂଗ୍ରେସ ଭବନରେ ଧସେଇ ପଶିଥିଲେ। ସେଠାରେ କର୍ମୀମାନେ ପ୍ରତିବାଦ ଜଣାଇଛନ୍ତି। ଅନ୍ୟପଟେ କଂଗ୍ରେସ ଭବନରେ ବସିବାକୁ ଥିବା ଶୃଙ୍ଖଳା କମିଟି ବୈଠକ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସରକାରୀ ବାସଭବନରେ ବସିଛି। ସେହିପରି ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶନିବାର କଂଗ୍ରେସ ଭବନରେ ନ ହୋଇ ସ୍ଥାନୀୟ ଏକ ହୋଟେଲରେ ହେବ ବୋଲି ଜଣାପଡ଼ିଛି।

ପ୍ରଥମେ ନିଲମ୍ବିତ ୨ ନେତାଙ୍କ ସମର୍ଥକମାନେ ବିଶାଳ ରାଲିକରି ଶକ୍ତି ପ୍ରଦର୍ଶନ କରିଛନ୍ତି। ସେମାନେ କଂଗ୍ରେସ ଭବନରେ ପଶିବା ପରେ ବାହାରେ ବସି ୨ନେତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି କରିଥିଲେ। ତେବେ ସାଲୁଜା କହିଛନ୍ତି, କଂଗ୍ରେସ ଭବନରେ ମୋକିମ୍ ଏବଂ ଚିରଞ୍ଜୀବଙ୍କ ସମର୍ଥକମାନଙ୍କ ହୋହଲ୍ଲା ବିଷୟରେ ସେ ଅବଗତ ନାହାନ୍ତି। ତର୍ଜମା ପରେ ଯଦି ସେମାନଙ୍କ ସମର୍ଥକଙ୍କ ଦାବି ଠିକ୍ ଥିବ ତେବେ ଏନେଇ ଏଆଇସିସିକୁ ଜଣାଇ ଦିଆଯିବ। ହେଲେ କୌଣସି ବ୍ୟକ୍ତି ଯଦି ପିସିସି ବିରୋଧରେ ମନ୍ତବ୍ୟ ଦେବେ ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ। କଂଗ୍ରେସର ଅନ୍ୟ ଜଣେ ଯୁବନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶୃଙ୍ଖଳା କମିଟିରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ୨ ନେତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ନିଷ୍ପତ୍ତି ଏଆଇସିସି ହାତରେ ଅଛି ବୋଲି ସାଲୁଜା କହିଛନ୍ତି। ଅପରପକ୍ଷେ ପ୍ରତିବାଦ କରୁଥିବା ନେତ୍ରୀ ଗିରିବାଳା ବେହେରା କହିଛନ୍ତି, ୨ ନେତାଙ୍କୁ ନିଲମ୍ବନ କରିବା ପରେ କର୍ମୀମାନଙ୍କୁ ଦୁଃଖ ଦେଇଛି। ଯେଉଁଭଳି ଭାବେ ବିନା କାରଣରେ ନିଲମ୍ବିତ କରାଯାଇଛି ସେକଥାକୁ କର୍ମୀମାନେ ବିଶ୍ୱାସ କରିପାରୁନାହାନ୍ତି। ତେଣୁ କର୍ମୀମାନେ ଶୃଙ୍ଖଳାର ସହ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରୁଛନ୍ତି। ତୁରନ୍ତ ୨ନେତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହର କରାଯାଉ। ପିସିସି ବୈଠକ ଯାହା ଶନିବାର ହେବାର ଅଛି ସେଥିରେ ବିଚାରବିମର୍ଶ କରି ଏଆଇସିସି ନିକଟକୁ ପଠାଯାଉ। ଯଦି ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହୁଏ ତେବେ ଦରକାର ପଡିଲେ କଂଗ୍ରେସ ଭବନରେ ପଶିବା ସହ ଦିଲ୍ଲୀ ଯିବେ ବୋଲି ସେ କହିଛନ୍ତି।

ଅନ୍ୟପଟେ କଂଗ୍ରେସର ଦୁଇ ନେତାଙ୍କୁ ନିଲମ୍ବନ ପରେ ଗଣମାଧ୍ୟମରେ ପିସିସି ସଭାପତିଙ୍କ ବିରୋଧରେ ବାରମ୍ବାର କଟୁ ମନ୍ତବ୍ୟ ପ୍ରଦାନ କରିବାରୁ ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ପିସିସି ସାଧାରଣ ସମ୍ପାଦକ ନାରାୟଣ ଜେନାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି।

# ଉଭା ହୋଇପାରନ୍ତି ନୂଆ ମୁହଁ

ବଡ଼ଚଣା ନିର୍ବାଚନମଣ୍ଡଳୀ
୨୦୨୪ କସରତ

ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)

୨୦୦୦ ମସିହାରୁ ଯାଜପୁର ଲୋକ ସଭା ଓ ୨୦୦୯ରୁ ସମସ୍ତ ବିଧାନସଭା ଆସନକୁ ବିଜେଡି ଅକ୍ତିଆର କରିଆସୁଛି। କିନ୍ତୁ ୨୦୧୪ରେ ଯାଜପୁର ସଂସଦୀୟ କ୍ଷେତ୍ରରେ ବିଜେଡି ୫୫.୭୮ ପ୍ରତିଶତ ଭୋଟ ପାଇଥିଲାବେଳେ ୨୦୧୯ରେ ୪୯.୮୧ ପ୍ରତିଶତକୁ ଖସିଥିଲା। ଭାଜପା ୧୫.୫୩ ପ୍ରତିଶତରୁ ୪୦.୫ ପ୍ରତିଶତକୁ ଲମ୍ଫ ମାରିଥିଲା। କଂଗ୍ରେସ ୨୨.୭୭ ପ୍ରତିଶତରୁ ୮.୩୯ ପ୍ରତିଶତରେ ସୀମିତ ରହିଥିଲା। ଜିଲାର ବଡ଼ଚଣା ଓ ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ବିଜୟ ବ୍ୟବଧାନ ଯଥାକ୍ରମେ ୧୪୮୫ ଓ ୪୨୦୫ ରହିଥିଲା। ଏହା ଜିଲାର ରାଜନୈତିକ ସମୀକରଣକୁ ଓଲଟପାଲଟ କରିଥିଲା। ଏହିକ୍ରମରେ ବଡ଼ଚଣାରେ ଏଥର ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ବିଜେଡି ପ୍ରାର୍ଥୀ କରିବ କି ନାହିଁ ସେ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସଂଶୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜନାରାୟଣ ମହାପାତ୍ର(ଲାଲୁ) ଗତ କିଛି ମାସ ହେଲା କଂଗ୍ରେସର ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଭାଜପା ନେତା ଅମର ନାୟକ ଗତ ନିର୍ବାଚନରେ ୬୨,୫୯୯ ଭୋଟ ଅକ୍ତିଆର କରି କଡ଼ା ମୁକାବିଲା କରିଥିଲେ ହେଁ ଏହି ୫ ବର୍ଷରେ ଲୋକଙ୍କ ନିକଟତର ହେବାରେ ବିଫଳ ହୋଇଥିବା କୁହାଯାଉଛି। ଏଭଳିସ୍ଥିତିରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଆସନ୍ତାବର୍ଷ ହେବାକୁ ଥିବା ନିର୍ବାଚନରେ ୩ ପ୍ରମୁଖ



ଦଳର ପ୍ରାର୍ଥୀଭାବେ ନୂଆମୁହଁ ଦେଖିବାକୁ ଚର୍ଚ୍ଚା ହେଉଛି।

ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ନେତା ନବକୃଷ୍ଣ ଚୌଧୁରୀ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ଜାତୀୟ କଂଗ୍ରେସରୁ ଚୌଧୁରୀ ୧୨,୭୯୫ ଭୋଟ ପାଇ ବିଜୟୀ ହୋଇଥିଲାବେଳେ ସ୍ୱାଧୀନ ଭାବେ ଜଗନ୍ନାଥ ଦାଶ ୫୦୮୯ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ଦୃଷ୍ଟିରୁ ଯାଜପୁର ଜିଲାର ଏକ ସ୍ୱତନ୍ତ୍ର ବ୍ଲକକୁ ନେଇ ଗଠିତ ବଡ଼ଚଣା ନିର୍ବାଚନ ମଣ୍ଡଳୀ ରାଜ୍ୟ ରାଜନୀତିରେ ପ୍ରମୁଖ ସ୍ଥାନ ଅଧିକାର କରିଛି। ଏହି ନିର୍ବାଚନ ମଣ୍ଡଳୀରେ ୧୯୮୦ ମସିହା ଠାରୁ କଂଗ୍ରେସ ୧୫ ବର୍ଷ ଏବଂ ଜନତା ଦଳ, ବିଜେଡି ଓ ଏନସିପି ମିଳିତ ଭାବେ ୨୫ ବର୍ଷ ଧରି ସଫଳତା ପାଇଛନ୍ତି। କିନ୍ତୁ ଏହି ନିର୍ବାଚନ ମଣ୍ଡଳୀରେ ଅନେକ ଅସମାହିତ ସମସ୍ୟା ରହିଥିବାବେଳେ ଗତ ଏକ ଦଶନ୍ଧି ମଧ୍ୟରେ ଅନେକ ଦୁର୍ନୀତି ଓ ଆପରାଧିକ ଲିଙ୍କ୍ ଭୋଟରଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି।

୧୯୮୦ରୁ ବଡଚଣା ନିର୍ବାଚନ ମଣ୍ଡଳୀର ଫଳାଫଳକୁ ଅବଲୋକନ କଲେ କଂଗ୍ରେସରୁ ସୀତାକାନ୍ତ ମହାପାତ୍ର ଓ ବିଜେଡିରୁ ଅମରପ୍ରସାଦ ଶତପଥୀ ଜିତି ଆସିଛନ୍ତି। ଇତି ମଧ୍ୟରେ ତୃତୀୟ ନେତାଙ୍କ ଆବିର୍ଭାବ ହୋଇ ପାରିନାହିଁ। ୧୯୮୦-୮୫, ୧୯୮୫-୯୦ ଓ ୨୦୦୪-୦୯ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତା ମହାପାତ୍ର ବିଜୟୀ ହୋଇଛନ୍ତି। ସେହିପରି ଜନତା ଦଳରୁ ୧୯୯୦-୯୫ ଓ ୧୯୯୫-୨୦୦୦, ଏନସିପିରୁ ୨୦୦୯-୧୪ ଏବଂ ବିଜେଡିରୁ ୨୦୦୦-୦୪ ଓ ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଶତପଥୀ ବିଜୟୀ ହୋଇଛନ୍ତି। ଏହିକ୍ରମରେ ୨୦୧୯ରେ ଭାଜପାର ଅମର ନାୟକ କଡା ମୁକାବିଲା କରିଥିଲେ। ହେଲେ କେତେକ ତ୍ରୁଟି ଯୋଗୁ ବହୁତ କମ୍ ଭୋଟରେ ପରାଜିତ ହୋଇଥିଲେ ହେଁ ସେହି ଜନମତକୁ ଆଜିଯାଏ ନିଜ ମୁଣିରେ ସାଇତି ରଖି ପାରି ନଥିବା କୁହାଯାଉଛି। ଏବେ ବିଜେଡିରୁ ବିଧାୟକ ଶତପଥୀ ଏବଂ ଜନ୍ମେଜୟ ଲେଙ୍କା ଟିକେଟ ପାଇଁ ଲବି କରିବେ ବୋଲି ଜଣାପଡିଛି। ୨୦୧୯ରେ ସୀତାକାନ୍ତ ମହାପାତ୍ର କଂଗ୍ରେସ ଟିକେଟ ଫେରାଇ ଦେବା ପରେ ଅଜୟ ସାମଲଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଥିଲା। ହେଲେ ସେ ପ୍ରାୟ ୫ ହଜାର ଭୋଟ ପାଇଥିଲେ। ଏବେ ରାଜନାରାୟଣ କଂଗ୍ରେସର ସମସ୍ତ ପୁରୁଖା ନେତାଙ୍କୁ ଏକଜୁଟ କରିବା ସମେତ ବିଜେଡି ଓ ଭାଜପାରୁ ବହୁ ନେତାଙ୍କୁ ଆଣିବାରେ ସଫଳ ହୋଇପାରିଛନ୍ତି। ଗତ ଫେବୃଆରୀ ୧୫ରେ ବ୍ଲକ ଘେରାଉ କରି ପ୍ରାୟ ୧୫ହଜାର ଲୋକଙ୍କୁ ଏକଜୁଟ କରି ବଡଚଣା ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ମନେ ହେଉଛି। ଏହିକ୍ରମରେ ବିଜେଡି ଓ ଭାଜପା ନେତାଙ୍କ ଆଖି ରାଜନାରାୟଣଙ୍କ ଉପରେ ରହିଛି। ତେବେ କଂଗ୍ରେସର ରାଜ୍ୟ ସ୍ଥିତିକୁ ଦେଖି ରାଜନାରାୟଣ ଭାଜପା କିମ୍ବା ବିଜେଡି ମୁହାଁ ହୋଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ଚାଲିଛି। ଅପରପକ୍ଷେ ବିଜେଡି ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସହ ସାଂଗଠନିକ ସ୍ଥିତିକୁ ଆହୁରି ମଜଭୁତ କରିବାରେ ସଫଳ ହେଉଥିବା ବିଜେଡି ନେତାମାନେ ଦାବି କରୁଛନ୍ତି। ବିଧାୟକ ଅମର କିମ୍ବା ତାଙ୍କ ପୁଅ ଟିକେଟ ଦୌଡ଼ରେ ରହିଛନ୍ତି। ଏହାବାଦ ରାଜ୍ୟ ବିଜେଡି ସମ୍ପାଦକ ଜନ୍ମେଜୟ ଲେଙ୍କା ମଧ୍ୟ ଟିକେଟ ପାଇଁ ଲବି କରୁଥିବା ଜଣାପଡିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୋସିଆଲ ମିଡିଆରେ ବନ୍ଧା ବିଶ୍ୱର ୬୦%

**ସିଙ୍ଗାପୁର**




ବର୍ତ୍ତମାନ ସମୟରେ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧ ସମସ୍ତେ ଅଳ୍ପେ, ବହୁତେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ନିକଟରେ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ବିଶ୍ୱର ୬୦%ରୁ ଅଧିକ ଲୋକ ଏବେ ସାମାଜିକ ଗଣମାଧ୍ୟମରେ ବନ୍ଧା। ସିଙ୍ଗାପୁରର ଡିଜିଟାଲ ଆଡ୍‌ଭାଇଜରି ଫାର୍ମ କେପିଓସ୍ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ଗତ ବର୍ଷ ତୁଳନାରେ ସୋସିଆଲ ମିଡିଆ ୟୁଜର୍ସ ସଂଖ୍ୟାରେ ୩.୭% ବୃଦ୍ଧି ଘଟିଛି। ଅଦ୍ୟାବଧି ୫.୧୯ ବିଲିୟନ୍ ଲୋକ ଅର୍ଥାତ୍ ବିଶ୍ୱ ଜନସଂଖ୍ୟାର ୬୪.୪% ଲୋକ ସୋସିଆଲ ନେଟ୍‌ୱାର୍କିଂ ସାଇଟ୍ ବ୍ୟବହାର କରୁଛନ୍ତି। ପ୍ରତ୍ୟେକ ଅଞ୍ଚଳକୁ ନେଇ ୟୁଜର୍ସଙ୍କ ସଂଖ୍ୟା ଭିନ୍ନ ରହିଛି। ପୂର୍ବ ଏବଂ କେନ୍ଦ୍ରୀୟ ଆଫ୍ରିକୀୟ ଦେଶରେ ପ୍ରତି ୧୧ ଜଣଙ୍କ ମଧ୍ୟରୁ ମାତ୍ର ଜଣେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ସେହିପରି ବିଶ୍ୱର ଜନବହୁଳ ଦେଶ ଭାରତରେ ପ୍ରତି ୧୧ ଜଣଙ୍କ ମଧ୍ୟରେ ୩ ଜଣ ୟୁଜର୍ସ ସାମାଜିକ ଗଣମାଧ୍ୟମରେ ଯୋଡ଼ିହୋଇଛନ୍ତି। ସୋସିଆଲ ମିଡିଆ ବ୍ୟବହାର ସମୟକୁ ଦେଖିଲେ, ତାହା ମଧ୍ୟ ବଢ଼ିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯେତେବେଳେ ଲୋକମାନେ ମାତ୍ର ୨ ମିନିଟ୍ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଥିଲେ, ତାହା ଏବେ ୨ ଘଣ୍ଟା ୨୬ ମିନିଟ୍‌କୁ ବୃଦ୍ଧି ପାଇଛି। ସେହିପରି ବ୍ରାଜିଲରେ ଲୋକମାନେ ୩ ଘଣ୍ଟା ୪୯ ମିନିଟ୍‌ରୁ ଅଧିକ ସମୟ ସୋସିଆଲ ମିଡିଆରେ କାଟୁଥିବାବେଳେ ଜାପାନରେ ଏହି ସମୟ ରହିଛି ଗୋଟିଏ ଘଣ୍ଟାରୁ କମ୍। ମୋଟାମୋଟି ଭାବେ ୭ଟି ସୋସିଆଲ ମିଡିଆ ସାଇଟ୍ ଏବେ ବହୁଳ ଭାବେ ବ୍ୟବହାର କରାଯାଉଛି। ମେଟାର ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍ ସାଙ୍ଗକୁ ଚାଇନାର ୱଇଚାଟ୍, ଟିକ୍‌ଟକ୍, ଡୁଇନ୍ ଏବଂ ଟୁଇଟର, ମେସେଞ୍ଜର, ଟେଲିଗ୍ରାମ ବହୁଳ ଭାବେ ବ୍ୟବହାର କରାଯାଉଛି।

# 'ପ୍ରୋଜେକ୍ଟ-କେ'ମାନେ 'କଲ୍‌କୀ ୨୮୯୮ ଏଡି'



**କାଲିଫର୍ନିଆ:** ବହୁଚର୍ଚ୍ଚିତ ପାନ୍ ଇଣ୍ଡିଆ ଫିଲ୍ମ 'ପ୍ରୋଜେକ୍ଟ-କେ'କୁ ନେଇ ଲୋକଙ୍କ ମନରେ ଯେତେ ଆଗ୍ରହ ଏହାର ନାଁ ପଛର ରହସ୍ୟକୁ ନେଇ ସିନେପ୍ରେମୀଙ୍କ ମନ ସେତେ ଆନ୍ଦୋଳିତ ହେଉଥିଲା। ତେବେ ଫିଲ୍ମର ନାଁ ସମ୍ପର୍କରେ ଲୋକଙ୍କ ମନରେ ଯେଉଁ ପ୍ରଶ୍ନ ଉଙ୍କିମାରୁଥିଲା, ତାହାକୁ ଦୂର କରିଛନ୍ତି ଫିଲ୍ମ ନିର୍ମାତା ନାଗ୍ ଅଶ୍ୱିନୀ। ଗୁରୁବାର କାଲିଫର୍ନିଆର ସାନ୍ ଡିଏଗୋ କୋମିକ୍ କାନ୍‌ରେ ଫିଲ୍ମର ପ୍ରଥମ ଟିଜର୍ ମୁକ୍ତିଲାଭ କରିଛି। 'ପ୍ରୋଜେକ୍ଟ-କେ'ମାନେ 'କଲ୍‌କୀ ୨୮୯୮ ଏଡି' ବୋଲି ସେ କହିଛନ୍ତି। ତେବେ ସାନ୍ ଡିଏଗୋ କୋମିକ୍ କାନ୍‌ରେ ରିଲିଜ୍ ହୋଇଥିବା ଏହା ପ୍ରଥମ ଭାରତୀୟ ଫିଲ୍ମ। ୬୦୦ କୋଟି ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ଏହି ଫିଲ୍ମର ଟିଜର ରିଲିଜ୍ କାର୍ଯ୍ୟକ୍ରମରେ ରାଣା, ଅମିତାଭ ବଚ୍ଚନ, କମଲ ହାସନ, ପ୍ରଭାସ ଏବଂ ନିର୍ଦ୍ଦେଶକ ନାଗ୍ ଅଶ୍ୱିନୀ ଉପସ୍ଥିତ ଥିଲେ। ତେଲୁଗୁ, ତାମିଲ ଏବଂ ହିନ୍ଦୀ ଭାଷାରେ ଟିଜର ରିଲିଜ୍ ହୋଇଛି। ଅନ୍ୟ ପ୍ରୋଜେକ୍ଟରେ ବ୍ୟସ୍ତ ଥିବା ଦୀପିକା ପାଦୁକୋନ୍ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ନ ଥିଲେ। ସାଇନ୍ସ-ଫିକ୍‌ଶନ୍ ଆକ୍ସନ୍ ଫିଲ୍ମ 'ପ୍ରୋଜେକ୍ଟ-କେ'ଟିଜରକୁ ଲୋକେ ପସନ୍ଦ କରିଛନ୍ତି। ଆଉ କିଛି ସିନେପ୍ରେମୀ ଏହାକୁ ଓସ୍କାର ବିଜୟୀ ହଲିଉଡ୍ ଫିଲ୍ମ ଡ୍ୟୁନ୍ ସହ ତୁଳନା କରିଛନ୍ତି। ଭାରତୀୟ ସିନେମାରେ ଯାହା କେବେ ଘଟି ନ ଥିଲା, ତାହା ପ୍ରଭାସଙ୍କ 'ପ୍ରୋଜେକ୍ଟ-କେ' ଜରିଆରେ ଦର୍ଶକେ ଦେଖିପାରିବେ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ଏଥିରେ ପ୍ରଭାସ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କ ବିପକ୍ଷରେ ଦୀପିକା ପାଦୁକୋନ୍‌ଙ୍କୁ ଦେଖିବାକୁ ମିଳିବ। ପ୍ରଥମ ଥର ପ୍ରଭାସ ଓ ଦୀପିକା ବଡ଼ ପରଦାରେ ଏକାଠି ନଜରକୁ ଆସିବେ। ଏମାନଙ୍କ ଛଡ଼ା ବିଗ୍ ବି ଅମିତାଭ ବଚ୍ଚନ, କମଲ ହାସନ, ଦୁଲକା ସଲମାନ, ସୂର୍ଯ୍ୟା, ଦିଶା ପଟାନି ଏବଂ ରାଣାଙ୍କ ଭଳି ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୧୨ରେ ମୁକ୍ତିଲାଭ କରିବ।

# ନିଜ ବାୟୋପିକ୍‌ରେ ହିରୋ ହେବେ ରାଜ କୁନ୍ଦ୍ରା



### ପର୍ନ ଫିଲ୍ମ ପାଇଁ ୬୩ଦିନ ଜେଲରେ ଥିଲେ ଶିଳ୍ପାଙ୍କ ସ୍ୱାମୀ

**ମୁମ୍ବାଇ**

ଫିଲ୍ମ ପ୍ରଯୋଜକ ତଥା ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବାୟୋପିକ୍ ନିର୍ମାଣ ହେବାକୁ ଯାଉଛି। ଏଥିରେ ନିଜେ ରାଜ୍ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ନେଇ ଚର୍ଚ୍ଚା ହେଉଛି। ରାଜ୍ ପର୍ନ ଫିଲ୍ମ ନିର୍ମାଣ କରିବା ଘଟଣା ତାଙ୍କ ବାୟୋପିକ୍‌ର ମୁଖ୍ୟ କଥାବସ୍ତୁ ରହିଛି। ସୂଚନାଯୋଗ୍ୟ, ଉକ୍ତ ଫିଲ୍ମ ଜରିଆରେ ରାଜ୍ ଅଭିନୟରେ ଡେବ୍ୟୁ କରିବେ। ଝିଅଙ୍କୁ ଫିଲ୍ମ ହେବା ଲୋଭରେ ଫସେଇ ରାଜ୍ ଅଶ୍ଳୀଳ ଭିଡିଓ ନିର୍ମାଣ କରିବା ନେଇ ଅଭିଯୋଗ ହେବା ପରେ ୨୦୨୧ ଜୁଲାଇ ୧୯ରେ ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ସେହିବର୍ଷ ସେପ୍ଟେମ୍ବର ୨୧ରେ ତାଙ୍କୁ ବ୍ୟକ୍ତିମୂଳକ ଜାମିନ ମିଳିଥିଲା। ଏ ସଂକ୍ରାନ୍ତରେ ତାଙ୍କୁ ୬୩ ଦିନ ମୁମ୍ବାଇ ଆର୍ଥର ରୋଡ୍ ଜେଲରେ ରହିବାକୁ ପଡ଼ିଥିଲା।

# ପଦାରେ ଗୋରୁ ବୁଲିଲେ ମାଲିକଙ୍କୁ ଚପଲ ମାଡ଼

**ଭୋପାଳ:** ଗ୍ରାମବାସୀଙ୍କ ଦୁଃଖ ସୁଖ ବୁଝିବା ସାଙ୍ଗକୁ ଗାଁରେ ସବୁ ପ୍ରକାର ସୁବିଧା ଉପଲବ୍ଧ କରାଇବା ପ୍ରତ୍ୟେକ ସରପଞ୍ଚଙ୍କ କାର୍ଯ୍ୟ। ମଧ୍ୟପ୍ରଦେଶ ନାଗ୍‌ନାଡୁଇ ପଞ୍ଚାୟତର ସରପଞ୍ଚ ସେଠାରେ ଏକ ନୂଆ ନିୟମ ଲାଗୁ କରିଛନ୍ତି, ଯାହାକୁ ନେଇ ଏବେ ବିବାଦ ବଢ଼ିଛି। ଯଦି ଗାଁ ଭିତରେ କାହାର ଗୋରୁ ଖୋଲା ବୁଲୁଥିବାର ଦେଖିବାକୁ ମିଳେ ତେବେ ତା' ମାଲିକଙ୍କୁ ସ୍ଲିପର ଚପଲରେ ୫ ଥର ମାଡ଼ ମରାଯିବା ସହ ତାଙ୍କୁ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ସରପଞ୍ଚ ନିୟମ ସମ୍ପର୍କରେ ଗାଁରେ ପ୍ରଚାର କରୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। କିନ୍ତୁ ଏହି ନିୟମକୁ ନେଇ ଗାଁରେ ଏବେ ପ୍ରତିବାଦ ଦେଖିବାକୁ ମିଳିଛି। ସରପଞ୍ଚ ଘୋଷଣା କରିଥିବା ଏହି ନିୟମକୁ ପ୍ରତ୍ୟାହାର କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଯଦି ଏପରି କରା ନ ଯାଏ ତେବେ ଏସ୍‌ଡିଏମ୍‌ଙ୍କ ସାହାଯ୍ୟ ଲୋଡ଼ାଯିବ ବୋଲି ଗାଁ ଲୋକେ କହିଛନ୍ତି।



# ଆଦୃତ ହେଉଛି ଫେସ୍‌କିନି ଫ୍ୟାଶନ

**ବେଜିଂ:** ଫ୍ରାନ୍ସ, ଆମେରିକା, ଚାଇନାରେ ଏବେ ଅସହ୍ୟ ତାତି। ସ୍ଥାନୀୟ ଅଞ୍ଚଳ ତାପମାତ୍ରା କ୍ରମାଗତ ବଢ଼ିବାରେ ଲାଗିଛି। ଚାଇନାର ବିଭିନ୍ନ ଅଞ୍ଚଳରେ ପାରଦ ଏବେ ୩୫ ଡିଗ୍ରୀ ସେଲ୍‌ସିୟସ୍ ପାର୍ କରିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଫେସ୍‌କିନି ଫ୍ୟାଶନ ଏବେ ଟ୍ରେଣ୍ଡ ପାଲଟିଛି। ଏହି ଫେସ୍ ମାସ୍କରେ କେବଳ ଆଖି, ନାକ ଓ ପାଟି ପାଇଁ ଛିଦ୍ର ରହିଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ମୁହଁକୁ ଘୋଡ଼ାଇ ରଖିଥାଏ। ଏଥିସହ ମୁଣ୍ଡରେ ଟୋପି, ହାତକୁ ଘୋଡ଼ାଇଲା ଭଳି ଜ୍ୟାକେଟ୍ ରହିଛି। ସୂର୍ଯ୍ୟଙ୍କ ଅତିବାଇଗଣି ରଶ୍ମିକୁ ପ୍ରତିରୋଧ କଲାଭଳି ରେଶମରେ ଏହା ନିର୍ମିତ। ସ୍ଥାନୀୟ ଅଞ୍ଚଳର ତାପମାତ୍ରାକୁ ଦେଖି ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଫେସ୍‌କିନି ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଗରମରୁ ରକ୍ଷା ପାଇବା ଲାଗି ବହୁଜଣ ଛୋଟ ହ୍ୟାଣ୍ଡ ଫ୍ୟାନ୍ ସାଙ୍ଗକୁ ମୁହଁ ଘୋଡ଼ାଇ ହୋଇ ରହୁଥିବାର ଦେଖିବାକୁ ମିଳୁଛି।




# Classified Everyday 0674-2580101, 2549949




**SALE**

Commercial vehicle 2013 Model Etios, 2010 Model Innova for sale in good running condition. Contact : 7656915989. D-73394




**SALE**

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

Book 3BHK/4BHK premium flat at Saubhagyanagar, near City Women's College & Narula Sweets, Handover June 2024. Contact: 9439716901. D-74555

Duplex sale at Bhubaneswar @ 57 Lakhs only. Contact- 9777433701. D-74893

**2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891.** D-0819

ଘରବାରି 2000sqft. Re-Sale plot ହଂସପାଳଛକ Astha Management ନିକଟ ଅଟଳା ମୌଜାରେ ପ୍ଲଟ୍ ବିକ୍ରି ହେବ। sqft. 2100/-. 9437114429, 9437003399. D-74894

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଫୁଲନଖରା ତ୍ରିନାଥବଜାର ନିକଟରେ 11,00,000/- ଘରବାରି ପ୍ଲଟ୍ Electricity ସହିତ ନେଇ ଘରକରନ୍ତୁ- 9776846520. D-74892

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74885

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି **SC Plot 976000** ରେ ବିକ୍ରିହେବ, **9439832956, 9337513276.** D-0833

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75011

Spa Kerala body Massage only best Therapist @699/- Bhubaneswar. 9337672475. D-0854

Newly opened (one 8 SPA)/ (Salon Service) with export therapist. 9938843929. D-75131

Newly open SPA positively health benefit with expert. Contact : 7749976301. D-74554

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Pinky Samanta, D/o Mitu Samanta & Tanmay Samanta, reside at Plot No-1503, Fishery Lane, Chintamaniswar, Bhubaneswar, Khordha- 751006 was named as Pinky Samantray, D/o- Mitu Samantray & Tanmay Samantray in my Secondary Examination Grade Sheet cum certificate of performance issued by CBSE vide S.No.- SSE/2012 /132514, dated 24.05. 2012. I solemnly declare that Pinky Samanta, D/o- Mitu Samanta & Tanmay Samanta and Pinky Samantray, D/o- Mitu Samantray & Tanmay Samantray is the same & identical person vide Affidavit No-22, sworn before the Executive Magistrate at Bhubaneswar on 17.07.2023. D-73777

Affidavit before Executive Magistrate, Dhenkanal, dtd. 20.07.2023, I have changed my name from Akshayaya Kumar Sahoo to Akshaya Kumar Sahoo. Henceforth, I shall be known as Akshaya Kumar Sahoo for purpose of Army record and all purposes. D-74081

By an affidavit sworn before the Notary Public, Bhubaneswar on dated 29.03.2017 I, Madhusmita Swain, W/o- Sukanta Nayak residing at Plot No.-852/1419, Road-3, Netaji Vihar, Sabar Sahi, Rasulgarh, Bhubaneswar have changed my name from Madhusmita Swain to Madhusmita Nayak. Henceforth, I shall be known as Madhusmita Nayak for all purpose. D-0870

That, I Mst. Gouri Nanda, W/o- Late Rajkumar Mahananda, R/o of At/PO.- Kamarlaga, P.S.- Saintala, Dist.- Balangir do hereby declare that my title Nanda and Mahananda both the title are same and one. By virtue of an affidavit vide Affidavit Sl. No.- 468 dt. 21st. day of July 2023 swearing before the Satyanarayan Sahoo, Notary Public, Titilagarh for avoid future reference and litigation. D-0875

I, Chandana Madhual, W/o- Chitta Ranjan Mohanty and D/o. Ugrasen Madhual, Resident of At-Oramal, P.O.- Dosinga, P.S.- Dhamara, Dist.- Bhadrak, Odisha, 756171. Hereby declare that I have don't change my surname from Madhual to Mohanty vide affidavit dated 26.05.2023. Henceforth I shall be known as Chandana Madhual for all Purpose. D-0874



**LEGAL NOTICE**

ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ ଆର୍.ପି.କେସ୍ ନଂ.- ୮୮୮/୨୦୧୫ (ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା- ୧୫(ବି) ଅନୁଯାୟୀ)

ବୀର କିଶୋର ପରିଡ଼ା .....ବାଦୀମାନେ

ବନାମ

ଲାଲା ଗୌରୀ ଶଙ୍କର ରାୟ ଓଗେର ....ପ୍ରତିବାଦୀ

ପ୍ରତିବାଦୀ ନଂ.-୨ ଲାଲା ତପନ କୁମାର ରାୟ, ୬. ଲାଲା ଦିଲିପ କୁମାର ରାୟ, ୭. ଲାଲା ଅଶୋକ କୁମାର ରାୟ, ୮. ଲାଲା ବବୁଲ କୁମାର ରାୟ, ୯. ଲାଲା ବିଜୟ କେଶରୀ ରାୟ ସମସ୍ତଙ୍କ ପିତା: ୰ଲାଲା ହରେକୃଷ୍ଣ ସିଂ, ଗ୍ରାମ: ଜଜାର ସିଂ, ଖୋର୍ଦ୍ଧା ମେନ୍ ରୋଡ୍, ଓଲ୍ଡ୍ ଫାୟାର ଷ୍ଟେସନ ସ୍କୋୟାର୍, ପୋ.ଅ:/ଥାନା/ଜିଲ୍ଲା: ଖୋର୍ଦ୍ଧା

ଦେୱାନୀ ଆଇନର ଅର୍ଡର-୫ ରୁଲ୍-୨୦ ଅନୁଯାୟୀ ନୋଟିସ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଣପଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗେ ନୋଟିସ ପଠାଯାଇଥିଲା। କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାଏର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

ଜମିର ତଫସିଲ

ମୌଜା: ଭଗବତୀପୁର, ଥାନା: ଚନ୍ଦକା, ନଂ.-୨୫ ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ହାଲ ଖାତା ନଂ.-୧୫୧, ହାଲ ପ୍ଲଟ୍ ନଂ.-୪୫୩ ଏ୦.୧୦୦ଡି., ହାଲ ପ୍ଲଟ୍ ନଂ.-୪୫୪, ଏ. ୧.୦୯୦ଡି. ମୌଜା: ଭଗବତୀପୁର, ସାବକ ଖାତା ନଂ.-୫୩, ସାବକ ପ୍ଲଟ୍ ନଂ.- ୨୯୭, ଏ.୦.୮୭୫ଡି., ପ୍ଲଟ୍ ନଂ.-୩୧୨/୪୫୫, ଏ.୦.୪୪୦ଡି.

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ, କେଶରୀ ନଗର, ୟୁନିଟ-୫ରେ ଆସନ୍ତା ତା୦୫।୧୦।୨୦୨୩ରିଖ ଦିବା ଘ୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ।

ଅଦାଲତଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ସଚିବ (ବିଚାର)
ଧ-୦୮୬୭

ମହକୁମେ, ଜିଲ୍ଲା: ସମ୍ବଲପୁର, ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, କୁଚିଣ୍ଡା Order-5 Rule 20 C.P.C. ସିଭିଲ ମୋକଦ୍ଦମା ନଂ.-୫୪/୨୦୧୪

ଜ୍ୟୋତ୍ସ୍ନା ଓରଫ ପଦ୍ମିନୀ ପଟେଲ ଓଗେର .....ବାଦୀ

ବନାମ

ରମାକାନ୍ତି ପଟେଲ ଓ ଅନ୍ୟମାନେ ......ପ୍ରତିବାଦୀ

ପ୍ରାପ୍ତେଷୁ,
ଯଶୋଦା ପଟେଲ, ବୟସ:୫୨ବର୍ଷ, ପିତା: ହିରାଧର ପଟେଲ, ଗ୍ରାମ/ପୋଷ୍ଟ: କୁନ୍ତରା, ଥାନା: ମହୁଲପାଲି, ଜିଲ୍ଲା: ସମ୍ବଲପୁର

ଯେହେତୁ ବାଦୀ ଜ୍ୟୋତ୍ସ୍ନା ଓରଫ ପଦ୍ମିନୀ ପଟେଲ ଓ ଜନେକ ପଟେଲ ତୁମ୍ଭମାନଙ୍କର ନାମରେ କୁନ୍ତରା ମୌଜାସ୍ଥିତ ଖାତା ନଂ.-୩୮ ଓ ୩୯ର ଜମି ଭାଗବଣ୍ଟା ସକାଶେ ମୋକଦ୍ଦମା ଦାଏର କରିଛନ୍ତି। ବାରମ୍ବାର ନୋଟିସ କରିବା ସତ୍ତ୍ୱେ ତୁମ୍ଭେ ଉପରୋକ୍ତ ମୋକଦ୍ଦମାରେ ହାଜର ହେଉ ନ ଥିବାର ପ୍ରତୀତ ହେଉଅଛି। ଅତଏବେ ଉକ୍ତ ମୋକଦ୍ଦମାରେ ଆସନ୍ତା ୨୧।୦୮।୨୦୨୩ ମଃ ସକାଳ ଘ୧୦.୩୦ରେ ଧାର୍ଯ୍ୟ କରାଯାଇଛି।

ଏଣୁ ଆପଣଙ୍କ ଓକିଲ ଜରିଆରେ ହାଜର ହୋଇ ଉକ୍ତ କେଶ୍‌ର ଉତ୍ତର ପାଇଁ ଆପଣଙ୍କୁ ଏହି ନୋଟିସ ଦିଆଯାଉଅଛି। ଆପଣ ଉପରୋକ୍ତ ଦିବସରେ ହାଜର ନ ହେଲେ, ଆପଣଙ୍କର ଅନୁପସ୍ଥିତିରେ ଉପରଲିଖିତ ମୋକଦ୍ଦମାର ଏକତରଫା ବିଚାର କରାଯିବ।

ସ୍ୱା./-ବରିଷ୍ଠ ଦେୱାନୀ ବିଚାରପତି
କୁଚିଣ୍ଡା, ଜିଲ୍ଲା: ସମ୍ବଲପୁର
ଧ-୦୮୭୧

# ପୁଣି ବଢ଼ିପାରେ ଖାଇବାତେଲ ଦର

ନୂଆଦିଲ୍ଲୀ,୨୧।୭ (ଅଭୟ ଦାଶ)



ଗତ କିଛିଦିନ ହେବ ଅନ୍ତର୍ଜାତୀୟ ବଜାରରେ ପାମ୍ ଅଏଲର ଦର ବୃଦ୍ଧି ପାଇଚାଲିଛି। ଏପରିକି ପାମ୍ ଅଏଲର ଦର ଗତ ୪ ମାସର ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ବିଶେଷକରି ମାଲେସିଆରେ ପାମ୍ ଅଏଲର ୪୦୪୩ ରିଙ୍ଗିଟ୍ ପାର ହୋଇଯାଇଛି। ଅପରପକ୍ଷରେ ସାଧାରଣତଃ ସେପ୍ଟେମ୍ବର ତ୍ରୈମାସିକରେ ମାଲେସିଆର ପାମ୍ ଉତ୍ପାଦନ ହ୍ରାସ ପାଇଥାଏ। ଏହି ସମୟ ମଧ୍ୟରେ ଅନ୍ତର୍ଜାତୀୟ ବଜାରର ଦର ସହ ପାମ୍ ଅଏଲର ଚାହିଦା ମଧ୍ୟ ବୃଦ୍ଧି ପାଇଥାଏ। ଏଣୁ ଚାହିଦା ତୁଳନାରେ ଯୋଗାଣ ହ୍ରାସ ଯୋଗୁ ମୂଲ୍ୟ ବୃଦ୍ଧି ଏକ ନିୟମିତ ପ୍ରକ୍ରିୟା ହୋଇଥିବାବେଳେ ଦର ବୃଦ୍ଧି ଆମଦାନୀ ଦେଶଗୁଡ଼ିକ ପାଇଁ ମିଶ୍ର ପ୍ରତିକ୍ରିୟା ସୃଷ୍ଟି କରିଥାଏ। ସେହିଭଳି ଆମଦାନୀ ଦେଶ ଭାବେ ଭାରତର ପାମ୍ ଅଏଲ ଇମ୍ପୋର୍ଟ ପ୍ରାୟ ୫୬% ବୃଦ୍ଧି ହୋଇଛି। ଏହି ସମୟ ମଧ୍ୟରେ ଭାରତର ତୈଳ ଆମଦାନୀ ବିଗତ ୩ମାସର ସର୍ବୋଚ୍ଚସ୍ତରରେ ରହିଛି। କେବଳ ପାମ୍ କି ସୋୟା ନୁହେଁ ସନ୍‌ଫ୍ଲାୱାର ତେଲର ଦାମ ମଧ୍ୟ ୩ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ତେବେ ଭାରତରେ ବଢ଼ିଥିବା ସନ୍‌ଫ୍ଲାୱର ତେଲ ଦର ବର୍ତ୍ତମାନ ବି ୨୮% ତଳେ ରହିଥିବାବେଳେ ସୋରିଷ ଦର ଅନ୍ତର୍ଜାତୀୟ ବଜାରରେ ୫ ମାସର ସର୍ବୋଚ୍ଚସ୍ତରରେ ରହିଛି। ଏହା ସତ୍ତ୍ୱେ ବି ମୂଲ୍ୟ ବୃଦ୍ଧି ସମୟର ଦର ତୁଳନାରେ ଦାମ ବର୍ତ୍ତମାନ ବି ୧୫% କମ୍ ରହିଛି। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ସୋୟାବିନ୍‌ର ମୂଲ୍ୟ ମଧ୍ୟ ୩ମାସର ସର୍ବୋଚ୍ଚସ୍ତରକୁ ଛୁଇଁଛି। ଫଳରେ ଆମେରିକା ବଜାରରେ ସୋୟାବିନ୍ ବୁସେଲ ପିଛା ଦର ୧୫୦୦ଡଲାର ପାର ହୋଇଯାଇଛି। ଏପରିକି ଦେଶରେ ଉତ୍ପାଦନ ହ୍ରାସ ଆଶଙ୍କା ସହ ଆମେରିକା ବଜାରରେ ସୋୟାବିନ୍ ଦର ମଧ୍ୟ ବଢ଼ିଛି। ଏହି ପରିପ୍ରେକ୍ଷୀରେ ଚାଇନାର ଚାହିଦା ବୃଦ୍ଧି ସୋୟାବିନ୍ ମୂଲ୍ୟ ବୃଦ୍ଧିକୁ ସୁହାଇଛି। ସେହିପରି କୃଷ୍ଣସାଗର ଶସ୍ୟ ରାଜିନାମାରୁ ରୁଷିଆ ନିଜକୁ ପୃଥକ୍ କରିଛି। ତେଣୁ ତୈଳ ଦର ବଢ଼ିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏପରିକି ସନ୍‌ଫ୍ଲାୱାର ତେଲ ଦର ଆହୁରି ବଢ଼ିବ ବୋଲି ଆକଳନ କରାଯାଉଛି।

# ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୨୧।୭

କ୍ରମାଗତ ୬ଷ୍ଠ ଦିନର ଉଚ୍ଚ କାରବାର ପରେ ଭାରତୀୟ ଶେୟାର ବଜାରର କାରବାରରେ ଏକ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୮୮ (୮୮୭.୬୪) ପଏଣ୍ଟ ଖସି ୬୬,୬୮୪ (୬୬,୬୮୪.୨୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୩୪ (୨୩୪.୧୫) ପଏଣ୍ଟ ହ୍ରାସ ଘଟି ୧୯,୭୪୫ (୧୯,୭୪୫.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଏନ୍‌ଆଇପିଏଲ୍‌ର ସ୍ୱତନ୍ତ୍ର ପ୍ରଦର୍ଶନୀ



ନୂଆଦିଲ୍ଲୀ,୨୧।୭

ନିକନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏନ୍‌ଆଇପିଏଲ୍)ର ନୂତନ ଉତ୍ପାଦ 'ନିକନ୍ ଜେଡ୍-୮'ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ହୋଟେଲ ଆଇଟିସି ୱେଲକମ୍ ପରିସରରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରଦଶନୀରେ ନିକନ୍‌ର ସର୍ବଶ୍ରେଷ୍ଠ ମିରର ଲେସ୍ ଇମେଜିଂ ମାଷ୍ଟରପିସ୍ ନିକନ୍ ଜେଡ୍-୮ ସହ ଅନ୍ୟ ମଡେଲଗୁଡ଼ିକୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ବିଶେଷକରି ମଡେଲଗୁଡ଼ିକର ଚମତ୍କାରିତା, ପୋର୍ଟେବିଲିଟି, ବହୁମୁଖିତା ଏବଂ ଶ୍ରେଷ୍ଠ-ଶ୍ରେଣୀର ଏଆଇ-ସକ୍ଷମ ବୈଶିଷ୍ଟ୍ୟଗୁଡ଼ିକର ଫ୍ୟୁଜନ ଇମେଜିଂ ଲ୍ୟାଣ୍ଡସ୍କେପ୍‌କୁ ଏକ ନୂତନ ସ୍ତରକୁ ନେବାକୁ କମ୍ପାନୀ ପକ୍ଷରୁ ପ୍ରୟାସ କରାଯାଇଛି। ଇମେଜିଂ ମାଷ୍ଟରପିସ୍ ନିକନ୍ ଜେଡ୍-୮ର ଅସାଧାରଣ ଇମେଜିଂ କାର୍ଯ୍ୟଦକ୍ଷତା, ପ୍ରଶଂସନୀୟ ସୁସଙ୍ଗତତା ଏବଂ ହାଇ-ସ୍ପିଡ୍ ଫ୍ରେମ କ୍ୟାପ୍‌ଚର ବୈଶିଷ୍ଟ୍ୟରେ ସମ୍ପୂର୍ଣ୍ଣ ରୂପେ ଏହା ପ୍ରତିଫଳିତ ହୋଇଛି। ପାୱାର ହାଉସ ନିକନ୍ ଜେଡ୍-୮ ଭିଡିଓ ୪କେ ୟୁଏଚ୍‌ଡି-୬୦ପି୨ରେ ୧୨୫ ମିନିଟ୍ ପର୍ଯ୍ୟନ୍ତ ଏବଂ ପ୍ରାୟ ୯୦ମିନିଟ୍ ପର୍ଯ୍ୟନ୍ତ ୮କେ ୟୁଏଚ୍‌ଡି-୩୦ପି୩ରେ ରେକର୍ଡିଂ କରିପାରିବ। ନିକନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଜନ କୁମାର କହିଛନ୍ତି, ନିକନ୍ ଜେଡ୍-୮ କ୍ୟାମେରାରେ ଟପ୍-ନଚ୍ ୧୨ ବିଟ୍ ଆଭ୍ୟନ୍ତରୀଣ ୮କେ ଭିଡିଓ ରେକର୍ଡିଂ ଏବଂ ୧୨୦ ଏଫ୍‌ପିଏସ୍ ଦ୍ରୁତ ସ୍ପିଡ୍ ତଥା ସବୁଠାରୁ ଉନ୍ନତ ଅଟୋ ଏପରିକି ଏହାର ଫୋକସ ସିଷ୍ଟମ ଓ ବୈଶିଷ୍ଟ୍ୟ ସହିତ ଉକ୍ତ ହାଇବ୍ରିଡ୍ କ୍ୟାମେରାର କମ୍ପାକ୍ଟନେସ ଏବଂ ପୋର୍ଟେବିଲିଟି ସୁବିଧା ମଧ୍ୟ ରହିଛି। ଯେକୌଣସି ସମୟରେ ଏବଂ ଯେ କୌଣସିଠାରେ ଏହା ୧୦-ବିଟ୍ ଷ୍ଟିଲ୍ ଇମେଜ, ହାଇ-ରେସ୍ ଜୁମ୍, ସ୍କିନ୍ ସଫ୍ଟନିଂ, ପୋଟ୍ରେଟ ଇମ୍ପ୍ରେଶନ ବାଲାନ୍ସ ଆଦି ରହିଛି। ଏଥିରେ ନୂତନ ଏଚ୍‌ଏଲ୍‌ଜି (ଏଚ୍‌ଇଆଇଏଫ୍) ଫର୍ମାଟ ଭଳି ଆକର୍ଷଣୀୟ ବୈଶିଷ୍ଟ୍ୟ ସମେତ ଅଟୋ-ଫୋକସ ପାଇଁ ଇମ୍ପ୍ରେଶନ ସନ୍ତୁଳନ ଏବଂ ଉନ୍ନତ ଏଆଇ-ଆଲଗରିଦମ୍ ନିକନ୍ ଜେଡ୍-୮ ଆଦି ରହିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଜେଏସ୍‌ଏଲ୍‌ର ମାଲିକାନାରେ ଜେୟୁଏସ୍‌ଏଲ୍

ଭୁବନେଶ୍ୱର,୨୧।୭

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ନିକଟରେ ଆଉ ଏକ ଶିଳ୍ପ ପ୍ରତିଷ୍ଠାନକୁ ଅଧିଗ୍ରହଣ କରିଛି। ଏପରିକି ଜେଏସ୍‌ଏଲ୍ ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ୟୁନାଇଟେଡ୍ ଷ୍ଟିଲ୍ ଲିମିଟେଡ୍ (ଜେୟୁଏସ୍‌ଏଲ୍)ର ଶତପ୍ରତିଶତ ଅଂଶଧନ ଅଧିଗ୍ରହଣ ସହ ମାଲାକାନା ହାସଲ ସମ୍ପର୍କରେ ଘୋଷଣା କରିଛି। ଏହା ପୂର୍ବରୁ ଜେଏସ୍‌ଏଲ୍ ଉକ୍ତ କମ୍ପାନୀର ୨୬% ଅଂଶଧନ ଧାରଣ କରିଥିଲା। ଜେଏସ୍‌ଏଲ୍ ବର୍ତ୍ତମାନ ୯୫୮ କୋଟିର ନଗଦ କାରବାରରେ ଜେୟୁଏସ୍‌ଏଲ୍‌ର ଅବଶିଷ୍ଟ ୭୪% ଇକ୍ୱିଟି ଅଂଶଧନ ହାସଲ କରିଛି। ଏହି କାରବାର ଫଳରେ ଜେଏସ୍‌ଏଲ୍‌କୁ ଜେୟୁଏସ୍‌ଏଲ୍‌ର ୧୦୦% ମାଲିକାନା ପ୍ରଦାନ କରାଯାଇଛି। ଏପରିକି ଜେୟୁଏସ୍‌ଏଲ୍ ହଟ୍ ଷ୍ଟ୍ରିପ୍ ମିଲ୍ (ଏଚ୍‌ଏସ୍‌ଏମ୍)ର ବାର୍ଷିକ ୧.୬ ମିଲିୟନ୍ ଟନ୍ (ଏମ୍‌ଟିପିଏ) କ୍ଷମତା ଏବଂ ୦.୨ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ କୋଲ୍ଡ ରୋଲିଂ ମିଲ୍ କାର୍ଯ୍ୟ କରୁଛି। ଏହା ମଧ୍ୟ ଓଡ଼ିଶାର ଯାଜପୁରଠାରେ ୩.୨ଏମ୍‌ଟିପିଏ ପର୍ଯ୍ୟନ୍ତ କ୍ଷମତା ସମ୍ପ୍ରସାରଣ କରୁଛି। ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉପରେ ସମ୍ପୂର୍ଣ୍ଣ ଦୃଷ୍ଟିଦେବା ସହ ଜେୟୁଏସ୍‌ଏଲ୍ ଏବଂ ଜେଏସ୍‌ଏଲ୍‌ର ଆସୋସିଏସନକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଫଳରେ ଷ୍ଟେନ୍‌ଲେସ୍ ଷ୍ଟିଲ ଉତ୍ପାଦନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୁବିଧାକୁ ଏକତ୍ରିତ କରିବାକୁ ଆମେ ନିଷ୍ପତ୍ତି ନେଇଛୁ।

BADRIPRASAD Group of Institutions
NURSING PROGRAMMES
B.Sc Nursing
Eligibility : +2 Science PCB with 45% Genral, 40% ST/SC
PB BSc Nursing
Eligibility : GNM Pass with onmrc Registration
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
Web:: www.bitsambalpur.org / Email : bitechsbp@gmail.com / bcetsbp@gmail.com
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028,
Email : badriprasad.nursing@gmai.com

# ରିଲାଏନ୍ସ ଜିଓର ପ୍ରଥମ ତ୍ରୈମାସିକ ଫଳାଫଳ

**ଏପ୍ରିଲରୁ ଜୁନ୍ ମଧ୍ୟରେ ଜିଓର ନେଟ୍ ଲାଭ ୧୨.୧% ବୃଦ୍ଧି ସହ ୪୮୬୩ କୋଟି ଟଙ୍କା**




ନୂଆଦିଲ୍ଲୀ,୨୧।୭

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସଂସ୍ଥା ରିଲାଏନ୍ସ ଜିଓର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରିଲାଏନ୍ସ ଜିଓ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ଏପ୍ରିଲରୁଜୁନ୍‌ତ୍ରୈମାସରେ ରିଲାଏନ୍ସଜିଓର ନେଟ୍ ଲାଭ ୧୨.୧%ର ବୃଦ୍ଧି ସହ ୪୮୬୩ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ତ୍ରୈମାସରେ ଜିଓର ନେଟ୍ ଲାଭ ୪୩୩୫ କୋଟି ଟଙ୍କା ରହିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁନ୍ ତ୍ରୈମାସରେ ରିଲାଏନ୍ସ ଜିଓର ମୋଟ ଆୟ ପୂର୍ବ ବର୍ଷର ସମାନ ଅବଧି ମଧ୍ୟରେ ରହିଥିବା ୨୧,୯୯୫ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୪,୧୨୭କୋଟି ଟଙ୍କାରେ ପହଞ୍ଚିଛି। ଏହି ତ୍ରୈମାସରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୯.୯% ବୃଦ୍ଧି ସହ ୨୪,୦୪୨ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୨୧,୮୭୩ କୋଟି ରହିଥିଲା। ରିଲାଏନ୍ସ ଜିଓ ଦେଶର ସର୍ବବୃହତ୍ ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜର ସ୍ଥାନ ସୁଦୃଢ଼ କରିବା ସହ ସାରା ଦେଶରେ ୫ଜି ସେବାର ଦ୍ରୁତ ସମ୍ପ୍ରସାରଣ ଜାରି ରଖିଛି । ଦେଶର ପ୍ରାୟ ୨୫କୋଟି ୨ଜି ମୋବାଇଲ ସେବା ବ୍ୟବହାରକାରୀଙ୍କୁ ୪ଜି ସେବାକୁ ଉନ୍ନୀତ ହେବା ସୁଯୋଗ ପ୍ରଦାନ କରିବା ସହ ଜିଓ ଭାରତ ୪ଜି ଫିଚର ଫୋନ ଶୁଭାରମ୍ଭ କରିଛି।

## ରାଜ୍ୟ

# 'ବିଜୁବାବୁ ଦି ଲିଜେଣ୍ଡ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆତ୍ମଜୀବନୀକୁ ନେଇ ପଦାର୍ଥ ବିଜ୍ଞାନୀ ଡ. ସୁଶାନ୍ତ ଦାସଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବିଜୁ ବାବୁ ଦି ଲିଜେଣ୍ଡ' ଶୁକ୍ରବାର ରେଡକ୍ରସ ଭବନଠାରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ କୁମାର ପାଟଶାଣୀ, ବିଶିଷ୍ଟ ଅତିଥି ଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି, ମୁଖ୍ୟବକ୍ତା ଭାବେ ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ଅର୍ଥ ପରାମର୍ଶଦାତା ମନୋରଞ୍ଜନ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ କାଳିଚରଣ ସିଂ ଯୋଗଦେଇ ବିଜୁ ବାବୁଙ୍କ ନିର୍ଭିକତା, ଉଦ୍ୟୋଗୀ ପଣିଆ, ଦୁଃସାହସିକତା ଓ ସ୍ୱାବଲମ୍ବିତା ଉପରେ ଆଲୋକପାତ କରିଥିଲେ।

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ଏବଂ ପୁରୀ ପାଇଁ ଡ୍ରାଇଭର ଆବଶ୍ୟକ
ଉପଯୁକ୍ତ ଡ୍ରାଇଭିଂ ଲାଇସେନ୍ସ ଥିବା ଦରକାର
ଶିକ୍ଷାଗତ ଯୋଗ୍ୟତା - ମାଟ୍ରିକ ପାସ କରିଥିବେ
୨ ରୁ ୪ ବର୍ଷ ଅଭିଜ୍ଞତା ଥିଲେ - ଟଙ୍କା ୧୨୫୦୦
୪ ରୁ ୬ ବର୍ଷ ଅଭିଜ୍ଞତା ଥିଲେ - ଟଙ୍କା ୧୩୫୦୦
୬ ବର୍ଷରୁ ଅଧିକ ଅଭିଜ୍ଞତା ଥିଲେ - ଟଙ୍କା ୧୪୫୦୦
ଦରମା + PF + ESIC + ରହିବା ସୁବିଧା ଅଛି
ଯୋଗାଯୋଗ:
ବସୁଧା ଏଣ୍ଟରପ୍ରାଇଜେସ, ଭୁବନେଶ୍ୱର,
ମୋ.: ୯୯୩୭୦୨୭୪୭୮

See Career Appointment on every Wednesday & Saturday

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ଅଞ୍ଚଳରେ OFFICIAL JOB କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary : (8,000 - 25,000)
ଯୋଗ୍ୟତା : 9th to Graduate
9124128389

# ଲୋୟର ସୁକ୍‌ତେଲ ଡ୍ୟାମ୍‌ରେ ବଢ଼ିଲା ଜଳସ୍ତର

ବଲାଙ୍ଗୀର, ୨୧।୭ (ବୀରେନ୍ଦ୍ର କୁମାର ଝାଙ୍କର)/ଲୋଇସିଂହା, (ସୁଶାନ୍ତ ବାରିକ)

**ପ୍ରଶାସନ ଆରମ୍ଭ କଲା ଜରୁରୀକାଳୀନ ଉଦ୍ଧାର ଅଭିଯାନ**

- ନଦୀ ଖଣ୍ଡି ଗାଁ ଲୋକଙ୍କୁ କଲେ ହାଇଆଲର୍ଟ
- ଓଡ୍ରାଫ ଟିମ୍, ଅଗ୍ନିଶମ ବିଭାଗ, ପୋଲିସ ବାହିନୀ ମୁତୟନ

ସୁକ୍‌ତେଲ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବଲାଙ୍ଗୀର ଲୋୟର ସୁକ୍‌ତେଲ ଡ୍ୟାମରେ ଅଚାନକ ଜଳସ୍ତର ବଢ଼ିବା ପରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ରାତିରେ ଜରୁରୀକାଳୀନ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଛି। ଜିଲାପାଳ ଚଞ୍ଚଳ ରାଣା ଏବଂ ଏସପି ଋଷିକେଶ ଖିଲାରୀଙ୍କ ନେତୃତ୍ୱରେ ଜିଲା ପ୍ରଶାସନର ଏକ ବଡ ଟିମ୍ ସୁକ୍‌ତେଲ ନଦୀ ଜଳଭଣ୍ଡାର ଅନ୍ତର୍ଗତ ବିଭିନ୍ନ ଗାଁକୁ ପହଞ୍ଚିଥିବା ଜଣାପଡିଛି। ବିଶେଷକରି ଗଡଶଙ୍କର ଡୁଙ୍ଗୁରିପାଲି, ବନ୍‌ଛୋରପାଲି ଗାଁରେ ହାଇଆଲର୍ଡ ଜାରି କରାଯାଇଛି। ସୁକ୍‌ତେଲ ଜଳଭଣ୍ଡାର ଏବଂ ନଦୀଖଣ୍ଡି ଗାଁରୁ ରାତିରେ ଲୋକଙ୍କୁ ନିରାପଦ ସ୍ଥାନକୁ ନିଆଯିବା ବ୍ୟବସ୍ଥା କରାଯାଉଥିବା ଜଣାପଡିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ସୁକ୍‌ତେଲ ଜଳଭଣ୍ଡାରରେ ଜଳସ୍ତର ଅଚାନକ ବୃଦ୍ଧି ପାଇଛି। ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ଗାଁ ଗୁଡିକରୁ ସମ୍ପୂର୍ଣ୍ଣ ବିସ୍ଥାପନ ହୋଇନାହିଁ। ଗଡଶଙ୍କର ଡୁଙ୍ଗୁରିପାଲି, ବନ୍‌ଛୋରପାଲିରେ ରହୁଥିବା ଲୋକଙ୍କୁ ରାତିରେ ଅନ୍ୟତ୍ର ନିଆଯିବା ବ୍ୟବସ୍ଥା କରାଯାଉଥିବା ଜଣାପଡିଛି। ଏଥିସକାଶେ ଲୋୟର ସୁକ୍‌ତେଲ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର, ଉପଜିଲାପାଳ କୁମାର ନାଗଭୂଷଣ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ସୁନୀଲ ରାଉତ, ଏସଡିପିଓ ତୋଫାନ୍ ବାଗ, ବଲାଙ୍ଗୀର, ଲୋଇସିଂହା ବିଡିଓ, ତହସିଲଦାର, ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ, ପୋଲିସ ବାହିନୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ସୁକ୍‌ତେଲ ନଦୀ କୂଳ ଡ୍ୟାମ୍ ପାଖରେ ଜଳସ୍ତର ଦେଖିବାକୁ ପୋଲିସ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚାରିବାରୁ ସୁକ୍‌ତେଲ ଉପର ମୁଣ୍ଡରେ ଜୋର ବର୍ଷା ଯୋଗୁଁ ଜଳଭଣ୍ଡାରରେ ଜଳସ୍ତର ବଢ଼ିଛି। ପ୍ରଶାସନ ଗାଁରେ ରହିଯାଇଥିବା କିଛି ଲୋକଙ୍କୁ କିଭଳି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବ ସେନେଇ ଉଦ୍ୟମ କରାଯାଉଛି। ପରିସ୍ଥିତି ଉପରେ ନଜର ରହିଛି। ଲୋକଙ୍କ ଖାଇବା ଓ ରହିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ରାଣା କହିଛନ୍ତି। ଅନ୍ୟପଟେ ସୁକ୍‌ତେଲ ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଇବା ଫଳରେ ବିଶେଷକରି ଗଡଶଙ୍କର ଡୁଙ୍ଗୁରିପାଲି, ବନ୍‌ଛୋରପାଲି, ଖଗସାବାହାଲ, ପୋଡ଼ମୁଣ୍ଡ, କୁମିଆପାଲି, ସାନତେଲେନପାଲି ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଛନ୍ତି। ପ୍ରଶାସନର ରାତିଅଧିଆ ସ୍ଥାନାନ୍ତର ଉଦ୍ୟମକୁ ପ୍ରଭାବିତ ଗ୍ରାମବାସୀମାନେ ନାପସନ୍ଦ କରିଛନ୍ତି। ତେବେ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ଅନୁରୋଧ କରାଯାଇଛି। ସ୍ଥିତି ଉପରେ ନଜର ରଖିବାକୁ ଜିଲା ପ୍ରଶାସନର ଏକ ବଡଧରଣ ଟିମ୍ ସୁକ୍‌ତେଲ ଜଳଭଣ୍ଡାର ଉପରେ ଫୋକସ କରିଛି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ପୂର୍ବରୁ ସୁକ୍‌ତେଲ ଡ୍ୟାମ୍‌କୁ ସିଲ୍ କରାଯାଇଥିଲା। ଫଳରେ ଚଳିତବର୍ଷ ପ୍ରଥମ ବର୍ଷାଜଳ ସୁକ୍‌ତେଲ ଜଳଭଣ୍ଡାରରେ ରହିଥିଲା। ଏବେ ସ୍ଥିତି ଉପରେ ନଜର ରଖାଯାଇ ଡ୍ୟାମ୍‌ର ସ୍ଲୁଇସ୍ ଗେଟ୍ ଖୋଲାଯାଇଥିବା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରାଉତ୍ ସୂଚନା ଦେଇଛନ୍ତି।

# ନାଳରୁ ମୃତଦେହ ଜବତ

ଅତାବିରା,୨୧।୭(ହୃଷୀକେଶ ଖମାରୀ)

ବରଗଡ଼ର ଜିଲା ଅତାବିରା ଥାନା ପିଠାପୋଟଲ ନିକଟ ଏକ ନାଳରୁ ଶୁକ୍ରବାର ଜଣେ ଲୋକଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଲେ ଅତାବିରା ଥାନା ଟୋପ ଖଲିଆପାଲିର ଜି. ଗଙ୍ଗାରେଡ୍ଡି(୫୦)। ସେ ଏକ ବ୍ରିଜରୁ ନାଳ ଭିତରକୁ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଅତାବିରା ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୩) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ସେ ବ୍ରିଜ ଉପରୁ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି ସତ୍ତ୍ୱେ ତାଙ୍କୁ ପାଇ ନ ଥିଲେ। ପରେ ସୂଚନା ପାଇ ଅତାବିରା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚି ଖୋଜାଖୋଜି କରିଥିଲେ ଏବଂ ମୃତଦେହ ଉଦ୍ଧାର କରିଥିଲେ। ଅତାବିରା ଥାନା ଏସଆଇ ଲଳିତ ନାଏକ ଘଟଣାର ତଦନ୍ତ କରୁଛନ୍ତି।






KALYANI LABORATORIES PVT. LTD.
APPOINTMENT

| Sl. No. | Post | Qualification |
|---|---|---|
| 1 | Food Analyst | B. Sc/ M.Sc in Chemistry/ Food Science |
| 2 | Chemist | B. Sc/ M.Sc. (Chemistry/ Environment Science/ Chemical Engg. |
| 3 | Accountant | B.Com with relevant experience |
| 4 | Microbiologist | M. Sc. Microbiology, Biotechnology |
| 5 | Data Entry Operator | BA/B.Com/ B. Sc. with computer proficiency |

Note : Minimum 1 year experience is preferable.
Please submit your resume to:
kalyanilaboratories_pvt.ltd@yahoo.com | Mob - 9861463904

MARUTI SUZUKI ARENA
NEXA
WALK-IN INTERVIEW
ON
22nd July (Sat.)- 2.30pm to 5.30pm
23rd July (Sun.)- 10am to 1pm
REQUIRED FOR ARENA & NEXA OUTLETS ACROSS AT BHUBANESWAR & CUTTACK
- RURAL SALES MANAGER - 02
Minimum 5 years experience in rural Sales of Automobiles or any other industry
- SR. RELATIONSHIP MANAGERS - 05
(Team Leaders)
Graduate with 5 years experience in Automobile Sales
- USED CAR SOURCING EXECUTIVES - 03
(Evaluators) - DL Mandatory
Diploma/ITI (Fitter/Mechanical/Automobiles)
- RELATIONSHIP MANAGERS - 20
(Sales Executives)
Graduate with 2 years experience in any Sales
Freshers can also apply
LOCATIONS
Bhubaneswar City & Cuttack City
Districts - Khordha, Cuttack, Dhenkanal, Jajpur, Kendrapada.
Bring along your resume, passport size photos & qualification documents copies
SKY AUTOMOBILES sales • service • spares - SINCE 1987
Plot No. 372/4695, Beside The Arcon Retreat, Nandankanan Road, Patia, Bhubaneshwar, Call: 7440025913, 7064806480
Email: hr.ass@skyautomobiles.in, training.odisha@skyautomobiles.in

# କୋହଲିଙ୍କ ସ୍ମରଣୀୟ ଶତକ

**ପୋର୍ଟ ଅଫ୍ ସ୍ପେନ୍, ୨୧।୭**

ବିରାଟ କୋହଲିଙ୍କ ଶତକ ଏବଂ ରବୀନ୍ଦ୍ର ଜାଡେଜାଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ବଡ଼ ସ୍କୋର ପଥରେ ଅଗ୍ରସର ହୋଇଛି। ଶୁକ୍ରବାର ଦ୍ୱିତୀୟ ଦିବସ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଭାରତ ୬ ଉଇକେଟ ହରାଇ ୩୭୩ ରନ ସଂଗ୍ରହ କରିଛି। ଇଶାନ କିଶନ ୧୮ ଓ ରବିଚନ୍ଦ୍ରନ ଅଶ୍ୱିନ ୬ ରନରେ ଅପରାଜିତ ରହିଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୮୮/୪ରୁ ଭାରତ ଖେଳ ଆରମ୍ଭ କରିଥିଲା। ୮୭ ରନରେ ଅପରାଜିତ ଥିବା କୋହଲି ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି କ୍ୟାରିୟରର ୨୯ତମ ଶତକ ହାସଲ କରିଥିଲେ। ସେ ୯୭ ରନରେ ଥିବାବେଳେ ୯୧ତମ ଓଭରର ଦ୍ୱିତୀୟ ବଲ୍‌ରେ ଶାନନ ଗାବ୍ରିଏଲ୍‌ଙ୍କୁ ଏକ ଚୌକାମାରି ଶତକ ପୂରଣ କରିଥିଲେ। ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ଜାଡେଜା ତାଙ୍କୁ ଆଲିଙ୍ଗନ କରି ଅଭିନନ୍ଦନ ଜଣାଇଥିବାବେଳେ ଡ୍ରେସିଂ ରୁମ୍‌ର ସଦସ୍ୟମାନେ ଷ୍ଟାଣ୍ଡିଂ ଓଭେଶନ ଜଣାଇଥିଲେ। କୋହଲି ବେକରେ ପିନ୍ଧିଥିବା ନିଜ ୱେଡିଂ ରିଙ୍ଗ୍‌କୁ ଚୁମ୍ବନ ଦେଇ ସେଲିବ୍ରେଶନ କରିଥିଲେ। କୋହଲିଙ୍କ କ୍ୟାରିୟରର ଏହାଥିଲା ୫୦୦ତମ ଅନ୍ତର୍ଜାତୀୟ ମ୍ୟାଚ। ଏପରି ଏକ ମାଇଲଖୁଣ୍ଟ ମ୍ୟାଚରେ ସେ ଶତକ ହାସଲ କରି ନିଜ କ୍ୟାରିୟରକୁ ଅଧିକ ସ୍ମରଣୀୟ କରିଥିଲେ। ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼ିଥିଲେ ହେଁ ଏଠାରେ ଶତକ ହାସଲ କରିବାକୁ କୋହଲି ବିଶେଷ ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ଜାଡେଜାଙ୍କ ସହ ୫ମ ଉଇକେଟରେ ୧୫୯ ରନର ଭାଗୀଦାରିପରେ କୋହଲି ଦୁର୍ଭାଗ୍ୟ ଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ୨୦୬ ବଲ୍‌ରୁ ୧୧ ଚୌକା ସହାୟତାରେ ୧୨୧ ରନ କରିଥିବାବେଳେ କୋହଲି ଜୋମେଲ ୱାରିକାନଙ୍କ ଏକ ବଲ୍‌କୁ ସ୍କୋୟାରଲେଗ୍ ଅଞ୍ଚଳକୁ ଖେଳି ସିଙ୍ଗଲ ରନ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ଆଲଜାରି ଜୋସେଫଙ୍କ ଥ୍ରୋ ସିଧାସଳଖ ଷ୍ଟମ୍ପରେ ଲାଗିଥିଲା। କୋହଲି ଡାଇଭ୍ ମାରିଥିଲେ ହେଁ କ୍ରିଜ୍‌ଠାରୁ ଏକ ଇଞ୍ଚ ଦୂରରେ ରହି ଯାଇଥିଲେ। ଏହାକୁ ମିଶାଇ କୋହଲି ଟେଷ୍ଟରେ ତୃତୀୟ ଥରପାଇଁ ରନ୍‌ଆଉଟ ହୋଇଥିଲେ। ଫଳରେ ତାଙ୍କ ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ସେ ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲେ। କୋହଲିଙ୍କ ପରେ ଜାଡେଜା ମଧ୍ୟ ଏକାଗ୍ରତା ହରାଇ ୬୧ ରନକରି ପ୍ୟାଭିଲିୟନ ଫେରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କେମର ରୋଚ୍–୨ଟି ଏବଂ ଶାନନ ଗାବ୍ରିଏଲ, ଜୋମେଲ ୱାରିକାନ ଓ ଜାସନ ହୋଲ୍ଡର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ (ଦ୍ୱିତୀୟ ଦିବସ ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା) ୩୭୩/୬ (ବିରାଟ କୋହଲି–୧୨୧, ରୋହିତ ଶର୍ମା–୮୦, ରବୀନ୍ଦ୍ର ଜାଡେଜା–୬୧, ଯଶସ୍ୱୀ ଜୟସ୍ୱାଲ–୫୭, କେମର ରୋଚ୍–୨/୮୬, ଶାନନ ଗାବ୍ରିଏଲ–୧/୬୩, ଜୋମେଲ ୱାରିକାନ–୧/୭୦, ଜାସନ ହୋଲ୍ଡର–୧/୪୫)।


ଶଟ୍ ଖେଳିବା ଅବସରରେ ରବୀନ୍ଦ୍ର ଜାଡେଜା।


ଶତକ ହାସଲପରେ ୱେଡିଂ ରିଙ୍ଗ୍‌କୁ ଚୁମ୍ବନ ଦେଉଛନ୍ତି ବିରାଟ କୋହଲି।

# ୧୮ବର୍ଷୀୟା ପାକିସ୍ତାନ କ୍ରିକେଟରଙ୍କ ଅବସର

**କରାଚୀ, ୨୧।୭ (ପି.ଟି.)**

ପାକିସ୍ତାନର ୧୮ବର୍ଷୀୟା ମହିଳା କ୍ରିକେଟର ଆୟେଶା ନସିମ୍‌ଙ୍କ ଅବସର ଘୋଷଣା ନିଷ୍ପତ୍ତିକୁ ନେଇ ଅନେକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ମହାନ ଖେଳାଳି ୱାସିମ ଆକ୍ରମଙ୍କ ନିକଟରେ ଯୋଉଁ ପ୍ରତିଭା ରହିଥିଲା, ତାହା ଆୟେଶାଙ୍କ ନିକଟରେ ରହିଛି ବୋଲି କୁହାଯାଉଥିଲା। ଇସ୍‌ଲାମ ନୀତି ଆଦର୍ଶ ପ୍ରତି ସେ ଅନୁପ୍ରାଣିତ। ଏଥିପାଇଁ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାଲାଗି ନିଷ୍ପତ୍ତି ନେଇଛନ୍ତି। ଆୟେଶା ଥିଲେ ଜଣେ ହାର୍ଡ ହିଟିଂ ବ୍ୟାଟର। ଖେଳରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଥିଲା। ଯେଉଁ ବୟସରେ ଅଧିକାଂଶ ଖେଳାଳି କ୍ରିକେଟରେ ଆଗକୁ ବଢ଼ିବା ଲାଗି ସ୍ୱପ୍ନ ଦେଖିଥାନ୍ତି, ସେ ସମୟରେ ଆୟେଶା ଏଭଳି ନିଷ୍ପତ୍ତି ନେଇଛନ୍ତି। ଖେଳ ଜାରି ରଖିବା ପାଇଁ ପାକିସ୍ତାନ ମହିଳା ଦଳର ଅଧିନାୟିକା ନୀଦା ଦାର୍ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତାଙ୍କ ପ୍ରବର୍ତ୍ତାଇଥିଲେ। ମାତ୍ର ତାହା ବୃଥା ପ୍ରମାଣିତ ହୋଇଥିଲା। ଖବର ଅନୁସାରେ ଫେବୃୟାରୀ–ମାର୍ଚ୍ଚରେ ଏକ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେବା ଲାଗି ଯେତେବେଳେ ଆୟେଶାଙ୍କ ସହ ଯୋଗାଯୋଗ କରାଯାଇଥିଲା. ତେବେବେଳେ ସେ କ୍ରିକେଟ ଖେଳିବା ଛାଡ଼ି ଦେଇଥିବା ପିସିବିକୁ କୁଆଡେ ଅବଗତ କରାଇଥିଲେ। ଏହା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଏବଂ ସେ ଜଣେ ନୈଷ୍ଠିକ ମୁସଲମାନ ଭାବେ ଜୀବନ ଅତିବାହିତ କରିବାକୁ ଚାହାନ୍ତି। ଆୟେଶା ପାକିସ୍ତାନ ତରଫରୁ ୪ଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ୩୦ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।


ଆୟେଶା ନସିମ

# ଭାରତ 'ଏ'–ପାକିସ୍ତାନ 'ଏ' ଫାଇନାଲ

**ଏମର୍ଜିଂ ଏସିଆ କପ୍**

**କଲମ୍ବୋ, ୨୧।୭ (ପି.ଟି.)**

ଭାରତ 'ଏ' ଏଠାରେ ଚାଲିଥିବା ଏମର୍ଜିଂ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଏକ ସେମିଫାଇନାଲରେ ବାଂଲାଦେଶକୁ ୫୧ ରନରେ ପରାସ୍ତ କରିଛି। ଦଳ ଫାଇନାଲରେ ପାକିସ୍ତାନ 'ଏ' ସହ ମୁକାବିଲା କରିବ। ଶୁକ୍ରବାର ସ୍ଥାନୀୟ ଆର୍. ପ୍ରେମାଦାସା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ 'ଏ' ୪୯.୧ ଓଭରରେ ୨୧୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଅଧିନାୟକ ୟାଶ ଧୁଲ ୮୫ ବଲ୍‌ରେ ୬୬ ରନ କରିଥିଲେ। ୨୧୨ ରନର ବିଜୟ ଲକ୍ଷ୍ୟ ନେଇ ବାଂଲାଦେଶ 'ଏ' ୩୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ ରନ କରିପାରିଥିଲା। ତାଞ୍ଜିଦ ହସନ ସର୍ବାଧିକ ୫୧ ଏବଂ ମହମ୍ମଦ ନଇମ ୩୮ରନ କରିଥିଲେ।

ବାଂଲାଦେଶ ବ୍ୟାଟିଂରେ ଅଙ୍କୁଶ ଲଗାଇବାରେ ଭାରତୀୟ ସ୍ପିନର ମାନଙ୍କ ବିଶେଷ ଭୂମିକା ରହିଥିଲା। ବାମହାତି ସ୍ପିନର ନିଶାନ୍ତ ସିନ୍ଧୁ ମାତ୍ର ୨୦ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ମାନବ ସୁଥର ୩୨ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ପାକିସ୍ତାନ 'ଏ' ୬୦ରନରେ ଶ୍ରୀଲଙ୍କା 'ଏ'କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିସାରିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ': ୪୯.୧ ଓଭରରେ ୨୧୧/ଅଲଆଉଟ (ୟଶ୍ ଧୂଲ–୬୬, ଅଭିଷେକ ଶର୍ମା–୩୪, ସାଇ ସୁଦର୍ଶନ–୨୧, ମାନବ ସୁଥାର–୨୧; ରକିବୁଲ ହସନ–୨/୩୬, ମେହେଦି ହସନ–୨/୩୯, ତାଞ୍ଜିମ ହସନ ସକିବ–୨/୪୮)। ବାଂଲାଦେଶ 'ଏ': ୩୪.୨ ଓଭରରେ ୧୬୦/ଅଲଆଉଟ ୯ (ତାଞ୍ଜିଦ ହସନ–୫୧, ମହମ୍ମଦ ନଇମ–୩୮, ସୌଫ ହସନ–୨୨; ନିଶାନ୍ତ ସିନ୍ଧୁ–୫/୨୦, ମାନବ ସୁଥର–୩/୩୨, ଅଭିଷେକ ଶର୍ମା–୧/୨୧)।

# ୧୨ରେ କୁସ୍ତି ମହାସଂଘ ନିର୍ବାଚନ

**ନୂଆଦିଲ୍ଲୀ, ୨୧।୭(ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ବହୁ ବିଳମ୍ବିତ ନିର୍ବାଚନ ଅଗଷ୍ଟ ୧୨ରେ ହେବ। ଶୁକ୍ରବାର ଏହା ଘୋଷଣା କରାଯାଇଛି। କିନ୍ତୁ ମହାରାଷ୍ଟ୍ର ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇପାରିବ ନାହିଁ ବୋଲି ରିଟର୍ନିଂ ଅଫିସର ଜଷ୍ଟିସ ଏମ୍.ଏମ୍. କୁମାର ସ୍ପଷ୍ଟ କରିଛନ୍ତି। ଉଭୟ ପ୍ରତିଦ୍ୱନ୍ଦ୍ୱୀ ଦଳ ଏଥିରେ ଭାଗ ନେବାକୁ ଅଯୋଗ୍ୟ। ଆଡହକ୍ ପ୍ୟାନେଲ ଜୁଲାଇ ୬ ନିର୍ବାଚନ ତାରିଖ ଧାର୍ଯ୍ୟ କରିଥିଲା। ମାତ୍ର ଅଯୋଗ୍ୟ ଘୋଷିତ ମହାରାଷ୍ଟ୍ର, ହରିୟାଣା, ତେଲଙ୍ଗାନା, ରାଜସ୍ଥାନ ଓ ହିମାଚଳ ପ୍ରଦେଶ ଆଦି ରାଜ୍ୟ ଆସୋସିଏଶନଗୁଡ଼ିକ ଏକ ଶୁଣାଣି ପାଇଁ ନିବେଦନ କରିଥିଲେ। ଯୁକ୍ତିଯୁକ୍ତ କାରଣ ନ ଥାଇ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିବା ସେମାନେ ଦର୍ଶାଇଥିଲେ। ଫଳତଃ ନିର୍ବାଚନ ଜୁଲାଇ ୧୧କୁ ଘୁଞ୍ଚାଇ ଦିଆଯାଇଥିଲା। ପ୍ୟାନେଲ ରାଜ୍ୟ ପରିଷଦଗୁଡ଼ିକର ପ୍ରତିନିଧିଙ୍କ କଥା ଶୁଣିଥିଲେ। ମାତ୍ର ଗୁଆହାଟୀ ହାଇକୋର୍ଟଙ୍କ ରହିତାଦେଶ ଯୋଗୁ ଜୁଲାଇ ୧୧ରେ ନିର୍ବାଚନ ହୋଇପାରି ନ ଥିଲା। ଆସାମ ରେସଲିଂ ଆସୋସିଏଶନ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଯାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାତ୍ର ଗୁଆହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ କରି ସୁପ୍ରିମକୋର୍ଟ ନିର୍ବାଚନ ପାଇଁ ପଥ ପରିଷ୍କାର କରିଦେଇଥିଲେ। ବର୍ତ୍ତମାନ ୨୪ ରାଜ୍ୟ ଆସୋସିଏଶନ ସମେତ ୪୮ ସଦସ୍ୟ ବିଶିଷ୍ଟ ଇଲେକ୍ଟୋରାଲ କଲେଜ ଭୋଟିଂ ଅଧିକାର ପାଇବେ। ପଦବୀଗୁଡ଼ିକ ପାଇଁ ପ୍ରାର୍ଥିପତ୍ର ଦାଖଲ ଅଗଷ୍ଟ ୧ରେ ହେବ। ପ୍ରାର୍ଥିପତ୍ର ଯାଞ୍ଚ ପରେ ପ୍ରାର୍ଥୀ ତାଲିକା ଅଗଷ୍ଟ ୭ରେ ପ୍ରକାଶ ପାଇବ। ଯଦି ନିର୍ବାଚନ ଆବଶ୍ୟକ ପଡେ ତେବେ ତାହା ଅଗଷ୍ଟ ୧୨ରେ ହେବ। ମହିଳା କୁସ୍ତିଯୋଦ୍ଧାମାନେ ବିଦାୟୀ ଡବ୍ଲ୍ୟୁଏଫ୍ଆଇ ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିବା ପରେ କ୍ରୀଡ଼ା ମନ୍ତ୍ରଣାଳୟ ଅଭିଯୋଗର ତଦନ୍ତ ପାଇଁ ଏକ ନିରୀକ୍ଷଣ କମିଟି ଗଠନ କରିବା ସହ ଜାତୀୟ କୁସ୍ତି ମହାସଂଘର ସମସ୍ତ କାର୍ଯ୍ୟକଳାପକୁ ବର୍ତ୍ତମାନ ପାଇଁ ସସ୍‌ପେଣ୍ଡ କରିଥିଲେ। ଯୌନ ଶୋଷଣ ମାମଲାରେ ବ୍ରିଜ୍‌ଭୂଷଣ ଗିରଫ ହେବା ପରେ ଜାମିନରେ ଆସିଛନ୍ତି। ବ୍ରିଜ୍ ଭୂଷଣ ୧୨ ବର୍ଷ ଧରି ସଭାପତି ରହିଥିବାରୁ ସ୍ପୋର୍ଟ୍ସ କୋଡ୍ ଗାଇଡ୍ ଲାଇନ ଅନୁସାରେ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ, ହେଲେ ତାଙ୍କ ପୁଅ କରନ ଉତ୍ତରପ୍ରଦେଶ କୁସ୍ତି ଆସୋସିଏଶନର ସଭାପତି ଅଛନ୍ତି। ସେ ନିର୍ବାଚନ ଲଢୁଛନ୍ତି କି ନା ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ସାତ୍ତ୍ୱିକ–ଚିରାଗ ସେମିରେ



**ୟୋସୁ (କୋରିଆ), ୨୧।୭(ପି.ଟି.):** ଭାରତର ଷ୍ଟାର ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି କୋରିଆ ଓପନ ସୁପର ୫୦୦ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର କ୍ୱାର୍ଟରଫାଇନାଲରେ ସେମାନେ ଜାପାନର ଟାକୁରୋ ହୋକି ଓ ୟୁଗୋ କୋବାୟାଶିଙ୍କ ବିପକ୍ଷରେ ୨୧–୧୪, ୨୧–୧୭ ସିଧାସଳଖ ଗେମ୍‌ରେ ବିଜୟ ହାଲ କରିଛନ୍ତି। ମ୍ୟାଚ ଜିତିବା ଲାଗି ଭାରତୀୟ ଯୋଡ଼ିଙ୍କୁ ମାତ୍ର ୪୦ ମିନିଟ୍ ସମୟ ଲାଗିଥିଲା। ସାତ୍ତ୍ୱିକ ଓ ଚିରାଗ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଚାଇନାର ଓ୍ୱି କେଙ୍ଗ୍ ଲିଆଙ୍ଗ ଓ ଚାଙ୍ଗ ୱାଙ୍ଗ୍‌ଙ୍କୁ ଭେଟିବେ, ଯେଉଁମାନେ ହେଉଛନ୍ତି ୨୦୨୧ ପୁରୁଷ ଡବଲ୍ସ ବିଶ୍ୱ ଚାମ୍ପିୟନ। ଭାରତର ପି. ଭି. ସିନ୍ଧୁ, ଏଚ୍.ଏସ୍. ପ୍ରଣୟ ଓ କିଦାମ୍ବି ଶ୍ରୀକାନ୍ତଙ୍କ ସମେତ ଅନ୍ୟ ଖେଳାଳିମାନେ ଟୁର୍ନାମେଣ୍ଟରୁ ଶୀଘ୍ର ବିଦାୟ ନେଇସାରିଥିବା ବେଳେ ବର୍ତ୍ତମାନ ସାତ୍ତ୍ୱିକ ଓ ଚିରାଗ କେବଳ ତିଷ୍ଠି ରହିଛନ୍ତି।

# ସ୍ପେନ୍, ସୁଇଜରଲାଣ୍ଡ ବିଜୟୀ

**ମହିଳା ଫୁଟ୍‌ବଲ ବିଶ୍ୱକପ୍**

**ଡୁନେଡିନ/ ୱେଲିଂଟନ/ ମେଲବୋର୍ନ, ୨୧।୭**

ଚଳିତ ମହିଳା ଫୁଟ୍‌ବଲ ବିଶ୍ୱକପ୍‌ରେ ଶୁକ୍ରବାର ସ୍ପେନ୍ ଓ ସୁଇଜରଲାଣ୍ଡ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ କାନାଡା–ନାଇଜେରିଆ ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଛି। ଡୁନେଡିନଠାରେ ସୁଇଜରଲାଣ୍ଡ ୨–୦ ଗୋଲ୍‌ରେ ଫିଲିପାଇନ୍ସକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ ରାମୋନା ବାଚ୍‌ମାନ ଦଳ ପକ୍ଷରୁ ପ୍ରଥମ ଗୋଲ ପେନାଲ୍‌ଟି କିକ୍ ଜରିଆରେ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସେରେନା ପୁବେଲ୍ ଅନ୍ୟ ଗୋଲ୍‌ଟିକୁ ସ୍କୋର କରିଥିଲେ। କୋମ୍ପା ସୋ'ଙ୍କ ରିବାଉଣ୍ଡ ଶଟ୍‌କୁ ସେ ଗୋଲ୍‌ରେ ପରିଣତ କରିଥିଲେ। ଗ୍ରୁପ୍ 'ଏ'ର ଏହି ମୁକାବିଲା ଡୁନେଡିନ୍‌ର ଫୋର୍‌ସିତ୍ ବାର୍ ଷ୍ଟାଡିୟମରେ ହୋଇଥିଲା। ଟୁର୍ନାମେଣ୍ଟର ଏହା ହେଉଛି ଏକମାତ୍ର ଇନ୍‌ଡୋର ଭେନ୍ୟୁ। ମ୍ୟାଚ ବେଳେ ଷ୍ଟାଡିୟମରେ ୧୩,୭୧୧ ଦର୍ଶକ ଉପସ୍ଥିତ ଥିଲେ।

ନ୍ୟୁଜିଲାଣ୍ଡର ୱେଲିଂଟନଠାରେ ସ୍ପେନ୍ ୩–୦ ଗୋଲ୍‌ରେ କୋଷ୍ଟାରିକାକୁ ପରାସ୍ତ କରି ଟୁର୍ନାମେଣ୍ଟରେ ଦମ୍ଭ ଦେଖାଇଛି। ଗ୍ରୁପ୍ 'ସି'ର ଏହି ମ୍ୟାଚରେ ତିନୋଟି ଯାକ ଗୋଲ୍ ପ୍ରଥମାର୍ଦ୍ଧରେ ସ୍କୋର ହୋଇଛି, ପୁଣି ୪ ମିନିଟ ମଧ୍ୟରେ। ତନ୍ମଧ୍ୟରେ କୋଷ୍ଟାରିକାର ଭାଲେରିଆ ଡେଲ୍ କାମ୍ପୋ (୨୧ତମ ମିନିଟ୍) ଙ୍କ ଏକ ଆତ୍ମଘାତୀ ଗୋଲ ସାମିଲ। ଅନ୍ୟ ଦୁଇଟି ଗୋଲ୍ ଆଇଟାନା ବୋନ୍‌ମାଟି (୨୩ତମ) ଓ ଇସ୍ଥର ଗୋଞ୍ଜାଲେଜ୍ (୨୭ତମ) ଦେଇଥିଲେ। ସ୍ପେନ୍ ଦଳର ବହୁ ଭଲ ଖେଳାଳି ଆଘାତପ୍ରାପ୍ତ ଥିବାରୁ ଟୁର୍ନାମେଣ୍ଟରେ ଦଳର ପ୍ରଦର୍ଶନ ଭଲ ରହିବ ନାହିଁ ବୋଲି ଅନେକ ଅନୁମାନ କରୁଥିଲେ। ମାତ୍ର ତାହା ଭୁଲ ପ୍ରମାଣିତ ହୋଇଛି। ପ୍ରଥମାର୍ଦ୍ଧ ସୁଦ୍ଧା ୮୦%ରୁ ଅଧିକ ସମୟ ଦଳ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦଳକୁ ୧୨ଟି କର୍ନର ମିଳିଥିବାବେଳେ ଗୋଲ୍‌ପୋଷ୍ଟକୁ ୧୫ ଶଟ୍ ଲଗାଇଥିଲା।

**ଅଷ୍ଟ୍ରେଲିଆର**

ମେଲବୋର୍ନଠାରେ କାନାଡା ଓ ନାଇଜେରିଆ ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍ 'ବି'ର ଏକ ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି। ଏଥିରେ ନାଇଜେରିଆନ ଗୋଲ୍‌କିପର ଚିଆମାକା ନାଡୋଜିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ସେ ବହୁ ଗୁରୁତ୍ୱପୂର୍ଣ୍ଣ ସେଭ୍ କରିଥିଲେ। ତନ୍ମଧ୍ୟରେ କ୍ରିଷ୍ଟିନି ସିନ୍‌କ୍ଲେୟାରଙ୍କ ଏକ ପେନାଲ୍‌ଟି ଅନ୍ୟତମ।


କଟକ ଲିଙ୍କରୋଡ୍‌ସ୍ଥିତ ଏକ ଘରୋଇ ହସ୍ପିଟାଲ ପରିସରରେ ଆଇଏସ୍ ଚେସ୍ ସେଣ୍ଟର ଓ କଟକ ରୋଟାରି କ୍ଲବର ମିଳିତ ଆନୁକୂଲ୍ୟରେ ଚେସ୍ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)


ମହିଳା ଫିଫା ବିଶ୍ୱକପରେ ଶୁକ୍ରବାର ନାଇଜେରିଆ ଓ କାନାଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

(ପୃଷ୍ଠା–୧୨+୮)
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁଲାଇ ୨୨/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, July 22/2023 | Page 20 | ₹ 7.00 | SAMBALPUR

सत्यमेव जयते
राजस्थान सरकार



ମହାତ୍ମା ଗାନ୍ଧୀ ନ୍ୟୁନତମ
ଗ୍ୟାରେଣ୍ଟିଯୁକ୍ତ ରୋଜଗାର ଯୋଜନା

କାର୍ଯ୍ୟାନ୍ୱିତ

ରାଜସ୍ଥାନ
ପ୍ରଥମ ଏବଂ ଏକମାତ୍ର ରାଜ୍ୟ ଭାବେ
ରାଜ୍ୟ ବିଧାନସଭାରେ
ନ୍ୟୁନତମ ରୋଜଗାର ଗ୍ୟାରେଣ୍ଟି
ବିଲ୍‌କୁ ଗୃହୀତ ତଥା କାର୍ଯ୍ୟାନ୍ୱିତ କରିଛି ।

ଏବେ, ମନରେଗାରେ
୧୨୫ ଦିନର କର୍ମନିଯୁକ୍ତି

इंदिरा गांधी शहरी रोजगार गारंटी योजना
ଇନ୍ଦିରା ଗାନ୍ଧୀ
ସହରାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଯୋଜନାରେ
୧୨୫ ଦିନର କର୍ମନିଯୁକ୍ତି

~~500-750~~ अब
1000 रु/-माह
न्यूनतम
ସାମାଜିକ ସୁରକ୍ଷା
ପେନସନ

ସାମାଜିକ ସୁରକ୍ଷା
ପେନସନରେ
ବର୍ଷ ପିଛା ୧୫%
ବୃଦ୍ଧି

ସୂଚନା ଏବଂ ଜନସମ୍ପର୍କ ବିଭାଗ, ରାଜସ୍ଥାନ

# ୧୨୯ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

## ତୃଣମୂଳସ୍ତରରେ ସେବା ପ୍ରଦାନ କ୍ଷେତ୍ରରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ନବୀନ




**ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)**

ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ୧୨୯ ଜଣ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏସ୍‌ସି, ଏସ୍‌ଟି ବିଭାଗରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିବା ବେଳେ ହିତାଧିକାରୀଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା କ୍ଷେତ୍ରରେ ଭଲଭାବେ କାର୍ଯ୍ୟ କରିବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀଙ୍କ ସଫଳତା ଲାଗି ସେମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ତୃଣମୂଳସ୍ତରରେ ସେବା ପ୍ରଦାନ କ୍ଷେତ୍ରରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ଠିକଣା ଭାବେ ପହଞ୍ଚାଇବା ଜଣେ ଅଧିକାରୀଙ୍କ କର୍ତ୍ତବ୍ୟ। ସେ ଯେତେବେଳେ ବୃତ୍ତିଗତ ଭାବେ କରିଥାନ୍ତି, ସେତେବେଳେ ସେ ଲୋକଙ୍କ ପାଖରେ ବିଭିନ୍ନ ପରିସ୍ଥିତିରେ ଯୋଡ଼ି ହୋଇଥାନ୍ତି। ବଞ୍ଚିତ ବର୍ଗଙ୍କ ପାଖରେ ପହଞ୍ଚି କାର୍ଯ୍ୟ କରିବା ସମୟରେ ଅତି ସରଳତାର ସହ ବ୍ୟବହାର ପ୍ରଦର୍ଶନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ଭଲ ଭାବେ ଅବଗତ ହେବା ଜରୁରୀ। ଏସ୍‌ସି, ଏସ୍‌ଟି ବିଭାଗ ହେଉଛି ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏହି ବିଭାଗ ରାଜ୍ୟର ୭୫ ପ୍ରତିଶତ ଲୋକ ଯେଉଁମାନେ ଏସ୍‌ସି, ଏସ୍‌ଟି, ପଛୁଆବର୍ଗ, ପଛୁଆ ଶ୍ରେଣୀ ଅଟନ୍ତି ସେମାନଙ୍କ ବିକାଶ ଏବଂ ମଙ୍ଗଳ ପାଇଁ କାର୍ଯ୍ୟ କରିଥାଏ। ଏମାନଙ୍କୁ ସମାଜର ଆଗଧାଡ଼ିରେ ପହଞ୍ଚାଇବା ହେଉଛି ସରକାରଙ୍କ ପ୍ରାଥମିକତା। ଏହି ବର୍ଗର ଲୋକଙ୍କ ଜୀବିକା ଉପରେ ଆଧାରିତ ଯେତେସବୁ ଯୋଜନା ସରକାର ଆଣିଛନ୍ତି ତାକୁ ବାଦ୍ ଦେଲେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମକୁ ଅଧିକ ମାତ୍ରାରେ ପ୍ରଚାର କରିବା ଜରୁରୀ। ଏହା ଆଦିବାସୀ ଲୋକଙ୍କ ପାଇଁ ସବୁଠାରୁ ବଡ କାର୍ଯ୍ୟକ୍ରମ। ଏଥିଲାଗି ସରକାର ୫୦୦ କୋଟି ଟଙ୍କାର ବଜେଟ ରଖିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ୧୨୧ ବ୍ଲକର ଦେଢ଼ କୋଟି ଆଦିବାସୀ ଲୋକ ଉପକୃତ ହେବେ। ଶିକ୍ଷା ହେଉଛି ଏହି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ସବୁଠାରୁ ଜରୁରୀ। ଶିକ୍ଷା ଦ୍ୱାରା ହିଁ ସେମାନଙ୍କ ସାମାଜିକ ସ୍ତରରେ ଉନ୍ନତି ହୋଇପାରିବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଭାଗର କମିଶନର ତଥା ସଚିବ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।



ନୟାଗଡ଼ ଜିଲା କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ପରିଦର୍ଶନ କରି ୫-ଟି ସଚିବ ଭି.କେ. ପାଣ୍ଡିଆନ ଫେରୁଛନ୍ତି।

# ସ୍ୱପ୍ନ ଦେଖନ୍ତୁ, ସଫଳ କରାନ୍ତୁ

**ନୟାଗଡ଼, (ଲୋକନାଥ ମିଶ୍ର)/ଓଡଗାଁ, (ଆଦର୍ଶ କୁମାର ପଟ୍ଟନାୟକ)/ଖଣ୍ଡପଡ଼ା, (ଅଜୟ କୁମାର ମହାରଣା)/ଶରଣକୁଳ, (ଦୀପକ କର),୨୧।୭**

- ୨ ଦିନିଆ ଗସ୍ତ ସାରି ଫେରିଲେ ୫-ଟି ସଚିବ
- ଶ୍ରୀନୀଳମାଧବ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା
- ଅବ୍ୟବହୃତ ଗୃହକୁ ଚିହ୍ନଟ କରି ମିଶନ ଶକ୍ତିକୁ ହସ୍ତାନ୍ତର ହେବ
- ବଦଳିବ ଶ୍ରୀରଘୁନାଥ, ଦକ୍ଷିଣକାଳୀ ଓ ଲଡୁବାବାଙ୍କ ମନ୍ଦିରର ରୂପରେଖ

ଦୁଇ ଦିନିଆ ନୟାଗଡ଼ ଗସ୍ତ ଶେଷ କରି ୫-ଟି ସଚିବ ଭି.କେ. ପାଣ୍ଡିଆନ ଭୁବନେଶ୍ୱର ଶୁକ୍ରବାର ଫେରିଛନ୍ତି। ୫-ଟି ସଚିବ ପ୍ରଥମେ ନୟାଗଡ଼, ପରେ କଣ୍ଟିଲୋ, ଓଡ଼ଗାଁ, ଲାଠିପଡ଼ାକୁ ମାରାଥନ ଗସ୍ତ କରି ପରିଦର୍ଶନ, ଅନୁଧ୍ୟାନ, ସମୀକ୍ଷା, ଅଭିଯୋଗ ଶୁଣାଣି କରିଛନ୍ତି। କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ମିଶନ ଶକ୍ତି ସାମାଜିକ ଆନ୍ଦୋଳନରେ ପରିଣତ ହୋଇସାରିଛି ବୋଲି କହିଥିଲେ। ସେହିଭଳି ସରକାରଙ୍କ ଅନେକ ଯୋଜନାରେ ସାଧାରଣ ଲୋକ ଉପକୃତ ହେଉଛନ୍ତି। ଯୋଜନାକୁ ନିଜର ଭାବି ସ୍ୱପ୍ନ ଦେଖି ସଫଳ କରାନ୍ତୁ ବୋଲି ୫-ଟି ସଚିବ ପାଣ୍ଡିଆନ କହିଛନ୍ତି।

ଅପରପକ୍ଷେ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଅବ୍ୟବହୃତ ଗୃହକୁ ଚିହ୍ନଟ କରି ମିଶନ ଶକ୍ତିକୁ ହସ୍ତାନ୍ତର କରାଯିବ। ସେଥିରୁ ସେମାନେ ରୋଜଗାର କରିପାରିବେ। ଓଡଗାଁର ରଘୁନାଥ ମନ୍ଦିର, ଶରଣକୁଳର ଲଡୁବାବାଙ୍କ ମନ୍ଦିରର ରୂପରେଖ ବଦଳିବ। ଖଣ୍ଡପଡ଼ା ରୋଡରେ ଥିବା ବଲାଙ୍ଗୀ ପାର୍କ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁଦାନ ଯୋଗାଇ ଦେବେ ବୋଲି ୫-ଟି ସଚିବ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଛନ୍ତି। ପାଣ୍ଡିଆନ ପ୍ରଥମେ ବଲାଙ୍ଗୀ ପାର୍କକୁ ପରିଦର୍ଶନ କରିଥିଲେ। ନୟାଗଡ଼ ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ସଚିବଙ୍କୁ ନିର୍ମାଣ ସମୟର ଏହାର ଭିଡିଓ, ଫଟୋ ଓ ମ୍ୟାପ ଦେଖାଇଥିଲେ। ପରେ ପୁରୁଣା ସହରର ଦକ୍ଷିଣକାଳୀ ମନ୍ଦିରକୁ ଆସି ଦର୍ଶନ କରିଥିଲେ। ଦକ୍ଷିଣକାଳୀ ମନ୍ଦିରର ଉନ୍ନତି ପାଇଁ ମିଶ୍ର ସଚିବଙ୍କୁ କିଛି ଡକ୍ୟୁମେଣ୍ଟ ଓ ନକ୍ସା ଦେଖାଇଥିଲେ। ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର ଶ୍ରୀନୀଳମାଧବ ମନ୍ଦିରକୁ ଯାଇ ୧୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକୁ ଅନୁଧ୍ୟାନ ଓ ସମୀକ୍ଷା କରିଥିଲେ। ଓଡ଼ଗାଁରେ ପହଞ୍ଚି ମିଶନ ଶକ୍ତି କାଫେ ପରିଦର୍ଶନ କରି ଜଳଖିଆ ଖାଇଥିଲେ। ଓଡ଼ଗାଁର ଶ୍ରୀରଘୁନାଥ ଜୀଉ ଓ ଶରଣକୁଳ ଲଡୁବାବାଙ୍କୁ ଦର୍ଶନ କରିଥିଲେ। ରାବେରା ଛତୁ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରିଥିଲେ। ନୟାଗଡ଼ ଷ୍ଟାଡିୟମରେ ଜନଶୁଣାଣି କରି ଅଭିଯୋଗ ଗ୍ରହଣ କରି ସରକାରଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମହିଳା ସଶକ୍ତୀକରଣ ପରି ସରକାରୀ ଯୋଜନା ଉପରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିଲେ। ଜିଲାର ପ୍ରତି ଘରେ ପାଣି ପହଞ୍ଚିବା ପାଇଁ ୧୫୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବା କହିଥିଲେ। ଶେଷରେ ଲାଠିପଡା ଟାଙ୍ଗି ପଡ଼ିଆଠାରେ ଜନଶୁଣାଣିରେ ଯୋଗଦେଇ ଭୁବନେଶ୍ୱର ଫେରି ଯାଇଛନ୍ତି।

# କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ୨ ମୃତ

**ପରଜଙ୍ଗ, ୨୧।୭(ନିଗମାନନ୍ଦ ଦଳବେହେରା)**

## ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଯାଇ ଫସିଲେ ମାଲିକ



ଅଗ୍ନିଶମ କର୍ମଚାରୀ କୂଅରେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

କୂଅ ସଫେଇ ଚାଲିଥିବା ବେଳେ ଅଣନିଃଶ୍ୱାସୀ ହୋଇ ଖସିପଡ଼ିଲେ ଶ୍ରମିକ। ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ମାଲିକ ମଧ୍ୟ ଫସିଗଲେ। ଶ୍ୱାସରୁଦ୍ଧ ହୋଇ ଘଟଣାସ୍ଥଳରେ ଚାଲିଗଲା ୨ ଜଣଙ୍କ ଜୀବନ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ସରକିଶୋରପାଳ ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୃତକ ହେଲେ କୂଅ ମାଲିକ ଶଶିଭୂଷଣ ସାହୁ (୫୨) ଏବଂ ଶ୍ରମିକ ଭଜମନ ବେହେରା (୪୫)।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଶଶିଭୂଷଣଙ୍କ କୂଅ ସଫେଇ କରିବା ଲାଗି ଶ୍ରମିକ ଭଜମନକୁ ଡାକିଥିଲେ। ମଧ୍ୟାହ୍ନରେ ଭଜମନ କୂଅ ଭିତରେ ପଶି ସଫା କରୁଥିବାବେଳେ ହଠାତ୍ ଅଣନିଃଶ୍ୱାସୀ ହୋଇ ଖସିପଡ଼ିଥିଲେ। ଡାକିବା ସତ୍ତ୍ୱେ ଭଜମନଙ୍କ ନିକଟରୁ କୌଣସି ଉତ୍ତର ନ ଆସିବାରୁ ବ୍ୟସ୍ତବିବ୍ରତ ଶଶିଭୂଷଣ ତାଙ୍କୁ ଉଦ୍ଧାର କରିବାକୁ କୂଅ ଭିତରକୁ ପଶିଯାଇଥିଲେ। ହେଲେ ସେ ମଧ୍ୟ ଫସିଯାଇଥିଲେ। ଉଭୟେ ବାହାରକୁ ଆସିବାରେ ବିଳମ୍ବ ହେବାରୁ ବାହାରେ ଥିବା ଲୋକେ ବ୍ୟସ୍ତ ବିବ୍ରତ ହୋଇପଡ଼ିଥିଲେ। ଭିତରେ ଅଘଟଣ ଘଟିଥିବା ଆଶଙ୍କାରେ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। ଦୀର୍ଘ ସମୟ କସରତ ପରେ ଅଗ୍ନିଶମ କର୍ମଚାରୀ କୂଅରେ ପଶି ଦୁଇଜଣଙ୍କୁ ବାହାରକୁ ଆଣିଥିଲେ। ହେଲେ ସେତେବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିଲା। ଦଦରାଘାଟି ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ, ଗେଙ୍ଗୁଟିଆ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ସାହୁ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପଟେ କୂଅ ସଫେଇ ବେଳେ ଦୁଇ ଦୁଇଟି ଜୀବନ ଚାଲିଥିବା ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ଅଗ୍ନିଶମ କର୍ମଚାରୀ ୨ ଘଣ୍ଟା ନାକେଦମ୍

କୂଅରେ ଫସିଥିବା ଦୁଇଜଣଙ୍କୁ ଉଦ୍ଧାର କରିବା ଲାଗି ନାକେଦମ୍ ହୋଇଥିଲେ ଅଗ୍ନିଶମ କର୍ମଚାରୀ। କାରଣ କୂଅ ଭିତରେ ଅକ୍ସିଜେନ ସ୍ତର ବହୁତ କମ୍ ଥିଲା। ତେଣୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଥିଲା। ଅକ୍ସିଜେନ୍ ସିଲିଣ୍ଡର ପିଠିରେ ବାନ୍ଧି ଅଗ୍ନିକ କୂଅ ଭିତରକୁ ଓହ୍ଲାଇଥିଲେ। ଦୀର୍ଘ ୨ ଘଣ୍ଟାର ପରିଶ୍ରମ ପରେ ଶଶିଭୂଷଣ ଏବଂ ଭଜମନଙ୍କ ମୃତଦେହ ବାହାର କରାଯାଇଥିଲା।

# ଡିପିସି ଅଫିସ ଜେଣ୍ଡର କୋଅର୍ଡିନେଟର ଗିରଫ

**ବଲାଙ୍ଗୀର, ୨୧।୭ (ବୀରେନ୍ଦ୍ର କୁମାର ଝାଙ୍କର)**

## ଏନ୍‌ଓସି ପାଇଁ ନେଉଥିଲେ ୩୧ ହଜାର ଟଙ୍କା



ପୁଷ୍ପାଙ୍ଗିନୀ ଯୋଷୀ

ବଲାଙ୍ଗୀର ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ଅଫିସ ଜେଣ୍ଡର କୋଅର୍ଡିନେଟର ପୁଷ୍ପାଙ୍ଗିନୀ ଯୋଷୀ ୩୧ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏନ୍‌ଓସି ସାର୍ଟିଫିକେଟ ଏବଂ ଅନ୍ୟାନ୍ୟ ଅଫିସ କାଗଜାତ ପାଇଁ ଜଣେ ପୂର୍ବତନ ପ୍ରଧାନ ଶିକ୍ଷକଙ୍କଠାରୁ ସେ ଏହି ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଟିମ୍ ଜେଣ୍ଡର କୋଅର୍ଡିନେଟର ଯୋଷୀଙ୍କୁ କାବୁ କରିବା ସହ ତାଙ୍କଠାରୁ ଉକ୍ତ ଟଙ୍କା ଜବତ କରିଥିଲା। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ପାଟଣାଗଡ ବ୍ଲକ୍ ସୋଲବନ୍ଧ ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ହଷ୍ଟେଲ ଇନଚାର୍ଜ ଦାୟିତ୍ୱରେ ଥିବା ମିତ୍ରଭାନୁ ମାଝିଙ୍କ ଅନ୍ୟ ସ୍କୁଲକୁ ବଦଳି ହୋଇଛି। ତାଙ୍କୁ ଏନ୍‌ଓସି ସାର୍ଟିଫିକେଟ, ୟୁଟିଲାଇଜେଶନ୍ ସାର୍ଟିଫିକେଟର ଆବଶ୍ୟକତା ଥିଲା। ବାରମ୍ବାର ଡିପିସି ଅଫିସକୁ ଦୌଡୁଥିଲେ ମଧ୍ୟ ତାଙ୍କୁ ଆବଶ୍ୟକ ସାର୍ଟିଫିକେଟ ଦିଆଯାଉ ନ ଥିଲା। ବାରମ୍ବାର ଦୌଡିବା ପରେ ଏହି ସବୁ ସାର୍ଟିଫିକେଟ କରିଦେବା ପାଇଁ କୁଆଡେ ଡିପିସି ଅଫିସ ଜେଣ୍ଡର କୋଅର୍ଡିନେଟର ଯୋଷୀ ୩୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ପୂର୍ବତନ ପ୍ରଧାନଶିକ୍ଷକ ମାଝି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ଯୋଜନା ମୁତାବକ ୩୧ ହଜାର ଟଙ୍କା ନେଇ ମାଝି ଅଫିସରେ ପହଞ୍ଚି ଯୋଷୀଙ୍କୁ ଦେଇଥିଲେ। ଠିକ୍ ଏତିକି ବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ଏହାପରେ ଯୋଷୀଙ୍କ ଅଫିସ ଏବଂ ଭଡ଼ାଘରେ ତନଖି କରାଯାଇଥିଲା। ଏଥିରେ ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ପୌଲସ୍ତି ଛତ୍ରିଆଙ୍କ ସମେତ ବଲାଙ୍ଗୀର ଏବଂ ସମ୍ବଲପୁର ଭିଜିଲାନ୍ସ ଟିମ୍ ସହଯୋଗ କରିଥିଲେ।

# ଲକ୍ଷେ ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ହରଭଙ୍ଗା ଥାନାଧିକାରୀ

**ବୌଦ୍ଧ(ଅଜିତ କୁମାର ବାରିକ)/ ଫୁଲବାଣୀ(ରାକେଶ କୁମାର ରାଉତ)୨୧।୭**



ପୁଷ୍ପଲତା ରାଉତରାୟ

ବୌଦ୍ଧ ଜିଲା ହରଭଙ୍ଗା ଥାନାଧିକାରୀ ପୁଷ୍ପଲତା ରାଉତରାୟ ଶୁକ୍ରବାର ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କ ପାଖରୁ ସମସ୍ତ ଟଙ୍କା ଭିଜିଲାନ୍ସ ଜବତ କରିଛି।

ମିଳିଥିବା ସୂଚନା ମୁତାବକ, ହରଭଙ୍ଗା ତହସିଲ ଅନ୍ତର୍ଗତ ସୁରୁଣ୍ଡି ମହାନଦୀ ବାଲିଘାଟ ଟେଣ୍ଡର ନେଇଥିବା ଠିକାଦାର ଶରତ ବେହେରାଙ୍କୁ ବାଲିଚାଲାଣ ସମୟରେ ଥାନା ଅଧିକାରୀ ବହୁ ହଇରାଣ ହରକତ କରି ଆସୁଥିଲେ। ବିଭିନ୍ନ ସମୟରେ ମାମଲା କରି ଟଙ୍କା ମାଗୁଥିଲେ। ଶରତ ମଧ୍ୟ ପୂର୍ବରୁ ଟଙ୍କା ଦେଇଥିଲେ। ତେବେ ନିର୍ବିଘ୍ନରେ ବ୍ୟବସାୟ ଚଳାଇବା ପାଇଁ ଥାନା ଅଧିକାରୀ ପୁଷ୍ପଲତା ବର୍ଷକୁ ୧ଲକ୍ଷ ୮୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଶରତ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଭିଜିଲାନ୍ସ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଯୋଜନା ମୁତାବକ ଥାନାଧିକାରୀଙ୍କୁ ତାଙ୍କ ଅଫିସରେ ଶରତ ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ଚଢ଼ାଉ କରି ଉକ୍ତ ଟଙ୍କା ଜବତ କରିବା ସହ ଥାନାଧିକାରୀଙ୍କୁ ଗିରଫ କରିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କୁ ଫୁଲବାଣୀସ୍ଥିତ କାର୍ଯ୍ୟାଳୟକୁ ନେଇ ଅଧିକ ପଚରାଉଚରା ଚଳାଇଛି। ବ୍ରହ୍ମପୁର ଭିଜିଲାନ୍ସ କେସ୍ ନଂ. ୧୧/୨୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଭିଜିଲାନ୍ସ ଡିଏସ୍‌ପି କ୍ରିଷ୍ଣ କୁମାରୀ ପ୍ରଧାନ, ଇନ୍ସପେକ୍ଟର ସୌମ୍ୟକାନ୍ତ ପଣ୍ଡା, ଏଏସ୍‌ଆଇ ଦୁର୍ଗା ପ୍ରସାଦ ହୋତା, କନ୍‌ଷ୍ଟେବଲ ଶାନ୍ତନୁ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଅନ୍ୟପକ୍ଷରେ ଲାଞ୍ଚ ନେବା ଘଟଣାକୁ ଥାନାଧିକାରୀ ଅସ୍ୱୀକାର କରିଛନ୍ତି। ମୁଁ କାହା ପାଖରୁ ଟଙ୍କା ନେଇନାହିଁ। ଅଫିସରେ ସିସିଟିଭି ଫୁଟେଜ ଅଛି, ମୋତେ ଜାଣିକି ଫସେଇ ଦିଆଯାଇଛି ବୋଲି ସେ କହିଛନ୍ତି।

# ଭରତପୁର ଓସିପି ସମ୍ପ୍ରସାରଣ ପାଇଁ ଜନଶୁଣାଣି

**ତାଳଚେର,୨୧।୭(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର କୋଲ୍‌ଫିଲଡ୍ସ ଅନ୍ତର୍ଗତ ଏମ୍‌ସିଏଲ୍‌ର ଭରତପୁର ଖୋଲାମୁହଁ କୋଇଲା ଖଣି ସମ୍ପ୍ରସାରଣ ନିମନ୍ତେ ପରିବେଶ ମଞ୍ଜୁରୀ ପାଇଁ ଏକ ଜନଶୁଣାଣି ସ୍ଥାନୀୟ ଜଗନ୍ନାଥ କଳାକେନ୍ଦ୍ର ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଭାବିତ ହେବାକୁ ଥିବା ନକେଶପଶି, ନୀଳାଦ୍ରିପୁର, ସତ୍ୟବାଦୀପୁର, କିଶୋରଚନ୍ଦ୍ରପୁର, ସରାଙ୍ଗ, ଡିଙ୍କେଇପଶି, ଖଜୁରିଆ, ପ୍ରସନ୍ନନଗର, ସୋଲଡ଼ା, ଡଅଁରା, ଜୋରାଗାଡ଼ିଆ (କିଛି ଅଂଶ), ଖୁରିଆଁ (କିଛି ଅଂଶ)ର ଜନସାଧାରଣ, ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଏନ୍‌ଜିଓ ଉପସ୍ଥିତ ରହି ସମ୍ପ୍ରସାରଣ ପ୍ରକଳ୍ପ ଏବଂ ଏହାର ସମ୍ଭାବ୍ୟ ପ୍ରଭାବ ଉପରେ ମତାମତ ରଖିଥିଲେ।

ଏମ୍‌ସିଏଲ୍ ପକ୍ଷରୁ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ଭରତପୁର ଖୋଲାମୁହଁ ଖଣିର ଲିଜ୍ ଅଞ୍ଚଳକୁ ୯୭୨.୪୨ ହେକ୍ଟରରୁ ୧୫୫୬.୯୪ ହେକ୍ଟରକୁ ସମ୍ପ୍ରସାରଣ କରାଯିବ। ଅଧିକ ୬୨୯.୫୨ ହେକ୍ଟର ଜମି ଅଧିଗ୍ରହଣ ହେବା ଦ୍ୱାରା ବାର୍ଷିକ ଉତ୍ପାଦନ କ୍ଷମତା ୨୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଦ୍ୱାରା ୪୯୦ ଜଣ ପ୍ରତ୍ୟକ୍ଷ ଓ ୧୬ଶହ ଲୋକ ପରୋକ୍ଷ ଭାବେ ନିଯୁକ୍ତି ସୁଯୋଗ ପାଇବେ। ଜମି ଅଭାବରୁ ଏହି ଖଣିରୁ ବର୍ତ୍ତମାନ ୧୦ ମିଲିୟନ ଟନ୍ କୋଇଲା ଉତ୍ପାଦନ ହେଉଛି। ତେବେ ଗ୍ରାମବାସୀ ଏବଂ ଅଂଶୀଦାରମାନେ ପ୍ରସ୍ତାବିତ ସମ୍ପ୍ରସାରଣକୁ ନେଇ ସମର୍ଥନ ଓ ଉତ୍ସାହ ଦେଖାଇଥିଲେ। ଅଧିକାଂଶ ଲୋକ ଏହି ପ୍ରସ୍ତାବିତ ସମ୍ପ୍ରସାରଣ ପାଇଁ ସମର୍ଥନ ଜଣାଇଥିବା ବେଳେ ଆଉ କେତେଜଣ ପରିବେଶ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ସେମାନେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରକଳ୍ପ ଯୋଗୁ ମିଳିବାକୁ ଥିବା ନିଯୁକ୍ତି ସୁଯୋଗକୁ ସ୍ୱୀକୃତି ଦେଇଥିଲେ। ଏଥିସହ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରାଥମିକତା ଏବଂ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ଦିଗରେ ପଦକ୍ଷେପ ନେବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଶିକ୍ଷା, ପାନୀୟ ଜଳ, ପୁନର୍ବାସ ଓ ଥଇଥାନ ନେଇ ସୃଷ୍ଟି ହେବାକୁ ଥିବା ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଜନଶୁଣାଣିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଶାଖାର ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କା, ଏରିଆ ପର୍ସୋନେଲ ମ୍ୟାନେଜର ମାନସରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଜନଶୁଣାଣିରେ ଉପସ୍ଥିତ ଅଞ୍ଚଳବାସୀ ଓ ଅନ୍ୟମାନେ।

# ଦଉମହାପାତ୍ର ନିଯୋଗକୁ କାରଣ ଦର୍ଶାଅ ନୋଟିସ

**ପୁରୀ, ୨୧।୭(ଅଜିତ ମହାନ୍ତି)**

## ବନକଲାଗି ନୀତିରେ ବିଶୃଙ୍ଖଳା

- ୪ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ
- ଆବଶ୍ୟକ ପଡ଼ିଲେ କୋର୍ଟକୁ ଯିବୁ: ନିଯୋଗ

ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତିରେ ବିଶୃଙ୍ଖଳା ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦଉମହାପାତ୍ର ନିଯୋଗକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଶ୍ରୀମନ୍ଦିର ଆଇନ-୨୦ ଓ ୩୦ ଧାରା ଅନୁଯାୟୀ ଏହି ନୋଟିସ ଜାରି ହୋଇଛି। ୪ ଦିନ ମଧ୍ୟରେ ଏ ସଂକ୍ରାନ୍ତ ଉତ୍ତର ରଖିବାକୁ କୁହାଯାଇଛି।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ପ୍ରତ୍ୟେକ ଗୁରୁବାର ବନକଲାଗି କରିବାକୁ ସମ୍ପୃକ୍ତ ସେବାୟତ ଦଉମହାପାତ୍ରମାନେ ଅଡ଼ି ବସିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପୂର୍ବ ଭଳି ବୁଧବାର ଏହି ନୀତି କରିବା ସପକ୍ଷରେ ରହିଛି। ତେଣୁ ବିବାଦ ସୃଷ୍ଟି ହୋଇଛି। ବନକଲାଗି ସଂକ୍ରାନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଉମହାପାତ୍ର ନିଯୋଗର ସଭାପତି, ସମ୍ପାଦକ, ଦଇତାପତି ନିଯୋଗର ବାଡ଼ଗ୍ରାହୀ, ବରିଷ୍ଠ ଦଇତାପତି ସେବକ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ବୁଧବାର ବନକଲାଗି କରିବା ପାଇଁ ଏହି ବୈଠକରେ ପ୍ରଶାସନ ପକ୍ଷରୁ ଦଉମହାପାତ୍ର ସେବକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେମାନେ ତାହା କରି ନ ଥିଲେ। ଗୁରୁବାର ଏଥିଲାଗି ସେମାନେ ପ୍ରସ୍ତୁତ ଥିବା ବେଳେ ପ୍ରଶାସନ ସମୟ ଦେଇ ନ ଥିଲା। ଫଳରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା।

ସୂଚନାଯୋଗ୍ୟ, ୨୦୧୮ ପରିଚାଳନା କମିଟି ବୈଠକରେ ପ୍ରତି ବୁଧବାର ବନକଲାଗି କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଫଳରେ ଗତ ୬ବର୍ଷ ଧରି ପ୍ରତ୍ୟେକ ବୁଧବାର ବନକଲାଗି ନୀତି ହୋଇଆସୁଛି। ତେବେ ବର୍ତ୍ତମାନ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ପ୍ରତ୍ୟେକ ଗୁରୁବାର ବନକଲାଗି ନୀତି କରିବା ପାଇଁ ଜିଦ୍ ଧରୁଛି ନିଯୋଗ। ଫଳରେ ନୀଳାଦ୍ରିବିଜେ ପରଠାରୁ ଏଯାବତ ବନକଲାଗି ନୀତି ସମ୍ପନ୍ନ ହୋଇପାରିନାହିଁ। ଏ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ନୋଟିସ ସମ୍ପର୍କରେ ଦଉମହାପାତ୍ର ନିଯୋଗ ସମ୍ପାଦକ ମଦନମୋହନ ଦଉମହାପାତ୍ର କହିଛନ୍ତି, ବୁଧବାର ତାଙ୍କ ନିକଟରେ ସେବାୟତମାନେ ନ ଥିବାରୁ ବନକଲାଗି ନୀତି ହୋଇପାରି ନ ଥିଲା। ତେବେ ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ଗୁରୁବାର ବନକଲାଗି ନୀତି ହେବାର ପ୍ରାବଧାନ ରହିଛି। ଏହାପରେ ଏକାନ୍ତ ନୀତି ହେବା କଥା। ମାତ୍ର ବିନା ବନକଲାଗିରେ ଏକାନ୍ତ ନୀତି କରାଗଲା। ଏଣିକି ପ୍ରତ୍ୟେକ ଗୁରୁବାର ବନକଲାଗି କରାଯିବା ପାଇଁ ଆମେ କହିବୁ। ସେହିପରି ନିଯୋଗରେ ଆଲୋଚନା କରାଯାଇ ଚିଠିର ଜବାବ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଦଉମହାପାତ୍ର ସେବକ ସଞ୍ଜୟ ଦଉମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଠାଯାଇଥିବା ନୋଟିସ୍‌ର ଜବାବ ଶନିବାର ଦିଆଯିବ। ଏଣିକି ପ୍ରତ୍ୟେକ ଗୁରୁବାର ପ୍ରଥମ ବନକଲାଗି କରାଯାଉ। ନଚେତ ଆଇନର ଆଶ୍ରୟ ନିଆଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି।

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୨/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Saturday, July 22/2023 Page 20 | ପୃଷ୍ଠା-୧ SAMBALPUR



**ହାଜେଲଉଡ୍‌ଙ୍କୁ ୫ଉଇକେଟ**

ଇଂଲଣ୍ଡ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଅଷ୍ଟ୍ରେଲିଆର ଜୋଶ୍ ହାଜେଲଉଡ୍ ୫ଉଇକେଟ ସଫଳତା ହାସଲ କରିଛନ୍ତି।

୦୬

୦୭

**ବିବେକ ଓବେରୟଙ୍କୁ ୧.୫ କୋଟି ଠକେଇ**

ଫିଲ୍ମ ନିର୍ମାଣ ଓ ବିରାଟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବଲିଉଡ୍ ଅଭିନେତା ବିବେକ ଓବେରୟଙ୍କଠାରୁ ୩ ଜଣ ଲୋକ ୧.୫୫ କୋଟି ଟଙ୍କା ନେଇ ଠକି ଦେଇଛନ୍ତି।





କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନେ ଗଛ ମୂଳ ପାଲ ଉପରେ ବସି ପଢୁଛନ୍ତି। **(ରିପୋର୍ଟ: ପୃଷ୍ଠା–୨)**

# ଜ୍ଞାନବାପି ସର୍ଭେ ପାଇଁ ଏଏସ୍ଆଇକୁ ଅନୁମତି

**ବାରାଣସୀ, ୨୧।୭**



ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ଜ୍ଞାନବାପି ମସ୍‌ଜିଦ ପରିସରର ବିଜ୍ଞାନଭିତ୍ତିକ ସର୍ଭେ ପାଇଁ ସ୍ଥାନୀୟ ଅଦାଲତ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ସମ୍ପୂର୍ଣ୍ଣ ମସ୍‌ଜିଦ ପରିସରର ସର୍ଭେ ପାଇଁ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)କୁ ନିର୍ଦ୍ଦେଶ ଦେବା ନିମନ୍ତେ ହିନ୍ଦୁ ପକ୍ଷରୁ ବାରାଣସୀ କୋର୍ଟରେ ପିଟିଶନ ଦାଏର କରିଥିଲା। ଗତବର୍ଷ ମେ'ରେ ଜ୍ଞାନବାପି କମ୍ପ୍ଲେକ୍ସର ଭିଡିଓଗ୍ରାଫି ସର୍ଭେ କରାଯାଇଥିଲା। ମସ୍‌ଜିଦ ପରିସରରେ ଥିବା ଏକ କୂଅରୁ ମିଳିଥିବା ଢାଞ୍ଚାକୁ ହିନ୍ଦୁ ପକ୍ଷ 'ଶିବଲିଙ୍ଗ' ବୋଲି ଦାବି କରିଆସୁଛି। ତେବେ ତାହା ଏକ ଝରଣା ବୋଲି ମୁସଲମାନ ପକ୍ଷ କହିଥିଲା। 'ଶିବଲିଙ୍ଗ' ମିଳିଥିବା ଉକ୍ତ ସ୍ଥାନ (ଉଜୁଖାନା)କୁ ଏଏସ୍ଆଇର ବିଜ୍ଞାନଭିତ୍ତିକ ସର୍ଭେରୁ ବାଦ୍ ଦେବାକୁ ଜିଲା ଜଜ୍ ଏ.କେ. ବିଶ୍ୱେଶ୍ୱରଙ୍କ କୋର୍ଟ କହିଛନ୍ତି। ସର୍ଭେ ରିପୋର୍ଟ ଅଗଷ୍ଟ ୪ ସୁଦ୍ଧା କୋର୍ଟରେ ଉପସ୍ଥାପନ କରିବାକୁ ଏଏସ୍ଆଇକୁ ନିର୍ଦ୍ଦେଶ ଦିଆଯାଇଛି। ସର୍ଭେ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ କରିବାକୁ ନିର୍ଦ୍ଦେଶ ରହିଛି। ସର୍ଭେ ସମୟରେ ନମାଜ ପାଠ ଉପରେ କୌଣସି କଟକଣା ରହିବ ନାହିଁ। ସେହିପରି ମସ୍‌ଜିଦ ପରିସରରେ ☞ପୃଷ୍ଠା–୭

# ଆଇସିସି ବିଶ୍ୱକପ୍ ପ୍ରମୋରେ ଓଡ଼ିଶାର ପିଣ୍ଟୁ

**ବ୍ରହ୍ମପୁର ୨୧।୭ (ତନୁଶ୍ରୀ ନାହାକ)**

ଓଡ଼ିଶାର ଖେଳ ପ୍ରେମୀଙ୍କ ଲାଗି ଏକ ଭଲ ଖବର। ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ଜଣେ ଅନ୍ୟତମ ଦୃଢ ପ୍ରଶଂସକ ରୂପେ ପରିଚିତ ରାଜ୍ୟର ପିଣ୍ଟୁ ବେହେରା ଭାରତରେ ଅକ୍ଟୋବର ୫ରୁ ହେବାକୁଥିବା ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଅଫିସିଆଲ ପ୍ରମୋରେ ସ୍ଥାନ ପାଇଛନ୍ତି। ୩୪ ବର୍ଷୀୟ ପିଣ୍ଟୁ ବ୍ରହ୍ମପୁର ସହରର ଜଣେ ଜଣାଶୁଣା କଣ୍ଟ୍ରାକ୍ଟର। ସେ ତାଙ୍କ ଶରୀରରେ ହାତ, ଗୋଡ଼, ପିଠି, ପେଟ ଏବଂ ଅନ୍ୟ ଅଂଶରେ ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ କୋହଲିଙ୍କର ଟାଟୁ କରିଛନ୍ତି। ପିଣ୍ଟୁଙ୍କ ଶରୀରରେ ଏହି ସବୁ



ପିଣ୍ଟୁ ବେହେରା

ଟାଟୁ ଟି. ଗଣେଶ ରାଓ ନାମକ ଜଣେ ଟାଟୁ ଆର୍ଟିଷ୍ଟ କରାଇଛନ୍ତି। ପିଣ୍ଟୁ ତାଙ୍କର ନିୟମିତ ଗ୍ରାହକ। ୬ ମାସ ତଳେ ଶେଷ ଥର ପାଇଁ ସେ ଟାଟୁ କୁଟାଇବା ଲାଗି ତାଙ୍କ ନିକଟକୁ ଆସିଥିଲେ ବୋଲି ଗଣେଶ କହିଛନ୍ତି। ପିଣ୍ଟୁ କହିଛନ୍ତି, କୋହଲିଙ୍କୁ ଭେଟିବା ଲାଗି ତାଙ୍କର ଏକ ସ୍ୱପ୍ନ ଥିଲା। ତାଙ୍କ ସହ ଭେଟ ହେବାପରେ ତାଙ୍କୁ ନୂଆ ନୂଆ ଅଫର ଓ ସମ୍ମାନ ମିଳୁଛି। ଆଇସିସି ଦ୍ୱାରା ରିଲିଜ କରାଯାଇଥିବା ଦିନିକିଆ ବିଶ୍ୱକପ୍ ପ୍ରମୋରେ ତାଙ୍କୁ ସ୍ଥାନ ମିଳିଥିବାରୁ ସେ ଖୁବ୍ ଆନନ୍ଦିତ। କୋହଲିଙ୍କ ଏହି ଦୃଢ ପ୍ରଶଂସକ କହିଛନ୍ତି, ପ୍ରମୋର ଶୁଟିଂ ବେଳେ ତାଙ୍କର ଦକ୍ଷିଣ ☞ପୃଷ୍ଠା–୭

# ଚିହ୍ନଟ ହୋଇନି ୪୧ ମୃତଦେହ

## ବାହାନଗା ଟ୍ରେନ୍ ଦୁର୍ଘଟଣା ନେଇ ରେଳମନ୍ତ୍ରୀଙ୍କ ବିବୃତି

**ନୂଆଦିଲ୍ଲୀ, ୨୧।୭**

ବାଲେଶ୍ୱର ଜିଲାର ବାହାନଗା ବଜାର ଷ୍ଟେଶନ ନିକଟରେ ଗତ ଜୁନ୍ ୨ରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାର ମୃତକଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୪୧ ମୃତଦେହ ଚିହ୍ନଟ ହୋଇ ନ ଥିବା ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ରାଜ୍ୟ ସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ କହିଥିଲେ, ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୯୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା ଓ ୧୭୬ ଜଣ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ୨୫୪ ମୃତଦେହ ଚିହ୍ନଟ ହୋଇ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ୪୧ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ବାହାନଗା ଷ୍ଟେଶନର ଉତ୍ତର ସିଗ୍ନାଲ ଗୁମ୍ଟିରେ ସିଗ୍ନାଲ ସର୍କିଟ୍ ପରିବର୍ତ୍ତନରେ ତ୍ରୁଟି ଥିଲା। ଏଥିସହ ସିଗ୍ନାଲ କାମ ବେଳେ ଷ୍ଟେଶନର ଲେବଲ କ୍ରସିଂ ଗେଟ୍ ନଂ ୯୪ ପାଇଁ ଇଲେକ୍ଟ୍ରିକ୍ ଲିଫ୍ଟିଂ ବାରିୟର ବଦଳାଯାଇଥିଲା। ଏହିସବୁ ତ୍ରୁଟି ପାଇଁ ଟ୍ରେନ୍ ନଂ ୧୨୮୪୧କୁ ଭୁଲ୍ ସିଗ୍ନାଲ ଯାଇଥିଲା। ଷ୍ଟେଶନର ଅପ୍ ମେନ୍ ଲାଇନରେ ଟ୍ରେନ୍ ଗଡ଼ିବା ପାଇଁ ଅପ୍ ହୋମ୍ ସିଗ୍ନାଲ ଦିଆଯାଇଥିଲା। କିନ୍ତୁ ଅପ୍ ☞ପୃଷ୍ଠା–୭

## ସ୍ୱତନ୍ତ୍ର ଓଜେଇଇ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର, ୨୧।୭ (ଅନୁରାଧା ମହାରଣା):** ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା (ଓଜେଇଇ) ଫଳ ଶୁକ୍ରବାର ପ୍ରକାଶ ପାଇଛି। ବି.ଟେକ୍‌ରେ ୮,୬୫୫ ଛାତ୍ରୀଛାତ୍ର ଓ ଲାଟେରାଲ ଏଣ୍ଟ୍ରି ଟେକ୍ନିକାଲ ଡିପ୍ଲୋମାରେ ୪,୫୬୮ ଜଣଙ୍କୁ ର୍‍ୟାଙ୍କ କାର୍ଡ ମିଳିଛି। ସେହିପରି ବି.ଫାର୍ମାରେ ୨୪୪୨ ଛାତ୍ରୀଛାତ୍ର, ଏମ୍‌ବିଏରେ ୪୨୮୭ ଓ ଏମ୍‌ସିଏରେ ୧୭୪୩ଜଣ ର୍‍ୟାଙ୍କ ହାସଲ କରିଛନ୍ତି। ଛାତ୍ରୀଛାତ୍ର http://ojee.nic.in/odishajee.comରୁ ସେମାନଙ୍କ ର୍‍ୟାଙ୍କ କାର୍ଡ ଡାଉନ୍‌ଲୋଡ଼ କରିପାରିବେ। ଏଥିସହ ଫଳାଫଳ ସଂକ୍ରାନ୍ତ ଅଧିକ ତଥ୍ୟ ojee.nic.in ଓ odishajee.comରେ ଉପଲବ୍ଧ ହୋଇଛି। ସୂଚନା ଥାଉକି, ଓଡ଼ିଶାର ସରକାରୀ ଓ ଘରୋଇ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ବି.ଫାର୍ମା, ଏମ୍‌ସିଏ, ଏମ୍.ଏସ୍‌ସି, ଏମ୍.ଟେକ, ଏମ୍.ଫାର୍ମା ଆଦିରେ ନାମଲେଖା ପାଇଁ ଏହି ସ୍ୱତନ୍ତ୍ର ଓଜେଇଇ କରାଯାଉଛି। ଜୁନ ୨୬ରୁ ୨୯ ତାରିଖ ଯାଏ ୪୭ଟି କେନ୍ଦ୍ରରେ ସିବିଟି ମୋଡ୍‌ରେ ଚାରିଟି ସିଫ୍ଟରେ ପରୀକ୍ଷା ହୋଇଥିଲା। ୨୧ ହଜାର ୮୬୭ ଜଣ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ।

### ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଏକାଡେମିକ କ୍ୟାଲେଣ୍ଡର

## ମାର୍ଚ୍ଚ ୫ରୁ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର, ୨୧।୭ (ଅନୁରାଧା ମହାରଣା):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନୂଆ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଏକାଡେମିକ କ୍ୟାଲେଣ୍ଡର ପ୍ରସ୍ତୁତ କରିଛି। ଏଥିସହ ଏହାର କାର୍ଯ୍ୟକାରିତା ନେଇ ଅଧକ୍ଷମାନଙ୍କ ମତାମତ ମଧ୍ୟ ନିଆଯାଇଛି। କ୍ୟାଲେଣ୍ଡର ଅନୁସାରେ କାମ କରିବା ସହ ପ୍ରୋକ୍ଟରିଆଲ କ୍ଲାସ୍‌କୁ ଗୁରୁତ୍ୱ ଦିଆଯାଇଛି। ଅଗଷ୍ଟ ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବାକୁ ଥିବାବେଳେ ନୂଆ ଶିକ୍ଷାବର୍ଷ ପାଇଁ ଏକାଡେମିକ କ୍ୟାଲେଣ୍ଡର ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ କାର୍ଯ୍ୟକାରୀ କରାଯିବ। ପ୍ରଥମ ବର୍ଷ ବାର୍ଷିକ ପରୀକ୍ଷା ୨୦୨୪ ଏପ୍ରିଲ ୨୫ରୁ ଆରମ୍ଭ ହୋଇ ମେ ୫ରେ ସରିବ। ଏହାପରେ ଗ୍ରୀଷ୍ମ ଛୁଟି କରାଯିବ। ପୂଜା ଛୁଟି ପୂର୍ବରୁ ଦ୍ୱିତୀୟ ବର୍ଷର ଇଣ୍ଟରନାଲ ପରୀକ୍ଷା କରାଯିବ। ଦ୍ୱିତୀୟ ବର୍ଷ ବା ବାର୍ଷିକ ପରୀକ୍ଷା ୨୦୨୪ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ ସୁଦ୍ଧା ସରିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉକ୍ତ କ୍ୟାଲେଣ୍ଡରରେ ସୂଚନା ଦିଆଯାଇଛି। ସେହିପରି ଯୁକ୍ତ୨ ଦ୍ୱିତୀୟ ବର୍ଷର ପ୍ରୋକ୍ଟରିଆଲ କ୍ଲାସର ବି ସମୀକ୍ଷା କରାଯିବ। ଏଥିରେ ପ୍ରତି ଶିକ୍ଷକଙ୍କୁ କେତେଜଣ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କ ପାଠପଢ଼ା, ଆବଶ୍ୟକତା ଓ ପ୍ରଦର୍ଶନ ସମ୍ପର୍କରେ ଶିକ୍ଷକମାନେ ତଥ୍ୟ ଦେବେ। ଏଥିପାଇଁ ଚଳିତ ବର୍ଷ ଅଗଷ୍ଟ ୨୩ରେ ପ୍ରୋକ୍ଟରିଆଲ ମିଟିଂ ବସିବ। ଏଥିସହ ନଭେମ୍ବର ୨୧ରେ ପ୍ରଥମ ବର୍ଷ ଓ ଡିସେମ୍ବର ୧୮ରେ ଦ୍ୱିତୀୟ ବର୍ଷର ଅଭିଭାବକ-ଶିକ୍ଷକ ବୈଠକ ବସିବ। ନଭେମ୍ବର ୧୮ରେ ଜିଲାସ୍ତରୀୟ ହାକାଥନର ଆୟୋଜନ ହେବ। ଡିସେମ୍ବର ୧୩ରୁ ୧୮ ଯାଏ କ୍ରୀଡ଼ା ସପ୍ତାହ ପାଳନ କରାଯିବ।



ପୃଷ୍ଠା–୧୨+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୨/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Saturday, July 22/2023 Page 20 | ପୃଷ୍ଠା-୧ SAMBALPUR



## ହାଜେଲଉଡ୍‌ଙ୍କୁ ୫ଉଇକେଟ

ଇଂଲଣ୍ଡ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଅଷ୍ଟ୍ରେଲିଆର ଜୋଶ୍ ହାଜେଲଉଡ୍ ୫ଉଇକେଟ ସଫଳତା ହାସଲ କରିଛନ୍ତି।

୦୬

୦୭

## ବିବେକ ଓବେରୟ୍‌ଙ୍କୁ ୧.୫ କୋଟି ଠକେଇ

ଫିଲ୍ମ ନିର୍ମାଣ ଓ ବିରାଟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବଲିଉଡ୍ ଅଭିନେତା ବିବେକ ଓବେରୟଙ୍କଠାରୁ ୩ ଜଣ ଲୋକ ୧.୫୫ କୋଟି ଟଙ୍କା ନେଇ ଠକି ଦେଇଛନ୍ତି।





କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନେ ଗଛ ମୂଳ ପାଲ ଉପରେ ବସି ପଢ଼ୁଛନ୍ତି। (ରିପୋର୍ଟ: ପୃଷ୍ଠା–୨)

# ଜ୍ଞାନବାପି ସର୍ଭେ ପାଇଁ ଏଏସ୍‌ଆଇଙ୍କୁ ଅନୁମତି

**ବାରାଣସୀ, ୨୧।୭**

ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ଜ୍ଞାନବାପି ମସ୍‌ଜିଦ ପରିସରର ବିଜ୍ଞାନଭିତ୍ତିକ ସର୍ଭେ ପାଇଁ ସ୍ଥାନୀୟ ଅଦାଲତ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ସମ୍ପୂର୍ଣ୍ଣ ମସ୍‌ଜିଦ ପରିସରର ସର୍ଭେ ପାଇଁ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ନିର୍ଦ୍ଦେଶ ଦେବା ନିମନ୍ତେ ହିନ୍ଦୁ ପକ୍ଷରୁ ବାରାଣସୀ କୋର୍ଟରେ ପିଟିଶନ ଦାଏର କରିଥିଲା। ଗତବର୍ଷ ମେ'ରେ ଜ୍ଞାନବାପି କମ୍ପ୍ଲେକ୍ସର ଭିଡିଓଗ୍ରାଫି ସର୍ଭେ କରାଯାଇଥିଲା। ମସ୍‌ଜିଦ ପରିସରରେ ଥିବା ଏକ କୂଅରୁ ମିଳିଥିବା ଢାଞ୍ଚାକୁ ହିନ୍ଦୁ ପକ୍ଷ 'ଶିବଲିଙ୍ଗ' ବୋଲି ଦାବି କରିଆସୁଛି। ତେବେ ତାହା ଏକ ଝରଣା ବୋଲି ମୁସଲମାନ ପକ୍ଷ କହିଥିଲା। 'ଶିବଲିଙ୍ଗ' ମିଳିଥିବା ଉକ୍ତ ସ୍ଥାନ (ଉଜୁଖାନା)କୁ ଏଏସ୍‌ଆଇର ବିଜ୍ଞାନଭିତ୍ତିକ ସର୍ଭେରୁ ବାଦ୍ ଦେବାକୁ ଜିଲା ଜଜ୍ ଏ.କେ. ବିଶ୍ୱେଶ୍ୱରଙ୍କ କୋର୍ଟ କହିଛନ୍ତି। ସର୍ଭେ ରିପୋର୍ଟ ଅଗଷ୍ଟ ୪ ସୁଦ୍ଧା କୋର୍ଟରେ ଉପସ୍ଥାପନ କରିବାକୁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦିଆଯାଇଛି। ସର୍ଭେ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ କରିବାକୁ ନିର୍ଦ୍ଦେଶ ରହିଛି। ସର୍ଭେ ସମୟରେ ନମାଜ ପାଠ ଉପରେ କୌଣସି କଟକଣା ରହିବ ନାହିଁ। ସେହିପରି ମସ୍‌ଜିଦ ପରିସରରେ ☞ ପୃଷ୍ଠା–୭

# ଆଇସିସି ବିଶ୍ୱକପ୍ ପ୍ରମୋରେ ଓଡ଼ିଶାର ପିଣ୍ଟୁ

**ବ୍ରହ୍ମପୁର ୨୧।୭ (ତନୁଶ୍ରୀ ନାହାକ)**

ଓଡ଼ିଶାର ଖେଳ ପ୍ରେମୀଙ୍କ ଲାଗି ଏକ ଭଲ ଖବର। ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ଜଣେ ଅନ୍ୟତମ ଦୃଢ଼ ପ୍ରଶଂସକ ରୂପେ ପରିଚିତ ରାଜ୍ୟର ପିଣ୍ଟୁ ବେହେରା ଭାରତରେ ଅକ୍ଟୋବର ୫ରୁ ହେବାକୁଥିବା ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଅଫିସିଆଲ ପ୍ରମୋରେ ସ୍ଥାନ ପାଇଛନ୍ତି। ୩୪ ବର୍ଷୀୟ ପିଣ୍ଟୁ ବ୍ରହ୍ମପୁର ସହରର ଜଣେ ଜଣାଶୁଣା କଣ୍ଟ୍ରାକ୍ଟର। ସେ ତାଙ୍କ ଶରୀରରେ ହାତ, ଗୋଡ଼, ପିଠି, ପେଟ ଏବଂ ଅନ୍ୟ ଅଂଶରେ ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ କୋହଲିଙ୍କର ଟାଟୁ କରିଛନ୍ତି। ପିଣ୍ଟୁଙ୍କ ଶରୀରରେ ଏହି ସବୁ ଟାଟୁ ଟି. ଗଣେଶ ରାଓ ନାମକ ଜଣେ ଟାଟୁ ଆର୍ଟିଷ୍ଟ କରାଇଛନ୍ତି। ପିଣ୍ଟୁ ତାଙ୍କର ନିୟମିତ ଗ୍ରାହକ। ୬ ମାସ ତଳେ ଶେଷ ଥର ପାଇଁ ସେ ଟାଟୁ କୁଟାଇବା ଲାଗି ତାଙ୍କ ନିକଟକୁ ଆସିଥିଲେ ବୋଲି ଗଣେଶ କହିଛନ୍ତି। ପିଣ୍ଟୁ କହିଛନ୍ତି, କୋହଲିଙ୍କୁ ଭେଟିବା ଲାଗି ତାଙ୍କର ଏକ ସ୍ୱପ୍ନ ଥିଲା। ତାଙ୍କ ସହ ଭେଟ ହେବାପରେ ତାଙ୍କୁ ନୂଆ ନୂଆ ଅଫର ଓ ସମ୍ମାନ ମିଳୁଛି। ଆଇସିସି ଦ୍ୱାରା ରିଲିଜ କରାଯାଇଥିବା ଦିନିକିଆ ବିଶ୍ୱକପ୍ ପ୍ରମୋରେ ତାଙ୍କୁ ସ୍ଥାନ ମିଳିଥିବାରୁ ସେ ଖୁବ୍ ଆନନ୍ଦିତ। କୋହଲିଙ୍କ ଏହି ଦୃଢ଼ ପ୍ରଶଂସକ କହିଛନ୍ତି, ପ୍ରମୋର ଶୁଟିଂ ବେଳେ ତାଙ୍କର ଦକ୍ଷିଣ ☞ ପୃଷ୍ଠା–୭



ପିଣ୍ଟୁ ବେହେରା

# ଚିହ୍ନଟ ହୋଇନି ୪୧ ମୃତଦେହ

## ବାହାନଗା ଟ୍ରେନ୍ ଦୁର୍ଘଟଣା ନେଇ ରେଳମନ୍ତ୍ରୀଙ୍କ ବିବୃତି

**ନୂଆଦିଲ୍ଲୀ, ୨୧।୭**

ବାଲେଶ୍ୱର ଜିଲାର ବାହାନଗା ବଜାର ଷ୍ଟେଶନ ନିକଟରେ ଗତ ଜୁନ୍ ୨ରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାର ମୃତକଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୪୧ ମୃତଦେହ ଚିହ୍ନଟ ହୋଇ ନ ଥିବା ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ରାଜ୍ୟ ସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ କହିଥିଲେ, ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୯୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା ଓ ୧୭୬ ଜଣ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ୨୫୪ ମୃତଦେହ ଚିହ୍ନଟ ହୋଇ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ୪୧ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ବାହାନଗା ଷ୍ଟେଶନର ଉତ୍ତର ସିଗ୍‌ନାଲ ଗୁମ୍‌ଟିରେ ସିଗ୍‌ନାଲ ସର୍କିଟ୍ ପରିବର୍ତ୍ତନରେ ତ୍ରୁଟି ଥିଲା। ଏଥିସହ ସିଗ୍‌ନାଲ କାମ ବେଳେ ଷ୍ଟେଶନର ଲେବଲ କ୍ରସିଂ ଗେଟ୍ ନଂ ୯୪ ପାଇଁ ଇଲେକ୍ଟ୍ରିକ୍ ଲିଫ୍ଟିଂ ବାରିୟର ବଦଳାଯାଇଥିଲା। ଏହିସବୁ ତ୍ରୁଟି ପାଇଁ ଟ୍ରେନ୍ ନଂ ୧୨୮୪୧କୁ ଭୁଲ୍ ସିଗ୍‌ନାଲ ଯାଇଥିଲା। ଷ୍ଟେଶନର ଅପ୍ ମେନ୍ ଲାଇନରେ ଟ୍ରେନ୍ ଗଡ଼ିବା ପାଇଁ ଅପ୍ ହୋମ୍ ସିଗ୍‌ନାଲ ଦିଆଯାଇଥିଲା। କିନ୍ତୁ ଅପ୍ ☞ ପୃଷ୍ଠା–୭

## ସ୍ୱତନ୍ତ୍ର ଓଜେଇଇ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର, ୨୧।୭ (ଅନୁରାଧା ମହାରଣା):** ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା (ଓଜେଇଇ) ଫଳ ଶୁକ୍ରବାର ପ୍ରକାଶ ପାଇଛି। ବି.ଟେକ୍‌ରେ ୮,୬୫୫ ଛାତ୍ରୀଛାତ୍ର ଓ ଲାଟେରାଲ ଏଣ୍ଟ୍ରି ଟେକ୍ନିକାଲ ଡିପ୍ଲୋମାରେ ୪,୫୬୮ ଜଣଙ୍କୁ ର୍‍ୟାଙ୍କ କାର୍ଡ ମିଳିଛି। ସେହିପରି ବି.ଫାର୍ମାରେ ୨୪୪୨ ଛାତ୍ରୀଛାତ୍ର, ଏମ୍‌ବିଏରେ ୪୨୮୭ ଓ ଏମ୍‌ସିଏରେ ୧୭୪୩ଜଣ ର୍‍ୟାଙ୍କ ହାସଲ କରିଛନ୍ତି। ଛାତ୍ରୀଛାତ୍ର http://ojee.nic.in/odishajee.comରୁ ସେମାନଙ୍କ ର୍‍ୟାଙ୍କ କାର୍ଡ ଡାଉନ୍‌ଲୋଡ଼ କରିପାରିବେ। ଏଥିସହ ଫଳାଫଳ ସଂକ୍ରାନ୍ତ ଅଧିକ ତଥ୍ୟ ojee.nic.in ଓ odishajee.comରେ ଉପଲବ୍ଧ ହୋଇଛି। ସୂଚନା ଥାଉକି, ଓଡ଼ିଶାର ସରକାରୀ ଓ ଘରୋଇ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ବି.ଫାର୍ମା, ଏମ୍‌ସିଏ, ଏମ୍.ଏସ୍‌ସି, ଏମ୍.ଟେକ, ଏମ୍.ଫାର୍ମା ଆଦିରେ ନାମଲେଖା ପାଇଁ ଏହି ସ୍ୱତନ୍ତ୍ର ଓଜେଇଇ କରାଯାଉଛି। ଜୁନ ୨୬ରୁ ୨୯ ତାରିଖ ଯାଏ ୪୭ଟି କେନ୍ଦ୍ରରେ ସିବିଟି ମୋଡ୍‌ରେ ଚାରିଟି ସିଫ୍ଟରେ ପରୀକ୍ଷା ହୋଇଥିଲା। ୨୧ ହଜାର ୮୬୭ ଜଣ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଏକାଡେମିକ କ୍ୟାଲେଣ୍ଡର

## ମାର୍ଚ୍ଚ ୫ରୁ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର, ୨୧।୭ (ଅନୁରାଧା ମହାରଣା):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନୂଆ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଏକାଡେମିକ କ୍ୟାଲେଣ୍ଡର ପ୍ରସ୍ତୁତ କରିଛି। ଏଥିସହ ଏହାର କାର୍ଯ୍ୟକାରିତା ନେଇ ଅଧକ୍ଷମାନଙ୍କ ମତାମତ ମଧ ନିଆଯାଇଛି। କ୍ୟାଲେଣ୍ଡର ଅନୁସାରେ କାମ କରିବା ସହ ପ୍ରୋକ୍ଟରିଆଲ କ୍ଲାସ୍‌କୁ ଗୁରୁତ୍ୱ ଦିଆଯାଇଛି। ଅଗଷ୍ଟ ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବାକୁ ଥିବାବେଳେ ନୂଆ ଶିକ୍ଷାବର୍ଷ ପାଇଁ ଏକାଡେମିକ କ୍ୟାଲେଣ୍ଡର ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ କାର୍ଯ୍ୟକାରୀ କରାଯିବ। ପ୍ରଥମ ବର୍ଷ ବାର୍ଷିକ ପରୀକ୍ଷା ୨୦୨୪ ଏପ୍ରିଲ ୨୫ରୁ ଆରମ୍ଭ ହୋଇ ମେ ୫ରେ ସରିବ। ଏହାପରେ ଗ୍ରୀଷ୍ମ ଛୁଟି କରାଯିବ। ପୂଜା ଛୁଟି ପୂର୍ବରୁ ଦ୍ୱିତୀୟ ବର୍ଷର ଇଣ୍ଟରନାଲ ପରୀକ୍ଷା କରାଯିବ। ଦ୍ୱିତୀୟ ବର୍ଷ ବା ବାର୍ଷିକ ପରୀକ୍ଷା ୨୦୨୪ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ ସୁଦ୍ଧା ସରିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉକ୍ତ କ୍ୟାଲେଣ୍ଡରରେ ସୂଚନା ଦିଆଯାଇଛି। ସେହିପରି ଯୁକ୍ତ୨ ଦ୍ୱିତୀୟ ବର୍ଷର ପ୍ରୋକ୍ଟରିଆଲ କ୍ଲାସର ବି ସମୀକ୍ଷା କରାଯିବ। ଏଥିରେ ପ୍ରତି ଶିକ୍ଷକଙ୍କୁ କେତେଜଣ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କ ପାଠପଢ଼ା, ଆବଶ୍ୟକତା ଓ ପ୍ରଦର୍ଶନ ସମ୍ପର୍କରେ ଶିକ୍ଷକମାନେ ତଥ୍ୟ ଦେବେ। ଏଥିପାଇଁ ଚଳିତ ବର୍ଷ ଅଗଷ୍ଟ ୨୩ରେ ପ୍ରୋକ୍ଟରିଆଲ ମିଟିଂ ବସିବ। ଏଥିସହ ନଭେମ୍ବର ୨୧ରେ ପ୍ରଥମ ବର୍ଷ ଓ ଡିସେମ୍ବର ୧୮ରେ ଦ୍ୱିତୀୟ ବର୍ଷର ଅଭିଭାବକ-ଶିକ୍ଷକ ବୈଠକ ବସିବ। ନଭେମ୍ବର ୧୮ରେ ଜିଲାସ୍ତରୀୟ ହାକାଥନର ଆୟୋଜନ ହେବ। ଡିସେମ୍ବର ୧୩ରୁ ୧୮ ଯାଏ କ୍ରୀଡ଼ା ସପ୍ତାହ ପାଳନ କରାଯିବ।



## ସଂକ୍ଷେପରେ

### ଶ୍ରମିକଙ୍କ ଆକସ୍ମିକ ମୃତ୍ୟୁ

ଦେଓଗାଁ,୨୧।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧିନ ତାଲପାଲି ଗ୍ରାମର ଜଣେ ଯୁବକଙ୍କର ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ହେଲେ କେଶଲା ଧରୁଆ (୩୦)। କୋଶଲା ତରଭା ନିକଟ ଏକ ଗ୍ରାମରୁ ଘରଛାତ ପକାଇବା କାମ ସାରି ଗୁରୁବାର ସନ୍ଧ୍ୟାରେ କେଶଲା ଘରକୁ ଫେରିଥିଲେ। ରାତିରେ ଅସୁସ୍ଥ ହୋଇ ପଡିବାରୁ ଘରଲୋକେ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ବନ୍ଧପଡା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରା ବଲାଙ୍ଗୀର ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମିନିଟ୍ରକ୍ ବାଜି ଭାଙ୍ଗିଲା ସ୍କୁଲଗେଟ୍



ଦେଓଗାଁ,୨୧।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିନିଟ୍ରକ ଧକ୍କାରେ ମୁଖ୍ୟଗେଟ ଭାଙ୍ଗିଯାଇଥିଲା। ଗୁରୁବାର ପୂର୍ବାହ୍ନରେ ଏହି ଘଟଣା ଘଟିଛି। ଏକ ମିନିଟ୍ରକ ସ୍କୁଲ ମଧରେ ବ୍ଲକର ଆଖପାଖ ସ୍କୁଲକୁ ଯୋଗାଣ ପାଇଁ ରଖାଯାଇଥିବା ଟିଭିକୁ ବୋଝେଇ କରି ବାହାରୁଥିବା ବେଳେ ଗାଡିର ଡାଲା ଗେଟରେ ଲାଗିଯାଇଥିଲା। ଫଳରେ ଗେଟର ଉପରଭାଗ ଭାଙ୍ଗିଯାଇଥିଲା। ତେବେ ଏହିଦିନ ପୂର୍ବାହ୍ନ ୧୦ଟାରେ ଛାତ୍ରମାନେ ସ୍କୁଲକୁ ଆସିବା ସମୟରେ ଏହି ଘଟଣା ଘଟିଥିବାରୁ ପାଖରେ ଥିବା କେତେଜଣ ଛାତ୍ର ଅଳ୍ପକେ ବର୍ତ୍ତିଯାଇଥିବା ଏବେ ଆଲୋଚନାର ବିଷୟ ହୋଇଛି। ଅନ୍ୟପଟେ ଗେଟର ଉପରଭାଗ ମିନିଟ୍ରକରେ ବୋଝେଇ ହୋଇଥିବାଏଲଇଡି ଟିଭି ଉପରେ ଲଦି ହୋଇପଡିବାରୁ କିଛି ଟିଭି ନଷ୍ଟହୋଇଥିବା ଜଣାପଡିଛି।

### କତରଲଗା ମହିମା ଆଶ୍ରମ ମଠାଧୀଶଙ୍କ ପରଲୋକ



ମୁରିବାହାଲ,୨୧।୭(ଶ୍ରୀବତ୍ସ ବେହେରା): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଛାପଡା ଗ୍ରାମ ପଞ୍ଚାୟତର କତରଲଗା ମହିମା ଆଶ୍ରମର ମଠାଧୀଶ ସାଧୁ ରାମଚନ୍ଦ୍ର ବାବାଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୪ବର୍ଷ ହୋଇଥିଲା। ଗୁରୁବାର ଅସୁସ୍ଥ ହୋଇ ପଡିବା ପରେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅଲେଖ ମହିମା ଧର୍ମର ପ୍ରଚାର ପ୍ରସାର ଦିଗରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହା ସହ ଅଞ୍ଚଳରେ ଆୟୁର୍ବେଦିକ ଔଷଧ ମଧମରେ ଜନସାଧାରଣଙ୍କ ସେ ଚିକିତ୍ସା କରାଉଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବାବା ଚମ୍ପେଶ୍ୱର ଦାସ, ପଶ୍ଚିମାଞ୍ଚଳ ସଭାପତି ବାବା ନିତ୍ୟାନନ୍ଦ ଦାସ, ବାବା ପିତାମ୍ବର ଦାସ ଏବଂ ବହୁତ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତରେ ବାବାଙ୍କୁ ଆଶ୍ରମ ପରିସରରେ ସମାଧି ଦିଆଯାଇଥିଲା।

# ଚିନିକଳ ପୁନଃ କାର୍ଯ୍ୟକ୍ଷମ କର

ବଲାଙ୍ଗୀର,୨୧।୭
(ବୀରେନ୍ଦ୍ର କୁମାର ଝାଙ୍କର)

■ସୂତାକଳ ପ୍ରତିଷ୍ଠା ଦାବି କଲା ଜିଲା କିଷାନ କଂଗ୍ରେସ
■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗୀର ଜିଲା ଦେଓଗାଁ ସ୍ଥିତ ଚିନିକଳ ପୁନଃ କାର୍ଯ୍ୟକ୍ଷମ ଏବଂ ସୂତାକଳ ପ୍ରତିଷ୍ଠା କରିବା ଦାବି କରିଛି ଜିଲା କିଶାନ କଂଗ୍ରେସ। କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ କୁମାର ମିଶ୍ରଙ୍କ ନେତୃତ୍ୱରେ ଶୁକ୍ରବାର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବଲାଙ୍ଗୀର ଏକ ଶିଳ୍ପବିହୀନ ଜିଲା। ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଦେଓଗାଁ ଚିନିକଳ ଦୀର୍ଘବର୍ଷ ହେଲା ବନ୍ଦ ପଡିଛି। ଏହି ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଚାଷୀମାନେ ଏବଂ ବିଭିନ୍ନ ଅନୁଷ୍ଠାନ ବାରମ୍ବାର ଆନ୍ଦୋଳନ କରୁଥିଲେ ମଧ୍ୟ ସରକାର ଏ ଦିଗରେ କିଛି ବି ପଦକ୍ଷେପ ନେଇନାହାନ୍ତି।

ବଲାଙ୍ଗୀର ଜିଲାରେ ପ୍ରଚୁର ପରିମାଣରେ ଉନ୍ନତ ମାନର କପାଚାଷ ହେଉଥିଲେ ମଧ୍ୟ ସୂତାକଳ ନାହିଁ। ଫଳରେ ଏଠାକାର ଉତ୍ପାଦିତ କପା ବାହାର ରାଜ୍ୟକୁ ଚାଲିଯାଉଛି। ଏଠାରେ ଏକ ସୂତାକଳ ପ୍ରତିଷ୍ଠା ହେଲେ ଚାଷୀମାନେ ଲାଭାନ୍ୱିତ ହୋଇପାରିବେ। ଏହି ଦୁଇ ପ୍ରସଙ୍ଗ ନେଇ ଓଡ଼ିଶା ବିଧାନସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବାରମ୍ବାର ସ୍ୱର ଉତ୍ତୋଳନ କରୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଦେଓଗାଁ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ ଏବଂ କପାଚାଷୀନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ତୁରନ୍ତ ଏକ ସୂତାକଳ ପ୍ରତିଷ୍ଠା କରିବାକୁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି। ସରକାର ଯଦି ଆଗାମୀ ଦିନରେ ଦାବି ପୂରଣ ନ କରିନ୍ତି ତେବେ ଜିଲା କିଶାନ କଂଗ୍ରେସ ପକ୍ଷରୁ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲା କିଶାନ କଂଗ୍ରେସ ଅଧ୍ୟକ୍ଷ ମିଶ୍ର ଚେତାବନୀ ଦେଇଛନ୍ତି। ପ୍ରତିନିଧି ମଣ୍ଡଳୀରେ ରାଜ୍ୟ କିଶାନ କଂଗ୍ରେସ ସମ୍ପାଦକ ସରୋଜ ରଥ, ସଦର ବ୍ଲକ କିଶାନ କଂଗ୍ରେସ ଅଧ୍ୟକ୍ଷ ଗଗନ ନାଥ, ବରିଷ୍ଠ କଂଗ୍ରେସ ନେତା କିଶୋର ସିଂ ନିନା, ଜୟ ସାହୁ, ଜିଲ୍ଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଅଜୟ ବାଲି, ଜୁଲୁ ପଟ୍ଟନାୟକ, ଜୟନାରାୟଣ ବହିଦାର, ଅଙ୍କିତ ସାହୁ, କୈଲାସ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ସାମିଲ ଥିଲେ।



ଜିଲା କିଷାନ କଂଗ୍ରେସ ପକ୍ଷରୁ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ଦିଆଯାଉଛି।

# ବିଧବା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଲୋଇସିଂହା,୨୧।୭(ସୁଶାନ୍ତ ବାରିକ)

**ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ**

ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ଫଲସାମାଲ ଗ୍ରାମର ଜଣେ ବିଧବା ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ନେଇ ସଦର ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ମୃତା ହେଲେ ମୀରା ପଧାନ(୨୮)। ପୋଲିସ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ମୃତାଙ୍କ କକା ଲକ୍ଷ୍ମଣ ପଧାନଙ୍କ ଅଭିଯୋଗକୁ ଆଧାର କରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଭଗବାନ ପଧାନଙ୍କ ଝିଅ ମୀରା ପଧାନ ୨୦୦୮ମସିହାରେ ବ୍ଲକ ଅନ୍ତର୍ଗତ ଫଲସାମାଲ ଗ୍ରାମର ମଣିକର ପଧାନଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଦୁଇ ପୁଅ ରାଜୁ (୭) ଓ ମୌସୁମ(୫) ଅଛନ୍ତି। ୨ ବର୍ଷ ତଳେ ମଣିକରଙ୍କ ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ଶ୍ୱଶୁର ଘର ଲୋକଙ୍କ ନିର୍ଯାତନା ଆରମ୍ଭ ହୋଇଥିଲା। ମୃତ୍ୟୁର ଏକ ବର୍ଷ ପରେ ଗ୍ରାମବାସୀଙ୍କ ସହାୟତାରେ ଗାଁ ସ୍କୁଲରେ ରୋଷେଆ ଭାବେ କାମ କରୁଥିଲେ ମୀରା। ନିକଟରେ ଗାଁରେ ଏକ ଜାଗା କିଣିବାକୁ ଯୋଜନା ରଖିଥିଲେ ସେ। କିଛିଦିନ ତଳେ ତାଙ୍କ ଶ୍ୱଶୁର ଚାଷ ପାଇଁ ବାପ ଘରୁ ୫୦ ହଜାର ଟଙ୍କା ଆଣିବାକୁ କହିଥିବା ନେଇ ମୀରା ବାପଘର ଲୋକଙ୍କୁ ଜଣାଇଥିଲେ। ହେଲେ ହଠାତ୍ ଗୁରୁବାର ରାତି ୯ଟାରେ ମୀରାଙ୍କ ଶ୍ୱଶୁର ଲକ୍ଷ୍ମଣଙ୍କୁ ଫୋନ କରି ବୋହୂ ଘରେ ନ ଥିବା କହିଥିଲେ। ଖବର ପାଇ ଲକ୍ଷ୍ମଣ ସଙ୍ଗେ ସଙ୍ଗେ ଫଲସାମାଲକୁ ଆସିଥିଲେ। ସେଠାରେ ପହଞ୍ଚିଲା ବେଳକୁ ମୀରାଙ୍କ ମୃତଦେହ ଏକ ଖଟିଆରେ ପଡି ରହିଥିଲା। ମୀରା ଆତ୍ମହତଡା କରିଥିବା ଶ୍ୱଶୁର ଘର ଲୋକ କହିଥିଲେ। ହେଲେ ତାଙ୍କ ବେକ ଏବଂ ପିଠିରେ ଦାଗ ରହିଥିବାରୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଲକ୍ଷ୍ମଣ ଓ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ହତ୍ୟାକାଣ୍ଡରେ ଶ୍ୱଶୁରଙ୍କ ସମେତ ୫ ଜଣଙ୍କ ସମ୍ପୃକ୍ତି ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ଉଚିତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ନ୍ୟାୟ ଦେବାକୁ ଏତଲାରେ ଦର୍ଶାଯାଇଛି।

# ହତ୍ୟା ଗୁଜବ, ପୋଲିସର ତନାଘନା

ଲୋଇସିଂହା,୨୧।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଅମାମୁଣ୍ଡା-ମନହୀରା ରାସ୍ତାପାର୍ଶ୍ୱରେ ଜଣଙ୍କୁ ହତ୍ୟା କରି ପୋତି ଦିଆଯାଇଥିବାକୁ ନେଇ ଗୁଜବ ସୃଷ୍ଟି ହୋଇଥିଲା। ଶୁକ୍ରବାର ମାଜିଷ୍ଟ୍ରେଟ, ସାଇଣ୍ଟିଫିକ ଟିମ ସହ ପୋଲିସ ଏସ୍‌ଡିପିଓ ତୋଫାନ ବାଗ ଓ ଲୋଇସିଂହା ଥାନା ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାର ପାରିପାର୍ଶ୍ୱିକ ସ୍ଥିତକୁ ଅନୁଧ୍ୟାନ କରି ଆଇଏସଓ ପଠାଇବାକୁ ଉପରିସ୍ଥ ଅଧିକାରୀଙ୍କୁ କୁହାଯାଇଥିଲା। ପରବର୍ତ୍ତି ସମୟରେ ସେହି ନିକଟରେ ପୋଷା କୁକୁର ବ୍ୟବହୃତ କେତେକ ସାମଗ୍ରୀ ଏବଂ ପ୍ରେସ କ୍ରିପସନ ପଡିଥିବା ଦେଖାଯାଇଥିଲା। ସେହି କାଗଜପତ୍ର ଯାଞ୍ଚ ପରେ ଏକ ଯୋଗାଯୋଗ ମୋବାଇଲ ନମ୍ବର ମିଳିଥିଲା। ସେଥିରେ ଯୋଗାଯୋଗ ପରେ ବଲାଙ୍ଗୀର ସହରର ଜଣେ ବ୍ୟକ୍ତି ତାଙ୍କ ପୋଷା କୁକୁରର ମୃତ୍ୟୁ ପରେ ଗତ ୧୮ତାରିଖରେ ଏଠାକୁ ଆଣି ମୃତଦେହକୁ ପୋତି ଦେଇଥିବା ଜଣା ପଡିଥିଲା।

ସୂଚନା ଅନୁଯାୟୀ, ଜୁଲାଇ ୧୮ତାରିଖ ପୂର୍ବାହ୍ନ ୧୦ଟାରେ ଜଣେ ବୟସ୍କା ବ୍ୟକ୍ତିଙ୍କ ସମେତ ୩ଜଣ ଏକ ବୋଲେରୋ ପିକଅପ୍‌ରେ ଅମାମୁଣ୍ଡା-ମନହୀରା ରାସ୍ତାପାର୍ଶ୍ୱକୁ ଆସିଥିଲେ। ସେମାନେ ଏକ ମୃତଦେହ ଆଣି ପୋତିଥିବା ମନହୀରା ହାଇସ୍କୁଲକୁ ଯାଉଥିବା ଅମାମୁଣ୍ଡା ଗ୍ରାମର କେତେକ ଛାତ୍ରୀଛାତ୍ର ଓ ଲୋକେ ଦେଖିଥିଲେ। ତେବେ ମୃତଦେହ ମଣିଷ ଅଥବା ଆଉ କାହାର ତାହା ସ୍ପଷ୍ଟ ହୋଇ ପାରି ନ ଥିଲେ। ସେମାନଙ୍କଠାରୁ ଖବର ପାଇ ସ୍ଥାନୀୟ ଗ୍ରାମରକ୍ଷୀ ଘଟଣା ସମ୍ପର୍କରେ ଥାନକୁ ଆବଗତ କରିଥିଲେ। ଶୁକ୍ରବାର ସକାଳୁ ସେଠାରେ ଲୋଇସିଂହା ଥାନା ଷ୍ଟାଫ ପହଞ୍ଚିଥିଲେ। ମାଟି ଖୋଳି ପୋତା ଯାଇଥିବା ସ୍ଥଳ ବୁଲି ଦେଖିବା ପରେ ସେଠାରେ ଏବଂ ହାତ ଗ୍ଲୋବସ ଓ ଲୁଣ ପ୍ୟାକେଟ ପଡିଥିବା ଦେଖିଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଅଭିଯୋଗର ସତ୍ୟତା ଥାଇ ପାରେ ସନ୍ଦେହ କରି ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଲୋଇସିଂହା ପୋଲିସ। ଅପରପକ୍ଷେ ସେହି ପୋଷା କୁକୁର ମାଲିକଙ୍କୁ ଥାନାକୁ ଡାକି ଲୋଇସିଂହା ପୋଲିସ ପଚରାଉଚରା କରୁଛି।



ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ପୋଲିସ।

# ଆବାସ ହିତାଧିକାରୀଙ୍କଠାରୁ ଟଙ୍କା ଅସୁଲି ଅଭିଯୋଗ

**ତଦନ୍ତ କରି ଦୋଷୀଙ୍କ ବିରୋଧରେ ଏତଲା ଦେବୁ: ବିଡିଓ**

ଲାଠୋର, ୨୧।୭(ଭୁବନେଶ୍ୱର ବାରିକ)

ଟଙ୍କା ନଦେଲେ ବାତିଲ ହୋଇଯିବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ। ଏହିଭଳି ଧମକ ଜଣେ ଜନ ପ୍ରତିନିଧି ଦେଉଥିବା ନେଇ ଅଭିଯୋଗ କରିଛନ୍ତି ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅଧିନ କୁସପାଲି ଗ୍ରାମର କେତେକ ହିତାଧିକାରୀ। ହିତାଧିକାରୀ ପିଛା ୬ହଜାର ଟଙ୍କା ଦାବି କରାଯାଉଛି। ଏପରିକି କେତେକଠାରୁ ଦାବିମୁତାବକ ଟଙ୍କା ଅସୁଲି କରାଯାଇଥିବା କହିଛନ୍ତି ଗାଁର ହିତାଧିକାରୀ ଭାମା ଧରୁଆ, ସୁରୁବାଲି ମେହେର, ମାଳତି ମାଝି ଏବଂ ଲାଏବାନି ମାଝି। ୨୦୨୨-୨୩ ମସିହାରେ ହଲନଭଟା ପଞ୍ଚାୟତ ଅଧିନ ୭ ଖଣ୍ଡ ଗ୍ରାମର ୨୫୬ ଜଣ ବାସଗୃହହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦେବା ପାଇଁ ତାଲିକା ପ୍ରକାଶ ପାଇଥିଲା। ଏଥି ସହ ପ୍ରଥମ କିସ୍ତିରେ ୪୦ ହଜାର ଲେଖାଏ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ପାସବୁକ୍‌ରେ ଜମା ଦିଆଯାଇଥିଲା। ସେହିକ୍ରମରେ କୁସପାଲି ଗ୍ରାମର ସମ୍ପୃକ୍ତ ୪ ଜଣ ମହିଳା ହିତାଧିକାରୀଙ୍କ ନାମରେ ମଧ ଟଙ୍କା ଜମା ହୋଇଥିଲା। ହେଲେ ଜନ ପ୍ରତିନିଧି ଜଣକ ସେମାନଙ୍କ ନିକଟରେ ପହଞ୍ଚି ୬ହଜାର ଲେଖାଏ ନଦେଲେ ତୁମମାନଙ୍କ ନାମରେ ଆସିଥିବା ଆବାସ ଗୃହ ଆପେ ବାତିଲ ହୋଇଯିବ କହି ଭୟଭୀତ କରିଥିଲେ। ଏଥିରେ ଭୟଭୀତ ହୋଇ ଧାରକରଜ କରି ସୁଧ ଆଣି ତାଙ୍କୁ ଟଙ୍କା ଦେଇଥିଲେ। ସେହିପରି ପଞ୍ଚାୟତ ଅଧିନ ଖର୍ଲି ଏବଂ ଭାଲୁକୁନା ଗ୍ରାମରେ ମଧ ସମାନ ଅଭିଯୋଗ ଆସିଛି। ସେଠାରେ ମଧ କେତେକ ହିତାଧିକାରୀଙ୍କଠାରୁ ଟଙ୍କା ଅସୁଲି କରାଯଇଥିବା ବେଳେ ଆଉ କେତେକଙ୍କୁ ଟଙ୍କା ମଗା ଯାଉଥିବା ଅଭିଯୋଗ ଆସିଛି। ଏନେଇ ତୁରେକେଲା ବିଡ଼ିଓ ଦେବାଶିଷ ସାମଲଙ୍କୁ ପଚାରିବାରେ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଥାନାରେ ଏଫଆଇଆର ଦେବୁ ବୋଲି କହିଛନ୍ତି।

# ୧୨ ଘଣ୍ଟିଆ ବେଲପଡ଼ା ବନ୍ଦ ଆଜି

ବେଲପଡା,୨୧।୭
(ମନୋଜ କୁମାର ମିଶ୍ର)

**ପର୍ଶୁରାମ ଫଟୋ ହଟାଇ ବିଜୁବାବୁଙ୍କ ମୂର୍ତ୍ତି ଲଗାଇବାର ପ୍ରତିବାଦ**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଚୌକରେ ଗତ ୪ବର୍ଷ ଧରି ପୂଜା ପାଉଥିବା ଭଗବାନ ପର୍ଶୁରାମଙ୍କ ଫଟୋକୁ ହଟାଇ ସେହି ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହାକୁ ବିରୋଧ କରି ବେଲପଡା ବଜରଙ୍ଗ ଦଳ ଓ ପର୍ଶୁରାମ ବାହିନୀ ସମେତ ହିନ୍ଦୁ ସମାଜ ପକ୍ଷରୁ ଜୁଲାଇ ୨୨ ତାରିଖ ଶନିବାର ୧୨ଘଣ୍ଟିଆ ବେଲପଡା ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରାରେ ବେଲପଡା ସହରର ସମସ୍ତ ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ହେବ ବୋଲି ପର୍ଶୁରାମ ସେନା ସୂତ୍ରରୁ ଜଣାପଡିଛି।

# ପୁନର୍ଗଠିତ ହେଲା ବ୍ଲକ କଳା ସାଂସ୍କୃତିକ ସଂଘ



ପୁନର୍ଗଠନ ପରେ ବ୍ଲକ କଳାସାଂସ୍କୃତିକ ସଂଘ ସଦସ୍ୟ।

ଲୋଇସିଂହା,୨୧।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ବିଡିଓ ଆକାଶ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ କଳା ସାଂସ୍କୃତିକ ସଂଘ ଶନିବାର ଗଠିତ ହୋଇଯାଇଛି। ଏଥିରେ ବ୍ଲକ କଳାକାର ସଂଘ ସହ ଅନୁବନ୍ଧିତ ସମସ୍ତ ଲୋକକଳା ଦଳର ସଦସ୍ୟ ଉପସ୍ଥିତ ଥିଲେ। ନିୟମ ମୁତାବକ ବିଡିଓ ସ୍ଥାୟୀ ସଭାପତି ରହୁଥିବାବେଳେ ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ ସମ୍ପାଦକ ରହିଥାନ୍ତି। ତେବେ କଳାକାରମାନଙ୍କ ମଧ୍ୟରୁ ଉପସଭାପତି କେବଳ ଚୟନ କରାଯାଇଥିଲେ। ସର୍ବସମ୍ମତି କ୍ରମେ ସରୋଜ କୁମାର ବିଶ୍ୱାଳ ଉପସଭାପତି ମନୋନୀତ ହୋଇଥିଲେ। ଏହା ସହିତ ଚୟନ କମିଟି, ବ୍ଲକ ସାଧାରଣ କମିଟି ଗଠନ କରାଯାଇଛି। ୫ ଜଣିଆ ସାଧାରଣ ପରିଷଦ କମିଟିରେ ଅନି ବିଶି, ଅଖିଳ ପଧାନ, ମାଗିରାମ ବର୍ଗତ୍ତି, କିଷନ କୁମାର ପଟେଲ, ରକଣ ମେହେର ରହିଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ପରିଷଦରେ ବିଡିଓ, ସିଡିପିଓ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଲମ୍ବୋଦର ସାହୁ, ସରୋଜ ମହାକୁର, ଶଙ୍କର ବେହେରା ପ୍ରମୁଖ ୧୦ ଜନ ରହିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲା ସଂସ୍କୃତି ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଦୀର୍ଘ ୧୦ ବର୍ଷ ପରେ ବ୍ଲକ କଳାକାର ସାଂସ୍କୃତିକ ସଂଘ ପୁନର୍ଗଠିତ ହୋଇଛି।

# ୫ ଶହ ପିଲାକୁ ୫ ଶିକ୍ଷକ

ଖପ୍ରାଖୋଲ, ୨୧।୭(ଡି.ଏନ.ଏ.)

**ବେନକେରା ଆବାସିକ ବିଦ୍ୟାଳୟ**

ଶିକ୍ଷାଦାନ ପାଇଁ ଛାତ୍ରୀଛାତ୍ର ଓ ଶିକ୍ଷକ ଅନୁପାତ କେତେ ହେବ ତାହା ଉଲ୍ଲେଖ ରହିଛି। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ବେନକେରା ଗାଁ ସ୍ଥିତ ଆବାସିକ ବିଦ୍ୟାଳୟରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ରହିଥିବା ବେଳେ ୫୧୩ଜଣ ବିଦ୍ୟର୍ଥୀ ପାଠ ପଢୁଛନ୍ତି। ହେଲେ ଶିକ୍ଷାଦାନ ପାଇଁ ଅଛନ୍ତି ମାତ୍ର ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ। ବିଦ୍ୟାଳୟ ୧୯୫୩ ମସିହାରୁ ସ୍ଥାପିତ ହୋଇଥିବା ବେଳେ ଆବାସିକ ବ୍ୟବସ୍ଥା ରହିଛି। ବିଦ୍ୟାର୍ଥୀଙ୍କ ରହଣୀ ପାଇଁ ଆବାସିକ କୋଠା ୧୯୯୬ରେ ନିର୍ମାଣ ହୋଇଥିଲା। ଇତିମଧରେ ଦୁଇଥର ମରାମତି ହୋଇସାରିଛି। ହେଲେ ଛାତ ର ଝରକା, କବାଟ, ଲାଗିଥିବା ଟାଇଲସର ଅବସ୍ଥା ନ କହିବା ଭଲ। ବର୍ଷା ହେଲେ ସ୍କୁଲରେ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବେଡ଼, ଆସବାବପତ୍ର ଛାତରୁ ପାଣି ଗଳି ଓଦା ହେଉଛି। ଫଳରେ ବର୍ଷା ହେବାମାତ୍ରେ ଛାତ୍ରୀମାନଙ୍କୁ ଡାଇନିଂ ହଲକୁ ସ୍ଥାନାନ୍ତର କରାଯାଉଛି। ଛାତ୍ରବାସ ବାହାରକୁ ଭଲ ଦିଶୁଥିଲେ ବି ଭିତର ବ୍ୟବସ୍ଥା ଦେଖିଲେ ଆବାସିକ ସ୍କୁଲର ଭିତ୍ତିଭୂମିର ନଗ୍ନ ଚିତ୍ର ଚିତ୍ର ଜଣା ପଡୁଛି। ଏହି ପରିସ୍ଥିତିରେ ଭିତ୍ତିଭୂମିର ବିକାଶ ସହ ଶିକ୍ଷକ ପଦବୀ ପୂରଣ ପାଇଁ ଦାବି ହେଉଛି। ଏନେଇ ପାଟଣାଗଡ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟଙ୍କୁ ପଚାରିବାରୁ ତୁରନ୍ତ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବ ବୋଲି କହିଥିଲେ। ହଷ୍ଟେଲ ଛାତରୁ ପାଣି ଝରୁଥିବାରୁ ମରାମତି କରାଯିବ ବୋଲି କହିଛନ୍ତି।

# ତେଲଙ୍ଗାନାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ବେଲପଡା,୨୧।୭
(ମନୋଜ କୁମାର ମିଶ୍ର)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଭରୁଆମୁଣ୍ଡା ଗାଁର ଜଣେ ଦାଦନ ଶ୍ରମିକଙ୍କୁ ତେଲଙ୍ଗାନାରେ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକଙ୍କ ବାପା ପୁଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ହେଲେ ଗାଁର ହରି ମହାନନ୍ଦଙ୍କ ପୁଅ ସୁନୀଲ ମହାନନ୍ଦ (୧୮)। ଶୁକ୍ରବାର ସକାଳେ ସୁନୀଲଙ୍କ ମୃତଦେହ ବେଲପଡା ଡାକ୍ତରଖାନାରେ ଏକ ଆମ୍ବୁଲାନ୍ସରେ ପହଞ୍ଚି ଥିଲା। ଏହାପରେ ପାଟଣାଗଡ଼ ଡାକ୍ତର ଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ସ୍ଥାନୀୟ ପୋଲିସ ମୃତକଙ୍କ ଦୁଇ ସାଙ୍ଗ ଅଭିଶେକ ବାଗ ଓ ଗଣପତି ସୁନାଙ୍କୁ ଥାନାକୁ ଡକାଇ ପଚରାଉଚରା କରି ଛାଡି ଦେଇଛି। ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଲାଇଛି।

ମୃତକଙ୍କ ବାପା ହରି ମହାନନ୍ଦଙ୍କ ଅଭିଯୋଗ ମୁତାବକ ଗତ ୧୧ ତାରିଖରେ ବାଗଉଡା ଗାଁର ଅଭିଶେକ ବାଗ ଓ ସିହିନି ଗାଁର ଗଣପତି ସୁନା ସୁନୀଲଙ୍କୁ ତେଲଙ୍ଗାନା ଯିବା ପାଇଁ କଣ୍ଟାବାଞ୍ଜି ରେଲୱେ ଷ୍ଟେଶନକୁ ଡକାଇଥିଲେ। ପୁଅ ଘରୁ ଲୁଚିଛପି କଣ୍ଟାବାଞ୍ଜି ପହଞ୍ଚିଥିଲା। ପରେ ସେମାନେ ସମସ୍ତେ ତେଲେଙ୍ଗାନା ରାଜ୍ୟର ଏକ ଇଟା କାରଖାନାରେ ପହଞ୍ଚି କାମ କରୁଥିଲେ। ମୃତ୍ୟୁ ପୂର୍ବରୁ ସୁନୀଲ ପରିବାର ଲୋକଙ୍କ ସହ କଥା ହୋଇଥିବା ତାଙ୍କ ବାପା କହିଛନ୍ତି। ତେବେ କଥା ହେବାରୁ କିଛି ଘଣ୍ଟା ପରେ ସେ ପୁଅର ମୃତ୍ୟୁ ଖବର ଶୁଣିଥିଲେ ବୋଲି କହିଛନ୍ତି। ଦାଦନ ଖଟି ଯାଇଥିବା ସୁନୀଲଙ୍କ ଜଣେ ସାଥୀ କହିଛନ୍ତି ଗତ ୧୯ ତାରିଖ ତାଙ୍କ ଛାତରେ ଯନ୍ତ୍ରଣା ହୋଇଥିଲା। ଏହାପରେ ଆମେ ଭାଟି ମାଲିକଙ୍କୁ ଜଣାଇ ନିକଟରେ ଥିବା ଏକ ସରକାରୀ ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲୁ। ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଡାକ୍ତର ତାଙ୍କୁ ଅନ୍ୟ ଡାକ୍ତରଖାନା ସ୍ଥାନାନ୍ତର ସମୟରେ ସୁନୀଲଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି କହିଛନ୍ତି।

# ୫୬ ଅଙ୍ଗନୱାଡି କେନ୍ଦ୍ରର ଘର ନାହିଁ

ଦେଓଗାଁ,୨୧।୭
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ଦେଓଗାଁ ବ୍ଲକ**

■ବର୍ଷାଋତୁରେ ହୋଇ ପାରୁନାହିଁ ଶିଶୁଙ୍କ ପ୍ରିକ୍ଲାସ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ରହିଛି ୨୦୫ଅଙ୍ଗନୱାଡି କେନ୍ଦ୍ର। ତନ୍ମଧ୍ୟରୁ ୫୬କେନ୍ଦ୍ରର ନିଜସ୍ୱ କୋଠା ନାହିଁ। ୩୩ଟି କେନ୍ଦ୍ରର କୋଠା ଅଧାପନ୍ତରିଆ ହୋଇ ବର୍ଷବର୍ଷ ଧରି ପଡି ରହିଛି। ହାତିସରା ଗ୍ରାମର(କ) ଓ ଉପରଝର(କ) କେନ୍ଦ୍ରର ଅସମ୍ପୂର୍ଣ୍ଣ କୋଠାକୁ ଦେଖିଲେ ଏହା ସହଜେ ଅନୁମେୟ। ଆଇସିଡିଏସ ବିଭାଗକୁ ଭିତ୍ତିଭୂମିର ବିକାଶ ପାଇଁ ଆସୁଥିବା ଅର୍ଥକୁ ବ୍ଲକ କାର୍ଯ୍ୟାଳୟ ଦ୍ୱାରା କାର୍ଯ୍ୟକ୍ଷମ କରାଯାଉଛି। ହେଲେ ବ୍ଲକ ପ୍ରଶାସନ କାମ କରୁଥିବା ଠିକାଦାରମାନଙ୍କୁ ଠିକ୍ ସମୟରେ ବିଲ୍ ଦେଉ ନ ଥିବାରୁ କାମ ସମ୍ପୂର୍ଣ୍ଣ ହେଉ ନ ଥିବା କୁହାଯାଉଛି। ଅନ୍ୟପକ୍ଷେ କେତେକ କୋଠାର ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ଅର୍ଥ ପୈଠ ହୋଇପାରୁ ନଥିବାରୁ ମଧ ନିର୍ମାଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଫଳରେ କୋମଳମତି ଶିଶୁମାନଙ୍କ ପ୍ରିକ୍ଲାସ ପାଇଁ ଅଙ୍ଗନୱାଡି କର୍ମୀଙ୍କ ଘରଦ୍ୱାର ତଥା ଲୋକଙ୍କ ପିଣ୍ଡା ସାଜିଛି ଅଙ୍ଗନୱାଡି କେନ୍ଦ୍ର। ବର୍ତ୍ତମାନ କୋଠା ନଥିବା କେନ୍ଦ୍ରମାନଙ୍କରେ ବର୍ଷାଋତୁରେ ଶିଶୁଙ୍କ ପ୍ରିକ୍ଲାସ ହୋଇ ପାରୁନାହିଁ। ଏବାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଗତ ଦୁଇଟି ପଞ୍ଚାୟତ ସମିତି ବୈଠକରେ ନିର୍ବାଚିତ ଜନପ୍ରତିନିଧିମାନେ ଅଙ୍ଗନୱାଡିକେନ୍ଦ୍ରର କୋଠା ନିର୍ମାଣ ବିଳମ୍ବକୁ ନେଇ ଅସନ୍ତୋଷବ୍ୟକ୍ତ କରିଥିଲେ। ଏଦିଗରେ ଗୋଟିଏ ସପ୍ତାହ ମଧରେ କାମର ଅଗ୍ରଗତିକୁ ନେଇ ରିପୋର୍ଟ ଦେବାକୁ ବିଡିଓ ସୁରେନ୍ଦ୍ର କୁମାର ମେହେର ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଯଥା ପୂର୍ବଂ ତଥା ପର ଭଳି ସମସ୍ତ ବିଭାଗୀୟ ଅଧିକାରୀ ଏବେ ସୁଦ୍ଧା ଚୁପ୍ ବସିଛନ୍ତି। ଏଦିଗରେ ଜିଲାପାଳ ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ଅଧାପନ୍ତରିଆ ଭାବେ ତିନିବର୍ଷହେଲା ପଡିରହିଛି ହାତିସରା ଅଙ୍ଗନୱାଡିକୋଠା।

## ସଂକ୍ଷେପରେ

### କାର ସହ ୨୧ କେଜି ଗଞ୍ଜେଇ ଜବତ, ୩ଗିରଫ

**ଲୋଇସିଂହା,୨୧।୭(ସୁଶାନ୍ତ ବାରିକ):** ବୌଦ୍ଧରୁ ବିହାରକୁ କାର (ଓଡି ୦୫ ୬୬୬୬) ଯୋଗେ ଗଞ୍ଜେଇ ଚାଲାଣ ବେଳେ ବୁର୍ଡ଼ା ଛକରେ ଲୋଇସିଂହା ଅବକାରୀ ବିଭାଗ ହାତରେ ଚାଲାଣକାରୀ ଶୁକ୍ରବାର ଧରା ପଡିଛନ୍ତି। ୨୧ କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଜାମୁଟ ଗାଁର ଦେବାଶିଷ ସାହୁ(୨୨), ସିଦ୍ଧେଶ୍ୱର ସାହୁ (୨୬) ଓ ବିହାରର ସଲିମ ରିୟା ଉଲ୍ଲି ନଅଲ୍ଲୀ ବୋଲି ଲୋଇସିଂହା ଅବକାରୀ ଇନ୍ସପେକ୍ଟର ଜଗନ୍ନାଥ ମିଶ୍ର କହିଛନ୍ତି। ଏନେଇ ଏକ ମାମଲା(୪୮/୨୩-୨୪) ରୁଜୁ ହୋଇଛି।

### କର୍କଟ ଚିକିତ୍ସାକୁ ରାଜନୀତିକରଣ କରା ନ ଯାଉ



**ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ):** କର୍କଟ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇବା ଉଦ୍ଦେଶ୍ୟରେ ଓଡ଼ିଶା ସାମୂହିକ କର୍କଟ ସେବାର ଅଭିବୃଦ୍ଧି କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ୧୦୦୧.୧୪ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ୨ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୧ସାମୂହିକ କର୍କଟ ଚିକିତ୍ସା ୟୁନିଟ୍ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି । ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବରଗଡ଼ ଫାଇଟର୍ସ ଗ୍ରୁପ୍ ଟ୍ରଷ୍ଟର ଚେୟାରମ୍ୟାନ ଅଶ୍ୱିନୀ କୁମାର ଦର୍ଜୀ ସ୍ୱାଗତ କରିଛନ୍ତି। ରାଜ୍ୟ ସରକାର ବାସ୍ତବରେ ଯଦି ଏଭଳି କର୍କଟ ଚିକିତ୍ସା ସେବା ଯୋଗାଇବେ, ତେବେ ଚିକିତ୍ସା ପାଇଁ ରୋଗୀଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏହି ଚିକିତ୍ସାକୁ ରାଜନୀତିକରଣ କରା ନ ଯାଉ ବୋଲି ସେ କହିଛନ୍ତି ।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ବୌଦ୍ଧ,୨୧।୭(ଅଜିତ କୁମାର ବାରିକ):** ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଶୁକ୍ରବାର ଦିନ ହରଭଙ୍ଗା ବ୍ଲକର ବିରନରସିଂହପୁର ଗ୍ରାମଠାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ମନ୍ତ୍ରୀ ଅମାତ ୩୫ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା କଲ୍ୟାଣମଣ୍ଡପ, ୫ ଲକ୍ଷ ଟଙ୍କା ବ୍ୟୟରେ ଶିବ ମନ୍ଦିର ଓ ମାଉସୀ ମା' ମନ୍ଦିରଠାରେ ଗୋଷ୍ଠୀ କେନ୍ଦ୍ର ଏବଂ ମିଶନ ଶକ୍ତି କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ମନ୍ତ୍ରୀ ଯୋଗଦେଇ ସରକାରଙ୍କ ଜନ କଲ୍ୟାଣ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଗ୍ରାମ କମିଟିର ସଭାପତି ବୁଦ୍ଧି ସାଗର ମିଶ୍ର ଏଥିରେ ଅଧକ୍ଷତା କରିଥିଲେ । ସଭାରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ଗ୍ରାମ କମିଟି ସଭାପତି ଜୟ୍ କିଶୋର ମିଶ୍ର, ନରେନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପଞ୍ଚାନନ ମହାକୁଡ, ଏସ. ସାହୁ, ଜଟେଶ୍ୱର ମହାଲିକ, ଚିତରଞ୍ଜନ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଜ୍ଞାନେନ୍ଦ୍ର ମହାନ୍ତିଙ୍କ ପରଲୋକ

**ବଲାଙ୍ଗୀର,୨୧।୭ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ସହର ତୁଳସୀନଗର ନିବାସୀ ଜ୍ଞାନେନ୍ଦ୍ର କୁମାର ମହାନ୍ତି (୬୦)ଙ୍କ ଶୁକ୍ରବାର ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ବଲାଙ୍ଗୀର ସହରରେ ପାଠ୍ୟ ପୁସ୍ତକ ପ୍ରସାରଣ ଆନ୍ଦୋଳନର ଜଣେ ଆଗଧାଡିର ସଦସ୍ୟ ଥିଲେ। ବଲାଙ୍ଗୀର ପୁସ୍ତକ ବିକ୍ରେତା ଏବଂ ମୁଦ୍ରଣ ସଂଘର ସେ ସହଯୋଗୀ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ବଲାଙ୍ଗୀର ବହିହାଟ ଆୟୋଜନରେ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ପ୍ରାୟ ୫ ମାସ ତଳେ ଅନୁଗୋଳଠାରେ ଏକ ସଡକ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ତେବେ ପ୍ରାୟ ୧ ମାସ ତଳେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଦେବାରୁ ତାଙ୍କୁ ପୁଣି ଥରେ ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ତାଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇପଡିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ତାଙ୍କର ବିୟୋଗ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କ ପାଖରେ ସ୍ତ୍ରୀ ଗାୟତ୍ରୀ, ଝିଅ ସାଇଶ୍ରୀ, ପୁଅ ପ୍ରଭୁଦତ୍ତ, ଭାଇ ସାମ୍ବାଦିକ ସୁନୀଲ ମହାନ୍ତି ଉପସ୍ଥିତ ଥିଲେ।

# ଗେଟ୍‌ରେ ତାଲା ପକାଇ ପ୍ରତିବାଦ

**ଭେଡ଼େନ,୨୧।୭(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ସୂର୍ଯ୍ୟମଣି ଜନତା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ସକାଳେ ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ମିଳିତ ଭାବେ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ଖବର ପାଇ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ହିନ୍ଦୀ ଶିକ୍ଷକ ରଞ୍ଜନ ନାଏକଙ୍କୁ ଲିଖିତ ଭାବେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନ୍ୟସ୍ତ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ସ୍କୁଲରେ ଦୀର୍ଘଦିନରୁ ପିସିଏମ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ଯୋଗୁ ଶିକ୍ଷାଦାନରେ ବାଧା ଉପୁଜୁଥିବା ଅଭିଯୋଗ ନେଇ ସ୍କୁଲର ଛାତ୍ରୀଛାତ୍ର ଶ୍ରେଣୀ ବର୍ଜନ କରି ପୁଣି ଥରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଭେଡ଼େନ ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ ଆସି ଅନ୍ୟ ସ୍କୁଲରୁ ସପ୍ତାହରେ ୩ ଦିନ ପାଇଁ ଡେପୁଟେଶନରେ ଶିକ୍ଷକ ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଯେ, ସୂର୍ଯ୍ୟମଣି ଜନତା ହାଇସ୍କୁଲର ପ୍ରଧାନ ଶିକ୍ଷକ ବନମାଳୀ ଦାଶ ଗତ ଜୁନ ୩୦ ତାରିଖରେ ଅବସର ଗ୍ରହଣ କରିବା ପରେ ପଦବୀ ଖାଲି ପଡ଼ିଥିଲା। ଏପରିକି କୌଣସି ସହକାରୀ ଶିକ୍ଷକ ମଧ ଭାରପ୍ରାପ୍ତ ହେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ଏହି ସମସ୍ୟା ନେଇ ଗତ ୧୮ ତାରିଖରେ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଆସନ୍ତା ୨ ଦିନ ଭିତରେ ସମସ୍ୟାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ପାଇ ସେମାନେ ଫେରି ଆସିଥିଲେ। ମାତ୍ର ପ୍ରତିଶ୍ରୁତି ପାଳନନ ହେବାରୁ ଆମେ ଏହି



ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ପ୍ରତିବାଦ କରୁଛନ୍ତି ।

### ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

ପଦକ୍ଷେପ ନେଇଥିବା ସ୍କୁଲ ପରିଚାଳନା କମିଟି ସଭାପତି କାଞ୍ଚନ ସୁନା କହିଛନ୍ତି। ସେହିପରି ବର୍ଷେ ହେଲା ସ୍କୁଲରେ ପିସିଏମ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ତାହା ପୂରଣ କରାଯାଉନାହିଁ। ଫଳରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟାହତ ହେଉଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର କେବଳ ଲୋକଙ୍କୁ ଭୂଆଁ ବୁଲେଇ ସ୍କୁଲଗୁଡ଼ିକୁ ୫-ଟିରେ ରୂପାନ୍ତରୀକରଣ କରୁଛନ୍ତି। ମାତ୍ର କେଉଁ ସ୍କୁଲରେ ଆବଶ୍ୟକ ଭିତ୍ତିଭୂମି ଅଭାବ ତ ଆଉ କେଉଁଠି ଖାଲି ଶିକ୍ଷକ ପଦବୀ ପୂରଣ କରାଯାଉନାହିଁ। ତେବେ ଲୋକଙ୍କ ଭୋଟ ହାତେଇ ନିର୍ବାଚନ ବୈତରଣୀ ପାର ହେବାକୁ ଶାସକ ଦଳର ଏହା ଏକ ଚାଲ୍ ବୋଲି ପିସିସି ସଭ୍ୟ ତଥା ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା ପ୍ରେସ ବିବୃତିରେ ଜଣାଇଛନ୍ତି ।

# ପିଜି ପରୀକ୍ଷାରେ ବିକାଶର ସଫଳତା

**ବରଗଡ଼,୨୧।୭ (ପ୍ରେମାନନ୍ଦ ଖମାରୀ)**



ଆକାଂକ୍ଷା ସାହୁ



ସ୍ୱାତୀ ପଟେଲ



ଅଲିଭା ସିଂ ।

- ଆକାଂକ୍ଷା ରାଜ୍ୟରେ ପ୍ରଥମ, ସ୍ୱାତୀ ଦ୍ୱିତୀୟ
- ଶ୍ରେଷ୍ଠ ୧୦୦ ତାଲିକାରେ ୯ ଛାତ୍ରୀଛାତ୍ର

ବିକାଶ ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜର ଛାତ୍ରୀଛାତ୍ର ଚଳିତବର୍ଷରେ ପି.ଜି ପ୍ରବେଶିକା ସି.ପି.ଇ.ଟି ପରୀକ୍ଷାରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ଇଂରାଜୀ ସମ୍ମାନ ଛାତ୍ରୀ ଆକାଂକ୍ଷା ସାହୁ ରାଜ୍ୟରେ ସାଧାରଣ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବୋଲି ବିକାଶ ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଆକାଂକ୍ଷା ଏବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାଫଳରେ ବିଶ୍ୱବିଦ୍ୟାଳୟରେ ଇଂରାଜୀ ସମ୍ମାନରେ ସର୍ବାଧିକ ମାର୍କ ରଖି ପ୍ରଶଂସିତ ହୋଇଛନ୍ତି। ଜୁନାଗଡ଼ ବାସିନ୍ଦା ଦୀପକ ସାହୁ ଏବଂ ଦୀପିକା ସାହୁଙ୍କ ଝିଅ ଆକାଂକ୍ଷା ଇଂରାଜୀରେ ଉଚ୍ଚଶିକ୍ଷା ସହିତ ପ୍ରଶାସନିକ ପରୀକ୍ଷା ପ୍ରସ୍ତୁତି ପାଇଁ ଲକ୍ଷ୍ୟ ରଖିଛନ୍ତି। ପ୍ରାଣୀ ବିଜ୍ଞାନ ସମ୍ମାନ ଛାତ୍ରୀ ସ୍ୱାତୀ ପଟେଲ ବାୟୋଟେକ୍ନୋଲୋଜି ବିଭାଗରେ ସାଧାରଣ ବର୍ଗରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଲାଇଫ ସାଇନ୍ସରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ରସାୟନ ଶାସ୍ତ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ-୧୦ ତାଲିକାଭୁକ୍ତ ଅଲିଭା ସିଂ ସି.ପି.ଇ.ଟି ପରୀକ୍ଷାରେ ସଂରକ୍ଷିତ ବର୍ଗରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମିକି ମୁସ୍କାନ ନାଏକ, ଶୁଭ୍ରଜିତା ପ୍ରିୟଦର୍ଶିନୀ ଦାଶ, ଆୟୁଷ ନାଏକ, ପ୍ରିୟଙ୍କାରାଣୀ ସେଠ, ଶ୍ୱେତାଞ୍ଜଳି ନାଏକ, ଅଂଶୁମାଳା ସରୋନ୍ୟାଙ୍କ ସମେତ ବିକାଶ ଡିଗ୍ରୀ କଲେଜର ବିଭିନ୍ନ ବିଭାଗର ୪୬ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ବେଳେ ୯ଜଣ ରାଜ୍ୟର ଶ୍ରେଷ୍ଠ ୧୦୦ ତାଲିକାରେ ସ୍ଥାନ ପାଇଛନ୍ତି। ଏଭଳି ସଫଳତା ଯୋଗୁ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣା ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ରେଳ ସଂଯୋଗ, ଶିଳ୍ପ କ୍ଷେତ୍ରରେ କଳାହାଣ୍ଡି ଜିଲା ଉପେକ୍ଷିତ

**ଭବାନୀପାଟଣା,୨୧।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ରେଳ ସଂଯୋଗ ଓ ଶିଳ୍ପ କ୍ଷେତ୍ରରେ ଅବହେଳିତ ଯୋଗୁ ଜିଲାର ସାମାଜିକ ଓ ଅର୍ଥନୈତିକ ବିକାଶରେ ବାଧକ ସାଜିଛି। ଏଥିପାଇଁ ସେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ସିଧାସଳଖ ଦାୟି କରିଛନ୍ତି। ଏହି ଜିଲାରୁ ପୂର୍ବରୁ ନିର୍ବାଚିତ ଏମପି ରେଳମନ୍ତ୍ରୀ ରହିଥିଲେ ମଧ ଜିଲାରେ ରେଳପଥର ବିକାଶ ଦିଗରେ ସେ ଆବଶ୍ୟକ ଦୃଷ୍ଟି ଦେଇନାହାନ୍ତି। କଳାହାଣ୍ଡିର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର ଏକାଧିକ ପଦକ୍ଷେପ ନେଉଥିବା କେବଳ ଭାଷଣ କାଗଜପତ୍ରରେ ସୀମିତ ରହିଛି ବୋଲି ଭବାନୀପାଟଣାସ୍ଥିତ ଏକ ହୋଟେଲଠାରେ ଗୁରୁବାର ଅପରାହ୍ନରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ତଥା ଭାଜପା ନେତ୍ରୀ ଡ.ସୁନିତୀ ମୁଣ୍ଡ କହିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୦-୧୧ କେନ୍ଦ୍ର ବଜେଟ୍‌ରେ କଳାହାଣ୍ଡି ଅଥବା ଭୁବନେଶ୍ୱରରେ ଏକ ରେଳ ସାମୟିକ ବଗି ମରାମତି କାରଖାନା ସ୍ଥାପନ ପ୍ରସ୍ତାବ ରହିଥିଲା। କିନ୍ତୁ ଓଡ଼ିଶା ସରକାର ତାହାକୁ ଗଞ୍ଜାମ ଜିଲାରେ କରିବାକୁ ପ୍ରସ୍ତାବ ଦେଲେ। ଏହାକୁ ନେଇ କଳାହାଣ୍ଡି ଜିଲାବାସୀ ତୀବ୍ର ସମାଲୋଚନା ପରେ ୨୦୧୩-୧୪ ବଜେଟ୍‌ରେ କଳାହାଣ୍ଡିରେ ଏକ ସାମୟିକ ବଗି ମରାମତି କାରଖାନା ସ୍ଥାପନ ଘୋଷଣା କରାଗଲା। ତାହାକୁ ବିଶାଖାପାଟଣାକୁ ସ୍ଥାନାନ୍ତର କରିଦିଆଗଲା। ୨୦୧୭-୧୮ରେ ପୁନଶ୍ଚ କଳାହାଣ୍ଡିରେ ବିଦ୍ୟୁତଚାଳିତ ରେଳ ଇଞ୍ଜିନର ସାମୟିକ ବଗି ମରାମତି କାରଖାନା ସ୍ଥାପନ ଘୋଷଣା କରାଯାଇଥିଲା, କିନ୍ତୁ ସେହି ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁନାହିଁ। ଜିଲାରେ ଜୁନାଗଡ ରୋଡ-ନବରଙ୍ଗପୁର ରେଳପଥ ପ୍ରକଳ୍ପ ପାଇଁ ସର୍ଭେ ଦୀର୍ଘବର୍ଷ ହେଲା ପଡିରହିଛି। ଭୁବନେଶ୍ୱରରୁ ଜୁନାଗଡ ଓ ଜୁନାଗଡରୁ ଭୁବନେଶ୍ୱରକୁ ସକାଳୁ ଟ୍ରେନ ଚଳାଚଳ, ଭୁବନେଶ୍ୱରରୁ କେସିଙ୍ଗା ଭାୟା ଉତ୍‌କେଲା ଏକ ନୂଆ ରେଳପଥ ନିର୍ମାଣ, ଜୟପୁର ଓ ଜୁନାଗଡ ରୋଡ ମଧ୍ୟରେ ନୂଆ ରେଳପଥ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହେଉଛି। ଅନେକ ଥର କେନ୍ଦ୍ର ପ୍ରସ୍ତାବିତ ସତ୍ତ୍ୱେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ସେଥିପ୍ରତି ଜନପ୍ରତିନିଧି ତଥା ଉଭୟ ସରକାର ଧ୍ୟାନ ଦେବା ପାଇଁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି। ଏହି ସଂକ୍ରାନ୍ତରେ ରେଳମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ ପାଇଁ କଳାହାଣ୍ଡି ବିକାଶ ପରିଷଦର ଟିମ୍ ରେଳମନ୍ତ୍ରୀଙ୍କୁ ଖୁବ୍‌ଶୀଘ୍ର ସାକ୍ଷାତ କରି ଅବଗତ କରାଇବାର ନିଷ୍ପତି ନିଆଯାଇଛି ବୋଲି ସେ କହିଥିଲେ।



କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ଡ. ସୁନୀତି ମୁଣ୍ଡ ସୂଚନା ଦେଉଛନ୍ତି।

### ସାମାଜିକ-ଅର୍ଥନୈତିକ ବିକାଶରେ ସାଜିଛି ବାଧକ

# ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷ ରୋପଣ

**ଭବାନୀପାଟଣା,୨୧।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱବଧାନରେ ବିଦ୍ୟାଳୟ ସବୁଜ ବାହିନୀ ୟୁକୋ କ୍ଲବ ପକ୍ଷରୁ ମୁଁ ବି ଗଛ ଟିଏ ଲଗାଇବି-ମୋ କୁନି ହାତରେ ତାହାର ଯତ୍ନ ନେବି- ମୋ ବିଦ୍ୟାଳୟ ଓ ମୋ ଗାଁକୁ ସବୁଜ ସୁନ୍ଦର କରିବି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବା ଛାତ୍ରୀ ସୁଶ୍ରୀ କେଶିକା ବେହେରା ଓ ଛାତ୍ର ଜୋସେଫ ପ୍ରିନ୍ସ ଉଭୟଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ମଞ୍ଜୁରୀ ନାଗଙ୍କ ସହ ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବଗର୍ତ୍ତୀ ଓ ସଂଯୁକ୍ତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଚେତା ଦାଶ, ସଭ୍ୟା ମଞ୍ଜରୀ ପଟ୍ଟନାୟକ, ପ୍ରତିଭା ଦାଶ, ନିଶାମଣୀ ଦେଇ ଓ କଲ୍ୟାଣୀ ଦାସ ସହଯୋଗ କରିଥିଲେ। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ଅନେକ ବୃକ୍ଷ ଲଗେଇଥିଲେ। ସେହିପରି ସମସ୍ତେ ବୃକ୍ଷର ଯତ୍ନ ନେବା ପାଇଁ ସଂକଳ୍ପ ନେଇଥିଲେ। ବିଦ୍ୟାଳୟ କ୍ୟାପଟେନ ସମୀକ୍ଷା ଦୀପ ଧନ୍ୟବାଦ ଦେଇଥିଲେ।

# ବାଣ ଫୁଟାଇବା ସହ ମିଠା ବାଣ୍ଟି ଖାଇଲେ ଗ୍ରାମବାସୀ



**ବୌଦ୍ଧ,୨୧।୭(ଅଜିତ କୁମାର ବାରିକ)**

### ହରଭଙ୍ଗା ଥାନା ଅଧିକାରୀ ଭିଜିଲାନ୍ସ ହାତରେ ଧରାପଡିବା ଘଟଣା

- ଖରଭୁଇଁ ଗ୍ରାମରେ ଖୁସିର ଲହରୀ

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଧିକାରୀ ପୁଷ୍ପଲତା ରାଉତରାୟ ଶୁକ୍ରବାର ଦିନ ଜଣେ ବାଲିଘାଟ ଠିକାଦାରଙ୍କ ଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଦ୍ୱାରା ଧରା ପଡି ଗିରଫ ହୋଇଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ସନ୍ଧ୍ୟାରେ ହରଭଙ୍ଗା ଥାନାର ଖରଭୁଇଁ ଗ୍ରାମରେ ଖୁସିଲ ମାହୋଲ ଦେଖାଦେଇଛି । ଗ୍ରାମବାସୀ ବାଣ ଫୁଟାଇ ମିଠାବାଣ୍ଟି ଖୁସି ମନାଇଛନ୍ତି। ପ୍ରକାଶଥାଉ କି, ଖରଭୁଇଁ ଗ୍ରାମରେ ୪ ଗୋଟି କ୍ରଶର ଥିବା ବେଳେ ଗାଁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ପରିବେଶ ପ୍ରଦୂଷଣ ହେଉଥିଲା। ଏହାକୁ ନେଇ ଗ୍ରାମବାସୀ ଦୀର୍ଘ ୭ ମାସ ଧରି ଆନ୍ଦୋଳନ ଚଳାଇ ଥିଲେ। କିନ୍ତୁ ପୋଲିସ ପ୍ରଶାସନ କ୍ରଶରଗୁଡିକ ଚାଲିବା ପାଇଁ ଅଡି ବସିବା ସହ ଆନ୍ଦୋଳନରତ ଗ୍ରାମବାସୀଙ୍କ ନାମରେ ବହୁ ମାମଲା ରୁଜୁ କରି ହଇରାଣ କରିଥିଲା। ଗାଁ ଲୋକେ ପୋଲିସ ଭୟରେ ଆନ୍ଦୋଳନ ସମୟରେ ଗାଁରେ ରହି ନ ଥିଲେ। ପୋଲିସ ଆନ୍ଦୋଳନର ନେତୃତ୍ୱ ନେଇଥିବା ଶ୍ରମିକ ନେତା ଅବକାଶ ସାହୁଙ୍କ ନାମରେ ୬ ଗୋଟି ମାମଲା ରୁଜୁ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏବେ ବି ନିରୀହ ଗ୍ରାମବାସୀଙ୍କ ନାମରେ ବହୁ ମାମଲା ରହିଥିବା ବେଳେ ଅନେକ ମାମଲାରେ ଛନ୍ଦି ହୋଇ ପଡିଛନ୍ତି । କିନ୍ତୁ ଥାନା ଅଧିକାରୀ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ଗ୍ରାମବାସୀ ଖୁସି ମନାଇବା ସହ ବାଣ ଫୁଟାଇବାରୁ ଅଦିନିଆ ଦୀପାବଳି ସୃଷ୍ଟି ହେବା ଦେଖିବାକୁ ମିଳିଛି ।

# ବେହେରାରେ ଖୋଲିବ ଯୁକ୍ତ ୨ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ

**ବେହେରା,୨୧।୭ (ଭୁପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମରେ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବ। ଏ ନେଇ କଳାହାଣ୍ଡି ଶିକ୍ଷା ବିଭାଗ ପକ୍ଷରୁ ବେହେରା ସରପଞ୍ଚଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଦଣ୍ଡପାଟ ଅଞ୍ଚଳର ପ୍ରମୁଖ ସ୍ଥଳ ବେହେରା ଗ୍ରାମରେ ଆଖପାଖ ୧୫ରୁ ଅଧିକ ଗ୍ରାମପଞ୍ଚାୟତ ସହ ପଡୋଶୀ ନବରଙ୍ଗପୁର ଜିଲାର ଅଧିକାଂଶ ଲୋକେ ନିର୍ଭର କରିଥାନ୍ତି। ଏଠିକାର ସ୍କୁଲ ଓ କଲେଜରେ ଅନେକ ଦୂର ଦୁରାନ୍ତରୁ ଛାତ୍ରୀଛାତ୍ର ଆସି ଅଧ୍ୟୟନ କରୁଥିବା ବେଳେ ଯୁକ୍ତ ୨ ବିଜ୍ଞାନ ନ ଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଆର୍ଟସ ବିଷୟ ସ୍ଥାନୀୟ ଲଖୀରାମ ଅଗ୍ରୱାଲ ଉଚ୍ଚବିଦ୍ୟାଳୟରେ ଥିବା ବେଳେ ବିଜ୍ଞାନ ବିଷୟ ନେଇ ପଢିବାକୁ ଇଚ୍ଛୁକ ଛାତ୍ରୀଛାତ୍ର ବାହାରକୁ ଯିବାକୁ ପଡିଥାଏ। ଅନେକ ଗରିବ ଶ୍ରେଣୀର ଛାତ୍ରୀଛାତ୍ର ବିଜ୍ଞାନ ବିଷୟ ନେବାକୁ ଚାହୁଁଥିଲେ ମଧ୍ୟ ଦୂରତା ଓ ଆର୍ଥିକ ଦୁର୍ବଳତା ଯୋଗୁ ତାଙ୍କ ସ୍ୱପ୍ନ ପୂରଣ ହୋଇ ପାରୁ ନ ଥିଲା। ଏହାକୁ ହୃଦୟଙ୍ଗମ କରି ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା ୫-ଟି ସଚିବଙ୍କ କଳାହାଣ୍ଡି ଗସ୍ତ ସମୟରେ ଅନୁରୋଧ କରିଥିଲେ। ୫-ଟି ସଚିବ ଏହି ବିଷୟ ଗୁରୁତ୍ୱ ଦେଇ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ଖୋଲାଯିବାକୁ କଳାହାଣ୍ଡି ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବେହେରାରେ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବା ନେଇ ଜଣାପଡ଼ିବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଥିବା ସହ ସରପଞ୍ଚଙ୍କ ପ୍ରୟାସକୁ ଲୋକେ ପ୍ରଶଂସା କରୁଛନ୍ତି।



DISTRICT EDUCATION OFFICE, KALAHANDI

# କୂଳ ଲଂଘୁଛି ହାତୀ ନଦୀ, ଆତଙ୍କିତ ନଈକୂଳିଆ ଗ୍ରାମବାସୀ

**ଭବାନୀପାଟଣା,୨୧।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡିରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ଜିଲାରେ ପ୍ରବାହିତ ହାତୀନଦୀରେ ବର୍ଷ ତମାମ ପାଣି ଚାଲିଥାଏ। ହେଲେ ବର୍ଷା ଋତୁରେ ଏହି ନଦୀରେ ପାଣି କୂଳ ଲଂଘିବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଫଳରେ କଲମପୁର ଓ ଜୁନାଗଡ଼ ବ୍ଲକର ନଦୀକୂଳ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଥାଏ। ହେଲେ ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନ କି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ବର୍ଷା ଋତୁରେ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବର୍ଷା ଋତୁରେ ବନ୍ୟା ସ୍ଥିତି ସୃଷ୍ଟି ହେଉଥିବାରୁ ହାତୀନଦୀ କୂଳରେ ଥିବା କଲମପୁର ବ୍ଲକର ଟେମରା, ପରୁଆଗୁଡ଼ା, ମାଟିଖାଲ, ବିରିପୁର, ଜାମପଡ଼ା, ବଙ୍କାପଲା, ଖଣ୍ଡିଡଙ୍ଗରୀଗୁଡ଼ା, ସାନକୁଟ୍ଟ ସମେତ ଜୁନାଗଡ଼ ବ୍ଲକ କୋଟେନ ଗାଁ, ବଣିଜରା, ଚିଲଗୁଡା, ପୁରୁଣାସର, ମାଲପଡ଼ା, ବାରବେସାଲ, ବୋଦେଲ, ବରଗାଁ ଆଦି ଗାଁର ଲୋକେ ପ୍ରଭାବିତ ହୋଇଥାଆନ୍ତି।

କଲମପୁର ବ୍ଲକ ବାଲିଛଡ଼ାରେ ବନ୍ୟାଞ୍ଚଳ ଭିତରେ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଫଳରେ ବନ୍ୟା ସମୟରେ ଆଶ୍ରୟସ୍ଥଳୀ ମଧ ପାଣି ଘେରରେ ରହିଥାଏ। ଆଶ୍ରୟସ୍ଥଳୀକୁ ଯିବା ପାଇଁ ଭଲ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ୨୦୧୦ରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ତତ୍କାଳୀନ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ଜିଲାର ବନ୍ୟାଞ୍ଚଳ ଗସ୍ତରେ ଆସି ନଦୀ କୂଳିଆ ଗାଁର ସୁରକ୍ଷା ପାଇଁ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ଜଳ ସମ୍ପଦ ବିଭାଗ ମାଧ୍ୟମରେ ପଥରବନ୍ଧ ନିର୍ମାଣ ପାଇଁ ଘୋଷଣା କରିଥିଲେ। ଏ ନେଇ ଟେଣ୍ଡର ଚୁକ୍ତିନାମା ମଧ ହୋଇଥିଲା। ହେଲେ କମ୍ପାନୀ ନିମ୍ନମାନର କାମ କରିଥିବା ଯୋଗୁ ଏ ମାମଲା ଏବେ ଅଦାଲତରେ ରହିଥିଲା। ପରବର୍ତ୍ତୀ ସମୟରେ ବାଲିଛଡ଼ା ଗାଁର ପାଖାପାଖି ୩ଶହ ମିଟରରେ ପଥର ପ୍ୟାଚିଂ କାମ କରାଯାଇଛି। ହେଲେ ତାହା ମଧ ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ଦେଖିବାକୁ ମିଳିଛି। ସେପଟେ ପଥର ବନ୍ଧ ନ ଥିବା ଯୋଗୁ ଏବେ ଧୀରେ ଧୀରେ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି ହାତୀନଦୀ କୂଳରେ ଥିବା ଗାଁ। ବର୍ଷା ଆସିଲେ ଗ୍ରାମବାସୀଙ୍କ ଦୁଃଖ ବଢ଼ି ଯାଉଛି। ଏ ନେଇ କଲମପୁର ବିଡ଼ିଓ ବିଜୟ ମାଡାଙ୍ଗୀ କହିଛନ୍ତି ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇଥିବା ବେଳେ ଯଥାଶୀଘ୍ର ଏହାର ସ୍ଥାୟୀ ପ୍ରତିକାର କରାଯିବ ବୋଲି କହିଥିଲେ।



### ବନ୍ୟାଞ୍ଚଳ ଭିତରେ ଆଶ୍ରୟ ସ୍ଥଳୀ

## ସଂକ୍ଷେପରେ

### ରନ୍ଧାମଦ ଜବତ, ୨ଗିରଫ

**କୁଚିଣ୍ଡା, ୨୧।୭(ବିରଞ୍ଚି ଦର୍ଶୀ):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ଦେହୁରିପଡା(ଗଡପୋଷ)ରେ ସମ୍ବଲପୁର ଅବକାରୀ ଗୁଇନ୍ଦା ସ୍କ୍ୱାଡ ପକ୍ଷରୁ ଗୁରୁବାର ଚଢାଉ କରାଯାଇ ଗଚ୍ଛିତ ଥିବା ବିପୁଳ ପରିମାଣର ରନ୍ଧା ମଦ ଜବତ କରାଯାଇଛି। ଏହି କାରବାରରେ ଲିପ୍ତ ଥିବା ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଉଭୟଙ୍କ ଜାମିନ ନାମଞ୍ଜୁର ପରେ ସେମାନେ ଏବେ ଜେଲ ହାଜତରେ ଅଛନ୍ତି। ସେମାନେ ହେଲେ ଝାଡଖଣ୍ଡର ଉଦୟ ପ୍ରସାଦ ଓ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ବରିହାଗଡପୋଷର ରାଜେଶ ପରିଡ଼ା। ଉଦୟ ପ୍ରସାଦଙ୍କଠାରୁ ୧୨୦ ଲିଟର ଓ ରାଜେଶ ପରିଡ଼ାଙ୍କଠାରୁ ୫୦ଲିଟର ରନ୍ଧା ମଦ ଜବତ ହୋଇଛି। ଗୁରୁବାର ସମ୍ବଲପୁର ଅବକାରୀ ଗୁଇନ୍ଦା ବିଭାଗ ସ୍କ୍ୱାଡ ଓ ଗୋବିନ୍ଦପୁର ଅବକାରୀ ବିଭାଗର ମିଳିତ ଚଢାଉ ହୋଇଥିଲା। ଦେହୁରିପଡା ଦେଶୀ ମଦ ଭାଟି ଗତ ଏପ୍ରିଲ ମାସରୁ ବନ୍ଦ ରହିଥିବା ବେଳେ ସେଠାରେ ଅନ୍ୟ ମଦ ଭାଟିରୁ ମଦ ଆଣି ବେଆଇନ ଭାବେ କାରବାର ଚାଲିଥିଲା। ଚଢାଉ ସମୟରେ ୫ଟି ଦୁଇଶହ ଲିଟର ଡ୍ରମରେ ଥିବା ରନ୍ଧା ମଦ, କିଛି ମଦ ପାଉଚ, ମଦ ରନ୍ଧା ସାମଗ୍ରୀକୁ ସ୍କ୍ୱାଡ ଜବତ କରିଥିଲା ।

### ବାଇକ୍ ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁ

**କୁଚିଣ୍ଡା, ୨୧।୭(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ଥାନା ଅନ୍ତର୍ଗତ ଡିମିରିମୁଣ୍ଡା ପଞ୍ଚାୟତ ଝାରମୁଣ୍ଡା ଗ୍ରାମର ନାବାଳକ ସୁମନ ଟପ୍ପୋ(୧୬)ଙ୍କ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏନେଇ ପୋଲିସ କୁଚିଣ୍ଡା ଥାନାରେ ଏକ ମାମଲା (ନଂ.୧୩୨/୨୩) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବାଇକ ନଂ.୨୩ ଆଇ ୨୫୦୨କୁ ଜବତ କରି ତଦନ୍ତ କରୁଛି। ସୁମନ ଶୁକ୍ରବାର ଅପରାହ୍ନରେ ବାଇକ୍‌ରେ ନିଜ ଗ୍ରାମରୁ ଭାତପୁରାକୁ କୌଣସି କାମରେ ଯାଉଥିଲେ। କିନ୍ତୁ ଭାତପୁରା ଗାଁ ନିକଟ ବୁଲାଣିରେ ବାଇକଟି ଭାରସାମ୍ୟ ହରାଇ ଏକ କଲଭର୍ଟରେ ବାଡେଇ ହେବାରୁ ଘଟଣାସ୍ଥଳରେ ହିଁ ଟପ୍ପୋଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲକୁ ପଠାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି।

### ଜିଲା ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ, କର୍ମଚାରୀ ସଂଘର ଦାବିପତ୍ର



**ସମ୍ବଲପୁର, ୨୧।୭(ବି.ଶଙ୍କର):** ଅଲ୍ ଓଡିଶା ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ଆସୋସିଏସନ(ସଂଘ) ସମ୍ବଲପୁର ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବିରେ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକ ତଥା ଅଞ୍ଚଳରୁ ଶିକ୍ଷକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ବିଶେଷକରି ଦୀର୍ଘ ବର୍ଷ ହେବ ଶିକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ସ୍କୁଲରେ କାର୍ଯ୍ୟ କରୁଛନ୍ତି । କିନ୍ତୁ ସେମାନଙ୍କ ପେନସନ ବ୍ୟବସ୍ଥା ଦାବିକୁ ଅଣଦେଖା କରାଯାଉଛି। ଏହାର ପ୍ରତିବାଦରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସଂଘ କର୍ମକର୍ତ୍ତା ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲଙ୍କ ମାଧମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

### ନିହାଲ ସିଂ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ରାଜ୍ୟ ସଭାପତି

ସମ୍ବଲପୁର, ୨୧।୭( ଶୁଭାଶିଷ ପାଢୀ) ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ରାଜ୍ୟ ସଭାପତି ଭାବରେ ନିହାଲ ସିଂଙ୍କୁ ମନୋନୀତ କରାଯାଇଛି। ଏହା ପୂର୍ବରୁ ନିହାଲ ସିଂ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ରାଜ୍ୟ କାର୍ଯ୍ୟକାରୀ ସଭାପତି ଭାବରେ ଦାୟିତ୍ୱ ତୁଲାଇଥିଲେ। ଦିଲ୍ଲୀ ମଡ଼େଲ ଟାଉନଠାରେ ଜାତୀୟ ସଭାପତି ଡକ୍ଟର ଏସପି ସୋମାନକ୍ଷରଙ୍କ ଠାରୁ ସ୍ୱୀକୃତିପତ୍ର ହାସଲ କରିଥିଲେ। ନିହାଲ ସିଂ ଏକାଡେମୀର ରାଜ୍ୟ କାର୍ଯ୍ୟକାରୀ ସଭାପତି ଥିବା ସମୟରେ ମଧ ଦଳିତ ସାହିତ୍ୟ ଏକାଡେମୀର ବିଭିନ୍ନ ସଭା ଓ ସମ୍ମିଳନି କରିଥିଲେ। ମନୋନୀତ କରାଯିବା ପରେ ସାରା ରାଜ୍ୟରେ ଦଳିତମାନଙ୍କ ଉପରେ ଆଧାରିତ ସାହିତ୍ୟକୁ ଯେପରି ଜାତୀୟ ସ୍ତରରେ ପହଞ୍ଚାଇ ହେବ ସେନେଇ କାର୍ଯ୍ୟ କରିବେ ବୋଲି ସିଂ କହିଛନ୍ତି। ଏହାସହ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ପୂର୍ବତନ ରାଜ୍ୟ ସଭାପତି ଆଇନଜୀବୀ ଦୀପକ ରଞ୍ଜନ ବାଗଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଭାବରେ ମନୋନୀତ କରାଯାଇଛି।

# ଭିସୁଟ୍‌ରେ ବାୟୋମେଟ୍ରିକ ସହ ଦରମା ଲିଙ୍କ୍

ସମ୍ବଲପୁର, ୨୧।୭ ( ଶୁଭାଶିଷ ପାଢ଼ୀ)




ସମ୍ବଲପୁର ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଏବେ ବାୟୋମେଟ୍ରିକ ସହ ଦରମା ଲିଙ୍କ କରାଯିବ। ଏନେଇ କର୍ତ୍ତୃପକ୍ଷ ଶୁକ୍ରବାର ନୋଟିସ ଜାରି କରିଛନ୍ତି। ସମସ୍ତ ବିଭାଗର କର୍ମଚାରୀ, ଡିନ୍, ଅଧ୍ୟାପକଙ୍କ ସମେତ ସମସ୍ତ ବିଭାଗକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାରଠାରୁ ଏହି ନିୟମକୁ ଲାଗୁ ମଧ କରାଯାଇଛି। ଭିସୁଟ୍‌ରେ ପୂର୍ବରୁ ବାୟୋମେଟ୍ରିକ ବ୍ୟବହାର କରାଯାଉଛି। ଏହାକୁ ନେଇ ମଧ ବିରୋଧ କରାଯାଇଥିଲା। ହେଲେ କର୍ତ୍ତୃପକ୍ଷ ବାୟୋମେଟ୍ରିକ ଲଗାଇଥିଲେ। ଏବେ ବାୟୋମେଟ୍ରିକକୁ ଦରମା ସହ ସଂଯୋଗ କରାଯାଇଛି। ସକାଳ ୮ରୁ ୯ ଟା ଠିକ ସମୟରେ ବାୟୋମେଟ୍ରିକ ଖୋଲାଯିବ। ଯଦି ସେ ସମୟରେ ବାୟୋମେଟ୍ରିକରେ ଉପସ୍ଥାନ ନ ଦେବେ ତାହା ହେଲେ ଅନୁପସ୍ଥିତ ଧରାଯିବ। କୌଣସି ସମସ୍ୟା ଥିଲେ ଅଧଘଣ୍ଟା ସମୟ ଗ୍ରେସ ସମୟ ରହିଛି। ହେଲେ ମାସକରେ ୩ଦିନ ଗ୍ରେସ ସମୟ ଦିଆଯିବ । ନ ହେଲେ କାରଣ ଦର୍ଶାଅ ନୋଟିସ କରାଯାଇ ଦିନକ ଦରମା ବନ୍ଦ ରହିବ। ସମସ୍ତ କର୍ମଚାରୀଙ୍କ ୭ ଘଣ୍ଟା କାର୍ଯ୍ୟ ସମୟ ସୁନିଶ୍ଚିତ କରାଯିବା ପାଇଁ ଏହା କରାଯାଇଛି । ଯଦି ବ୍ୟତିକ୍ରମ ହୁଏ ଅନୁପସ୍ଥିତ ବୋଲି ଗଣାଯିବ। ଶନିବାର କେବଳ ସାଢେ ୩ ଘଣ୍ଟା କାର୍ଯ୍ୟ ସମୟ ରହିଛି। ଯଦି କୌଣସି କର୍ମଚାରୀ ଟୁର କିମ୍ବା ଅଫିସ କାମରେ ବାହାରକୁ ଅନୁମତି ନେଇ ଯାଇଥିବେ ତାହା ହେଲେ କୋହଳ କରାଯାଇଛି। ଛୁଟି, ଅନୁପସ୍ଥିତକୁ ନେଇ ପ୍ରଶାସନିକ ବିଭାଗ ପ୍ରତି ମାସରେ ୨୫ ତାରିଖ ଭିତରେ ରିପୋର୍ଟ ପ୍ରଦାନ କରିବେ। ପରେ ଦରମା ପ୍ରଦାନ କରାଯିବ। ଏ ସମ୍ପର୍କରେ ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ କହିଛନ୍ତି ଯେ, ପୂର୍ବରୁ ବାୟୋମେଟ୍ରିକ ବ୍ୟବହାର ହେଉଥିଲା। ଏବେ ବାୟୋମେଟ୍ରିକ ସହିତ ଦରମାକୁ ଲିଙ୍କ କରାଯାଇଛି ବୋଲି କହିଥିଲେ । ସୂଚନା ଯୋଗ୍ୟଯେ, ଭିସୁଟରେ ମୋଟ ଅଧ୍ୟାପକ ୩୦୦ ଜଣ ରହିଥିବା ବେଳେ ଅଣଶିକ୍ଷକ ୧୬୦ ଜଣ କାମ କରୁଛନ୍ତି।

**୭ ଘଣ୍ଟା କାର୍ଯ୍ୟ ସମୟ ସୁନିଶ୍ଚିତ କରିବା ଲକ୍ଷ୍ୟ**

# ଝୁପୁଡିପଡାବାସୀଙ୍କ ଧାରଣାରେ ଏଏପି ସାମିଲ

ସମ୍ବଲପୁର, ୨୧।୭(ବି.ଶଙ୍କର)

ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିବା ଝୁପୁଡିପଡାବାସୀଙ୍କୁ ଶୁକ୍ରବାର ଆମ ଆଦମୀ ପାର୍ଟି(ଏଏପି) ପକ୍ଷରୁ ସମର୍ଥନ କରାଯାଇଛି। ସମ୍ବଲପୁର ଜିଲା ଆମ ଆଦମୀ ପାର୍ଟି ଜିଲା ସଭାପତି ଲାଲମଣି ଲୁଗୁନଙ୍କ ନେତୃତ୍ୱରେ ଜିଲା କମିଟିର ସଭ୍ୟମାନେ ଶୋଭାଯାତ୍ରାରେ ଆସି ଧାରଣା ସ୍ଥଳରେ ପହଞ୍ଚି ଥିଲେ। ଆନ୍ଦୋଳନକାରୀଙ୍କ ଦାବି ଯଥାର୍ଥ ଅଟେ। ସେମାନଙ୍କୁ ଥଇଥାନ ଯୋଗାଇଦେବା ଜିଲା ପ୍ରଶାସନର ଦାୟିତ୍ୱ। ବର୍ଷା ମାସରେ ଗରିବ ଜନସାଧାରଣଙ୍କୁ ଉଚ୍ଛେଦ କରିବା ଦୁଃଭାଗ୍ୟଜନକ। ତେଣୁ ଏଏପି ପକ୍ଷରୁ ଝୁପୁଡିପଡାବାସୀଙ୍କୁ ପୂର୍ଣ୍ଣ ସମର୍ଥନ କରାଯାଇଛି ବୋଲି ନେତୃବୃନ୍ଦ କହିଛନ୍ତି। ଏହାସହ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଝୁପୁଡିପଡାବାସୀଙ୍କୁ ଥଇଥାନ କରିବାକୁ ପଦକ୍ଷେପ ନେବାକୁ ଏଏପି ଦାବି କରିଛି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ଝୁପୁଡିପଡାବାସୀଙ୍କ ଆନ୍ଦୋଳନ ୧୨ଦିନରେ ପହଞ୍ଚିଛି ।



ଧାରଣାରେ ଏଏପି କର୍ମକର୍ତ୍ତାମାନେ ସାମିଲ ହୋଇଛନ୍ତି।

# ଉତ୍କର୍ଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



ସମ୍ବଲପୁରରେ ଜିଲାସ୍ତରୀୟ ଉତ୍କର୍ଷ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀ ଓ ଅତିଥିମାନେ।

ସମ୍ବଲପୁର, ୨୧।୭(ବି.ଶଙ୍କର)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଉତ୍କର୍ଷ କାର୍ଯ୍ୟକ୍ରମ ସମ୍ବଲପୁରସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ହିନ୍ଦୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ଇଂରାଜୀ, ବିଜ୍ଞାନ, ଓଡ଼ିଆ ଓ ଗଣିତ ବିଷୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ଶୁକ୍ରବାର ପ୍ରଧାନଶିକ୍ଷକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ୧୧୨ଟି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ଇଂରାଜୀ ବିଷୟରେ ଅଶୋକ କୁମାର ସାହୁ, ପ୍ରତାପ କେଶରୀ ତ୍ରିପାଠୀ, ବନବାସ ପ୍ରଧାନ, ଗଣିତରେ ସୁଶାନ୍ତ ସାହୁ, ସମୀର ପଟେଲ, ବିଜ୍ଞାନରେ ରକ୍ମିଣୀ ପ୍ରଧାନ, ଦମୟନ୍ତୀ ପାଣ୍ଡିଆ, ଓଡ଼ିଆରେ ମିତ୍ରଭାନୁ ସାହୁ, କୈଳାସ ଗୌଡ଼ ଓ ରାମକୃଷ୍ଣ ରଥ ଯୋଗଦାନ କରି ପ୍ରଶିକ୍ଷଣ ଦେଇଥିଲେ। ଶୁକ୍ରବାର କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଯୋଗଦେଇଥିଲେ। ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଶୈକ୍ଷଣିକ ମାନବୃଦ୍ଧି ପାଇଁ ଉଦ୍ଦିଷ୍ଟ ଏହି ୫୫ ଦିନ ଧରି ବିଦ୍ୟାଳୟଗୁଡିକରେ ପରିଚଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ମଧ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ପରିଚାଳନା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏବଂ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରାଧିକରଣଙ୍କ ମାର୍ଗଦର୍ଶିକା ଅନୁସାରେ ଜିଲାସ୍ତରୀୟ ଉତ୍କର୍ଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ସହକାରୀ ଶିକ୍ଷକ ଓ ପ୍ରଧାନଶିକ୍ଷକମାନଙ୍କ ପାଇଁ ଶିକ୍ଷଣ ଉନ୍ନତି ଯୋଜନାର ଅଂଶସ୍ୱରୂପ ଅଟେ ।

## ବିଜେଡି ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଦେବଗଡ଼, ୨୧।୭
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଝରାକଣ୍ଡଲ ଗ୍ରାମ ପଞ୍ଚାୟତର ସମିତିସଭ୍ୟ ଉପ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଣାପଡିଛି। ଏହି ଉପନିର୍ବାଚନ ନିମନ୍ତେ ଗତ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ମନୋନୟନପତ୍ର ଦାଖଲର ସମୟ ଧାର୍ଯ୍ୟ ହୋଇଥିଲା। ଏହି ସମୟ ମଧ୍ୟରେ ଚିତ୍ରସେନ ନାୟକ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ମନୋନୟନପତ୍ର ଯାଞ୍ଚ ଓ ପ୍ରତ୍ୟାହାର ଦିନ ସମାପ୍ତ ପରେ ଶୁକ୍ରବାର ଚିତ୍ରସେନଙ୍କୁ ଝରାକଣ୍ଡଲ ଗ୍ରାମ ପଞ୍ଚାୟତର ସମିତିସଭ୍ୟ ଭାବେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଘୋଷଣା ପରେ ଚିତ୍ରସେନଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାରକୋଟ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଶେଷ ହେଲା ୩ ଦିନିଆ ତାଲିମ ଶିବିର

ସମ୍ବଲପୁର, ୨୧।୭( ଶୁଭାଶିଷ ପାଢୀ)

ଜିଲା ରେଡକ୍ରସ ପକ୍ଷରୁ ଚାଲିଥିବା ୩ଦିନିଆ ଆପାତକାଳିନ ଚିକିତ୍ସା (ଫାଷ୍ଟ ଏଡ୍)ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଦେଲଇପଡା କଲ୍ୟାଣ ମଣ୍ଡପଠାରେ ଆରମ୍ଭ ହୋଇଥିବା ତାଲିମରେ ଜିଲା ରେଡକ୍ରସର ଆଜୀବନ ସଦସ୍ୟ/ସଦସ୍ୟାମାନେ ତାଲିମ ଗ୍ରହଣ କରିଥିଲେ। ଏଥିରେ ତାଲିମଦାତା ସୁମନ୍ତ ଦ୍ୱିବେଦି ଓ ଲିଲାପୂର୍ଣ୍ୟ ତିର୍ଥ ସ୍ୱାଇଁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଡକ୍ରସ ସମ୍ପାଦକ ଜୟ ଜର୍ଜଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ମହାନଗର ଚିକିତ୍ସା ଅଧିକାରୀ ଡା.ମହେନ୍ଦ୍ର କୁମାର ନନ୍ଦ ମୁଖ୍ୟ ଅତିଥି, ବରିଷ୍ଠ ଡାକ୍ତର ପଞ୍ଚାନନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମେଡିକାଲକୁ ନେବା ପୂର୍ବରୁ ଆପାତକାଳିନ ସେବା ବା ଚିକିତ୍ସା ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଜିଲା ରେଡକ୍ରସ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସାମ୍ପ୍ରତିକ ସମୟରେ ବିଭିନ୍ନ ଘଟଣା ଦୁର୍ଘଟଣା ପରେ ଡାକ୍ତରଖାନାକୁ ନେବା ପୂର୍ବରୁ ଅନେକଙ୍କ ମୃତ୍ୟୁ ହେଉଥିବାରୁ ଜିଲାରେ ଫାଷ୍ଟ ଏଡ (ଆପାତକାଳିନ ଚିକିତ୍ସା ସହାୟତା) ତାଲିମ ବଡ ଗୁରୁତ୍ୱବହନ କରୁଛି। ବିଭିନ୍ନ ସ୍କୁଲ ଓ କଲେଜରେ ଫାଷ୍ଟଏଡ୍ ତାଲିମ ପ୍ରତି ଗୁରୁତ୍ୱ ଦିଆଯାଇଛି। ଏହାକୁ ଜିଲା ରେଡକ୍ରସର ପ୍ରମିଳା ବେହେରା ପରିଚାଳନା କରିଥିଲେ। ଭାରତୀୟ ରେଡକ୍ରସ୍ ସୋସାଇଟି ରାଜ୍ୟ ଶାଖା ଏଥିରେ ସହାୟତା ପ୍ରଦାନ କରିଥିଲେ ।



ସମ୍ବଲପୁର ଜିଲା ରେଡକ୍ରସ ପକ୍ଷରୁ ତାଲିମ ଶିବିର।

# ଅର୍ଥ ଲୋଭ ଦେଖାଇ ମହିଳାମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ

**କୋଟି କୋଟି ଟଙ୍କା ଠକେଇ ଅଭିଯୋଗ**

ଦେବଗଡ଼, ୨୧।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ଖଜୁରୀବାହାଲ ସ୍କୁଲର ଟିକେଶ୍ୱର ପ୍ରଧାନ ନାମକ ଜଣେ ଶିକ୍ଷକ ମାସିକ ୫ହଜାର ଟଙ୍କା ଦେବାର ପ୍ରଲୋଭନ ଦେଖାଇ ଖଜୁରୀବାହାଲ ଗ୍ରାମର କେତେକ ନିରୀହ ମହିଳାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ବ୍ୟାପକ ଅର୍ଥ ହଡପ କରିଥିବା ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଅଭିଯୁକ୍ତ ଟିକେଶ୍ୱରଙ୍କ ବିରୋଧରେ ଦଫା ୪୨୦ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଏକ ବର୍ଷ ପୂର୍ବେ ଖଜୁରୀବାହାଲ ସ୍କୁଲରେ ଶିକ୍ଷକତା କରୁଥିବା ଟିକେଶ୍ୱର ପ୍ରଧାନ ଖଜୁରୀବାହାଲ ଗ୍ରାମର କେତେଜଣ ମହିଳାଙ୍କୁ ମାସିକ ୫ ହଜାର ଟଙ୍କା ପ୍ରଦାନ କରିବାର ଲୋଭ ଦେଖାଇ ନିଜ ନାମରେ ଗୋଟିଏ ଲେଖାଏଁ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ କହିଥିଲେ। ଏପରିକି ଏକଥା ସ୍ୱାମୀଙ୍କୁ ନ ଜଣାଇବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସର୍ତ୍ତରେ ସେମାନେ ରାଜି ହେବାରୁ ଟିକେଶ୍ୱର ନିଜର ଭିଣୋଇ ଓ ଭଣଜା (ସୁନ୍ଦରଗଡ ଜିଲା ରୁଗୁଡା ଗ୍ରାମର)ଙ୍କ ଜରିଆରେ ଦେବଗଡ ସ୍ଥିତ କାନାରା ବ୍ୟାଙ୍କ ଶାଖାରେ ଏକ ହଜାର୍ ଟଙ୍କା ଲେଖାଏଁ ଜମା କରି ଆକାଉଣ୍ଟ ଖୋଲାଇବା ସହ ସେମାନଙ୍କର ପାସ ବହି ଓ ଏଟିଏମ କାର୍ଡ ନିଜ ପାଖରେ ରଖିଥିଲେ। ମାତ୍ର ସେମାନଙ୍କର ଆକାଉଣ୍ଟରେ ହୋଇଥିବା କୌଣସି ଦେଣନେଣ ସମ୍ପର୍କରେ ସେମାନଙ୍କୁ କୌଣସି ସୂଚନା ଦେଇ ନ ଥିଲେ। ସମ୍ପୃକ୍ତ ମହିଳାମାନେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଟଙ୍କା ମାଗିବାରୁ ଟିକେଶ୍ୱର 'ତୁମର ଖାତା ଚାଲୁନାହିଁ, ଟଙ୍କା କେଉଁଠୁ ଦେବି ' ବୋଲି କୁଆଡେ ସେମାନଙ୍କୁ ଓଲଟି ପଚାରିଥିଲେ । ତେବେ ଗତ ଜୁନ ମାସ ୧ ତାରିଖ, ୫ ତାରିଖ ଓ ୨୭ ତାରିଖରେ ୩ଜଣ ମହିଳାଙ୍କ ନିକଟକୁ କାନାରା ବ୍ୟାଙ୍କ ପକ୍ଷରୁ ଡେବିଟ ଅଥୋରାଇଜେସନ ଲେଟର ଆସିଥିଲା । ଫଳରେ ଏହି ଲେଟର ନେଇ ସେମାନେ ଟିକେଶ୍ୱରଙ୍କୁ ଦେଖାଇବାରୁ ସେ 'ତୁମର କିଛି ହେବ ନାହିଁ, ତୁମେ ବ୍ୟାଙ୍କକୁ ଯିବାର ଦରକାର ନାହିଁ ବୋଲି କହିଥିଲେ। ତେବେ ଗତ ୧୮ ତାରିଖ ସମ୍ପୃକ୍ତ ମହିଳାମାନଙ୍କ ଘରେ ପୋଲିସ ପହଞ୍ଚିବାରୁ ସେମାନେ କୌଣସି ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏକଥା ଜାଣିବା ପରେ ସେମାନେ ଗତ ୧୮ ତାରିଖ ଦେବଗଡ ଆଦର୍ଶ ଥାନାକୁ ଆସି ଟିକେଶ୍ୱରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବାସହ ସେମାନଙ୍କର ଆକାଉଣ୍ଟ ଜରିଆରେ ଟିକେଶ୍ୱର କୋଟି କୋଟି ଟଙ୍କାର ଦେଣନେଣ କରିଥିବା ଦର୍ଶାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଟିକେଶ୍ୱର ବିରୋଧରେ ଦଫା ୪୨୦ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି । ଏ ଘଟଣା ସମ୍ପୃକ୍ତ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ସାଜିଛି। ତେବେ ମହିଳାମାନଙ୍କ ଆକାଉଣ୍ଟକୁ କିଭଳି ଏବଂ କେଉଁଠୁ କୋଟି କୋଟି ଟଙ୍କା ଆସିଲା ସେଥିନେଇ ସାଧାରଣରେ ନାନା କଥା ଆଲୋଚନା ହେବାସହ ଏହା ପଛରେ ଅନଲାଇନ ଜୁଆ କାରବାର ହୋଇଥିବା କୁହାଯାଇଛି।

# ନିଃସହାୟଙ୍କୁ ତାର୍ପୋଲିନ, ରାଶନ ସାମଗ୍ରୀ ପ୍ରଦାନ

ସମ୍ବଲପୁର, ୨୧।୭(ବି.ଶଙ୍କର)

ସମ୍ବଲପୁର ମହାନଗର ୱାର୍ଡ ନଂ. ୧୮ଅନ୍ତର୍ଗତ କ୍ଷେତରାଜପୁର ଷ୍ଟେସନପଡ଼ାଠାରେ ବର୍ଷାରେ ପ୍ରପୀଡ଼ିତ ନିଃସହାୟଙ୍କୁ ଶୁକ୍ରବାର ତାରପୋଲିନ ଓ ନିତ୍ୟ ବ୍ୟବହାର ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ହରଦୀପ ସିଂହ ଭୂର୍ଜିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସୂଚନାଯୋଗ୍ୟ ଯେ, ଆନନ୍ଦ କୁମାର ହରିପାଲ ବୟସ ୭୮ବର୍ଷ । ଆଖିକୁ ଦେଖାଯାଉ ନାହି । ସ୍ତ୍ରୀ ସତୋ କୁମାର ଓ ବିଧବା ଝିଅ ଲଜା ହରିପାଲ ନିଜ ଦୁଇ ଛୁଆଙ୍କୁ ନେଇ ଗୋଟିଏ ଭଙ୍ଗାଚାଳ ଘରେ ରହୁଛନ୍ତି। ଘରର ସବୁ ଆଡେ ବର୍ଷା ପାଣି ଗଳୁଛି। ଏହାକୁ ଦୃଷ୍ଟିରେ ରଖି ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନଜୀବି ସବିନୟ ପୂଜାରୀ, ବିଜେଡି ସଭ୍ୟ ନବୀନ ପଣ୍ଡା, ହରିହର ପାଣି, ହରେକୃଷ୍ଣ ସରାଫ, ଅମିତ ବାଗ, ପ୍ରଶାନ୍ତ ନାୟକ, ଅଜୟ ନାଗ, ବିକାଶ ବିଭାର, ସୋନୁ ସିଂହ ସାମିଲ ହୋଇଥିଲେ। ଏଥିସହ ପଡ଼ାବାସୀ ମଧ ଉପସ୍ଥିତ ଥିଲେ। ଭବିଷ୍ୟତରେ ମଧ ସହାୟତା ପ୍ରଦାନ କରାଯିବା ସହ ପିଲାମାନଙ୍କ ପାଠପଢ଼ାରେ ମଧ ସହଯୋଗ କରାଯିବ ବୋଲି ପ୍ରତିନିଧି ଦଳ ପ୍ରତିଶ୍ରୁତି ଦେଇଛନ୍ତି।

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସମୀକ୍ଷା ବୈଠକ

ସମ୍ବଲପୁର, ୨୧।୭(ବି.ଶଙ୍କର)

ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଜିଲାସ୍ତରୀୟ ସମୀକ୍ଷା ବୈଠକ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଉପଖଣ୍ଡିଅ ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଷାନ, ଜିଲା କାର୍ଯ୍ୟକ୍ରମ ସହାୟକ ସୁଦୀପ୍ତ କୁମାର ପାଢ଼ୀ ବୈଠକରେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଜିଲାର ୯ଟି ବ୍ଲକ, ସମ୍ବଲପୁର ମହାନଗର ନିଗମ, କୁଚିଣ୍ଡା ଓ ରେଢ଼ାଖୋଲ ଏନ୍‌ଏସିର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ବର୍ତ୍ତମାନ ବିଭାଗ ପକ୍ଷରୁ ଦିଆଯାଉଥିବା ପେନସନ, ଭତ୍ତା , ଭିନ୍ନକ୍ଷମ ବିଭିନ୍ନ ଯୋଜନାର ସ୍ଥିତି ନେଇ ସମୀକ୍ଷା କରାଯାଇଥିଲା।



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

# ଯାତାୟାତରେ ପ୍ରତିବନ୍ଧକ ଘଡଘଡି ନାଳ

କୁଚିଣ୍ଡା, ୨୧।୭(ବିରଞ୍ଚି ଦର୍ଶୀ)

- ପୋଲ ନିର୍ମାଣ ଦାବିକୁ କର୍ଣ୍ଣପାତ କରୁନି ପ୍ରଶାସନ
- ଦୁଇ ଜିଲା ସୀମାନ୍ତରେ ଥିବାରୁ ଅଧିକାରୀଙ୍କ ଦୃଷ୍ଟିନାହିଁ

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର କୁନ୍ତରା ପଞ୍ଚାୟତ ଓ ସୀମାନ୍ତ ସୁନ୍ଦରଗଡ ଜିଲାର କେତେକ ଗ୍ରାମବାସୀଙ୍କ ପାଇଁ ବର୍ଷା ଦିନ ଆସିଲେ ସମସ୍ୟା ବଢିଯାଏ। ଯାତାୟାତରେ ପ୍ରତିବନ୍ଧକ ସାଜେ ଘଡଘଡି ନାଳ। ଏହି ନାଳର ଅପରପାର୍ଶ୍ୱରେ କୁନ୍ତରା ଗ୍ରାମର ପ୍ରାୟ ଲୋକଙ୍କ ଚାଷଜମିକୁ ବର୍ଷା ଦିନେ ନାଳ ପାରି ହୋଇ ଲୋକେ ଯାଇପାରନ୍ତି ନାହିଁ। ଅପରପକ୍ଷରେ କୁନ୍ତରାରେ ଥିବା ସ୍କୁଲ, କଲେଜ, ବ୍ୟାଙ୍କ ଆଦି କାମରେ ନିର୍ଭର କରୁଥିବା ସମ୍ବଲପୁର ଜିଲା ବାମରା ବ୍ଲକ ଡୁରେଇ ପଞ୍ଚାୟତର ଡମାମୁଣ୍ଡା ଓ ଭୁକ୍ତାପଡା, ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ବ୍ଲକ ଜର୍ଡା ପଞ୍ଚାୟତର ମଲ୍ଲୁରଡିମା, କେଲୋ, କାଂଶବାହାଲ ଓ ସୋଲ ପଞ୍ଚାୟତ କଟାମୁଣ୍ଡା ଆଦି ଅଞ୍ଚଳର ଜନସାଧାରଣଙ୍କ ପାଇଁ ବର୍ଷା ଚାରିମାସ ଘଡଘଡି ନାଳ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଲୋକେ ଅଭିଯୋଗ କରିଛନ୍ତି । ଘଡଘଡି ନାଳ ଉପରେ ପୋଲ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀ କହିଛନ୍ତି। ପୋଲ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ହେଁ ଏହା ଉଭୟ ଜିଲା ସୀମାନ୍ତରେ ରହିଥିବାରୁ କୌଣସି ଅଧିକାରୀ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଆଖି ଆଗର ରଖି ଅବିଳମ୍ବେ ଘଡଘଡି ନାଳ ଉପରେ ପୋଲ ନିର୍ମାଣ କରି ଯାତାୟତ ବ୍ୟବସ୍ଥାରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି।



ନାଳ ପାର ହୋଇ ଚାଷୀ ଆରପଟରେ ଥିବା ଚାଷଜମିକୁ ଯାଉଛନ୍ତି।

**ଶିର୍ଲି ଗାଁ ରାସ୍ତା ଶୋଚନୀୟ**

ବୋଡେନ,(ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଆଦିବାସୀ ବହୁଳ ଶିର୍ଲି ଗାଁ ରାସ୍ତା ଶୋଚନୀୟ ହୋଇପଡି ଥିବା ବେଳେ ରାସ୍ତା ଉପରେ ଲଘୁଚାପ ଜନିତବର୍ଷା ପାଣି ପ୍ରବାହିତ ହେଉଛି। ଆଦିବାସୀ ବହୁଳ ଗ୍ରାମରେ ସରକାରଙ୍କ ନିୟମ ଅନୁସାରେ ମାଡା ଗ୍ରାମରେ ରାସ୍ତା, ଆବାସ ଯୋଜନା ସହିତ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହେବା କଥା। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁ ସ୍ୱାଧୀନତା ପରବର୍ତ୍ତୀ ଚିତ୍ର ଯାହାଥିଲା ଏବେ ବି ସେମିତି ରହିଛି। ବୋଡ଼େନ ବିଡିଓ ପ୍ରିୟରଞ୍ଜନ କୁମାରଙ୍କୁ ପଚାରିବାରୁ ସେହି ଗ୍ରାମର ରାସ୍ତା ଅତିଶୀଘ୍ର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ତୃତୀୟ ଦିନରେ ତହସିଲ ଅଫିସ ସମ୍ମୁଖରେ ଚାଷୀଙ୍କ ଗଣଧାରଣା

**ଭବାନୀପାଟଣା,୨୧।୭(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା କଲମପୁର ବ୍ଲକ କୋଟାଗାଁ ମଣ୍ଡିର ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ପରିବର୍ତ୍ତେ ପ୍ରାଥମିକ କୃଷି ସମବାୟ ସମିତିକୁ ପ୍ରଦାନ କରିବା ଓ ରବି ଋତୁରେ ଧାନ ବିକ୍ରି କରିଥିବା ଚାଷୀଙ୍କ ପ୍ରାପ୍ୟ ପ୍ରଦାନ ଦାବି ନେଇ ବୁଧବାରଠାରୁ ସ୍ଥାନୀୟ ଚାଷୀ ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଚାଷୀ ଗଣଧାରଣା ଦେଇଛନ୍ତି। ଶୁକ୍ରବାର ଗଣଧାରଣା ତୃତୀୟ ଦିନରେ ପହଞ୍ଚିବାବେଳେ ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ ଘଟଣା ସ୍ଥଳକୁ ପହଞ୍ଚି ଚାଷୀଙ୍କ ଆନ୍ଦୋଳନରେ ସାମିଲ ହୋଇଥିଲେ। ଚାଷୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରିବା ପାଇଁ ସେ ପ୍ରଶାସନଠାରେ ଦାବି କରିଥିଲେ। ତୃତୀୟ ଦିନରେ ବି କୌଣସି ସମାଧାନ ହୋଇ ନ ଥିବା ଜଣାପଡିଛି। ଫଳରେ ଚାଷୀଙ୍କ ଏହି ଆନ୍ଦୋଳନ ଜାରି ରହିଛି।

### ଦିବ୍ୟାଙ୍ଗଙ୍କୁ ଭତ୍ତା ଟଙ୍କା ପ୍ରଦାନ କଲେ ସରପଞ୍ଚ



**ନୂଆପଡ଼ା,୨୧।୭(ମକାରୁ ବେମାଲ):** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁର ମୋହନ ସାହୁ (୫୦) ଦୀର୍ଘ ୮ ବର୍ଷ ହେବ ଅଜଣା ରୋଗରେ ବିଛଣାରେ ପଡି ରହିଛନ୍ତି। ବିଭିନ୍ନ ଡାକ୍ତରଖାନା ଯାଇ ଚିକିତ୍ସିତ ହେବା ପରେ ମଧ୍ୟ ଭଲ ହେଲା ନାହିଁ ଶେଷରେ ନିରାଶ ହୋଇ ଘରକୁ ଫେରି ଆସି ବିଛଣାରେ ପଡି ରହିଛନ୍ତି। ସେ ଚାଲିବୁଲି ପାରୁନାହାନ୍ତି। ଅନ୍ୟ କୌଣସି ସ୍ଥାନକୁ ଯିବାକୁ ହେଲେ ଅନ୍ୟର ସାହାରା ନେବାକୁ ପଡେ। ସେ ଅତି ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ସେ ଦିବ୍ୟାଙ୍ଗ ହୋଇ ମଧ୍ୟ କୌଣସି ସରକାରୀ ସୁବିଧା ପାଉ ନ ଥିଲେ। ସ୍ଥାନୀୟ ସରପଞ୍ଚ କାଳିଆ ପ୍ରଧାନ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରି ଶୁକ୍ରବାର ୭ ମାସ ଭତ୍ତା ଟଙ୍କା ଘରକୁ ଯାଇ ପ୍ରଦାନ କରିଛନ୍ତି। ଭତ୍ତା ଟଙ୍କା ପାଇବା ପରେ ମୋହନ ଖୁସିବ୍ୟକ୍ତ କରିଛନ୍ତ। ଭତ୍ତା ପ୍ରଦାନ ସମୟରେ ଶାନ୍ତିଲାଲ ମଟାରୀ, ଓଷରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଏମ୍‌ଟିଏଫ୍‌ଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କର୍ମଶାଳା

**ଖଡ଼ିଆଲ,୨୧।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଶ୍ରୀଜି ମଣ୍ଡପଠାରେ ଏମ୍‌ଟିଏଫ୍‌ଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଖଡ଼ିଆଲ ଯୁବରାଜ ଦେବେବ ସିଂଦେଓ, ପୂର୍ବତନ ନଗରପାଳ ନିମାଇଁ ତାଣ୍ଡି, କାଉନସିଲର ସୁବୀର ସିଂ ଦେଓ,ବଜରଙ୍ଗ ଭୋଇ, ସମାଜିକ କର୍ମୀ କାର୍ତ୍ତିକ ବାଗ ପ୍ରମୁଖ ଯୋଗଦେଇଥିଲେ। ଏମ୍‌ଟିଏଫ୍‌ଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଲୀପ ଦୁରିଆ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଅନେକ ଉନ୍ନତିମୂଳକ କାର୍ଯ୍ୟ କରିହେବ ବୋଲି କହିଥିଲେ। ପରେ ଟ୍ରଷ୍ଟ ଦ୍ୱାରା ମହିଳାମାନଙ୍କୁ ଛତା ବଣ୍ଟନ କରାଯାଇଥିଲା। କର୍ମଶାଳାରେ ଶହ ଶହ ମହିଳା ଏବଂ ପୁରୁଷ ଯୋଗଦାନ କରିଥିଲେ।

# ନିଦ ହଜାଇ ଦେଇଛି ମଣିଷଖିଆ ଭାଲୁ



ଗାଁ ମୁଣ୍ଡରେ ଲୋକମାନେ ଜଗି ରହିଛନ୍ତି।

**ନୂଆପଡ଼ା,୨୧।୭(ମକାରୁ ବେମାଲ)**

- ବିରୁନପଦର ଗାଁରେ ୨ଜଣଙ୍କ ମୃତ୍ୟୁ
- ୪ଜଣ ଗୁରୁତର ଆହତ

ନୂଆପଡା ଜିଲା କୋମନା ବିଜାଖମନ ଜଙ୍ଗଲ ନିକଟ ଗାଁଗୁଡିକରେ ଭାଲୁ ଆତଙ୍କରେ ଲୋକେ ଆତଙ୍କିତ। ବାପପୁଅଙ୍କୁ ଆକ୍ରମଣ ପରେ ୪ଜଣ ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିଛି ରକ୍ତମୁଖା ଭାଲୁ। ଗୋଟିଏ ଗାଁରୁ ୨ଜଣ ଘନଶ୍ୟାମ ପଟେଲ ଓ ବନ ଜଗୁଆଳି ସନ୍ତୋଷ ଡୁଣ୍ଡି ଭାଲୁ ଆକ୍ରମଣରେ ମୃତ୍ୟୁ ହୋଇଥିବା ବେଳେ ଚୈତୁ ପଟେଲ ସହ ୩ଜଣ ବନ କର୍ମଚାରୀ ଗୁରୁତର ଆହତ ହୋଇ ରାୟପୁରରେ ଚିକିତ୍ସିତ ହେଉଛନ୍ତି। ବିଜାଖମନକୁ ଲାଗି ରହିଥିବା ୮ଟି ଗାଁ ମଧ୍ୟରୁ ବିରୁନପଦର ଗାଁ ଅଧିକ ଆତଙ୍କିତ ଅଛନ୍ତି। ଭାଲୁ ଆତଙ୍କରେ ଅଞ୍ଚଳ ଶୂନଶାନ ହୋଇପଡିଛି। ଲୋକେ ଭୟରେ ବାହାକୁ ବାହାରୁ ନାହାନ୍ତି। ଜମିବାଡିକୁ ଯିବା ଦୁର କଥା ପିଲାଛୁଆଙ୍କୁ ମଧ୍ୟ ସ୍କୁଲ ଛାଡୁନାହାନ୍ତି। ବିରୁନପଦର ଅଙ୍ଗନୱାଡି କେନ୍ଦ୍ରରେ ୩୧ଜଣ ଶିଶୁ ରହିଥିବା ବେଳେ ଭାଲୁ ଆତଙ୍କ ଦିନଠାରୁ କେନ୍ଦ୍ର ପାଖର ୩/୪ଜଣ ଶିଶୁ କେନ୍ଦ୍ରକୁ ଆସୁଛନ୍ତି। ଗାଁ ପ୍ରାଥମିକ ବିଦ୍ୟାଳୟକୁ କାଁଭାଁ ପିଲା ଆସୁଥିବା ବେଳେ ବାହାରେ ପଢୁଥିବା ପିଲା ଯାଉନାହାନ୍ତି। ଦିନ ବେଳା ମଧ୍ୟ ଗାଁର ଲୋକେ ତାଟିକବାଟ ବନ୍ଦ କରି ରହୁଛନ୍ତି। ଲୋକମାନେ ଠେଙ୍ଗାବାଡି ଧରି ଗାଁ ମୁଣ୍ଡରେ ଜଗି ରହୁଛନ୍ତି। ଭାଲୁ ଆତଙ୍କ ପାଇଁ ଅଞ୍ଚଳର ସବୁ କାର୍ଯ୍ୟ ଠପ ହୋଇଯାଇଛି।

## ସେମାନଙ୍କ ମୁହଁରୁ ...



"ଭାଲୁ ଆକ୍ରମଣ ଏକ ଦୁର୍ଭାଗ୍ୟଜନକ ମୃତ୍ୟୁ। ଅକାଳରେ ଦୁଇଟି ନୀରିହ ଜୀବନ ଚାଲିଗଲା। ୪ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ବନ ବିଭାଗ ଭାଲୁକୁ ମାରି ଦେବା କଥା। ଉପରିସ୍ଥ ଅଧିକାରୀ ସହିତ କଥାବର୍ତ୍ତା ହୋଇ ଶୀଘ୍ର ବ୍ୟାବସ୍ଥା କରନ୍ତୁ।

**ପ୍ରସନ୍ନ କୁମାର ପାଢୀ, ଜିଲା ଓକିଲ ସଂଘ ସଭାପତି**



"ପ୍ରଥମ ଦିନ ଆକ୍ରମଣ ପରେ ଭାଲୁକୁ ମାରି ଦେବା ପାଇଁ ଡିଏଫଓ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଗୁହାରି କରିଥିଲ। ହେଲେ ଆମ କଥା ଶୁଣିଲେ ନାହିଁ। ଭାଲୁକୁ ମାରି ଦେଇଥିଲେ, ଏହି ଅଘଟଣ ଘଟି ନ ଥାନ୍ତା। ଭାଲୁ ଆତଙ୍କରେ ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି। ସ୍କୁଲ ପିଲାମାନଙ୍କ ଶିକ୍ଷା କ୍ଷେତ୍ରରେ ବ୍ୟାହତ ସୃଷ୍ଟି ହେଉଛି।

**ତ୍ରିନାଥ ଡୁଣ୍ଡି, ଗ୍ରାମବାସୀ**



"ଗୋଟେ ବାଟେ ପାଣିର ସମୁଦ୍ର ଅନ୍ୟ ପଟେ ଜଙ୍ଗଲ ଆମେ ଯିବୁ କେଉଁ ବାଟେ। ଗ୍ରାମବାସୀ ବିପଦରେ ରହିଲୁ ବୋଲି ପିଲା ଛୁଆମାନଙ୍କୁ ବିପଦକୁ ଠେଲି ଦେବୁ କି ବୋଲି ଭୟରେ ସ୍କୁଲକୁ ମଧ୍ୟ ଛାଡୁ ନାହୁଁ। ପରିବାର ସମସ୍ତେ ଦିନ ବେଳା ମଧ୍ୟ ତାଟି କବାଟ ବନ୍ଦ କରି ରହୁଛୁ। ଭାଲୁ କେତେବେଳେ ଘରକୁ ମଧ୍ୟ ପଶି ଆସିବ ବୋଲି ଡର ଲାଗୁଛି।

**ବିଶାଖା ପଟେଲ, ଗୃହିଣୀ**



"ଭାଲୁ ଆମ ଅଞ୍ଚଳର ନିନ୍ଦ ହଜାଇ ଦେଇଛି। ଆମେ ଦିନ, ରାତି ଏକ କରି ଦେଉଛୁ। ଖାଇବା, ଶୋଇବା ଠିକ ଭାବରେ ହୋଇ ପାରୁନାହିଁ। ଗାଁରେ କେଜଣେ କାହାକୁ ଡାକୁ ଥିଲେ କାଳେ ଭାଲୁ ଆସି ଗଲା ଭାବି ଦୌଡି ଆସୁଛୁ। ସବୁବେଳେ ହାତରେ ଠେଙ୍ଗା ବାଡି ଧରି ଗାଁ ବାହାରେ ବୁଲୁଛୁ। ଆମକୁ ବହୁତ ଭୟ ଲାଗୁଛି। ବନ ବିଭାଗ ଶୀଘ୍ର ଭାଲୁକୁ ଧରି ଅନ୍ୟତ୍ର ଘଉଡାଇ ନେଇଯାଉ।

**ଭୀମ ଡୁଣ୍ଡି, ଗ୍ରାମବାସୀ**



"ଭାଲୁ ଆକ୍ରମଣରେ ମୃତକ ଓ ଆହତଙ୍କ ପାଇଁ ବିଭାଗ ପକ୍ଷରୁ ସବୁ ସୁବିଧା କରାଯାଉଛି। ସରକାରୀ ନିୟମ ଅନୁସାରେ ଅନୁକମ୍ପା ରାଶି ଯେତେ ପାଇବାର କଥା ଆମେ ୧୦ ପ୍ରତିଶତ ନଗଦ ଆକାରେ ଦେଇଛୁ। କାଗଜାତ ଠିକ୍ ହେବା ପରେ ଚେକ ମାଧ୍ୟମରେ ପ୍ରଦାନ କରବୁ। ବନ ବିଭାଗ କର୍ମଚାରୀମାନେ ଭାଲୁର ଗତିବିଧି ଉପରେ ନଜର ରଖିଛନ୍ତି। ଆମେ ମଧ୍ୟ ସଜାଗ ହୋଇ ରହିଛୁ। ଜଙ୍ଗଲ ପାଖରେ ଥିବା ଗାଁଗୁଡ଼ିକରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି।

**ଦେବଦତ ସୁତାର,କୋମନା ବନାଞ୍ଚଳ ରେଞ୍ଜର**

### ଡେଙ୍ଗୁ ନିରାକରଣ ପାଇ ସଚେତନତା ବୈଠକ

**କୋକସରା,୨୧।୭ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଗତ କିଛି ବର୍ଷ ତଳେ ଶତାଧିକ ଲୋକେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ଏହାର ପୁନାରବୃତ୍ତି ନ ହେବା ପାଇଁ ଶୁକ୍ରବାର କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡେଙ୍ଗୁ ନିରାକରଣ ଓ ସଚେତନତା ବୈଠକ ଲଡୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କେତନ ପାତ୍ରଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଜିଲା ମ୍ୟାଲେରିଆ ପରାମର୍ଶ ଦାତା ସନ୍ତୋଷ କୁମାର ବାଗ, କୋକସରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ, ଲଡୁଗାଁ ସରପଞ୍ଚ ନକୁଳ ନାଏକ, ଲଡୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼.ରଜତ ସୌମ୍ୟ ଅନୁରାଗ, ବିପିଏମ ସୁଜିତ ସିଂ କୁମାର, ଦୁଷ୍ମନ୍ତ କୁମାର ରାଉତ, ଫାର୍ମାସିଷ୍ଟ ଧୀରେନ୍ଦ୍ର ନାଏକ ଉପସ୍ଥିତ ରହି ଡେଙ୍ଗୁ ନିରାକରଣ ଉପରେ ସଚେତନ କରିବା ସହ ଲୋକଙ୍କୁ ଡେଙ୍ଗୁ ପ୍ରତିରୋଧ ପାଇଁ ସଚେତନ କରିଥିଲେ। କର୍ମଶାଳାରେ ଲଡୁଗାଁର ବିଭିନ୍ନ ବ୍ୟବସାୟିକ ଶିକ୍ଷାନୁଷ୍ଠାନ ମାଲିକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କର୍ମଚାରୀ ଶ୍ରବଣ କୁମାର ପାଢୀ, ମଳୟ ଠାକୁର ସହଯୋଗ କରିଥିଲେ।

# ଆଣ୍ଠୁଏ ପାଣି ଭିତରେ ଯାଉଛନ୍ତି ଛାତ୍ରୀଛାତ୍ର

**କେସିଙ୍ଗା,୨୧।୭(ତୁମେଶ୍ୱର ସାହୁ)**



ମାଟିଆ ଗ୍ରାମର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ଜମିଛି।

- ମୁଖ୍ୟ ରାସ୍ତା ଉପରେ ଜମି ରହୁଛି ପାଣି
- ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବ
- ପଥରଗୁଣ୍ଡ ପକାଇବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଦେଓଗାଁ ଗ୍ରାମପଞ୍ଚାୟତ ଅଧୀନ ମାଟିଆ ଗ୍ରାମ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ବର୍ଷା ପାଣି ଜମି ରହୁଛି। ରାସ୍ତା ମରାମତି କରାଯାଉ ନ ଥିବାରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ବୃଦ୍ଧାବୃଦ୍ଧମାନେ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟାର ସମ୍ମୁଖୀନ ଭୋଗୁଛନ୍ତି। ଏ ନେଇ ଗ୍ରାମବାସୀ ଆରଡି ବିଭାଗ ଓ କେସିଙ୍ଗା ବିଡିଓଙ୍କଠାରେ ଗତ ଗୁରୁବାର ଅଭିଯୋଗ କରିଛନ୍ତି। ମାଟିଆ ଗ୍ରାମ ଭିତରେ ଦେଇ ଗେଓଗାଁଠାରୁ ଗାଇଦର ଯାଏ ୯ କି.ମି. ରାସ୍ତା ଆରଡି ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ କରାଯାଇଛି। ରାସ୍ତା ନିର୍ମାଣ ସମୟରେ ଠିକାଦାର କର୍ମଚାରୀମାନେ ଠିକ ଭାବେ ମାଟି ଫିଲିଙ୍ଗ କରି ନ ଥିବାରୁ ଗ୍ରାମ ମଝିରେ ପ୍ରାୟ ୨୦୦ଫୁଟ ଯାଏ ବର୍ଷା ପାଣି ଜମି ରହିଛି। ବର୍ଷା ଋତୁରେ ଉକ୍ତ ରାସ୍ତାରେ ପାଣି ଜମି ରହିବା ଦ୍ୱାରା ଗ୍ରାମରେ ମଶା, ଡେଙ୍ଗୁ ହେବାର ବହୁ ସମ୍ଭାବନା ରହୁଛି। ସ୍କୁଲ ଯିବା ସମୟରେ ଛାତ୍ରୀଛାତ୍ରମାନେ ଆଣ୍ଠୁଏ କାଦୁଅ ପାଣିରେ ଯାଉଛନ୍ତି। ଆରଡବ୍ଲୁଏସଏସ ବିଭାଗ ପକ୍ଷରୁ ପାଇପ ଲାଇନ ସେହି ରାସ୍ତା ଦେଇ ଯାଇଛି। ଗ୍ରାମର ମଝିରେ ପାଇପ ଲାଇନର ଗାର୍ଡ଼ୱାଲ ମଧ କରିଥିବାରୁ ଖାଲ ହୋଇଛି। ସେଥିପାଇଁ ବର୍ଷା ପାଣି ଆଣ୍ଠୁଏ ଜମିରହୁଛି। ସ୍କୁଲ ଯିବା ସମୟରେ ବହୁବାର ଛାତ୍ରୀଛାତ୍ରମାନେ କାଦୁଅରେ ଖସିପଡି ଯାଉଥିବା ଅଭିଭାବକ ଧନେଶ୍ୱର ଗୌଡ଼, ମହେଶ୍ୱର ମାଝି, ଶିକ୍ଷା କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଏ ନେଇ ଆରଡି ବିଭାଗ ଓ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ମଧ କେହି ବି କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ, ଆରଡି ବିଭାଗ ଯନ୍ତ୍ରୀ, ବିଡିଓ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅଭିଭାବକ, ଶିକ୍ଷା କମିଟି ସଦସ୍ୟ, ପ୍ରଧାନ ଶିକ୍ଷକ ଲିଖିତ ଅଭିଯୋଗ ସତ୍ତ୍ୱେ ମଧ କୌଣସି ସୁଫଳ ମିଳୁ ନାହିଁ। ଏ ସଂକ୍ରାନ୍ତରେ ଆରଡି ବିଭାଗ ଯନ୍ତ୍ରୀ ଶୁଖିଶ୍ୟାମ ନାଏକଙ୍କୁ ପଚାରିବାରୁ ପାଣି ଶୁଖିଲେ ପଥରଗୁଣ୍ଡ ଦେଇ ମରାମତି କରାଯିବ ବୋଲି କହିଛନ୍ତି।

### ୪ ସପ୍ତାହ ମଧରେ ରିର୍ପୋଟ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ବିଦ୍ୟୁତ ସଂସ୍ପର୍ଶରେ ନାବାଳକ ଗୁରୁତର ଘଟଣା**

**ଭବାନୀପାଟଣା,୨୧।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କୁମୁଡାଶିଲ ସ୍କୁଲ ଛାତ ଉପରେ ଖେଳୁଥିବା ସମୟରେ ରୋହିତ ରାଉତ ନାମକ ଜଣେ ଛାତ୍ର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏହି ଘଟଣାରେ ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁବାର ଓଡିଶା ସରକାରଙ୍କ ଶକ୍ତିବିଭାଗ ସଚିବଙ୍କୁ ନୋଟିସ ଜାରି କରି ୫୦ ହଜାର ଟଙ୍କା କ୍ଷତିପୂରଣ କାହିଁକି ଦିଆଯିବ ନାହିଁ ସେ ନେଇ କୈଫୟତ ତଲବ କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ କୈଫୟତ ଦାଖଲ କରିବାକୁ ଶକ୍ତି ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୨୨ ଜୁଲାଇ ୨୮ରେ ରୋହିତ ସ୍କୁଲର ଛାତ ଉପରେ ଖେଳୁଥିବା ସମୟରେ ଅଳ୍ପ ଉଚ୍ଚରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏ ନେଇ ଅନ୍ତୋଦୟ ଅନୁଷ୍ଠାନର ଦିଲୀପ କୁମାର ଦାସ ଜାତୀୟ ମାନବିଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ସହ ଗୁରୁତର ଥିବା ରୋହତଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି କରିଥିଲେ।

### ଭଙ୍ଗାଘରେ ରହୁଛନ୍ତି ପଙ୍କଜଙ୍କ ପରିବାର



ଭଙ୍ଗା ଘରେ ପଙ୍କଜଙ୍କ ପରିବାର।

**ଖଡ଼ିଆଲ,୨୧।୭(ସୁଜିତ୍ କୁମାର ପ୍ରଧାନ)**

**ପଙ୍କଜଙ୍କୁ ମିଳୁନି ବାର୍ଦ୍ଧକ ଭତ୍ତା**

ଭଙ୍ଗା ଦଦରା ଚାଳ ଘରଟିଏ। ଘର ଉପରେ ପଲିଥିନ ଢଙ୍କା ହୋଇଛି। କାଳେ ପଲିଥିନ ଉଡିଯିବ ବୋଲି ଇଟା ପଥର ଲଦା ହୋଇଛି। ତଥାପି ବର୍ଷା ପବନକୁ ଡର। ଏମିତି ଏକ ଘରେ ରହୁଛନ୍ତି ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସରଧାପୁର ଗ୍ରାମପଞ୍ଚାୟତ ଅଞ୍ଚଳପୁର ଗ୍ରାମର ପଙ୍କଜ ଜଗତ ଓ ତାଙ୍କ ଦୁଇ ପୁଅଝିଅ। ରୋଗରେ ପଡ଼ି କିଛିବର୍ଷ ତଳେ ସ୍ତ୍ରୀଙ୍କ ଦେହାନ୍ତ ହୋଇଯାଇଛି। ଝିଅ ଜିରାମଣି ଦିବ୍ୟାଙ୍ଗ। ଅଠର ବର୍ଷ ହେଲାଣି ଶାରିରୀକ ବିକାଶ ହେଉନାହିଁ। ପଙ୍କଜଙ୍କ ପୂର୍ବରୁ ଏକ ମାଟିଘର ଥିଲା। କିନ୍ତୁ ଏବେ ତାହା ଆଉ ନାହିଁ। ଘର ନ ଥିବାରୁ ପାଞ୍ଚ ବର୍ଷ ଧରି ଚାଳଛପର ଘରେ ସପରିବାର ରହି ଆସୁଛନ୍ତି। ଆଜିଯାଏ ଆବାସ ଯୋଜନାରେ ଘରଟିଏ ପାଇନାହାନ୍ତି। ଖରା ଓ ଶୀତ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଦେଖି ଜୀବନ ଅତିବାହିତ ହୋଇଯାଏ। ହେଲେ ବର୍ଷା ଋତୁରେ ସମସ୍ତେ କାଳେ ଘର ଭାଙ୍ଗିଯିବ ବୋଲି ଅନ୍ୟ ଲୋକଙ୍କ ଦାଣ୍ଡ ପିଣ୍ଡାରେ ଆଶ୍ରୟ ନିଅନ୍ତି। ଏଥି ପାଇଁ ଅନେକ ଥର ସରପଞ୍ଚଙ୍କଠାରୁ ନେଇ ପ୍ରଶାସନକୁ ଅବଗତ କରିଥିଲେ ହେଁ କେହି କର୍ଣ୍ଣପାତ କରୁ ନ ଥିବା ଅତିଦୁଃଖର ସହ ପଙ୍କଜ କହିଛନ୍ତି। କେବଳ ଘର ନୁହଁ, ପଙ୍କଜଙ୍କୁ ୬୩ ବର୍ଷ ହୋଇଥିଲେ ମଧ ବାର୍ଦ୍ଧକ ଭତ୍ତା ମିଳୁନି। ଝିଅକୁ ମିଳୁଥିବା ଦିବ୍ୟାଙ୍ଗ ଭତ୍ତା ଓ ୩ଜଣଙ୍କୁ ମିଳୁଥିବା ପନ୍ଦର କିଲୋଗ୍ରାମ ଚାଉଳ ହିଁ ଭରସା। ପଙ୍କଜ କାମ କରିବାକୁ ଯାଆନ୍ତି, ଯେଉଁଦିନ କାମ ମିଳେନି ଭୋକରେ ରହିବାକୁ ପଡେ। ତାଙ୍କୁ ଭତ୍ତା ସହ ଘର ଖଣ୍ଡେ ଓ ଅନ୍ତ୍ୟୋଦୟ କାର୍ଡ ଦେବା ପାଇଁ ସେ ନିବେଦନ କରୁଛନ୍ତି। ଏହି ପରିବାରର ସମସ୍ୟା ନେଇ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଶୀଘ୍ର ସବୁପ୍ରକାର ସହଯୋଗ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।

# ଜମାକାରୀ ଶିକ୍ଷା, ସଚେତନତା କର୍ମଶାଳା

**କର୍ଲାମୁଣ୍ଡା,୨୧।୭(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡୋବରାସ୍ଥିତ ରାଜୀବ ଗାନ୍ଧି ସେବାକେନ୍ଦ୍ରଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସହାୟତା ତଥା ସାଧନ ନୂଆଦିଲ୍ଲୀ ଓ ସମ୍ପର୍କ ଫିନ ସର୍ଭିସେସ ଭୁବନେଶ୍ୱରର ମିଳିତ ସହଯୋଗରେ ଜମାକାରୀ ଶିକ୍ଷା ଓ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ମିଶ୍ର, ୟୁଜିବି ଶାଖା ପରିଚାଳକ ଅଶ୍ୱିନୀ କୁମାର ଭଦ୍ରା, ମିଶନ ଶକ୍ତି ବ୍ଲକ ସଂଯୋଜକ ବିପିନ ବାରିକ ଓ ମହାଶକ୍ତି ଫାଉଣ୍ଡେଶନ ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରୁ ପାଇଥିବା ଋଣର ଉଚିତ୍ ବିନିଯୋଗ, ବ୍ୟବସାୟ ପାଇଁ ଆବଶ୍ୟକତା ଅନୁଯାୟୀ ଋଣ ଦରଖାସ୍ତ, ରୋଜଗାର ଭିତ୍ତିକ ବ୍ୟବସାୟର ଆୟରୁ ଋଣ କିସ୍ତି ଫେରସ୍ତ ତଥା ଅତ୍ୟଧିକ ଋଣ ଭାରଗ୍ରସ୍ତ ନହେବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଡିଜିଟାଲ ମାଧ୍ୟମରେ ଟଙ୍କା ଆଦାନ ପ୍ରଦାନ କରୁଥିଲେ ଆବଶ୍ୟକ ସତର୍କତାର ବିଭିନ୍ନ ଦିଗ ବିଷୟରେ ସମ୍ବଳ ବ୍ୟକ୍ତିମାନେ ଅଂଶ ଗ୍ରହଣ କାରୀମାନଙ୍କୁ ବୁଝାଇଥିଲେ। ବିଭିନ୍ନ ଅଜଣା ନମ୍ବରରୁ ଆସୁଥିବା ଫୋନରେ ନିଜର କୌଣସି ଗୋପନୀୟ ତଥ୍ୟ ଯଥା ବ୍ୟାଙ୍କ ଖାତା ନମ୍ବର, ଓଟିପି, ଏଟିଏମ କାର୍ଡ ନମ୍ବର, ପାସ କୋର୍ଡ, ଆଧାର କାର୍ଡ, ପାନ କାର୍ଡ ଇତ୍ୟାଦି ନମ୍ବର ବିଷୟରେ କୌଣସି ତଥ୍ୟ ନ ଦେବା ବିଷୟରେ ସତର୍କ କରାଯାଇଥିଲା। ପରିବାରର ବାର୍ଷିକ ଆୟ ଓ ବ୍ୟୟ ଅଟକଳ ଯୋଜନା କରି ଆୟ ଅନୁଯାୟୀ ବ୍ୟୟ କଲେ ହିଁ ପରିବାରର ଆର୍ଥିକ ସ୍ଥିତି ସୁଦୃଢ ହୋଇ ପାରିବ। ଭବିଷ୍ୟତରେ ହେବାକୁ ଥିବା ବିଭିନ୍ନ ଖର୍ଚ୍ଚକୁ ଆକଳନ କରି ବର୍ଷ ଆରମ୍ଭରୁ ସେହି ବ୍ୟୟ ପାଇଁ ବ୍ୟାଙ୍କରେ ସଞ୍ଚୟ ରଖିବା ଉପରେ ତାଲିମ ଦାତା ଗୁରୁତ୍ୱ ଆରୋପ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ସାହୁ, ବୀପିନ ବାରିକ, ସୁଶ୍ରୀ ମମିତା ପୂଝାରୀ, ପ୍ରଦୀପ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବିତା ସ୍ୱାଇଁ, ଶମ୍ଭୁ ସାହୁ, ବିଜୟ ସାହୁ ଓ ଗ୍ରାମ ପଞ୍ଚାୟତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କର୍ମଶାଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀରୁ ୭୮ଜଣ ସଦସ୍ୟା ଅଂଶ ଗ୍ରହଣ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଂଶଗ୍ରହଣ କାରୀ।

# ୨୦୨୪ ନିର୍ବାଚନ ପୂର୍ବରୁ ଦାବି ପୂରଣ କର

**ନୂଆପଡ଼ା,୨୧।୭(ମକାରୁ ବେମାଲ)**



ସମ୍ମିଳନୀରେ ଉପସ୍ଥିତ କର୍ମଚାରୀ ବୃନ୍ଦ।

**ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସମ୍ମିଳନୀ**

- ଦାବି ପୂରଣ ନ ହେଲେ ଅସହଯୋଗ ଆନ୍ଦୋଳନ

ନୂଆପଡା ଜିଲା ୫ଟି ବ୍ଲକର ୧୩୧ ପଞ୍ଚାୟତରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ସମ୍ମିଳନୀ କୋମନା ବ୍ଲକ କୋନାବୁରା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନିକୁଞ୍ଜ ବିହାରୀ ମାଝିଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଦିଲୀପ ଶବର, ଭକ୍ତ ମାଝି, କମଳ ଲୋଚନ ମାଝି, ପ୍ରତାପ ମାଝି, ଗଙ୍ଗାଧର ମାଝି, ଯୋଗେନ୍ଦ୍ର ବେହେରା, ଲୁକେଶ୍ୱର ସୁନାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପଞ୍ଚୟତରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ୮ଦଫା ସମ୍ବଳିତ ଦାବି ୨୦୨୪ ନିର୍ବାଚନ ପୂର୍ବରୁ ସରକାର ପୂରଣ ନ କଲେ ଅସହଯୋଗ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ଥାୟୀ କରାଯାଇ ନିୟମିତ ଦରମା ପ୍ରଦାନ କରାଯାଉ, ସମାନ କାମକୁ ସମାନ ଦରମା, ରାଜ୍ୟ ବଜେଟରେ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖାଯାଉ, ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପଦୋନ୍ନତି ଦିଆଯାଉ, ଶ୍ରମ ନିୟୋଜନ ବିଭାଗ ଦ୍ୱାରା ଘୋଷଣା କରାଯାଇଥିବା ସର୍ବନିମ୍ନ ମଜୁରୀ ୩୩ରୁ କମ ହେଉଥିବା ପାରିଶ୍ରମିକ ପିଆର ବିଭାଗରୁ ଏକ ଷ୍ଟାଡିଙ୍ଗ ଅର୍ଡର ପ୍ରତ୍ୟେକ ପଞ୍ଚାୟତକୁ ପଠାଯାଉ, ଗତ ଦିନରେ ଯେଭଳି ଗ୍ରାମପଞ୍ଚାୟତ ସମ୍ପାଦକମାନଙ୍କୁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କ୍ଷମତା କମିଟି ଅର୍ଥ ଓ ପଞ୍ଚାୟତିରାଜ ଅତିରିକ୍ତ ଶାସନ ସଚିବଙ୍କୁ ନେଇ ସରକାରୀ ଅନିଦାନ ଯୋଗାଇ ଦେବା ବ୍ୟବସ୍ଥା ପାଣ୍ଠି ଇନ-ଡେ କର୍ମଚାରୀ ସହାୟତା କରିଥିଲେ। ସେହିଭଳି ଏହି କର୍ମଚାରୀମାନଙ୍କୁ ମଧ୍ୟ ପଞ୍ଚାୟତିରାଜ ବିଭାଗରେ କମିଟି ବ୍ୟବସ୍ଥା କରାଯାଇ ସଭାରେ ଉପସ୍ଥାପନ କରି ଓଡିଶା ସରକାର ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ପଞ୍ଚାୟତିରାଜ ସଚିବ, ୫-ଟି ସଚିବ ଏହି ସମସ୍ତ ଦାବି ଉପରେ ବିଚାର କରି ଜାରି କରିବା ପାଇଁ ଜିଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଦିନରାତି ପରିଶ୍ରମ କରୁଥିଲେ ମଧ୍ୟ ସରକାର ଅଣଦେଖା କରୁଥିବାରୁ ୨୦୨୪ ନିର୍ବାଚନରେ କୌଣସି କ୍ଷେତ୍ରରେ ସରକାରଙ୍କୁ ସହଯୋଗ କରାଯିବନି ବୋଲି ଚେତାଇ ଦେଇଛନ୍ତି।

## ୨ ଛେଳି ଚୋର ଗିରଫ

ପଦ୍ମପୁର (ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ବୁଢେନ ଥାନା ଅଧୀନ ଦହିଗାଁର କାର୍ତ୍ତିକ ବରିହାଙ୍କ ଛେଳି ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖୁଣ୍ଟପାଲି ଗ୍ରାମର ଉଜ୍ଜ୍ୱଳ ନାଗ ଓ ଫକୀର ଓରଫ୍ ପିତବାସ ଦାଶ। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ଚୋରିରେ ବ୍ୟବହୃତ ଏକ କାର୍ (ନଂ.ଓଡି୦୨ଜି/୯୯୫୦), ନଗଦ ୬,୩୩୦ ଟଙ୍କା, ଲୁହା ରଡ, ବାଡିକୁ ଜବତ କରିଛି । ଏ ନେଇ ଏକ ମାମଲା (ନଂ.୮୪/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### କ୍ୟାନ୍ସର ପୀଡ଼ିତଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

ପଦ୍ମପୁର,୨୧।୭ (ପ୍ରଦୀପ୍ତ ଦାଶ): ପାଇକମାଲ ବ୍ଲକ ଲଖମରା ଗାଁର ପ୍ରମୋଦ କୁମାର ସାହୁ କ୍ୟାନସରରେ ପୀଡିତ ହୋଇ ଆର୍ଥିକ ଦୁରବସ୍ଥା ଓ ଦୁର୍ବିସହ ଜୀବନ ବିତାଉଥିବା ଖବର ଗତ ୨ତାରିଖରେ ପ୍ରକାଶ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସୌମ୍ୟରଞ୍ଜନ ଦାସ ଓ ମୋବାଇଲ ସ୍ୱାସ୍ଥ୍ୟ ଟିମ୍‌ର ଡ. ସୁଦୀପ୍ତ କୁମାର ସାହୁ ପ୍ରମୋଦଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ପ୍ରମୋଦଙ୍କ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ ରିପୋର୍ଟ ଓ ପାରିପାର୍ଶ୍ୱିକ ସ୍ଥିତି ପରଖି ଆର୍ଥିକ ସହାୟତା ଆବଶ୍ୟକ ରହିଛି ବୋଲି ସେମାନେ ହୃଦୟଙ୍ଗମ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏ ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରଦାନ କରାଯିବ ବୋଲି ଡ. ସାହୁ ସୂଚନା ଦେଇଛନ୍ତି। ପ୍ରମୋଦ ତାଙ୍କ ଚିକିତ୍ସା ସହ ପୁଅ ପ୍ରିୟାଂଶୁ ଓ ଝିଅ ପ୍ରିୟଙ୍କାଙ୍କ ପାଠପଢ଼ା ପାଇଁ ଅର୍ଥ ଆବଶ୍ୟକ ଥିବାରୁ ସହଯୋଗ ପାଇଁ ଅନୁରୋଧ କରିଥିଲେ।

### ପଦ୍ମପୁର ମୁଖ୍ୟ ରାସ୍ତା ଖାଲଖମାରେ ଭର୍ତ୍ତି

ପଦ୍ମପୁର,୨୧।୭ (ପ୍ରଦୀପ୍ତ ଦାଶ): ପଦ୍ମପୁର ସହରର ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତା ଉପରେ ଖାଲଖମା ଯୋଗୁ ସେଠାରେ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ଫଳରେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏହା ସହରର ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଶତାଧିକ ଲୋକ ଏହି ରାସ୍ତାଦେଇ ଯା' ଆସ କରିଥାନ୍ତି। ଖାଲଖମା ମରାମତି କରା ନ ଗଲେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି।

### ଇନରହ୍ୱିଲ କ୍ଲବର ଶପଥ ଗ୍ରହଣ ସମାରୋହ

ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନରହ୍ୱିଲ କ୍ଲବର ୨୦୨୩-୨୪ ବର୍ଷ ପାଇଁ ମନୋନୀତ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ମମତା ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ଲବର ଉଦ୍ଦେଶ୍ୟ ନେଇ ସେ ସଦସ୍ୟାଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାନେତ୍ରୀ ସୁମନ ଅଗ୍ରୱାଲ, ଉପସଭାନେତ୍ରୀ ବୁଲବୁଲ୍ ଜିନ୍ଦଲ, ସମ୍ପାଦିକା ଅସୀମା ବିଷୋୟୀ, କୋଷାଧ୍ୟକ୍ଷା ଭାଗ୍ୟସିନୀ ପାତ୍ର, ଏଡିଟର ରସିକା ସିଂଘଲ ପ୍ରମୁଖ ମଞ୍ଚାସୀନ ଥିଲେ।


ମୁଖ୍ୟ ଅତିଥିଙ୍କ ଗହଣରେ କର୍ମକର୍ତ୍ତାବୃନ୍ଦ ।

# ପୁରୁଣା ରାଗ, କମେଣ୍ଟମରାରୁ ହତ୍ୟା

■ ରାଜୁ ହତ୍ୟା ମାମଲାର ପର୍ଦ୍ଦାଫାଶ, ୨ ଗିରଫ
■ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଜବତ

ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ବୁଧବାର ବିଳମ୍ବିତ ରାତିରେ ଘଟିଥିବା ରାଜୁ ଓରଫ ରାକେଶ ପ୍ରଧାନ(୧୯) ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିବାସୀ ବଣ୍ଟି ଭୁଏ(୧୯) ଏବଂ କେଶବ ନଗର ନିବାସୀ କାର୍ତ୍ତିକ ବାଗ(୨୦)। ଶୁକ୍ରବାର ସକାଳେ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରିଛି। ସେହିପରି ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଏବଂ ୪ଟି ମୋବାଇଲକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେଠାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି । ମୃତ ରାଜୁଙ୍କ ମା' ଭୂମିସୁତାଙ୍କ ଏତଲା କ୍ରମେ ବରଗଡ଼ ଟାଉନ ଥାନାରେ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଦଫା ୩୦୨ରେ ଏକ ମାମଲା (ନଂ.୪୮୦/୨୩) ରୁଜୁ ହୋଇଛି। ପୁରୁଣା ରାଗ ଏବଂ କମେଣ୍ଟମରାକୁ କେନ୍ଦ୍ର କରି ଏହି


ଘଟଣାସ୍ଥଳରେ ପୋଲିସ ସିନ୍ ରିକ୍ରିଏଶନ କରୁଛି ।

ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି।

ବରଗଡ଼ ଟାଉନ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ଗତ ବୁଧବାର ରାତି ପ୍ରାୟ ୮ଟାରେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଲିବନ୍ଧ ପଡ଼ା ନିବାସୀ ରାଜୁ ରାତ୍ରିଭୋଜନ ସାରି ଘରୁ ବାହାରିଥିଲେ ଏବଂ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ସତ୍ତ୍ୱେ ତାଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଅନ୍ୟପଟେ ସ୍ଥାନୀୟ ୱାର୍ଡ ନଂ-୧ ମାଲପଡ଼ା ଭୁର୍ସୁନବନ୍ଧ ନିକଟ ଏକ ନିର୍ମାଣାଧୀନ ଘର ସମ୍ମୁଖରେ ଗୁରୁବାର ରାଜୁଙ୍କ ମୃତଦେହ ପଡ଼ିଥିବା ଦେଖି ଲୋକେ ରାଜୁଙ୍କ ମା'ଙ୍କୁ ଜଣାଇଥିଲେ। ଏ ନେଇ ସୂଚନା ପାଇବା ପରେ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହିତ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଛୁରି (କଟରା) ଏବଂ ମୋବାଇଲ ଫୋନ ଜବତ କରାଯାଇଥିଲା। ସନ୍ଧାନୀ କୁକୁରର ଗତିବିଧି, ପୂର୍ବ ଶତ୍ରୁତାକୁ ଆଧାର କରି ପୋଲିସ ତଦନ୍ତ କରିଥିଲା ଏବଂ ଉକ୍ତ ୨ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଜେରାବେଳେ ରାଜୁଙ୍କୁ ସେମାନେ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି ।

ଅତିରିକ୍ତ ଏସ୍‌ପି ମହାନ୍ତି ସୂଚନା ଦେଇ ଆହୁରି କହିଛନ୍ତି, ଗତ କିଛି ମାସ ତଳେ ରାଜୁ ଅଭିଯୁକ୍ତ କାର୍ତ୍ତିକଙ୍କୁ କୌଣସି କାରଣକୁ ନେଇ ଚାପୁଡା ମାରିଥିଲେ। ସେହିପରି କାର୍ତ୍ତିକଙ୍କ ସ୍ତ୍ରୀଙ୍କୁ ମଧ୍ୟ ବାରମ୍ବାର ସେ କମେଣ୍ଟ ମାରୁଥିଲେ। କମେଣ୍ଟ ନ ମାରିବା ପାଇଁ କାର୍ତ୍ତିକ ଅନେକଥର ରାଜୁଙ୍କୁ କହି ଆସୁଥିଲେ। ଏହାସତ୍ତ୍ୱେ ସେଥିରୁ ସେ ନିବୃତ୍ତ ନ ରହିବାରୁ ଯୋଜନାବଦ୍ଧ ଭାବେ ଅଭିଯୁକ୍ତମାନେ ରାଜୁଙ୍କୁ ହତ୍ୟା କରିଥିବା ନେଇ ବୟାନ ଦେଇଥିବା ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି। ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସର ପରେ ମିଳୁନି ପେନ୍‌ସନ ସୁବିଧା

ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)

ରାଜ୍ୟ ସରକାରଙ୍କ ଅଧୀନରେ ଚାଲିଥିବା ବ୍ଲକ ଗ୍ରାଣ୍ଟ(ନ୍ୟୁ ଏଡେଡ୍) ହାଇସ୍କୁଲରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅନ୍ୟ କର୍ମଚାରୀଙ୍କୁ ପେନସନ ସୁବିଧାରୁ ବଞ୍ଚିତ କରାଯାଇଛି । ଏଭଳି ଅଭିଯୋଗ ନେଇ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ରାଜ୍ୟର ବିଭିନ୍ନ ବ୍ଲକ ଗ୍ରାଣ୍ଟ (ନ୍ୟୁ ଏଡେଡ୍) ହାଇସ୍କୁଲରେ କାର୍ଯ୍ୟ କରି ୫ହଜାରରୁ ଅଧିକ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଅବସର ଗ୍ରହଣ କରିସାରିଛନ୍ତି। କିନ୍ତୁ ସେମାନଙ୍କୁ ପେନସନ ଗ୍ରାଚ୍ୟୁଇଟି ଆଦି ସୁବିଧା ମିଳୁନି। ସେହିପରି ବାର୍ଦ୍ଧକ୍ୟ ଭତ୍ତା, ବିଜୁ ସ୍ୱାସ୍ଥ୍ୟକାର୍ଡ଼, ରାଶନ କାର୍ଡ, ମଧୁବାବୁ ପେନସନ ଯୋଜନା, ବିଜୁ ପକ୍କାଘର, କାଳିଆ ଯୋଜନା ଆଦିରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉନାହିଁ। ଏଭଳିସ୍ଥଳେ ଚାକିରିରୁ ଅବସର ପରେ ପରିବାର ପ୍ରତିପୋଷଣ କାଠିକର ପାଠ ହୋଇ ପଡୁଥିବା ଅଭିଯୋଗ ହୋଇଛି। ଫଳରେ ସେମାନଙ୍କୁ ପେନସନ ଗ୍ରାଚୁଇଟି ସୁବିଧା ଯୋଗାଇ ଦେବା ପାଇଁ ଦାବି ହୋଇଛି। ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି । ସଂଘର ସଭାପତି ବିଦ୍ୟାଧର ଦାଶ, ମାନଭଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ମାରକପତ୍ର ପ୍ରଦାନ କରିଥିଲେ।


ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

# ଭୂମିହୀନଙ୍କୁ ଜମି ଦାବିରେ ତହସିଲଦାରଙ୍କୁ ଫେରାଦ

ବରପାଲି,୨୧।୭(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ଏନଏସି ଅଧୀନ ୱାର୍ଡ ନଂ. ୩ ଜଗନ୍ନାଥ ନଗରର ବହୁ ଭୂମିହୀନ ପରିବାର ରାସ୍ତାକଡ଼ରେ ଝୁପୁଡି କରି ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଆସୁଛନ୍ତି। ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଜାଗା ମିଶନ ଅନୁସାରେ ଏନ୍‌ଏସି ପକ୍ଷରୁ ଯୋଗ୍ୟତା ପ୍ରମାଣପତ୍ର ଦିଆଯାଇଛି। ହେଲେ ଏହି ବସ୍ତିର ଲୋକେ ଆଜି ପର୍ଯ୍ୟନ୍ତ ଜମି ପାଇନାହାନ୍ତି। ତେଣୁ ତୁରନ୍ତ ସେମାନଙ୍କୁ ଜାଗା ମିଶନରେ ଅନ୍ତର୍ଭୁକ୍ତ କରି ଜମି ପ୍ରଦାନ କରିବା ପାଇଁ ଶୁକ୍ରବାର ଶତାଧିକ ମହିଳାପୁରୁଷ ତହସିଲଦାର ରୁକ୍ମଣ ମେହେରଙ୍କୁ ଭେଟି ଫେରାଦ ହେବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିଶୀଘ୍ର ଏହାର ସମାଧାନ କରାଯିବ ବୋଲି ତହସିଲଦାର ମେହେର ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ଭୂମିହୀନ ପରିବାର ଲୋକେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ବାଳକ ଉଚ୍ଚବିଦ୍ୟାଳୟରେ ପୋଷାକ ବଣ୍ଟନ

ବରପାଲି,୨୧।୭(ଚିତ୍ତରଞ୍ଜନ ସାହୁ)

ବରପାଲି ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବରପାଲି ନଗରପାଳ ଦିନେଶ ଗହୀର ମୁଖ୍ୟ ଅତିଥି, ମନ୍ତ୍ରୀଙ୍କ ପ୍ରତିନିଧି ଟିକାୟତ ମହନ୍ତମ, ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ଆଇସିଆଇସି ବ୍ୟାଙ୍କ ଶାଖା ପରିଚାଳକ ବିକାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ସରକାରଙ୍କ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷକ ଜୟପ୍ରକାଶ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅମୃତ ସରୋବର ଯୋଜନାରେ ଅନିୟମିତତା

ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ଗ୍ରାମରେ ଅମୃତ ସରୋବର ଯୋଜନାରେ ପୋଖରୀ ଉନ୍ନତୀକରଣରେ ଅନିୟମିତତା ହୋଇଛି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଭାଜପା ନେତା ଅବନୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବରଗଡ଼ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କୁ ଫେରାଦ ହୋଇଥିଲେ। ସେମାନେ ବିଡ଼ିଓ ମେହେରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଅନିୟମିତତାର ତଦନ୍ତ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, ସରସରା ଗ୍ରାମକୁ ଅମୃତ ସରୋବର ଯୋଜନାରେ ଅନୁଦାନ ମିଳିଛି। ତେବେ ଗ୍ରାମରେ ଏକ ବଡ଼ ପୋଖରୀ ଥିବାବେଳେ ଅନ୍ୟ ଏକ ଛୋଟ ପୋଖରୀରେ ସେହି ଅନୁଦାନ ରାଶି ବିନିଯୋଗ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଏମଜିଏନଆଇଇଜିଏସ୍ ଅନୁଯାୟୀ ଶ୍ରମିକଙ୍କ ଦ୍ୱାରା ସେହି କାମ କରିବା ବଦଳରେ ମେଶିନ ବ୍ୟବହାର କରାଯାଉଥିବା ସ୍ମାରକପତ୍ରରେ ଉଲ୍ଲେଖ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ସୁନିଲ ସାହୁ, ଅନ୍ତର୍ଯାମୀ ଭୋଇ, ଅନିଲ ଭୋଇ, ସାନନ୍ଦ ଭୋଇ ପ୍ରମୁଖ ଦାବି କରିଛନ୍ତି।


ଅନିୟମିତତା ଅଭିଯୋଗ ନେଇ ବିଡ଼ିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# 'ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦିଅ'

ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏପରିକି ସମ୍ବିଧାନ ପ୍ରଦତ୍ତ ୨୭ ପ୍ରତିଶତ ସଂରକ୍ଷଣରୁ ମଧ୍ୟ ବଞ୍ଚିତ କରାଯାଇଛି। ଏଭଳି ଅଭିଯୋଗ କରି ଶୁକ୍ରବାର ସ୍ଥାନୀୟ ଓବିସି ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଓବିସି ବର୍ଗର ଲୋକଙ୍କୁ ଶିକ୍ଷା, ଚାକିରି, ପବ୍ଲିକ, ପ୍ରାଇଭେଟ୍ ସେକ୍ଟର, କିମ୍ବା ସରକାରୀ କ୍ଷେତ୍ରରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଚାକିରିରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ


ଓବିସି ସୁରକ୍ଷା ମଞ୍ଚଠାରୁ ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ମିଳୁନାହିଁ। ଅପରପକ୍ଷେ ୧୯୯୦ରେ ମଣ୍ଡଳ କମିଶନଙ୍କ ସୁପାରିଶକ୍ରମେ ଏବଂ ୯୩ତମ ସଂଶୋଧନ ଜରିଆରେ ଏହି ସଂରକ୍ଷଣ ଭାରତ ସରକାର ଦେଇଛନ୍ତି। ଦେଶରେ ପ୍ରାୟ ୫୨ପ୍ରତିଶତ ଓବିସି ବର୍ଗର ଲୋକ ଥିବାବେଳେ ୧୯୯୨ରେ ଓବିସିମାନଙ୍କ ପାଇଁ କେନ୍ଦ୍ରୀୟ ସଂସ୍ଥା ଏବଂ ୨୦୦୬ରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସଂରକ୍ଷଣ ଲାଗୁ ହେଲା ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସେହିପରି ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ନିକୋବର, କର୍ଣାଟକ, ବିହାର, କେରଳ, ପଣ୍ଡିଚେରୀ, ସିକିମ୍, ତେଲଙ୍ଗାନା ଆଦି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଓବିସିମାନଙ୍କୁ ୨୭ ପ୍ରତିଶତରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା ରହିଛି ।

ଏଭଳି ସ୍ଥଳେ ଓବିସି ବର୍ଗରେ ରାଜ୍ୟରେ ଚାଷୀ, ମଜୁରିଆ ଶ୍ରେଣୀର ଲୋକ ଥିବାବେଳେ ସେମାନଙ୍କୁ ସାମ୍ବିଧାନିକ ସଂରକ୍ଷଣ ନ ମିଳିବା ପରିତାପର ବିଷୟ ବୋଲି ପ୍ରକାଶ କରି ଓବିସି ସୁରକ୍ଷା ମଞ୍ଚ ଉଦ୍‌ବେଗ ପ୍ରକାଶ କରିଛି। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ ଅନୁଷ୍ଠାନ ଆଦିରେ ଛାତ୍ରବୃତ୍ତି, ଚାକିରି, ପଦୋନ୍ନତି ସବୁକ୍ଷେତ୍ରରେ ଓବିସିମାନଙ୍କୁ ୨୭ପ୍ରତିଶତ ସଂରକ୍ଷଣ ଦେବାକୁ ଦାବି ହୋଇଛି । ଦାବି ପୂରଣ ନ ହେଲେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଓବିସି ସୁରକ୍ଷା ମଞ୍ଚର ଷଡ଼ାନନ ଭୋଇ, ବୈଷ୍ଣବ ଚରଣ ତ୍ୟାଗୀ, ପଦ୍ମଲୋଚନ ସାହୁ, ମୋହନ ଭୋଇ, ଗୋପାଳ ପଧାନ, ସାକେତ ଶ୍ରୀଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ହିତାଧିକାରୀଙ୍କୁ ମିଳିଲା ଭତ୍ତା

ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ କଟାପାଲି ପଞ୍ଚାୟତରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରମେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ଆଚାର୍ଯ୍ୟ ଉକ୍ତ ପଞ୍ଚାୟତର ୪୭ଜଣ ନୂତନ ହିତାଧିକରୀଙ୍କୁ ମଧୁବାବୁ ପେନଶନ ଯୋଜନାରେ ଭତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

# ନିଶା ବିରୋଧରେ ତାତିଲେ ମହିଳା

ବରଗଡ଼,୨୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ଅପରାଧୀମାନେ ସକ୍ରିୟ ହୋଇପଡ଼ିଛନ୍ତି। ଏଠାରେ ଚୋରିଠାରୁ ଆରମ୍ଭ କରି ହତ୍ୟାକାଣ୍ଡ ଘଟୁଛି । ଗତ ସପ୍ତାହକ ମଧ୍ୟରେ ୨ଯୁବକଙ୍କୁ ନିର୍ମମ ହତ୍ୟା କରାଯାଇଛି । ସହରର ବିଭିନ୍ନ ଗଳିକନ୍ଦିରେ ଚାଲିଥିବା ନିଶା କାରବାର ଯୋଗୁ ଏଭଳି ଅପରାଧ ଘଟୁଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ କେଶବ ନଗର(ମାଲପଡ଼ା)ର ଶତାଧିକ ମହିଳା ସ୍ଥାନୀୟ ଟାଉନ ଥାନାକୁ ଆସି ନିଶା କାରବାର ବନ୍ଦ ଦାବିରେ ନାରାବାଜି କରିଥିଲେ। ସେହିପରି ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲଙ୍କୁ ଭେଟି ପଡ଼ାରେ ଚାଲିଥିବା ନିଶା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ପ୍ରକାଶଥାଉକି, ବୁଧବାର ବିଳମ୍ବିତ ରାତିରେ ମାଲପଡ଼ାରେ ଜଣେ ଯୁବକ ରାଜୁ ଓରଫ ରାକେଶ ପ୍ରଧାନଙ୍କୁ ନିର୍ମମ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୨ଯୁବକଙ୍କୁ ଗିରଫ କରିଛି । ନିଶା କାରବାର ଯୋଗୁ ଯୁବକମାନେ ପଥଭ୍ରଷ୍ଟ ହେଉଛନ୍ତି ଏବଂ ପଡ଼ାରେ ସେଭଳି ଅପରାଧ ଘଟୁଛି। ଫଳରେ ନିଶା କାରବାର ତୁରନ୍ତ ବନ୍ଦ କରାଯାଉ ବୋଲି ମହିଳାମାନେ ଦାବି କରିଛନ୍ତି। ସେହିପରି ରାଜୁ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଦେବା ଏବଂ ପଡ଼ାବାସୀ ଯେଭଳି ସୁରକ୍ଷିତ ରହିପାରିବେ, ସେ ଦିଗରେ ପଦକ୍ଷେପ ନେବା ପାଇଁ ମହିଳାମାନେ ପୋଲିସଠାରେ ଦାବି କରିଛନ୍ତି।



ନିଶା ବିରୋଧରେ ଥାନା ସମ୍ମୁଖରେ ପଡ଼ାବାସୀ ।

# ବର୍ଷାରେ ଭୁଶୁଡ଼ିଲା ପିଚୁ ରାସ୍ତା

## କେନାଲ ପୋଲ ପାର୍ଶ୍ୱରେ ବାଉଁଶ ବାଡ

ଭେଡ଼େନ,୨୧।୭ (ସୁଦନ ମହାକୁର)

ଗୋଡ଼ଭଗା-ସୋନପୁର ରାଜ୍ୟ ରାଜପଥର ବରଗଡ଼ ସଦର ମହକୁମାରୁ ଭେଡ଼େନ ଦେଇ ମହୁଲପାଲି ଛକକୁ ସଂଯୋଗ କରୁଥିବା ୨ଲେନ ବିଶିଷ୍ଟ ପିଚୁ ରାସ୍ତା ବୁଦେଲବାହାଲି କୁଆଁଫଲ୍ ନିକଟରେ ଗୁରୁବାର ରାତିରେ ଭୁଶୁଡି ପଡ଼ିଛି। ପ୍ରାୟ ଶହେ ମିଟର ଓସାରର ୨୦ ଫୁଟର ଗର୍ତ୍ତ ମଧ ହୋଇଛି । ଏଥିରେ କେହି ମୃତାହତ କିମ୍ବା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇନାହିଁ। ତେବେ ଏକ ଟ୍ରାକ୍ଟର ଅତିକ୍ରମ କରିବାର ୧୦ ମିନିଟ ପରେ ଏହି ଦୁର୍ଘଟଣା ଘଟିଲା ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାପଡ଼ିଛି। ସେହିପରି ରାସ୍ତା ପାର୍ଶ୍ୱରେ ଦିଆଯାଇଥିବା ଲୁହାବାଡ଼ ମଧ ଉପୁଡ଼ି ଯାଇଥିବା ଦେଖିବାକୁ ମିଳିଛି । ଏହି ରାସ୍ତାକାମ ଅତି ନିମ୍ନମାନର ହୋଇଥିବା ସାଧାରଣରେ ଅଭିଯୋଗ ହେଉଥିବା ବେଳେ ରାସ୍ତା ନିର୍ମାଣ ପରେ ପାନୀୟ ଜଳଯୋଗାଣ


ଭେଡେନରୁ ମହୁଲପାଲି ଛକକୁ ସଂଯୋଗ କରୁଥିବା ରାସ୍ତା ବୁଦେଲବାହାଲି କୁଆଁଫଲ ପୋଲ ନିକଟରେ ଭୁଶୁଡ଼ି ପଡ଼ିଛି ।

ପାଇଁ ପାଇପଲାଇନ ଖୋଳାଯିବାରୁ ଏପରି ହୋଇଥିବା ପୂର୍ତ୍ତ ବିଭାଗ କହୁଛି।

ପ୍ରକାଶ ଯେ, ମହୁଲପାଲି ଛକରୁ ଭେଡ଼େନ ପର୍ଯ୍ୟନ୍ତ ୧୬ କିମି ପିଡବ୍ଲୁଡି ରାସ୍ତାକୁ ଦୋହରୀକରଣ ପାଇଁ ୧୪ କୋଟି ୫୪ ଲକ୍ଷ ୫୫ ହଜାର ୬୯୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି । କୁତପାଲି ଛକରୁ ଭେଡ଼େନ ଥାନା ଛକ ପର୍ଯ୍ୟନ୍ତ ରାସ୍ତା ଅର୍ଦ୍ଧପୂର୍ଣ୍ଣ ରହିଥିବା ବେଳେ ଅବଶିଷ୍ଟ ସବୁ ଶେଷ ହେବା ଉପରେ ରହିଛି। ଏହି କ୍ରମରେ ପୂର୍ବରୁ ରହିଥିବା ବୁଦେଲବାହାଲି କୁଆଁଫଲ୍‌କୁ ପୋଲ ନିର୍ମାଣ କରାଯିବା ସହ ରାସ୍ତାକୁ ମାଟି ପକାଇ ପ୍ରାୟ ୫୦ ମିଟର ଉଚ୍ଚ କରାଯାଇ ସମତୁଲ କରାଯାଇଛି। ଏହାର ଉଭୟ ପାର୍ଶ୍ୱରେ ମାଟି ଯେପରି ଧୋଇ ନ ଯିବ ସେଥିପାଇଁ ୩ ଫୁଟ୍‌ର କଂକ୍ରିଟ କାନ୍ଥ ନିର୍ମାଣ କରାଯାଇଛି। ସେହିପରି ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଲଗାଯାଇଥିବା ଲୁହା ବାଡ଼ ମଧ ହାଲୁକା ଭାବେ ଲଗାଯାଇଥିବା ଯୋଗୁ ଉପୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ବାଦିପାଲିରୁ ଉକ୍ତ ରାସ୍ତା ଅତିକ୍ରମ କରି ଖଲିଆପାଲି ଯାଉଥିବା ପୁରୁଣା କେନାଲ ପୋଲଟି ଅଣଓସାରିଆ ରହିଛି। ଏହାକୁ ପୁନଃନିର୍ମାଣ କରିବା ପରିବର୍ତ୍ତେ ପୂର୍ବପରି ଛାଡ଼ି ଦିଆଯାଇଛି। ତେବେ ଉଭୟ ପାର୍ଶ୍ୱରେ ବାଉଁଶ ବାଡ଼ ଦିଆଯାଇଥିବାରୁ ଏହା ଦୁର୍ଘଟଣାକୁ ନିମନ୍ତ୍ରଣ ସଦୃଶ ହୋଇଛି। ଏହି ପୋଲକୁ ନୂତନ ଭାବେ ନିର୍ମାଣ କରାଯିବା ସହ ପାର୍ଶ୍ୱବାଡ ଦେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।



## ସଂକ୍ଷେପରେ

### ଅଟୋ ଷ୍ଟାଣ୍ଡ ସମ୍ପାଦକଙ୍କୁ ମାଡ଼, ୩ ଗିରଫ

ରାଉରକେଲା, ୨୧।୭(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ ଥାନା ଟ୍ରାଫିକ ଗେଟ ଅଟୋ ଷ୍ଟାଣ୍ଡ ସମ୍ପାଦକଙ୍କୁ ମାଡ଼ ଅଭିଯୋଗରେ ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟ୍ରାଫିକ ଗେଟ ଛକ ଗଞ୍ଜାମ ବସ୍ତିର ରାଜେନ୍ଦ୍ର ରାୟ(୪୫), ଏମ୍‌ଡ଼ି ରାଜୁ(୪୦) ଏବଂ ଅବେଷ ରାୟ(୪୦)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୪୪।୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ଉକ୍ତ ଅଭିଯୁକ୍ତମାନେ ଅଟୋ ଷ୍ଟାଣ୍ଡରେ ହକିଂ କରୁଥିଲେ। ଏହି ସମୟରେ ଅର୍ଥ ଦେଣନେଣକୁ ନେଇ ସେମାନେ ଷ୍ଟାଣ୍ଡ ସମ୍ପାଦକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।

### ନାଗରିକ ସୁରକ୍ଷା କମିଟି ବୈଠକ

ରାଉରକେଲା, ୨୧।୭(ସଙ୍ଗୀତା ଜେନା): ନାଗରିକ ସୁରକ୍ଷା କମିଟିର କୋର କମିଟି ବୈଠକ ପ୍ରମୁଖ ସଦସ୍ୟ ସଞ୍ଜୀବ ମହାନ୍ତିଙ୍କ ସଭାପତିତ୍ୱରେ ଜଗଦା ସ୍ଥିତ ବାଟ ମା ମଙ୍ଗଳା ସମ୍ମିଳନୀ କକ୍ଷରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମଣିପୁର ହିଂସାକାଣ୍ଡରେ ସମ୍ପୃକ୍ତ ଦୋଷୀମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଦାବି କରାଯାଇଥିଲା। ଆସନ୍ତା ୨୩ ତାରିଖରେ ନାଗରିକ ସୁରକ୍ଷା କମିଟି ଆହ୍ୱାନରେ ଜିଲାସ୍ତରୀୟ ମହିଳା ସମ୍ମିଳନୀ ଆଦର୍ଶ ପାଠାଗାରରେ ଅନୁଷ୍ଠିତ ହେବ। ସୁନ୍ଦରଗଡ଼ର ସାମଗ୍ରିକ ବିକାଶ ପ୍ରସଙ୍ଗରେ ଏହାକୁ ସଫଳ କରିବା ପାଇଁ କୁହାଯାଇଥିଲା। ସେହିପରି ଅଗଷ୍ଟ ୨୦ରେ ନାଗରିକ ସମ୍ମିଳନୀ ଭଞ୍ଜଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କମିଟି ସଦସ୍ୟ ବିଷ୍ଣୁ ମହାନ୍ତି, ଗିରୀଶ ମହାପାତ୍ର, ଶ୍ରୀମନ୍ତ ବେହେରା, ବିମାନ ମାଇତି, ବ୍ରଜେନ୍ଦ୍ର ଦାସ, ରାଜିକଶୋର ପ୍ରଧାନ, ପ୍ରଭାତ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଏକତା ଫାଉଣ୍ଡେଶନର ବୈଠକ

ରାଉରକେଲା, ୨୧।୭(ସଙ୍ଗୀତା ଜେନା): କୋଏଲନଗରସ୍ଥିତ ଏ ବ୍ଲକ ଜଗନ୍ନାଥ ମନ୍ଦିରରେ ଏକତା ଫାଉଣ୍ଡେଶନ ପକ୍ଷରୁ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ଣ୍ଣିମା ମହାନ୍ତିଙ୍କ ନେତୃତ୍ୱ ତଥା କାର୍ତ୍ତିକ ରାଉତଙ୍କ ପୃଷ୍ଠପୋଷକତାରେ ଜୋୟା ତ୍ରିପାଠୀ, ରାହୁଲ ମହାନ୍ତି, ବିଶ୍ୱଜିତ ରାଉତ, ବନଜା ବିଶ୍ୱାଳ, ଅଂଶୁପା ଦଲେଇ, ଶାନ୍ତିଲତା ଦେବୀ, ବିନା ଦେବୀ, ମନୋରମା ଧଳ, ମୋହନ ମହାନ୍ତି, ସୁଚିସ୍ମିତା ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫାଣ୍ଡି ଅଛି, କାମରେ ଲାଗୁନି

ରାଉରକେଲା,୨୧।୭(ଦିନେଶ ମିଶ୍ର)

ରାଉରକେଲା ସହରରେ ଅପରାଧମୂଳକ କାର୍ଯ୍ୟ ରୋକିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଫାଣ୍ଡି ସ୍ଥାପନ କରାଯାଉଛି। ଏହି କ୍ରମରେ ଗୋପବନ୍ଧୁପାଲି ଅଞ୍ଚଳରେ ଏକ ଫାଣ୍ଡି ରହିଛି। ତେବେ ଏହା ନାନା ଅବ୍ୟବସ୍ଥା ଦେଇ ଗତି କରୁଥିବାରୁ ଲୋକଙ୍କ ସେବାରେ ଆସୁନାହିଁ। ଅନ୍ୟପକ୍ଷେ ଫାଣ୍ଡି ଅଞ୍ଚଳରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି।

୨୦୦୭ ଏପ୍ରିଲ ୧୦ ତାରିଖରେ ତତ୍‌କାଳୀନ ପଶ୍ଚିମାଞ୍ଚଳ ଡିଆଇଜି ଗୋପବନ୍ଧୁପାଲି ଅଞ୍ଚଳରେ ଏକ ଫାଣ୍ଡି ଉଦ୍‌ଘାଟନ କରିଥଲେ। ଗୋପବନ୍ଧୁପାଲି ଅଞ୍ଚଳରେ ମଧୁସୂଦନପାଲି, ରେଲୱେ କଲୋନୀ, ମା' ବୈଷ୍ଣୋଦେବୀ ବସ୍ତି, ରେଲୱେ ସାଇଡିଂ ଭଳି ଏକାଧିକ ବସ୍ତି ରହିଛି। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ସବୁ ଅଞ୍ଚଳରେ ବାସ କରନ୍ତି। ଏହି ଫାଣ୍ଡି ପ୍ଲାଣ୍ଟସାଇଟ ଥାନା ଅଧୀନରେ ରହିଥିବାବେଳେ ଏହାର ପରିଚାଳନା ପାଇଁ ଦୁଇଜଣ ସବ୍‌ଇନ୍ସପେକ୍ଟର ସାଙ୍ଗକୁ ୬ ଜଣ କନଷ୍ଟେବଳ ଓ ଜଣେ ଡ୍ରାଇଭରଙ୍କୁ ନିଯୁକ୍ତି



ଗୋପବନ୍ଧୁପାଲି ଫାଣ୍ଡି ।

**ରାଉରକେଲା ଗୋପବନ୍ଧୁପାଲି**

ଦିଆଯାଇଥିଲା। ତେବେ ଫାଣ୍ଡି ଖୋଲିବାର ୭ବର୍ଷ ସବୁ ଠିକ୍‌ଠାକ୍ ଚାଲିଥିଲା। ପ୍ରତିଦିନ ଏହି ଫାଣ୍ଡିରେ ୫ରୁ ୭ଟି ମାମଲା ରୁଜୁ ହେଉଥିଲା। କିନ୍ତୁ ସ୍ଥାନୀୟ ପୋଲିସ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ବର୍ତ୍ତମାନ ଫାଣ୍ଡିଟି ଅବ୍ୟବସ୍ଥା ଘେରରେ ପଡି ରହିଛି। ଏହି ଫାଣ୍ଡିରେ କେବଳ କେତୋଟଇ କାଠ ଓ ପ୍ଲାଷ୍ଟିକ ଟେବୁଲ, ଚେୟାର ସାଙ୍ଗକୁ ଖାଲି ରେଜିଷ୍ଟର ପଡିଛି। ଫାଣ୍ଡିରେ ଜରୁରୀକାଳୀନ ଅଭିଯୋଗ ପାଇଁ ଲ୍ୟାଣ୍ଡଲାଇନ୍ ବ୍ୟବସ୍ଥା ନାହିଁ। ପୋଲିସ ଜରୁରୀକାଳୀନ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ପୋଲିସ ଯଦି କୌଣସି ଅସାମାଜିକ ତତ୍ତ୍ୱଙ୍କୁ କାବୁ କରେ ତେବେ ତାଙ୍କୁ ଫାଣ୍ଡି ଭିତରେ ରଖିବା ପାଇଁ ସ୍ୱତନ୍ତ୍ର କୋଠରୀ ବ୍ୟବସ୍ଥା ମଧ୍ୟ ନାହିଁ। ବର୍ତ୍ତମାନ ଫାଣ୍ଡିରେ କେବଳ ୫ ଜଣ ହାବିଲଦାର ଥିବାବେଳେ ଜଣେ ସବ୍‌ଇନ୍ସପେକ୍ଟର ରହିଛନ୍ତି। ଯଦି କୌଣସି ମାମଲା ଆସେ ତେବେ ତାହା ଖାଲି ରେଜିଷ୍ଟରରେ ନାମ ଚଢାଯାଇ ଛାଡି ଦିଆଯାଇଥାଏ ବୋଲି ନାମ ଗୋପନ ରଖି ଜଣେ ଫାଣ୍ଡି କର୍ମଚାରୀ ସୂଚନା ଦେଇଛନ୍ତି। ଫାଣ୍ଡିଟି ଆଜିକୁ ଦୀର୍ଘ ୧୬ ବର୍ଷ ଧରି ସ୍ଥାପନ କରାଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି କାନ୍ଥ ଫାଟି ଆଁ କଲାଣି ତ ଆଉ କେଉଁଠି ଲୁହା ଗେଟ ଓ କବାଟ କଳଙ୍କି ଖାଇଗଲାଣି। ଫାଣ୍ଡିର ପୁନରୁଦ୍ଧାର ସାଙ୍ଗକୁ ଏଠାରେ କିଭଳି ଅଧିକ ପୋଲିସ ମୃତୟନ କରି ବସ୍ତି ଅଞ୍ଚଳରେ ହେଉଥିବା ବିଭିନ୍ନ ଅପରାଧକୁ ରୋକାଯାଇପାରିବ ସେ ନେଇ ସ୍ଥାନୀୟ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



"ଆଗାମୀ ଦିନରେ ଗୋପବନ୍ଧୁପାଲୀ ଫାଣ୍ଡିରେ ଥିବା ବିଭିନ୍ନ ସମସ୍ୟାକୁ ଦୂର କରାଯିବ। ଏଥିସହ ପୋଲିସର ବିଭିନ୍ନ କାର୍ଯ୍ୟକୁ କିଭଳି ଲୋକାଭିମୁଖୀ କରାଯାଇପାରିବ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିବ।
–ମିତ୍ରଭାନୁ ମହାପାତ୍ର, ଏସ୍‌ପି

# ସଚିବାଳୟ ସେକ୍ସନ ଅଧିକାରୀଙ୍କ ଗୁରୁକୁଳ ପରିଦର୍ଶନ

ରାଉରକେଲା,୨୧।୭(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସଚିବାଳୟର ସେକ୍ସନ ଅଧିକାରୀମାନଙ୍କ ୭ମ ବ୍ୟାଚ୍ ୨ଦିନିଆ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଗୁରୁବାର ସନ୍ଧ୍ୟାରେ ବେଦବ୍ୟାସ ସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମ ପରିଦର୍ଶନ କରିଛନ୍ତି। ଅନୁ ସଚିବ ମନୋଜ କୁମାର ଷଡଙ୍ଗୀ ଓ ତରୁଣ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରରୁ ଆସିଥିବା ଏହି ଅଧିକାରୀ ଦଳଙ୍କୁ ଆଶ୍ରମରେ ସ୍ୱାଗତ କରାଯାଇଥିଲା। ବ୍ରହ୍ମଚାରୀଙ୍କ ବେଦମନ୍ତ୍ର ପରେ ଏକ ଆଲୋଚନା ସଭା ଆୟୋଜିତ ହୋଇଥିଲା। ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଗାଇଡ ଅଧିକାରୀ ମନୋଜ କୁମାର ଷଡଙ୍ଗୀ, ତରୁଣ କୁମାର ବିଶ୍ୱାଳ, ଜିଲା ପର୍ଯ୍ୟଟନ ଅଧିକାରୀ ନିରଞ୍ଜନ ମହାପାତ୍ର, ପାନପୋଷ ଏସ୍‌ଇଏସ୍ ସଞ୍ଜୟ ପ୍ରକାଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପର୍ଯ୍ୟଟନ ଅଧିକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ପଣ୍ଡା ବୈଦିକ ସଂସ୍କୃତି, ଶିକ୍ଷା ପଦ୍ଧତି ଓ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଜୀବନଦର୍ଶୀ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ଗୁରୁକୁଳ ସଂସ୍କୃତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ମଧ୍ୟମା ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିବା ସହିତ ବିଦ୍ୟାଳୟର ଛାତ୍ରମାନେ କିଭଳି ଉତ୍ତମ ନାଗରିକ ହୋଇ ସମାଜରେ ପ୍ରତିଷ୍ଠିତ ହୋଇପାରିବେ ତାହା ପ୍ରକାଶ କରିଥିଲେ। ଅଧିକାରୀ ଦଳ ଆଶ୍ରମକୁ ୧୦ହଜାର ଟଙ୍କା ପ୍ରଦାନ କରିବା ସହ ପ୍ରତିବର୍ଷ ମଧ୍ୟମା ପରୀକ୍ଷାରେ ପ୍ରଥମ ୩ଜଣ କୃତୀ ଛାତ୍ରଙ୍କୁ ପୁରସ୍କୃତ କରିବା ପାଇଁ ଆସିଷ୍ଟାଣ୍ଟ ସେକ୍ସନ ଅଧିକାରୀ ସ୍ୱୟଂସିଦ୍ଧ ଦାସ ଘୋଷଣା କରିଥିଲେ। ସେମାନେ ଗୁରୁକୁଳ ଆଶ୍ରମର ହର୍ବାଲ ପାର୍କ, ଦେବମନ୍ଦିର, ଗୋଶାଳା, ଯଜ୍ଞ ମନ୍ଦିର, ଭୋଜନ କକ୍ଷ ଆଦି ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଆଶ୍ରମର ମୁଖ୍ୟ ଅଧିଷ୍ଠାତା ଆଚାର୍ଯ୍ୟ ଡ. ଦେବବ୍ରତ, ସମ୍ପାଦକ ରାମଚନ୍ଦ୍ର ସାହୁ, ଟ୍ରଷ୍ଟି ଅଶୋକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଅଧିକାରୀମାନେ ବେଦବ୍ୟାସ ଚନ୍ଦ୍ରଶେଖର ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର, ତ୍ରିବେଣୀ ସଙ୍ଗମ, ସରସ୍ୱତୀ କୁଣ୍ଡ, ବ୍ୟାସ ଗୁମ୍ଫା, ଅହୋରାତ୍ର ସଂକୀର୍ତ୍ତନ ଓ ସ୍ୱର୍ଗଦ୍ୱାର ପରିଦର୍ଶନ କରିଥିଲେ। ମନ୍ଦିର ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋଲାପ ଚନ୍ଦ୍ର କୌଶିକ ଓ ସ୍ୱାମୀ ବ୍ରହ୍ମ ସାକ୍ଷାତକାରାନନ୍ଦ ସରସ୍ୱତୀ ଅଧିକାରୀମାନଙ୍କୁ ବିଭିନ୍ନ ତତ୍ତ୍ୱ ଓ ବ୍ୟାସଚେତନା ଉପରେ ବୁଝାଇଥିଲେ।



ବୈଠକରେ ମଞ୍ଚାସୀନ ଅଧିକାରୀଗଣ।

# କେନ୍ଦ୍ରୀୟ ଆୟୁକ୍ତଙ୍କ ପରାମର୍ଶ ପରେ ପରବର୍ତ୍ତୀ ଶୁଣାଣି

ରାଉରକେଲା,୨୧।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଶ୍ରମିକଙ୍କ ପର୍କୁଜାଇଟ ଟ୍ୟାକ୍ସ (ଅନୁଲାଭ କର)କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ତରଫରୁ କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ ଆୟୁକ୍ତଙ୍କ ପାଖରେ ଉଠାଯାଇଥିବା ଶିଳ୍ପ ବିବାଦ ବିଷୟକୁ ନେଇ ଇସ୍ପାତ କର୍ତ୍ତୃପକ୍ଷ ଉତ୍ତର ରଖି କହିଥିଲେ ଯେ, ରାଷ୍ଟ୍ରୀୟ ଇସ୍ପାତ ସଂଯୁକ୍ତ ସମିତି (ଏନ୍‌ଜେସିଏସ୍) ସବ୍‌କମିଟି ଅନୁମୋଦନ କ୍ରମେ ତା.୧୯।୭।୨୨ରିଖରେ ଅନୁଷ୍ଠିତ ୨୯୩ତମ ଏନଜେସିଏସ ବୈଠକରେ ଏହି ଆଲାଉନ୍ସ ସ୍ୱୀକାର କରାଗଲା। ତଦ ସମୟରେ ପର୍କୁଜାଇଟ ଟ୍ୟାକ୍ସ ରିହାତି ଉପରେ କେହି ଦାବି ଉପସ୍ଥାପନ କଲେ ନାହିଁ। ତେଣୁ ଏବେ ଏ ବିଷୟରେ କେହି ଶିଳ୍ପ ବିବାଦ କରିପାରିବେ ନାହିଁ। ଇସ୍ପାତ କର୍ତ୍ତୃପକ୍ଷଙ୍କ ଏହି ତର୍କକୁ ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ସଭାପତି ହିମାଂଶୁ ବଳ ବୈଠକରେ ଦୃଢ଼ ଖଣ୍ଡନ କରିଥିଲେ। ବଳ କହିଥିଲେ ଯେ, ସବ୍‌କମିଟି ସଭାକୁ ଭାରତୀୟ ମଜଦୁର ସଂଘ ଯାଉନାହିଁ। ତେଣୁ ସବ୍‌କମିଟିରେ ପାରିତ ପ୍ରସ୍ତାବ



ରାଉରକେଲା ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ବୈଠକ।

**ଶ୍ରମିକଙ୍କ ପର୍କୁଜାଇଟ ଟ୍ୟାକ୍ସ ବୈଠକ**

ଉପରେ ଭାରତୀୟ ମଜଦୁର ସଂଘର ସହମତି ନାହିଁ। ପରେ ପ୍ରବନ୍ଧକ କହିଥିଲେ, ଯେହେତୁ ଏହି ବିଷୟ ସମ୍ପୂର୍ଣ୍ଣ ସେଲ୍ ପାଇଁ ପ୍ରଯୁଜ୍ୟ । ତେଣୁ ଏହାର ଶୁଣାଣି ଏଠାରେ ନ ହେଉ। ପରେ ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ତରଫରୁ ଦର୍ଶାଗଲା ଯେ, ୨୦୧୪ରେ ସଂଘ ଡିଗ୍ରେଡେଶନ ମାମଲା ରାଉରକେଲା ଶ୍ରମ ଆୟୁକ୍ତଙ୍କ ଦପ୍ତରରେ କରିଥିଲା। ପରବର୍ତ୍ତୀ ସମୟରେ ମାମଲା ନିରସ୍ତ ହେବାରୁ ଲେବର ଟ୍ରିବ୍ୟୁନାଲରେ ଲଢିବା ପାଇଁ ଭାରତ ସରକାରଙ୍କୁ ଲେଖାଯାଇଥିଲା ଏବଂ ସେହି ଲେଖା ଆଧାରରେ ଉକ୍ତ ମାମଲା ଏବେ ଭୁବନେଶ୍ୱର ଲେବର ଟ୍ରିବ୍ୟୁନାଲରେ ଚାଲିଛି ବୋଲି ସଂଘ ଦର୍ଶାଇଥିଲା। ଉଭୟ ପକ୍ଷର ତର୍କ ଶୁଣିବା ପରେ ରାଉରକେଲା ଆଞ୍ଚଳିକ ଶ୍ରମ ଆୟୁକ୍ତ ସନ୍ତୋଷ କୁମାର ସେଠୀ ଏହି ବିଷୟରେ ଅଧିକ ତର୍ଜମା ପାଇଁ ଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ମୁଖ୍ୟ ଶ୍ରମ ଆୟୁକ୍ତଙ୍କ ମତାମତ ନେବା ପରେ ପରବର୍ତ୍ତୀ ଶୁଣାଣି ସ୍ଥିର ହେବ ବୋଲି ସୂଚନା ଦେଇଥିଲେ। ବୈଠକରେ ଇସ୍ପାତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମଦୋର ତ୍ରିପାଠୀ ଏବଂ ପି. କେ. ସାହୁ ଓ ରାଉରକେଲା ଇସ୍ପାତ କର୍ମଚାରୀ ସଂଘର ହିମାଂଶୁ ବଳ, ରାଜେନ୍ଦ୍ର ନାଥ ମହାନ୍ତି, ପ୍ରଦୋଷ ପଣ୍ଡା, ଅଜିତ ପୃଷ୍ଟି, ମୁରଲୀ ସାମଲ, ସଂଗ୍ରାମ ମହାନ୍ତି, ନିରଞ୍ଜନ ପଟେଲ, ସନ୍ତୋଷ ତନ୍ତୀ, ପ୍ରବୋଧ ସାହୁ ଓ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୱାର୍ଡ ସମସ୍ୟା ନେଇ ଆର୍‌ଏମ୍‌ସି କମିଶନରଙ୍କୁ ଫେରାଦ

ରାଉରକେଲା, ୨୧।୭(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ଼ ନମ୍ବର–୧ ପ୍ରଧାନପାଲ୍ଲୀ, ଖଡିଆଟୋଲା, ବାଙ୍କିଆ, ପାନପୋଷ, ତୁଳସୀଟୋଲା, ଟିସ୍କୋ ଆଦି ବସ୍ତିର ବିଭିନ୍ନ ସମସ୍ୟାକୁ ନେଇ ପୂର୍ବତନ ଡିସିସି ସଭାପତି ବିରେନ ସେନାପତି ଶୁକ୍ରବାର ଆର୍‌ଏମ୍‌ସି କମିଶନରଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ସେନାପତି କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ସ୍ଥାନୀୟ ଲୋକେ ମୌଳିକ ସୁବିଧା ପାଉନାହାନ୍ତି। ପ୍ରଧାନପାଲ୍ଲୀ ଅଞ୍ଚଳରେ ପାଣି ପାଇପ କାର୍ଯ୍ୟ ପରେ ମରାମତି ହେଉନାହିଁ। ଖଡ଼ିଆଟୋଲାରେ ପାଇଖାନା ବ୍ୟବସ୍ଥା ନାହିଁ। ନଦୀ ଘାଟ ନିର୍ମାଣ ଓ ମରାମତି ହେଉନାହିଁ। ବାଙ୍କିଆ ବସ୍ତିରୁ ଓମଫେଡ଼ ପର୍ଯ୍ୟନ୍ତ ରାସ୍ତା କାଦୁଅରେ ଭର୍ତ୍ତି ହୋଇଛି। ବାଙ୍କିଆରେ ଯାତାୟାତ ପାଇଁ ଉପଯୋଗୀ ରାସ୍ତା ନାହିଁ। ତୁଳସୀଟୋଲା, ଖାଦାନ ଡ଼ିପା, ଟିସ୍କୋ କଲୋନୀରେ ନାନା ସମସ୍ୟା ଦେଖାଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଥିଲା।

# ଗଞ୍ଜେଇ ଜବତ, ୨ ଗିରଫ

ରାଉରକେଲା, ୨୧।୭(ସଙ୍ଗୀତା ଜେନା)

ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ରାଉରକେଲା ରେଲୱେ ଷ୍ଟେଶନରେ ଶୁକ୍ରବାର ପୂର୍ବାହ୍ନରେ ପାଟ୍ରୋଲିଂ ବେଳେ ୨ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିହାର ପାଟନା ଜିଲାର ମନିଷ କୁମାର(୨୪) ଓ ଅନୀଲ କୁମାର(୧୯)। ଯାଞ୍ଚବେଳେ ସେମାନଙ୍କଠାରୁ ୧୨.୧୫୦ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ଏକ ମାମଲା (ନଂ.୧୪୯/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ୬ ମାସ ଗଲାନି, ଭାଙ୍ଗିଗଲା ରେଲିଂ

ରାଉରକେଲା, ୨୧।୭(ସଙ୍ଗୀତା ଜେନା)

ହକି ବିଶ୍ୱକପ୍ ସମୟରେ ରାଉରକେଲା ସହରରେ ସୌନ୍ଦର୍ଯ୍ୟକରଣ କାମ କରାଯାଇଥିଲା। ବିଭିନ୍ନ ଛକ ଓ ରିଂରୋଡ୍‌ରେ କଳାକୃତି ତିଆରି ହୋଇଥିଲା। ମାତ୍ର ୬ ମାସ ନ ପୂରୁଣୁ ଅଧିକାଂଶ ସ୍ଥାନରେ ଏସବୁ ଭାଙ୍ଗିରୁଜି ଗଲାଣି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଛେଣ୍ଡ ବିଏସ୍‌ଏନ୍‌ଏଲ୍ ଛକରେ। ହକି ବିଶ୍ୱକପ୍ ବେଳେ ଏଠାରେ ନିର୍ମିତ କଳାକୃତି ରେଲିଂ ଭାଙ୍ଗି ଗଳିପଡ଼ିଛି। ଏ ସମ୍ପର୍କରେ ସ୍ଥାନୀୟ କିଛି ବରିଷ୍ଠ ନାଗରିକ କହିଛନ୍ତି, ହକି ବିଶ୍ୱକପ ବେଳେ ତରବରିଆ ଭାବେ ଏହାକୁ ସୌନ୍ଦର୍ଯ୍ୟକରଣ ନାମରେ ତିଆରି କରାଗଲା। ଏବେ ତାହା ଭାଙ୍ଗିଯାଉଥିବାରୁ ନିମ୍ନମାନର କାମ ବୋଲି ପ୍ରତୀତ ହେଉଛି। ଛେଣ୍ଡ ସମେତ ଅନ୍ୟ ଅଞ୍ଚଳରେ କଳାକୃତି ଗୁଡ଼ିକର ଅବସ୍ଥା ମଧ୍ୟ ତଦ୍ରୂପ ରହିଛି। ଏହା ଭାଙ୍ଗିଗଲେ ମଧ୍ୟ ପ୍ରଶାସନ ପକ୍ଷରୁ ରକ୍ଷଣାବେକ୍ଷଣ କରାଯିବା ଉଚିତ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଆର୍‌ଏମ୍‌ସି ଉପାୟୁକ୍ତ ସୁଧାଂଶୁ ଭୋଇଙ୍କୁ ପଚରାଯିବାରୁ ସେ କହିଲେ, ଏହି କଳାକୃତି ସ୍ଥାନମାନଙ୍କରେ ବାରମ୍ବାର ଦୁର୍ଘଟଣା ହେଉଛି। ଏଗୁଡ଼ିକ ମରାମତି କଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିପାରିନାହିଁ। ଲୋକେ ସଚେତନ ହେଲେ ଏହାର ସୁରକ୍ଷା ହୋଇପାରନ୍ତା। ଅନ୍ୟ କଳାକୃତିଗୁଡ଼ିକ ଅନୁଧ୍ୟାନ କରି ମରାମତି କରାଯିବ ବୋଲି ଭୋଇ କହିଥିଲେ।



ବିଏସଏନଏଲ ଛକରେ ଥିବା ରେଲିଂ ଭାଙ୍ଗି ଯାଇଛି।



ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି। (ଫଟୋ: ବିବେକ)

# ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧକ୍ଷଙ୍କ ରାଉରକେଲା ଚାମ୍ବର ପରିଦର୍ଶନ

ରାଉରକେଲା, ୨୧।୭(ସଙ୍ଗୀତା ଜେନା)

ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ କୁନ ବିହାରୀ ଦାସ ଶୁକ୍ରବାର ସକାଳେ ପାନପୋଷ ରୋଡ୍ ସ୍ଥିତ ରାଉରକେଲା ଚାମ୍ବର ଅଫ୍ କମର୍ସ ପରିଦର୍ଶନ କରିଛନ୍ତି। ଚାମ୍ବର ସଭାପତି ସୁନୀଲ କୟାଲ ଚାମ୍ବରର କାର୍ଯ୍ୟକଳାପ ଓ ବିଭିନ୍ନ ପ୍ରସଙ୍ଗରେ ଅଧକ୍ଷ ଦାସଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ଉପସଭାପତି ଗୁରୁମିତ ସିଂ, ନରେଶ ଆର୍ଯ୍ୟ, ଶୁଭମ କପୁର, ପ୍ରମୋଦ ନାଟୁଲ୍ୟ, ରୋହିତ ଗର୍ଗ, ଜସବିନ୍ଦର ସିଂ ଗୋଲ୍ଡ଼ି, ମିଟୁ ବେଉରିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚାମ୍ବରର ସମସ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ମିଶନ ଶକ୍ତି ମହିଳାଙ୍କୁ ମଳ ଉପଚାର ତାଲିମ

ରାଉରକେଲା,୨୧।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଏକ ହୋଟେଲ ପରିସରରେ ୫–ଟି ଉପକ୍ରମ ଅଧୀନରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଟିମ୍ ଗଠନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପୌରସଂସ୍ଥା ଓ ମଳ ଉପଚାର କେନ୍ଦ୍ର ମଧ୍ୟରେ କିଭଳି ସମନ୍ୱୟ ରଖାଯାଇ ସୁପରିଚାଳନା କରାଯିବ ସେ ନେଇ ଆଲୋକପାତ କରାଯାଇଥିଲା। ରାଉରକେଲା ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଝାରସୁଗୁଡ଼ା, ବୀରମିତ୍ରପୁର, ରାଜଗାଙ୍ଗପୁର, ସୁନ୍ଦରଗଡ଼ ପୌର ସଂସ୍ଥା ଓ ରାଉରକେଲା ମହାନଗର ନିଗମ କର୍ମଚାରୀ, ମଳ ଉପଚାର କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ମିଶନ ଶକ୍ତି ସଦସ୍ୟାମାନେ ଯୋଗ ଦେଇଥିଲେ। ମହାନଗର ନିଗମ ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇ କର୍ମଶାଳାର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ମଳ ଉପଚାର କେନ୍ଦ୍ରର ପରିଚାଳନା ଦିଗରେ ଉପୁଜୁଥିବା ସମସ୍ୟା ଏବଂ ଏହାର ସମାଧାନ ବିଷୟରେ ଆଲୋଚନା ହୋଇଥିବା ବେଳେ ପୌର ସଂସ୍ଥା ଏବଂ ପରିଚାଳନା ଦାୟିତ୍ୱରେ ଥିବା ମିଶନ ଶକ୍ତି ମହିଳାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖାଯାଇ କିଭଳି କେନ୍ଦ୍ରର ସୁପରିଚାଳନା କରାଯିବ ସେ ନେଇ ପ୍ରଶିକ୍ଷକମାନେ ବୁଝାଇଥିଲେ। ଏହାସହ ମଳ ଉପଚାର କେନ୍ଦ୍ର ସମ୍ପର୍କରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଏଥିରେ ବୀରମିତ୍ରପୁର ଓ ସୁନ୍ଦରଗଡ଼ ପୌର ସଂସ୍ଥା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କର୍ମଶାଳାରେ ମହାନଗର ନିଗମ ଉପ ଆୟୁକ୍ତ ସୁଧାଂଶୁ ଭୋଇ, ସୀତାଦେବୀ ମାଝୀ, ସୁକାନ୍ତ କୁମାର ବେଉରା, ରୋନିତ କୁମାରଙ୍କ ସମେତ ସମସ୍ତ ୫ ପୌରାଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ (ଜିଲା ସହରାଞ୍ଚଳ ଉନ୍ନୟନ ଏଜେନ୍ସି) କମ୍ୟୁନିଟି ଅର୍ଗାନାଇଜର, ସାନିଟେଶନ ଏକ୍ସପର୍ଟ, ସିଟି ମ୍ୟାନେଜର, ଜିଲା ସହରାଞ୍ଚଳ ଉନ୍ନୟନ ଏଜେନ୍ସି ଏକ୍ସପର୍ଟ, ମଳ ଉପଚାର କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ମିଶନ ଶକ୍ତିର ସଦସ୍ୟାମାନେ ଉପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ତାଲିମାର୍ଥୀଗଣ।

# ହଟୁନି ଅଳିଆ, ପରିବେଶ ପୂତି ଗନ୍ଧମୟ

ରାଉରକେଲା,୨୧।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ବସ୍‌ଷ୍ଟାଣ୍ଡ କାନ୍ଥ କଡସାରା କୁଢ କୁଢ ଅଳିଆ ଆବର୍ଜନା ପଡିଛି। ଏହା ଦୀର୍ଘଦିନ ଧରି ପଡିରହୁଥିଲେ ମଧ୍ୟ ଅଳିଆ ହଟାଯାଉନାହିଁ। ବୁଲା ଗାଈଗୋରୁ ଅଳିଆ ଉପରେ ଚରାବୁଲା କରି ଚାରିଆଡେ ଫିଙ୍ଗା ଫୋପଡା କରୁଛନ୍ତି। ଫଳରେ ବସଷ୍ଟାଣ୍ଡ ପରିସର ଅଳିଆ ଆବର୍ଜନା ସହିତ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଯାତ୍ରୀମାନେ ନାକରେ କପଡା ଦେଇ ଯାତାୟାତ କରୁଛନ୍ତି। ଗୋଟିଏ ପଟେ ରାଉରକେଲା ସହରର ସରକାରୀ କାନ୍ଥଗୁଡିକରେ ବିଭିନ୍ନ ଚିତ୍ର ବିଚିତ୍ର କରି ସହରବାସୀଙ୍କୁ ସ୍ୱଚ୍ଛତା ଉପରେ ସଚେତନତା ବାର୍ତ୍ତା ଦିଆଯାଉଛି। ଅନ୍ୟପଟେ ସହର ସମ୍ପୂର୍ଣ୍ଣ ଅଳିଆମୁକ୍ତ ହୋଇପାରୁନି। ସହରର ପରିବେଶ ସ୍ୱଚ୍ଛ ରଖିବା ସକାଶେ ଆର୍‌ଏମ୍‌ସି ସାନିଟାରୀ ବିଭାଗ ଅଧୀନରେ ବହୁ ସ୍ୱଚ୍ଛସାଥୀ ନିୟୋଜିତ ହୋଇଛନ୍ତି। ୧୦ହଜାରରୁ ଊର୍ଦ୍ଧ୍ୱ ଡଷ୍ଟବିନ୍ ଓ ସହରର ପ୍ରମୁଖ ସ୍ଥାନରେ



ସରକାରୀ ବସଷ୍ଟାଣ୍ଡ ନିକଟରେ ଅଳିଆ ଆବର୍ଜନା ଉପରେ ବୁଲା ଗୋରୁ ଚରୁଛନ୍ତି।

**ରାଉରକେଲା ସରକାରୀ ବସ୍‌ଷ୍ଟାଣ୍ଡ**

ଡଷ୍ଟୟାର୍ଡ ସ୍ଥାପନ ହୋଇଛି। ଅଳିଆ ଓ ଆବର୍ଜନାକୁ ହ୍ରାସ କରିବା ପାଇଁ ପ୍ରୟାସ ହେଉଛି। ସହରର ଡଷ୍ଟଡିଙ୍ଗ୍ ୟାର୍ଡଗୁଡିକରୁ ଶୁଷ୍କ ଏବଂ ଓଦା ଅଳିଆ ଉଠାଇବା ପାଇଁ ଅଳିଆ ଉଠାଯାନ ବାବଦରେ ଆର୍‌ଏମ୍‌ସି ବିପୁଳ ବ୍ୟୟ କରୁଛି। ଏହାସତ୍ତ୍ୱେ ସହରର ପ୍ରମୁଖ ଜନବହୁଳ ସରକାରୀ ବସଷ୍ଟାଣ୍ଡ ଛକ ଅଳିଆ ଆବର୍ଜନା ମୁକ୍ତ ନ ହେବା ଯାତ୍ରୀ ଓ ସହରବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ରାଉରକେଲା ସହରରେ କେବଳ କାନ୍ଥଲେଖା ଏବଂ ଚିତ୍ରରେ ସ୍ୱଚ୍ଛତା ଅଭିଯାନ ସୀମିତ ରହିଯାଇଛି। ଏ ନେଇ ଆର୍‌ଏମ୍‌ସି ସାନିଟାଇଜ ବିଭାଗର ଅନୀଲ ଲାକ୍ରାଙ୍କୁ ପଚାରିବାରୁ ତୁରନ୍ତ ସରକାରୀ ବସ୍‌ଷ୍ଟାଣ୍ଡରୁ ଗଚ୍ଛିତ ଅଳିଆ ହଟାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କାର୍ ସହ ୨୧ କେଜି ଗଞ୍ଜେଇ ଜବତ, ୩ ଗିରଫ

ଲୋଇସିଂହା,୨୧।୭(ସୁଶାନ୍ତ ବାରିକ): ବୌଦ୍ଧରୁ ବିହାରକୁ କାର (ଓଡି ୦୫ ୬୬୬୬) ଯୋଗେ ଗଞ୍ଜେଇ ଚାଲାଣ ବେଳେ ବୁର୍ଡ଼ା ଛକରେ ଲୋଇସିଂହା ଅବକାରୀ ବିଭାଗ ହାତରେ ଚାଲାଣକାରୀ ଶୁକ୍ରବାର ଧରା ପଡିଛନ୍ତି। ୨୧ କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଜାମୁଟ ଗାଁର ଦେବାଶିଷ ସାହୁ(୨୨), ସିଦ୍ଧେଶ୍ୱର ସାହୁ (୨୬) ଓ ବିହାରର ସଲିମ ରିୟା ଉଲ୍ଲି ନଅଲ୍ଲୀ ବୋଲି ଲୋଇସିଂହା ଅବକାରୀ ଇନ୍ସପେକ୍ଟର ଜଗନ୍ନାଥ ମିଶ୍ର କହିଛନ୍ତି। ଏନେଇ ଏକ ମାମଲା(୫୮/୨୩-୨୪) ରୁଜୁ ହୋଇଛି।

### ମୃତ ଲଳିତଙ୍କ ପରିବାରକୁ ଭେଟିଲେ ଭାଜପା ପ୍ରତିନିଧି ଦଳ

କଣ୍ଟାବାଞ୍ଜି,୨୧।୭(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ମୃତ ଲଳିତ ଜୈନ(୧୩)ଙ୍କ ପରିବାରକୁ ଶୁକ୍ରବାର ଭେଟିଛନ୍ତି ଭାଜପା ପ୍ରତିନିଧି ଦଳ। ଜିଲା ଭାଜପା ସଭାପତି ଶିବାଜି ମହାନ୍ତି, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଲକ୍ଷ୍ମଣ ବାଗ, ଜିଲା ସମ୍ପାଦକ ଅଜୟ ଶର୍ମା, କାଉନସିଲର ନୀଳକଣ୍ଠ ଶତପଥୀ ପ୍ରମୁଖ ଲଳିଙ୍କ ପିତା ପ୍ରମୋଦ ଜୈନଙ୍କୁ ଭେଟି ସମବେଦନା ଜଣାଇଥିଲେ। ପ୍ରକାଶଯୋଗ୍ୟ ଯେ, ନିଖୋଜ ହେବା ପରେ ଗତ ୧୪ତାରିଖ ଲଳିତଙ୍କ ମୃତଦେହ ପୋଲିସ ମାଟିତଳୁ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ବିକାଶ ଅଗ୍ରୱାଲ ଓ ବିଶାଲ ଅଗ୍ରୱାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଏହି ମୃତ୍ୟୁକୁ ନେଇ ଠିକ୍ ରହସ୍ୟ ଜଣାପଡି ନ ଥିବା ବେଳେ ପୋଲିସ ଅନୁସନ୍ଧାନ ଜାରି ରଖିଛି।

### ଟିଖାଲି ଡ୍ୟାମ୍‌ରେ ସୁରକ୍ଷା ବାଡ଼ ନାହିଁ

ଖଡ଼ିଆଲ,୨୧।୭(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ଟିଖାଲି ଡ୍ୟାମରେ ସୁରକ୍ଷା ବାଡ଼ ନାହିଁ। ଏତେ ବଡ଼ ଡ୍ୟାମ ବର୍ତ୍ତମାନ ସୁରକ୍ଷାରେ ବିଚ୍ୟୁତ୍ ଥିବାରୁ ହିତ ପ୍ରତି ବିପଦ ରହିଛି। ଏ ବିଷୟରେ ଟିଖାଲି ଅଧିକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାଏକଙ୍କୁ ପଚାରାଯିବାରୁ ଆମେ ପାଚେରି ଦେଇଛୁ। କିନ୍ତୁ ଦରଗାଁ ଗ୍ରାମ ପଟୁ ଲୋକେ ବାଡା ଭାଙ୍ଗି ଗାଇ ଗୋରୁ ପଶେଇ ଦେଉଛନ୍ତି। ଆମେ ଚଳିତ ଜୁଲାଇ ୨୫ ତାରିଖରୁ ସେକୁରୀଟିର ବ୍ୟବସ୍ଥା କରିବୁ ବୋଲି ପ୍ରକାଶ କରିଥିଲେ।

### ଜ୍ଞାନେନ୍ଦ୍ର ମହାନ୍ତିଙ୍କ ପରଲୋକ

ବଲାଙ୍ଗୀର,୨୧।୭ (ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ସହର ତୁଳସୀନଗର ନିବାସୀ ଜ୍ଞାନେନ୍ଦ୍ର କୁମାର ମହାନ୍ତି (୬୦)ଙ୍କ



ଶୁକ୍ରବାର ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ବଲାଙ୍ଗୀର ସହରରେ ପାଠ୍ୟ ପୁସ୍ତକ ପ୍ରସାରଣ ଆନ୍ଦୋଳନର ଜଣେ ଆଗଧାଡିର ସଦସ୍ୟ ଥିଲେ। ବଲାଙ୍ଗୀର ପୁସ୍ତକ ବିକ୍ରେତା ଏବଂ ମୁଦ୍ରଣ ସଂଘର ସେ ସହଯୋଗୀ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ବଲାଙ୍ଗୀର ବହିହାଟ ଆୟୋଜନରେ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ପ୍ରାୟ ୫ ମାସ ତଳେ ଅନୁଗୋଳଠାରେ ଏକ ସଡକ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ତେବେ ପ୍ରାୟ ୧ ମାସ ତଳେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଦେବାରୁ ତାଙ୍କୁ ପୁଣି ଥରେ ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ତାଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇପଡିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ତାଙ୍କର ବିୟୋଗ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କ ପାଖରେ ସ୍ତ୍ରୀ ଗାୟତ୍ରୀ, ଝିଅ ସାଇଶ୍ରୀ, ପୁଅ ପ୍ରଭୁଦତ୍ତ, ଭାଇ ସାମ୍ବାଦିକ ସୁନୀଲ ମହାନ୍ତି ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତ ମହାନ୍ତିଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ଜ୍ଞାନେନ୍ଦ୍ର ମହାନ୍ତିଙ୍କ ବିୟୋଗରେ ବଲାଙ୍ଗୀର ପୁସ୍ତକ ବିକ୍ରେତା ଏବଂ ମୁଦ୍ରଣ ସଂଘ ସଭାପତି ଅଜିତ କୁମାର ମହାନ୍ତି, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଜିଲା କ୍ରୀଡା ସଂସଦ ସମ୍ପାଦକ ହରି ନାରାୟଣ ପୂଜାରୀ, ପ୍ରେସ କ୍ଲବ୍ ସଭାପତି ଅରୁଣ ମିଶ୍ର, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ଶିଶିରକାନ୍ତ ଶତପଥୀ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ‘ବାର୍ଷିକ ୨୦ ଲକ୍ଷ ପାଣ୍ଠି ଦିଅ’

ବଲାଙ୍ଗୀର, ୨୧।୭
(ବୀରେନ୍ଦ୍ର କୁମାର ଝାଙ୍କର)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ସମିତି ସଭ୍ୟ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର ଜିଲା ସମିତି ସଭ୍ୟ ସଂଘ ପକ୍ଷରୁ ୧୦ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲାର ସମିତି ସଭ୍ୟମାନେ କୋଶଳ କଳାମଣ୍ଡଳ ପଡିଆରୁ ଏକ ରାଲିରେ ବାହାରି ଜିଲାପାଳ କାର୍ଯ୍ୟାଳୟ ଯାଏ ଆସିଥିଲେ। ସେଠାରେ ପ୍ରତିବାଦ ସଭା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଜିଲା ସମିତି ସଭ୍ୟ ସଂଘ ସଭାପତି ଗୋଲାପ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲାର ୧୪ଟି ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତର ସମିତି ସଭ୍ୟାସଭ୍ୟ ଉପସ୍ଥିତ ରହି ସେମାନଙ୍କ ଦାବି ସମ୍ପର୍କରେ କହିଥିଲେ। ଗ୍ରାମପଞ୍ଚାୟତ ବ୍ୟବସ୍ଥାରେ ସମିତି ସଭ୍ୟାସଭ୍ୟ ନାଗରିକଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ ମଧ୍ୟ ସେମାନଙ୍କୁ ଉଚିତ୍ ମର୍ଯ୍ୟାଦ ଏବଂ ଦାୟିତ୍ୱ ଦିଆଯାଉନାହିଁ। ଏଣୁ ସେମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ୭୩ ତମ ସମ୍ବିଧାନ ସଂଶୋଧନରେ ସମିତି ସଭ୍ୟଙ୍କୁ ଦିଆଯାଇଥିବା କ୍ଷମତା ହାସ୍ୟାସ୍ପଦ ବୋଲି କହିଥିଲେ। ଜଣେ ସମିତି ସଭ୍ୟ ପଞ୍ଚାୟତବାସୀଙ୍କ ଭୋଟ ପାଇ ନିର୍ବାଚିତ ହୋଇ ଲୋକଙ୍କ ସେବା କରିବାକୁ ଇଚ୍ଛା ଥାଇ ମଧ୍ୟ ବାଟ ପାଉନାହାନ୍ତି । ଏଣୁ ସେମାନଙ୍କୁ ଉଚିତ୍ ମର୍ଯ୍ୟାଦା ଦେବାକୁ ଦାବି କରାଯାଇଛି। ପ୍ରଦତ୍ତ ୧୦ ଦଫା ଦାବିରେ ପ୍ରତ୍ୟେକ ସମିତି ସଭ୍ୟଙ୍କୁ ଉନ୍ନୟନମୂଳକ କାମ କରିବା ସକାଶେ ବାର୍ଷିକ ୨୦ ଲକ୍ଷ ଟଙ୍କା ପାଣ୍ଠି ଯୋଗାଇବା, ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସମିତି ସଭ୍ୟଙ୍କ ପାଇଁ ଏକ ଅଫିସ ଗୃହ, ଜଣେ ସମିତି ସଭ୍ୟାସଭ୍ୟ ବିଜୟୀ ହେବା ପରେ ଜିଲାପାଳଙ୍କ ଜରିଆରେ ବିଜୟୀ ପ୍ରମାଣ ପତ୍ର ଦିଆଯିବା, ମାସିକ ବୈଠକ ବା ଜିପିଡିପି ବୈଠକରେ ସମିତି ସଭ୍ୟଙ୍କ ଯୁଗ୍ମ ଦସ୍ତଖତ ରହିବା ବ୍ୟବସ୍ଥା, ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ସମସ୍ତ ସଭା-ସମ୍ମିଳନୀକୁ ସରପଞ୍ଚଙ୍କ ସହ ସମିତି ସଭ୍ୟଙ୍କୁ ବାଧ୍ୟତାମୂଳକ ଭାବେ ରହିବା ବ୍ୟବସ୍ଥା କରାଯିବା ଦାବି କରାଯାଇଛି। ଏହାସହିତ ସମିତି ବୈଠକରେ କେବଳ ସମିତି ସଭ୍ୟମାନଙ୍କୁ ହିଁ ସ୍ଥାୟୀ ସଦସ୍ୟ ରଖାଯିବା ଏବଂ ଅନ୍ୟମାନଙ୍କୁ ଅତିଥି ସଦସ୍ୟ ରଖାଯିବାକୁ ଦାବି କରାଯାଇଛି। ମାସିକ ୩୦ ହଜାର ଦେୟ ପ୍ରଦାନ କରାଯିବା ସହ ସମିତି ସଭ୍ୟଙ୍କ ୧୦ ଲକ୍ଷ ଟଙ୍କାର ଜୀବନ ବୀମା ସହ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା କରାଯିବା ଏବଂ ଅବସର ପରେ ଅବସରକାଳୀନ ଭତ୍ତା ବାବଦକୁ ମାସିକ ୧୦ ହଜାର ଟଙ୍କା ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଦେଓଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ଲୋଇସିଂହା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜତିନ ପଟେଲ, ବଲାଙ୍ଗୀର ପଞ୍ଚାୟତ ସମିତି ଅଧ୍ୟକ୍ଷା ସରିତା ବାଗ, ସମିତି ସଭ୍ୟ ସୁଦାମ ନନ୍ଦ, ବୀରେନ୍ଦ୍ର ସାହୁ, ବିଡିସିସି ବ୍ଲକ୍ ସଭାପତି ସ୍ମାରକ ରଞ୍ଜନ ମିଶ୍ରଙ୍କ ସହ ବହୁ ସଦସ୍ୟ ଯୋଗଦାନ କରିଥିଲେ।

**ଜିଲା ସମିତି ସଭ୍ୟ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୧୦ ଦଫା ଦାବିପତ୍ର**
- ପଞ୍ଚାୟତ ଅଫିସରେ ସମିତି ସଭ୍ୟଙ୍କ ପାଇଁ ଅଫିସ ଗୃହ ଯୋଗାଅ
- ମାସିକ ବୈଠକରେ ଯୁଗ୍ମ ଦସ୍ତଖତ ବ୍ୟବସ୍ଥା କର
- ସମିତି ସଭ୍ୟଙ୍କୁ ମାସିକ ୩୦ ହଜାର ଦେୟ ଦିଅ

# ବିପୁଳ ପରିମାଣ ଗଞ୍ଜେଇ ଜବତ, ୬ ଗିରଫ

ନୂଆପଡ଼ା,୨୧।୭(ମକାରୁ ବେମାଲ)

**ଅବକାରୀ ବିଭାଗର ୩ ସ୍ଥାନରେ ଚଢ଼ାଉ**

ନୂଆପଡା ଅବକାରୀ ବିଭାଗ ପୃଥକ ଭାବେ ୩ଟି ସ୍ଥାନରେ ଚଢାଉ କରି ମୋଟ ୭୧ କିଗ୍ରା ଗଞ୍ଜେଇ, ଗୋଟେ ଚାରିଚକିଆ ଗାଡି ଜବତ କରିବା ସହ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲା ଆମପାଣି ଥାନା କଛରାପଡା ଗାଁର ସୀମାଞ୍ଚଳ ନାଏକ (୩୮) ଓ ଦେବରାଜ ନାଏକ (୩୮), ରାଜସ୍ଥାନ ଆଜମିର ଜିଲା ପୁଷ୍କର ଗାଁର ଲକ୍ଷ୍ମଣ (୩୨) ଓ ଗଙ୍ଗଡା ଗାଁର ସରଦା (୩୫), ମଧ୍ୟପ୍ରଦେଶ ରାମଦାପୁରମ ଜିଲା ହିରନଖେଦା ଗାଁର ସଞ୍ଜୟ ରାଜବଂଶି (୩୩) ଓ କୋମନା ଥାନା ଛତାଗାଁର ଭଗତରାମ ଜଗତ (୪୦)। ନୂଆପଡା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ହିରାବତି ଥାଟିଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ପୂର୍ବାହ୍ନରେ କୋମନା ଥାନା ଭେଲା ଗାଁ ପାଖାପାଖି ବିଜୁ ଏକ୍ସପ୍ରେସ ୱେରେ ପାଟ୍ରୋଲିଂ କରୁଥିଲେ। କଳାହାଣ୍ଡି ଜିଲା ପଟରୁ ଆସୁଥିବା ଓଡି-୦୧ ଏଏ ୬୬୯୯ ଏକ କାରକୁ ବନ୍ଧାପାଟ ଛକଠାରେ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରୁ ୨୧ କିଲୋଗ୍ରାମ ଗଞ୍ଜେଇ ସହ ଗାଡ ଜବତ କରି ୨ ଯୁବକ ସୀମାଞ୍ଚଳ ଓ ଦେବରାଜଙ୍କୁ ଗିରଫ କରି ନୂଆପଡା ଆସୁଥିଲେ। ଏହି ସମୟରେ ଝଗ୍ରାହୀ ଛକ ବସ୍ତାରେ ଗଞ୍ଜେଇ ଧରି ଗାଡି ଅପେକ୍ଷା ରହିଥିବା ସନ୍ଦେହ କରି ଅବକାରୀ ବିଭାଗ କର୍ମଚାରୀ ଖାନତଲାସି କରିବାରୁ ୨୫ କିଲୋଗ୍ରାମ ଗଞ୍ଜେଇ ଥିବା ସ୍ୱୀକାର କରିଥିଲେ ଜଣେ ଲକ୍ଷ୍ମଣ ଓ ସାରଦା। ସେହିପରି ଛତାଗାଁ ଛକରେ ୨ ଜଣ ସଞ୍ଜୟ ଓ ଭଗତଙ୍କୁ ଗିରଫ କରି ୨୫ କିଗ୍ରା ଗଞ୍ଜେଇ ଜବତ କରିଛନ୍ତି। ଚଢାଉରେ ନୂଆପଡା ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲ, ଖଡିଆଳ ଓଆଇସି ଡମ୍ବରୁଧର ହରିଜନ, ମୋବାଇଲ ୟୁନିଟ ଏସଆଇ ସଞ୍ଜିବ ବେହେରା, ଆଶୁତୋଷ ନାୟକ, ଧଜରାଜ ଦଣ୍ଡସେନା, ସଞ୍ଜୟ କଟା, ଦୀପାଞ୍ଜଳି ତିୱାରୀ, ପ୍ରମିଳା କୈବର୍ତ୍ତ, ମଧୁ ସିଂ, ହିଙ୍ଗୁଳା ଦାସ, ନୀଳମାଧବ ସାହୁ, ରୋସନ ବିଶ୍ୱାଳ ପ୍ରମୁଖ ସାମିଲଥିଲେ।



ଜବତ ଗଞ୍ଜେଇ, ଗାଡି ଓ ଅଭିଯୁକ୍ତଙ୍କ ସହ କର୍ମଚାରୀ ବୃନ୍ଦ।

# ରେଳ ସଂଯୋଗ, ଶିଳ୍ପ କ୍ଷେତ୍ରରେ କଳାହାଣ୍ଡି ଜିଲା ଉପେକ୍ଷିତ

ଭବାନୀପାଟଣା,୨୧।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ରେଳ ସଂଯୋଗ ଓ ଶିଳ୍ପ କ୍ଷେତ୍ରରେ ଅବହେଳିତ ଯୋଗୁ ଜିଲାର ସାମାଜିକ ଓ ଅର୍ଥନୈତିକ ବିକାଶରେ ବାଧକ ସାଜିଛି। ଏଥିପାଇଁ ସେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ସିଧାସଳଖ ଦାୟି କରିଛନ୍ତି। ଏହି ଜିଲାରୁ ପୂର୍ବରୁ ନିର୍ବାଚିତ ଏମପି ରେଳମନ୍ତ୍ରୀ ରହିଥିଲେ ମଧ୍ୟ ଜିଲାରେ ରେଳପଥର ବିକାଶ ଦିଗରେ ସେ ଆବଶ୍ୟକ ଦୃଷ୍ଟି ଦେଇନାହାନ୍ତି। କଳାହାଣ୍ଡିର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର ଏକାଧିକ ପଦକ୍ଷେପ ନେଉଥିବା କେବଳ ଭାଷଣ କାଗଜପତ୍ରରେ ସୀମିତ ରହିଛି ବୋଲି ଭବାନୀପାଟଣାସ୍ଥିତ ଏକ ହୋଟେଲଠାରେ ଗୁରୁବାର ଅପରାହ୍ନରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ବିକାଶ ପରିଷଦ ଅଧ୍ୟକ୍ଷା ତଥା ଭାଜପା ନେତ୍ରୀ ଡ.ସୁନୀତି ମୁଣ୍ଡ କହିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୦-୧୧ କେନ୍ଦ୍ର ବଜେଟ୍‌ରେ କଳାହାଣ୍ଡି ଅଥବା ଭୁବନେଶ୍ୱରରେ ଏକ ରେଳ ସାମୟିକ ବଗି ମରାମତି କାରଖାନା ସ୍ଥାପନ ପ୍ରସ୍ତାବ ରହିଥିଲା। କିନ୍ତୁ ଓଡ଼ିଶା ସରକାର ତାହାକୁ ଗଞ୍ଜାମ ଜିଲାରେ କରିବାକୁ ପ୍ରସ୍ତାବ ଦେଲେ। ଏହାକୁ ନେଇ କଳାହାଣ୍ଡି ଜିଲାବାସୀ ତୀବ୍ର ସମାଲୋଚନା ପରେ ୨୦୧୩-୧୪ ବଜେଟ୍‌ରେ କଳାହାଣ୍ଡିରେ ଏକ ସାମୟିକ ବଗି ମରାମତି କାରଖାନା ସ୍ଥାପନ ଘୋଷଣା କରାଗଲା। ତାହାକୁ ବିଶାଖାପାଟଣାକୁ ସ୍ଥାନାନ୍ତର କରିଦିଆଗଲା। ୨୦୧୭-୧୮ରେ ପୁନଶ୍ଚ କଳାହାଣ୍ଡିରେ ବିଦ୍ୟୁତଚାଳିତ ରେଳ ଇଞ୍ଜିନର ସାମୟିକ ବଗି ମରାମତି କାରଖାନା ସ୍ଥାପନ ଘୋଷଣା କରାଯାଇଥିଲା, କିନ୍ତୁ ସେହି ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁନାହିଁ। ଜିଲାରେ ଜୁନାଗଡ ରୋଡ-ନବରଙ୍ଗପୁର ରେଳପଥ ପ୍ରକଳ୍ପ ପାଇଁ ସର୍ଭେ ଦୀର୍ଘବର୍ଷ ହେଲା ପଡିରହିଛି। ଭୁବନେଶ୍ୱରରୁ ଜୁନାଗଡ ଓ ଜୁନାଗଡରୁ ଭୁବନେଶ୍ୱରକୁ ସକାଳୁ ଟ୍ରେନ ଚଳାଚଳ, ଭୁବନେଶ୍ୱରରୁ କେସିଙ୍ଗା ଭାୟା ଉତ୍‌କେଲା ଏକ ନୂଆ ରେଳପଥ ନିର୍ମାଣ, ଜୟପୁର ଓ ଜୁନାଗଡ ରୋଡ ମଧ୍ୟରେ ନୂଆ ରେଳପଥ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହେଉଛି। ଅନେକ ଥର କେନ୍ଦ୍ର ପ୍ରସ୍ତାବିତ ସତ୍ତ୍ୱେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ସେଥିପ୍ରତି ଜନପ୍ରତିନିଧି ତଥା ଉଭୟ ସରକାର ଧ୍ୟାନ ଦେବା ପାଇଁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି। ଏହି ସଂକ୍ରାନ୍ତରେ ରେଳମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ ପାଇଁ କଳାହାଣ୍ଡି ବିକାଶ ପରିଷଦର ଟିମ୍ ରେଳମନ୍ତ୍ରୀଙ୍କୁ ଖୁବ୍‌ଶୀଘ୍ର ସାକ୍ଷାତ କରି ଅବଗତ କରାଇବାର ନିଷ୍ପତି ନିଆଯାଇଛି ବୋଲି ସେ କହିଥିଲେ।



କଳାହାଣ୍ଡି ବିକାଶ ପରିଷଦ ଅଧ୍ୟକ୍ଷା ଡ.ସୁନୀତି ମୁଣ୍ଡ ସୂଚନା ଦେଉଛନ୍ତି।

**ସାମାଜିକ-ଅର୍ଥନୈତିକ ବିକାଶରେ ସାଜିଛି ବାଧକ**

## ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷ ରୋପଣ

ଭବାନୀପାଟଣା,୨୧।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱବଧାନରେ ବିଦ୍ୟାଳୟ ସବୁଜ ବାହିନୀ ୟୁକୋ କ୍ଲବ ପକ୍ଷରୁ ମୁଁ ବି ଗଛ ଟିଏ ଲଗାଇବି-ମୋ କୁନି ହାତରେ ତାହାର ଯତ୍ନ ନେବି- ମୋ ବିଦ୍ୟାଳୟ ଓ ମୋ ଗାଁକୁ ସବୁଜ ସୁନ୍ଦର କରିବି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବା ଛାତ୍ରୀ ସୁଶ୍ରୀ କେଶିକା ବେହେରା ଓ ଛାତ୍ର ଜୋସେଫ ପ୍ରିନ୍ସ ଉଭୟଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ମଞ୍ଜୁରୀ ନାଗଙ୍କ ସହ ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବରର୍ଡ଼ୀ ଓ ସଂଯୁକ୍ତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଚେତା ଦାଶ, ସଭ୍ୟା ମଞ୍ଜରୀ ପଟ୍ଟନାୟକ, ପ୍ରତିଭା ଦାଶ, ନିଶାମଣୀ ଦେଇ ଓ କଲ୍ୟାଣୀ ଦାସ ସହଯୋଗ କରିଥିଲେ। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ଅନେକ ବୃକ୍ଷ ଲଗେଇଥିଲେ। ସେହିପରି ସମସ୍ତେ ବୃକ୍ଷର ଯତ୍ନ ନେବା ପାଇଁ ସଂକଳ୍ପ ନେଇଥିଲେ। ବିଦ୍ୟାଳୟ କ୍ୟାପଟେନ ସମୀକ୍ଷା ଦୀପ ଧନ୍ୟବାଦ ଦେଇଥିଲେ।

# ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ସମାଜର ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କର୍ଲାମୁଣ୍ଡା,୨୧।୭(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡରା ପଞ୍ଚାୟତ କୁର୍ଶୁର୍ଲା ଶିଶୁ ମନ୍ଦିର ନିକଟରେ ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ସମାଜ ଗୃହ ପାଇଁ ଭିତ୍ତି ସ୍ଥାପନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଭୁପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଯୋଗଦେଇ କର୍ଲାମୁଣ୍ଡା ଓ ଏମ୍. ରାମପୁର ଶାଖାର କମ୍ୟୁନିଟି ଭବନ ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ସମାଜ କର୍ଲାମୁଣ୍ଡା ବ୍ଲକ ସଭାପତି ନିଳାମ୍ବର ବେହେରା, ସମ୍ପାଦକ ରାଜେନ୍ଦ୍ର ବେହେରା, ଏମ୍.ରାମପୁର ବ୍ଲକ ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ନର୍ଲା ବ୍ଲକ ସଭାପତି କୁବେର ଚନ୍ଦ୍ର ସାହୁ,ସମାଜର ଉପଦେଷ୍ଟା କମିଟିର ଅରୁଣ ବେହେରା, ସୁରେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ସାହୁ, ପୀତାମ୍ବର ପରିଡ଼ା, ଖୁସିରାମ ଚୌଧୁରୀ, ଜନ୍ମେଜୟ ସାହୁ, ସୁଶାନ୍ତ ପରିଡାଙ୍କ ସମେତ ଶୌଣ୍ଡିକ ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଜୋରାଡବରାଠାରେ ତୈଳିକ ହଳଦିଆ ବୈଶ୍ୟ ସାହୁ ସମାଜ ଜିଲା କାର୍ଯ୍ୟାଳୟ ପରିସରରେ ବିଧାୟକ ସିଂ ଓ ବିଡିଓ ସୂଚରିତା ମୁଗ୍ରୀ, ଜିଲା ସଭାପତି ନୀଳମଣି ସାହୁ, ସାଧାରଣ ସମ୍ପାଦକ ନବୀନ କୁମାର ସାହୁଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅନୁଦାନରେ ନିର୍ମାଣ ହେବାକୁ ଥିବା ଗୃହ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଥିଲା। ଏଥିରେ ହିରାମଣି ସାହୁ, ପବିତ୍ର ସାହୁ, ବ୍ଲକ ସଭାପତି ଲକ୍ଷ୍ମୀ ପ୍ରସାଦ ସାହୁ, ସୁରେନ୍ଦ୍ର ସାହୁ, ଯଜ୍ଞସେନ ସାହୁ, କୁଞ୍ଜ ବିହାରୀ ସାହୁ, କିଷନଲାଲ ସାହୁ, ଟୁପି ଲାଲ ସାହୁ, ଜଗବନ୍ଧୁ ସାହୁ, ମୋହନ ସାହୁଙ୍କ ସମେତ ସମାଜ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।



ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ସମାଜ କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

## ବେହେରାରେ ଖୋଲିବ ଯୁକ୍ତ ୨ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ

ବେହେରା,୨୧।୭ (ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମରେ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବ। ଏ ନେଇ କଳାହାଣ୍ଡି ଶିକ୍ଷା ବିଭାଗ ପକ୍ଷରୁ ବେହେରା ସରପଞ୍ଚଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଦଣ୍ଡପାଟ ଅଞ୍ଚଳର ପ୍ରମୁଖ ସ୍ଥଳ ବେହେରା ଗ୍ରାମରେ ଆଖପାଖ ୧୫ରୁ ଅଧିକ ଗ୍ରାମପଞ୍ଚାୟତ ସହ ପଡୋଶୀ ନବରଙ୍ଗପୁର ଜିଲାର ଅଧିକାଂଶ ଲୋକେ ନିର୍ଭର କରିଥାନ୍ତି। ଏଠିକାର ସ୍କୁଲ ଓ କଲେଜରେ ଅନେକ ଦୂର ଦୁରାନ୍ତରୁ ଛାତ୍ରୀଛାତ୍ର ଆସି ଅଧ୍ୟୟନ କରୁଥିବା ବେଳେ ଯୁକ୍ତ ୨ ବିଜ୍ଞାନ ନ ଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଆର୍ଟସ ବିଷୟ ସ୍ଥାନୀୟ ଲଖୀରାମ ଅଗ୍ରୱାଲ ଉଚ୍ଚବିଦ୍ୟାଳୟରେ ଥିବା ବେଳେ ବିଜ୍ଞାନ ବିଷୟ ନେଇ ପଢିବାକୁ ଇଚ୍ଛୁକ ଛାତ୍ରୀଛାତ୍ର ବାହାରକୁ ଯିବାକୁ ପଡିଥାଏ। ଅନେକ ଗରିବ ଶ୍ରେଣୀର ଛାତ୍ରୀଛାତ୍ର ବିଜ୍ଞାନ ବିଷୟ ନେବାକୁ ଚାହୁଁଥିଲେ ମଧ୍ୟ ଦୂରତା ଓ ଆର୍ଥିକ ଦୁର୍ବଳତା ଯୋଗୁ ତାଙ୍କ ସ୍ୱପ୍ନ ପୂରଣ ହୋଇ ପାରୁ ନ ଥିଲା। ଏହାକୁ ହୃଦୟଙ୍ଗମ କରି ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା ୫-ଟି ସଚିବଙ୍କ କଳାହାଣ୍ଡି ଗସ୍ତ ସମୟରେ ଅନୁରୋଧ କରିଥିଲେ। ୫-ଟି ସଚିବ ଏହି ବିଷୟ ଗୁରୁତ୍ୱ ଦେଇ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ଖୋଲାଯିବାକୁ କଳାହାଣ୍ଡି ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବେହେରାରେ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବା ନେଇ ଜଣାପଡ଼ିବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଥିବା ସହ ସରପଞ୍ଚଙ୍କ ପ୍ରୟାସକୁ ଲୋକେ ପ୍ରଶଂସା କରୁଛନ୍ତି।




# କୂଳ ଲଂଘୁଛି ହାତୀ ନଦୀ, ଆତଙ୍କିତ ନଇକୂଳିଆ ଗ୍ରାମବାସୀ

ଭବାନୀପାଟଣା,୨୧।୭
(ଉତ୍ତମ କୁମାର ଦାଶ)



କଳାହାଣ୍ଡିରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ଜିଲାରେ ପ୍ରବାହିତ ହାତୀନଦୀରେ ବର୍ଷ ତମାମ ପାଣି ଚାଲିଥାଏ। ହେଲେ ବର୍ଷା ଋତୁରେ ଏହି ନଦୀରେ ପାଣି କୂଳ ଲଂଘିବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଫଳରେ କଳମପୁର ଓ ଜୁନାଗଡ଼ ବ୍ଲକର ନଦୀକୂଳ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଥାଏ। ହେଲେ ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନ କି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ବର୍ଷା ଋତୁରେ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବର୍ଷା ଋତୁରେ ବନ୍ୟା ସ୍ଥିତି ସୃଷ୍ଟି ହେଉଥିବାରୁ ହାତୀନଦୀ କୂଳରେ ଥିବା କଳମପୁର ବ୍ଲକର ଟେମରା, ପରୁଆଗୁଡ଼ା, ମାଟିଖାଲ, ବିରିପୁର, ଜାମପଡ଼ା, ବଙ୍କାପଲା, ଖଣ୍ଡିଡଙ୍ଗରୀଗୁଡ଼ା, ସାନକୁଟ୍ରୁ ସମେତ ଜୁନାଗଡ଼ ବ୍ଲକ କୋଟେନ ଗାଁ, ବଣିଜରା, ଚିଲଗୁଡା, ପୁରୁଣାସର, ମାଲପଡ଼ା, ବାରବେସାଲ, ବୋଦେଲ, ବରଗାଁ ଆଦି ଗାଁର ଲୋକେ ପ୍ରଭାବିତ ହୋଇଥାଆନ୍ତି।

କଳମପୁର ବ୍ଲକ ବାଲିଛଡ଼ାରେ ବନ୍ୟାଞ୍ଚଳ ଭିତରେ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଫଳରେ ବନ୍ୟା ସମୟରେ ଆଶ୍ରୟସ୍ଥଳୀ ମଧ୍ୟ ପାଣି ଘେରରେ ରହିଥାଏ। ଆଶ୍ରୟସ୍ଥଳୀକୁ ଯିବା ପାଇଁ ଭଲ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ୨୦୧୦ରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ତତ୍କାଳୀନ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ଜିଲାର ବନ୍ୟାଞ୍ଚଳ ଗସ୍ତରେ ଆସି ନଦୀ କୂଳିଆ ଗାଁର ସୁରକ୍ଷା ପାଇଁ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ଜଳ ସମ୍ପଦ ବିଭାଗ ମାଧ୍ୟମରେ ପଥରବନ୍ଧ ନିର୍ମାଣ ପାଇଁ ଘୋଷଣା କରିଥିଲେ। ଏ ନେଇ ଟେଣ୍ଡର ଚୁକ୍ତିନାମା ମଧ୍ୟ ହୋଇଥିଲା। ହେଲେ କମ୍ପାନୀ ନିମ୍ନମାନର କାମ କରିଥିବା ଯୋଗୁ ଏ ମାମଲା ଏବେ ଅଦାଲତରେ ରହିଥିଲା। ପରବର୍ତ୍ତୀ ସମୟରେ ବାଲିଛଡ଼ା ଗାଁର ପାଖାପାଖି ୩ଶହ ମିଟରରେ ପଥର ପ୍ୟାଚିଂ କାମ କରାଯାଇଛି। ହେଲେ ତାହା ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ଦେଖିବାକୁ ମିଳିଛି। ସେପଟେ ପଥର ବନ୍ଧ ନ ଥିବା ଯୋଗୁ ଏବେ ଧୀରେ ଧୀରେ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି ହାତୀନଦୀ କୂଳରେ ଥିବା ଗାଁ। ବର୍ଷା ଆସିଲେ ଗ୍ରାମବାସୀଙ୍କ ଦୁଃଖ ବଢ଼ି ଯାଉଛି। ଏ ନେଇ କଳମପୁର ବିଡ଼ିଓ ବିଜୟ ମାଡାଙ୍ଗୀ କହିଛନ୍ତି ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇଥିବା ବେଳେ ଯଥାଶୀଘ୍ର ଏହାର ସ୍ଥାୟୀ ପ୍ରତିକାର କରାଯିବ ବୋଲି କହିଥିଲେ।

**ବନ୍ୟାଞ୍ଚଳ ଭିତରେ ଆଶ୍ରୟ ସ୍ଥଳୀ**

**ତହସିଲଦାରଙ୍କୁ ଦାବିପତ୍ର**

ତରଭା,(ମାନଭଞ୍ଜନ ମିଶ୍ର): ଗାଁ ବନ୍ଧ ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବିରେ ଗୁଞ୍ଜିମୁଣ୍ଡା ଗ୍ରାମର ମହିଳାଓ ପୁରୁଷ ତରଭା ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ତରଭା ବ୍ଲକ ମାରାଡୁଗୋଚ୍ଛା ଗ୍ରାମ ପଞ୍ଚାୟତ ଗୁଞ୍ଜିମୁଣ୍ଡା ଗ୍ରାମରେ ଥିବା ପଥରିଆ ମୁଣ୍ଡା ବନ୍ଧରେ ଲୋକେ ଗାଧୋଇବା ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । କିନ୍ତୁ ବନ୍ଧକୁ ଯାଇଥିବା ରାସ୍ତାକୁ ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରିଥିବାରୁ ଗ୍ରାମବାସୀ ବନ୍ଧକୁ ଗାଧୋଇବାକୁ ଯାଇ ପାରୁନାହାନ୍ତି । ବନ୍ଧକୁ ଯିବା ରାସ୍ତା ତଥା ଅନ୍ୟ ସରକାରୀ ଜମି ମାପ କରି ଜବରଦଖଲ ମୁକ୍ତ କରିବାକୁ ଦାବି କରାଯାଇଛି ।



## ସଂକ୍ଷେପରେ

### ଦ୍ୱିତୀୟ ଦିନରେ ବି ସ୍କୁଲରେ ତାଲା

**ସିଲେଟପଡ଼ା ସ୍କୁଲରେ ଶିକ୍ଷକ ବଦଳି ପ୍ରସଙ୍ଗ**

ଘଣ୍ଟାପଡ଼ା,୨୧।୭(ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ସିଲେଟପଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର କଅଁରଙ୍କ ବଦଳିକୁ ନେଇ ଆନ୍ଦୋଳନ ଜୋର ଧରିଛି। ଗୁରୁବାର ସକାଳୁ ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ମିଳିତ ଭାବେ ସ୍କୁଲରେ ତାଲା ପକାଇ ବଦଳି ବାତିଲ ପାଇଁ ଦାବି କରିଥିଲେ। ଦ୍ୱିତୀୟ ଦିନରେ ମଧ ସ୍କୁଲରେ ତାଲା ପଡ଼ିଛି। କେବଳ ସିଆରସିସିଙ୍କ ବ୍ୟତୀତ କୌଣସି ପଦାଧିକାରୀଙ୍କ ଦେଖାନାହିଁ। ବ୍ଲକ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ସଦାନନ୍ଦ ରଣା କହିଛନ୍ତି, ଭାରପ୍ରାପ୍ତ ପ୍ରଧାନଶିକ୍ଷକ କହଁରଙ୍କୁ ପୁନଃ ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ସ୍କୁଲରେ ତାଲା ପଡିଥିବ। ଶୁକ୍ରବାର ସ୍କୁଲ ସମ୍ମୁଖରେ ସ୍କୁଲ ପରିଚାଳନା କମିଟି ଅଧକ୍ଷ ରଣା, ଉପାଧକ୍ଷ ଦେବେନ୍ଦ୍ର ପାଣିଗ୍ରାହୀ, ରାମେଶର ରଣା, କପିଳ ରଣା, ସ୍କୁଲ କମିଟିର ସଦସ୍ୟ ଓ ଅଭିଭାବକ ପ୍ରତିବାଦ କରିବା ଦେଖିବାକୁ ମିଳିଥିଲା।

### ସରକାରୀ ମାନ୍ୟତା ଦାବିରେ ମୋଟର କର୍ମଚାରୀ ସଂଘର ବିକ୍ଷୋଭ

ସୋନପୁର,୨୧।୭(ମୃତ୍ୟୁଞ୍ଜୟ ଶତପଥୀ): ସରକାରୀ କର୍ମଚାରୀ ମାନ୍ୟତା ଦାବିରେ ଓଡିଶା ସରକାରୀ ମୋଟର କର୍ମଚାରୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଡେପୁଟି କଲେକ୍ଟର ଆନନ୍ଦ ଚନ୍ଦ୍ର ପଣ୍ଡା ସଂଘର କର୍ମକର୍ତ୍ତାଙ୍କ ନିକଟରୁ ସ୍ମାରକପତ୍ର ଗ୍ରହଣ କରିଥିଲେ । ସଂଘ ପକ୍ଷରୁ କୁହାଯାଇଛି ଯେ, ମୋଟର ସରକାରୀ କର୍ମଚାରୀମାନେ ଜିଲାର ବିଭିନ୍ନ ସରକାରୀ ବିଭାଗରେ ଡ୍ରାଇଭର ଭାବେ କାର୍ଯ୍ୟ କରି ଆସୁଛନ୍ତି । ଏପରିକି ଦୀର୍ଘ ୨୦ ରୁ ୨୫ ବର୍ଷ ହେଲା କିଛି ମୋଟର ଚାଳକ ବିଭିନ୍ନ ବିଭାଗରେ ଠିକା, ଏନଏମଆର, ଡିଏଲଆର କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି । ଡ୍ରାଇଭରମାନେ ଅସ୍ଥାୟୀ କର୍ମଚାରୀ ହୋଇଥିବାରୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥିତିରେ ସମ୍ପୃକ୍ତ ମୋଟର ଚାଳକଙ୍କ ପରିବାର ପ୍ରତିପୋଷଣ କରିବା ସହ ସେମାନଙ୍କ ପିଲାଛୁଆଙ୍କୁ ପାଠ ପଢାଇବା କଷ୍ଟକର ହୋଇପଡିଛି। ତେଣୁ ଆସନ୍ତା ୧ ମାସ ମଧ୍ୟରେ ଦାବିଗୁଡିକ ପୂରଣ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ଚେତାବନୀ ଦିଆଯାଇଛି । ଜିଲା ସଂଘ ସଭାପତି ସଞ୍ଜୀବ ନାଏକ, ମୁଖ୍ୟ ଉପଦେଷ୍ଟା ଚକ୍ରଧର ମହାପାତ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ପାଢ଼ୀ, ଅନନ୍ତ ପ୍ରସାଦ ପାଢ଼ୀ, ଇନ୍ଦ୍ରମଣି ଠାକୁର, ଦୟାନିଧି ପଣ୍ଡା, ଦିଲୀପ ସେଠୀ, ରବି ବହିଦାର, ଗୌରାଙ୍ଗ ଦାସ, ସୁଦାମ ଚରଣ ଦାସ, ଅରୁଣ ମେହେର, ସୁନିଲ ମହାନ୍ତି, ବୀରବର ପୁରୋହିତ ଓ ସୁରଥ ଭୋଇଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ବ୍ଲକ୍ ଗ୍ରାଣ୍ଟ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବିକ୍ଷୋଭ

ସୋନପୁର,୨୧।୭(ମୃତ୍ୟୁଞ୍ଜୟ ଶତପଥୀ)



ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଅବସରକାଳୀନ ପ୍ରାପ୍ୟ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ଦାବିରେ ସୁବର୍ଣ୍ଣପୁର ଜିଲା ବ୍ଲକ ଗ୍ରାଣ୍ଟ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ ସ୍ମାରକପତ୍ର ଗ୍ରହଣ କରିଥିଲେ। ପରେ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ସ୍ମାରକପତ୍ର ଗ୍ରହଣ କରିଥିଲେ। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଦୀର୍ଘ ୩୦ରୁ ୩୫ ବର୍ଷ ଧରି ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟରେ କାର୍ଯ୍ୟ କଲା ପରେ ଶିକ୍ଷକ ଓ କର୍ମଚାରୀମାନେ ଅବସର ଗ୍ରହଣ କରିଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଅବସରକାଳୀନ ପ୍ରାପ୍ୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯାଇନି। ପରିବାର ପ୍ରତିପୋଷଣ କରିବାରେ କଷ୍ଟ ହେଉଛି। ତେଣୁ ସଂଘ ପକ୍ଷରୁ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ସରକାର ଦାବି ପୂରଣ ନ କଲେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ପରିବାରବର୍ଗଙ୍କ ସହିତ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସଂଘର କୁଳମଣି ମିଶ୍ର, ମୋହନ ବାରିକ, ପୁରନ୍ଦର ପୁରୋହିତ, ତରଣୀସେନ ପଧାନ, ପଞ୍ଚାନନ ପଣ୍ଡା, ନବୀନ କୁମାର ପାଢ଼ୀ, ଲକ୍ଷ୍ମଣ ରଣା, ବିଶ୍ୱନାଥ ପଣ୍ଡା ଓ ରାମବଲ୍ଲଭ ବାରିକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**ଅବସରକାଳୀନ ପ୍ରାପ୍ୟ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ଦାବି**

# ବିଧାୟକ କଲେ ଅସହାୟ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା

ଅମରପାଲି,୨୧।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଲସ୍ତଲା ଗ୍ରାମର ଜଣେ ଗରିବ ଶ୍ରେଣୀର ଯୁବକଙ୍କ ଚିକିତ୍ସା ବ୍ୟବସ୍ଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା କରାଇଛନ୍ତି। ଫଳରେ ଯୁବକଙ୍କ ଅସ୍ତ୍ରୋପଚାର ହୋଇ ପାରିଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଲସ୍ତଲା ଗ୍ରାମର ଦୁଃଖୀରାମ ବାରକୁଟିଆ (୨୫) ଜନ୍ମ ରୁ ମୂତ୍ରାଶୟ ରୋଗରେ ପୀଡିତ ଥିଲେ। ତାଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ରୋଗାକ୍ରାନ୍ତ ଯୁବକ ଜଣକ ତାଙ୍କ ଭାଇମାନଙ୍କ ଉପରେ ନିର୍ଭର କରନ୍ତି। ମୂତ୍ରାଶୟ ସମସ୍ୟା ଯୋଗୁ ଏକାଧିକ ଥର ଅସ୍ତ୍ରୋପଚାର କରି ସାରିଛନ୍ତି। ଆବଶ୍ୟକ ଟଙ୍କା ନ ଥିବାରୁ ଚିକିତ୍ସା ସମୟରେ ଅନେକ ସମସ୍ୟାରେ ପଡିଥାନ୍ତି। ଏବେ ସେ କିଡ଼ନୀ ପଥୁରି ରୋଗରେ ପୀଡ଼ିତ ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲକୁ ନିଆଯାଇଥିଲା। ମାତ୍ର ଚିକିତ୍ସା ନିମନ୍ତେ ତାଙ୍କୁ ଅପେକ୍ଷା କରିବା ପାଇଁ ସେଠାକାର କର୍ମଚାରୀମାନେ କହିଥିଲେ। ତାଙ୍କ ଚିକିତ୍ସା ଜରୁରୀ ଥିବାରୁ ସେ ବାଧହୋଇ ସୁବର୍ଣ୍ଣପୁର ଜିଲା ବିଜେଡିର ସଂପାଦକ ଗଙ୍ଗାଧର ମହାକୁରଙ୍କୁ ଯୋଗାଯୋଗ କରିଥିଲେ। ମହାକୁର ଏ ନେଇ ବୀରମହାରାଜପୁର ବିଧାୟକ ପଦ୍ମନାଭ ହେରାଙ୍କୁ ଜଣାଇଥିଲେ। ବିଧାୟକ ତୁରନ୍ତ ଉକ୍ତ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦୁଃଖୀରାମଙ୍କ ଚିକିତ୍ସା ନିମନ୍ତେ ଅନୁରୋଧ କରିଥିଲେ। ବିଧାୟକଙ୍କ ହସ୍ତକ୍ଷେପ ଫଳରେ ଗୁରୁବାର ଦୁଃଖୀରାମଙ୍କ ସଫଳ ଅସ୍ତ୍ରୋପଚାର ହୋଇଥିବା ବେଳେ ସେ ସୁସ୍ଥ ଥିବା ଜଣାପଡିଛି। ସରକାରଙ୍କ ତରଫରୁ ଦିଆଯାଇଥିବା ବିଏସକେୱାଇ କାର୍ଡ ଥିବାରୁ ଦୁଃଖୀରାମଙ୍କ ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ପଡିନାହିଁ ବୋଲି ପରିବାର ସୂତ୍ରରୁ ଜଣାପଡିଛି।


ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଦୁଃଖୀରାମ ।

# ୩ରେ ଗୁନ୍ଦୁଲିଆ ଆର୍‌ଆଇ ଅଫିସ ଘେରାଉ

ବାଉଁଶୁଣୀ,୨୧।୭(ଦେବାଶିଷ ନେପାକ)

ଆସନ୍ତା ୩ ତାରିଖରେ ବୌଦ୍ଧ ଜିଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ଦୁଇ ଦଫା ଦାବି ନେଇ ଗୁନ୍ଦୁଲିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନେଇଛି। ସଙ୍ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ବୈଠକ ଜିଲା ସଭାପତି ରୋହିତ କହଁରଙ୍କ ଅଧ୍ୟକ୍ଷତାରେ ଗୁନ୍ଦୁଲିଆ ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପ ସଭାପତି ବସନ୍ତ ଖୁରା, ସହକାରୀ କୋଷାଧକ୍ଷ ଶ୍ରୀନିବାସ ହାତୀ, ସଂଗଠନ ସମ୍ପାଦକ ଦେବଦତ୍ତ ସାଗର ଯୋଗଦେଇ ଭାରତରତ୍ନ ଡ. ଆମ୍ବେଡକରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ହକ୍ ପାଇଁ ଲଢେଇ କରିବା ସକାଶେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସଙ୍ଗଠନ ପକ୍ଷରୁ ଗତବର୍ଷ ବୌଦ୍ଧ ତହସିଲରେ ଆବେଦନ କରିଥିବା ପ୍ରାୟ ୩ ହଜାର ଭୂମିହୀନ ଏବଂ ଡିହହୀନ ହିତାଧିକାରୀଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ ଏବଂ ପ୍ରାୟ ୪୦ ବର୍ଷ ଧରି ଜାଲିଆତି କରି ଅନୁସୂଚିତ ଜାତି ତାଲିକାରେ ସାମିଲ ହେବା ସହିତ ସମସ୍ତ ସୁବିଧା ସୁଯୋଗ ହାସଲ କରି ଆସୁଥିବା ନକଲି କେଉଟ, ଧୀବର, କୈବର୍ତ୍ତ (କେଡିକେ) ମାନଙ୍କୁ ତୁରନ୍ତ ହଟାଇବା ବିରୁଦ୍ଧରେ ତଥା ସାମାଜିକ ଅଧିକାର, ରାଜନୈତିକ ଅଧିକାର, ଅର୍ଥନୈତିକ ଅଧିକାର ଓ ସାମ୍ବିଧାନିକ ଅଧିକାର ସପକ୍ଷରେ ଜୋରଦାର ଆନ୍ଦୋଳନ ହେବ ବୋଲି ସଂଗଠନର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗ ଚେତାବନୀ ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଜାପତି ଭବସାଗର, ନନ୍ଦିନୀ ନାଏକ , ଜୟରାମ ହରିପାଲ, ଗୁନ୍ଦୁଲିଆ ପଞ୍ଚାୟତର ସଭାପତି ଦଣ୍ଡପାଣି ଭବସାଗର, ଉପ ସଭାପତି ରମେଶ ସୁନା, ସମ୍ପାଦକ ସନ୍ତୋଷ ବେହେରା, ସହକାରୀ ସଂପାଦକ ଘାସିରାମ ଜଗଦଲା, କୋଷାଧକ୍ଷ ପ୍ରତିମନ ସୁନା, ସଙ୍ଗଠନ ସମ୍ପାଦକ ସଞ୍ଜୟ ଲୁହା, ବ୍ଲକ ସଂଯୋଜକ ନୀଳାଦ୍ରି ବେହେରା, ଗୋଛାପଡ଼ା ପଞ୍ଚାୟତ ସଭାପତି ଝରିଆ ଖୁରା, ଉପ ସଭାପତି ଏସ. ଉର୍ମା, ସମ୍ପାଦକ ରମେଶ ମହାନନ୍ଦିଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା ।

**ବୌଦ୍ଧ ଜିଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ବୈଠକ**

### ଓଭର ଡୋଜ୍ ଭାକ୍ସିନ୍ ଦେବାରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

**ରାମପୁର ଥାନାରେ ବାପାଙ୍କ ଅଭିଯୋଗ**

ଡୁଙ୍ଗୁରିପାଲି,୨୧।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅଞ୍ଚଳରେ ଓଭରଡୋଜ୍ ଭାକ୍ସିନ୍ ଦେବାରୁ ଏକ ଦୁଇମାସର ଶିଶୁପୁତ୍ରର ଅକାଳ ମୃତ୍ୟୁ ଘଟିଛି। ଏ ନେଇ ଶିଶୁପୁତ୍ରର ପିତା ନରେନ୍ଦ୍ର ସାଣ୍ଡ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି। ପ୍ରକାଶ ଯେ, ରାମପୁର ଥାନା ମାୟାବର୍ହା ପଞ୍ଚାୟତ ଧାନବସା ଗ୍ରାମର ନରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ପ୍ରମୋଦିନୀ ଶିଶୁପୁତ୍ରକୁ ଭାକ୍ସିନ୍ ଦେବା ପାଇଁ ବୁଧବାର ସକାଳେ ମାୟାବର୍ହାସ୍ଥିତ ଜୀବନଦାଦର ଅଙ୍ଗନବାଡି କେନ୍ଦ୍ର(କ)କୁ ଆସିଥିଲେ। ସେଠାରେ ମାୟାବର୍ହା ସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ୍ (ସ୍ୱାସ୍ଥ୍ୟକର୍ମୀ) ଏକା ସାଙ୍ଗରେ ଚାରୋଟି ଭାକ୍ସିନ୍ ଦେଇଥିଲେ। ପୁଅକୁ ଧରି ମା' ବାପା ଘରକୁ ଚାଲି ଆସିଥିଲେ। କିନ୍ତୁ ଘରେ ଭାକ୍ସିନ ନେଇଥିବା ଶିଶୁପୁତ୍ର ସେହିଦିନ ବିଳମ୍ବିତ ରାତିରେ ଅଚେତ ହୋଇ ପଡ଼ିଥିଲା। ଫଳରେ ଉଭୟ ମା'ବାପା ଶିଶୁପୁତ୍ରକୁ ଧରି ବରପାଲି ମେଡିକାଲକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ନେଉଥିବା ବେଳେ ବାଟରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା। ଫଳରେ ଶିଶୁକୁ ଧରି ସେମାନେ ଘରକୁ ଫେରିଥିଲେ। ଓଭର ଡୋଜ୍ ଭାକ୍ସିନ୍ ନେବାରୁ ଏଭଳି ଅଘଟଣ ଘଟିଲା ବୋଲି ସାଣ୍ଡ ଗୁରୁବାର ରାମପୁର ଥାନାରେ ଅଭିଯୋଗ କରି ନ୍ୟାୟ ଦେବା ପାଇଁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ରାମପୁର ଥାନା ଅଧିକାରୀ ରଞ୍ଜିତ୍ କୁମାର ସାହୁଙ୍କୁ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସେ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।

# ଫଟୋ ସାମ୍ବାଦିକ ଶ୍ରବଣଙ୍କ ପରିବାରକୁ ମିଳିଲା ସହାୟତା


ଦମୟନ୍ତୀ ପଧାନଙ୍କୁ ଜିଲାପାଳ ବିମଳେନ୍ଦୁ ରାୟ ସହାୟତା ରାଶି ସମ୍ପର୍କିତ ନିର୍ଦ୍ଦେଶନାମା ପ୍ରଦାନ କରୁଛନ୍ତି।

ଅମରପାଲି/ସୋନପୁର,୨୧।୭ (ପୀତାମ୍ବର ସାହୁ/ମୃତ୍ୟୁଞ୍ଜୟ ଶତପଥୀ)

ଧରିତ୍ରୀର ପ୍ରାକ୍ତନ ଫଟୋ ସାମ୍ବାଦିକ ସ୍ୱର୍ଗତ ଶ୍ରବଣ କୁମାର ପଧାନଙ୍କ ମା' ଦମୟନ୍ତୀଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ମିଳିଛି। ଶ୍ରବଣ ଅବିବାହିତ ଥିବାରୁ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରଦତ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ସମ୍ପର୍କିତ ନିର୍ଦ୍ଦେଶନାମା ତାଙ୍କ ମା' ଦମୟନ୍ତୀ ପଧାନ(୮୦)ଙ୍କୁ ଶୁକ୍ରବାର ପ୍ରଦାନ କରିଛନ୍ତି। ଓଡିଶା କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଏହି ସହାୟତା ଦମୟନ୍ତୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଶୁକ୍ରବାର ଜମା ହୋଇଛି। ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବିଶେଷ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ସାମ୍ବାଦିକ ସଂଘର ସଭାପତି ଗୋରେଖନାଥ ସାହୁ, ସମ୍ପାଦକ ବ୍ୟୋମକେଶ ଦାଶ, ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରି, ସାମ୍ବାଦିକ ମୃତ୍ୟୁଞ୍ଜୟ ଶତପଥୀ, ସତ୍ୟବାନ ପୁରୋହିତ, ବିଭାଗୀୟ ଅଧିକାରୀ ବିଦ୍ୟାପତି ପଣ୍ଡା, ମାନଭଞ୍ଜନ ପୂଜାରୀ ଓ ନିରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମୃତ ସାମ୍ବାଦିକଙ୍କ ପରିବାରବର୍ଗ ଏଥିପାଇଁ ରାଜ୍ୟ ସରକାର ଓ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କୁ ସହାୟତା ସକାଶେ କୃତଜ୍ଞତା ଜଣାଇଛନ୍ତି।

# ୨୨ କେଜି ଗଞ୍ଜେଇ ଜବତ: ମହିଳା ଗିରଫ

ବାଉଁଶୁଣୀ,୨୧।୭(ଦେବାଶିଷ ନେପାକ)

ବୌଦ୍ଧ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇ ୨୨ କେଜି ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ , ସକାଳେ ବୌଦ୍ଧ ଅବକାରୀ ଟିମ୍ ବୌଦ୍ଧ ବ୍ଲକ ଗୋଛାପଡା ପଞ୍ଚାୟତର ପଞ୍ଝୁପାଲିଠାରୁ ଉସମିଲକା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ମହିଳାଙ୍କ ଠାରୁ ଏହି ଗଞ୍ଜେଇ ଜବତ କରିଥିଲା । ଗିରଫ ମହିଳା ଜଣକ ଗୁନ୍ଦୁଲିଆ ପଞ୍ଚାୟତ ଭରୁଆ ଗ୍ରାମର ହିମାଦ୍ରୀ କୁମ୍ଭାର ବୋଲି ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏ ନେଇ ବୌଦ୍ଧ ଅବକାରୀ ଥାନାରେ ୩୮/୨୦୨୩-୨୪ରେ ଏକ ମାମଲା ରୁଜୁ ହୋଇଛି ।

# ପ୍ରଶାସନର ଟ୍ରଫି ହସ୍ତାନ୍ତର ଉତ୍ସବ

**ବୌଦ୍ଧ ଜିଲାକୁ ଭୂମି ସମ୍ମାନ**

ବୌଦ୍ଧ,୨୧।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାକୁ ସମ୍ମାନଜନକ ଭୂମି ସମ୍ମାନ ମିଳିଛି। ଶୁକ୍ରବାର ଦିନ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ଏହି ଭୂମି ସମ୍ମାନ ଟ୍ରଫି ଓ ମାନପତ୍ରକୁ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଉପଜିଲାପାଳ ରବୀନ୍ଦ୍ର ନାଥ କହଁରଙ୍କ ନେତୃତ୍ୱରେ ଡେପୁଟି କଲେକ୍ଟର ସତ୍ୟଜିତ ମହାପାତ୍ର, ହରଭଙ୍ଗା ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ ତିନିଜଣିଆ ପ୍ରତିନିଧି ବୌଦ୍ଧ ଜିଲାକୁ ପ୍ରତିନିଧିତ୍ୱ କରି ଦିଲ୍ଲୀ ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଏହି ଟ୍ରଫି ଓ ମାନପତ୍ରକୁ ଗ୍ରହଣ କରି ଟ୍ରଫି ହାସଲ ଦ୍ୱାରା ବୌଦ୍ଧ ଜିଲା ଗୌରବାନ୍ୱିତ ହେବା ସହିତ ରାଜସ୍ୱ କର୍ମଚାରୀମାନଙ୍କୁ ସେବା ଯୋଗାଇବାରେ ପ୍ରୋତ୍ସାହିତ କରିବ ବୋଲି ପ୍ରକାଶ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ, ରାଜସ୍ୱ କର୍ମଚାରୀ, ସେକ୍ସନ ଅଫିସରଙ୍କ ସମେତ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ଭୂମି ସମ୍ମାନ ଟ୍ରଫି ହସ୍ତାନ୍ତର ଉତ୍ସବରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

# ଥାନାରେ ପ୍ରେମୀଯୁଗଳଙ୍କ ବିବାହ କଲା ପୋଲିସ

ଅମରପାଲି,୨୧।୭(ପୀତାମ୍ବର ସାହୁ)

ନା ଥିଲା ବ୍ରାହ୍ମଣର ମନ୍ତ୍ରପାଠ ନା ବାଜୁଥିଲା ସାହାନାଇ। ଅତି ନିରାଡମ୍ବର ଭାବରେ ସୁବର୍ଣ୍ଣପୁର ଜିଲାର ସୁବଳୟା ଥାନା ପରିସରରେ ପ୍ରେମୀଯୁଗଳ ପରସ୍ପରକୁ ଫୁଲମାଳ ଦେଇ ବିବାହ କରିଛନ୍ତି । ଥାନା ଅଧିକାରୀ, ପୋଲିସ ଓ ବରକନ୍ୟାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଏହି ବିବାହ ସମ୍ପନ୍ନ ହୋଇଛି । ବିବାହ କରିଥିବା ପ୍ରେମୀଯୁଗଳ ସମ୍ପର୍କରେ ଦିଅର ଭାଉଜ ବୋଲି ଜଣାପଡିଛି। ପ୍ରକାଶ ଯେ, ଅନୁଗୁଳ ଜିଲା ସାମସିଙ୍ଗା ଗ୍ରାମର ଝିଲି ପ୍ରଧାନ(୨୨) ତିନି ବର୍ଷ ତଳେ ସୁବଳୟା ଥାନା ଅନ୍ତର୍ଗତ ସାନକିରାସିରା ଗ୍ରାମର ମାଧବ ପ୍ରଧାନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଖଣ୍ଡହତା ପଞ୍ଚାୟତ ଅଧୀନ ବରଘାଟ ଗ୍ରାମର ପରେମେଶ୍ୱର ପ୍ରଧାନ (୨୩)ତାଙ୍କ ମାଉସୀ ପୁଅ ଭାଇ ମାଧବଙ୍କ ଘରକୁ ଯିବା ଆସିବା କରିବା ଭିତରେ ଭାଉଜ ଝିଲିଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଶେଷରେ ଉଭୟ ଦିଅର ଭାଉଜ ଗତ ସପ୍ତାହେ ପୂର୍ବରୁ ଘରୁ ପଳାଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ସୁବଳୟା ଥାନାରେ ଏନେଇ ଅଭିଯୋଗ କରିଥିଲେ। ସ୍ୱାମୀ ମାଧବଙ୍କ ଅଭିଯୋଗ ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଗତ ଗୁରୁବାର ଉଭୟ ପ୍ରେମୀ ଯୁଗଳଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ସେମାନେ ପୋଲିସ ନିକଟରେ ପରସ୍ପରକୁ ବିବାହ କରିବେ ବୋଲି କହିଥିଲେ। ପରେ ଥାନା ପରିସରରେ ଝିଅର ବାପଘର ଓ ଶଶୁର ଘର ଲୋକ ଏବଂ ପ୍ରେମିକ ପରମେଶ୍ୱରଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଉଭୟ ଦିଅର ଭାଉଜଙ୍କ ବିବାହ କରାଯାଇଥିଲା। ଏହି ସମୟରେ ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ,ଏସଆଇ ଦୀପ୍ତି ରଞ୍ଜନ ଦିଗାଲ ଉପସ୍ଥିତ ଥିଲେ। ଉକ୍ତ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


ସୁବଳୟା ଥାନାରେ ପ୍ରେମୀଯୁଗଳ ।

# ତରଭାରେ ଜନଶୁଣାଣି ଶିବିର

ତରଭା,୨୧।୭(ମାନଭଞ୍ଜନ ମିଶ୍ର)

ଶୁକ୍ରବାର ସୁବର୍ଣ୍ଣପୁର ଏଡିଏମ ସୂର୍ଯ୍ୟ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ତରଭା ବ୍ଲକସ୍ତରୀୟ ଜନଶୁଣାଣି ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ଏହି ଜନଶୁଣାଣି ଶିବିରରେ ତରଭା ବ୍ଲକର ପ୍ରତ୍ୟେକ ପଞ୍ଚାୟତର ପିଇଓମାନେ ଯୋଗଦେଇ ନିଜ ପଞ୍ଚାୟତରେ ଆର୍ଥିକ ବର୍ଷ ୨୦୨୨-୨୩ ର କାର୍ଯ୍ୟ ଖସଡ଼ା ସୂଚନା ପ୍ରଦାନ କରିଥିଲେ। ୨୩୬୨୩ ଜଣ ଜବକାର୍ଡଧାରୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୪୦୦ଜଣଙ୍କୁ କାର୍ଯ୍ୟ ଦେବାକୁ ଯୋଜନା ଥିବା ବେଳେ ୧୦୩୯୫ ଜଣଙ୍କୁ ଏବର୍ଷ କାମ ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୩୮୬ ପରିବାର ୧୦୦ ଦିନର କାର୍ଯ୍ୟ ଦିବସ ସମ୍ପୂର୍ଣ୍ଣ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ୩୨୮୧ଟି ପ୍ରକଳ୍ପ ମଧ୍ୟରୁ ୧୮୫୯ ସମ୍ପୂର୍ଣ୍ଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଅନିଲ କୁଲୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏପିଓ ଅମୃତାଂଶୁ ପାତ୍ର ପରିଚାଳନା କରିଥିଲେ। ସମସ୍ତ ପିଇଓ, ଜିଆରଏସ, ଭିଆରପି, ସାମାଜିକ ସମୀକ୍ଷକ, ଗାଁ ସାଥୀ ଓ ଜବକାର୍ଡଧାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ୯ ଜଣ ଜବକାର୍ଡଧାରୀଙ୍କୁ ଅତିରିକ୍ତ ଜିଲାପାଳ ଦାସ ସମ୍ବର୍ଦ୍ଧିତ କରିଥିଲେ।


ଅତିଥିଙ୍କ ସହ ଜବ୍‌କାର୍ଡଧାରୀ ହିତାଧିକାରୀ ।

**ଯୁବକଙ୍କ ଆତ୍ମହତ୍ୟା**

ବ୍ରଜରାଜନଗର (ବିଜୟ ବରାଡ଼) : ରାମପୁର ଫାଣ୍ଡି ଅନ୍ତର୍ଗତ ଛୁଆଲିବେର୍ଣ୍ଣରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଅକ୍ରୁର ସାହୁ (୪୯)। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ଖବର ପାଇ ରାମପୁର ଫାଣ୍ଡି ଅଧିକାରୀ ଶଶୀ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ସଂକ୍ଷେପରେ

### ଛୁରିଚଖାରେ ହାତୀ ଆତଙ୍କ,ଭାଙ୍ଗିଲେ ଘର

**କୁତ୍ରା,୨୧।୭(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ କିଛିଦିନର ନୀରବତା ପରେ ପୁଣି ହାତୀ ଆତଙ୍କ ଦେଖିବାକୁ ମିଳିଛି। ଗୁରୁବାର ରାତିରେ ଝାଡଖଣ୍ଡ ସୀମାରେ ଥିବା ଛୁରିଚଖା ଗ୍ରାମରେ ହାତୀପଲ ପଶି ଦାନେଲ ଟେଟେଙ୍କ ଘର ଭାଙ୍ଗିଦେଇଛନ୍ତି। ଦାନେଲ ହାତୀ ଆସିବା ଜାଣି ଅନ୍ୟତ୍ର ପଳାଇ ଯାଇଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବର୍ତ୍ତମାନ ହାତୀପଲ ବ୍ରାହ୍ମଣୀ ରିଜର୍ଭ ଫରେଷ୍ଟରେ ଥିବା ଜଣାପଡିଛି। ଏହି ହାତୀପଲ ଝାରଖଣ୍ଡରୁ ଆସିଥିବା ବେଳେ ଏଥିରେ ୧୯ ଟି ହାତୀ ରହିଛନ୍ତି। ତେବେ ହାତୀପଲର ଗତିବିଧି ଉପରେ ବନବିଭାଗ ନଜର ରଖିଛି।

### ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ରାଜଗାଙ୍ଗପୁର,୨୧।୭(ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ରେଳବାଇ ପୋଲିସ ଶୁକ୍ରବାର ରେଳ ଧାରଣାରୁ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତଦେହକୁ ସ୍ଥାନୀୟ ସରକାରୀ ଚିକିତ୍ସାଳୟରେ ରଖାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନାହିଁ। ବୟସ ପାଖାପାଖି ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନ ୨ଟାରେ ବାଙ୍ଗାଲୁରରୁ ହାଟିଆ ଯାଉଥିବା ଧରତିଆବା ଏକ୍ସପ୍ରେସ୍ ବାମଡା ନିକଟରେ ତାଙ୍କୁ ଧକ୍କା ଦେଇଥିଲା।

### ୧୦ ଫୁଟ ଲମ୍ବର ଅଜଗର ଉଦ୍ଧାର

**କୁଆଁରମୁଣ୍ଡା,୨୧।୭(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବୈଷ୍ଣୋବି ପେଟ୍ରୋଲ ପମ୍ପ ପାର୍ଶ୍ୱରେ ରଖାଯାଇଥିବା ପାଣି ପାଇପ ଗଦା ଭିତରେ ଏକ ଅଜଗର ସାପକୁ ପେଟ୍ରୋଲ ପମ୍ପ କର୍ମଚାରୀ ଶୁକ୍ରବାର ଉଦ୍ଧାର କରିଛନ୍ତି। ଉକ୍ତ ଅଜଗରଟିର ଲମ୍ବ ପ୍ରାୟ ୧୦ ଫୁଟ ହେବ। ଖବର ପାଇ କୁଆଁରମୁଣ୍ଡା ବନପାଳ ବିନିତା ବରୁଆ ସ୍କ୍ୱାର୍ଡମାନଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଅଜଗରକୁ ଚାର୍ଡି ସଂରକ୍ଷିତ ଜଙ୍ଗଲରେ ଛାଡ଼ିଦେଇଛନ୍ତି।

### ୨ ଟ୍ରକ୍ ମୁହାଁମୁହିଁ ଧକ୍କା, ଖଲାସୀ ମୃତ

**ଲହୁଣୀପଡା,୨୧।୭(ଦାଶରଥୀ ପଣ୍ଡା):** ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର ଜାମୁଡ଼ିହି ଟୋଲଗେଟ୍ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ୨ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଖଲାସୀଙ୍କ ମୃତ୍ୟୁ ହୋଇଥିବା ବେଳେ ଚାଳକ ଆହତ ହୋଇଛନ୍ତି। ମୃତକ ହେଲେ ଝାଡଖଣ୍ଡର ଆର୍ବିନ ସିଂ (୨୧) ଏବଂ ଆହତ ଛତିଶଗଡର ଜିତେନ୍ଦ୍ର ସିଂ (୨୭)। ଆହତ ଆର୍ବିନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେ. ବଲାଙ୍ଗ ପୋଲିସ ବଣେଇ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ୨ ଟ୍ରକକୁ ପୋଲିସ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଏକ ଟ୍ରକ ଲହୁଣୀପଡା ପଟୁ କୋଇଡା ପଟେ ଯାଉଥିବା ବେଳେ କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଟ୍ରକଟି ଲହୁଣୀପଡା ପଟେ ଆସୁଥିବା ବେଳେ ଜାମୁଡ଼ିହି ଟୁଲୁଗେଟ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା।

# ଜଙ୍ଗଲରୁ ଚାଲିଛି ମାଙ୍ଗାନିଜ ଚୋରି

**ଟେନ୍‌ସା,୨୧।୭(ସମୀର କୁମାର ପାଢ଼ୀ)**



ସୁନ୍ଦରଗଡ଼ ଜିଲା କୋଇଡା ସଂରକ୍ଷିତ ଜଙ୍ଗଲ ଇଲାକାରେ ଚାଲିଛି ମାଙ୍ଗାନିଜ ଚୋରି। ସଂରକ୍ଷିତ ଜଙ୍ଗଲର ମାଲଦା, ଗିଡେଇ, ଦେଉଘର,ଗଣୁଆ, ପାଟବେଢା, ପାନପୋଷିଆ, କାହ୍ନୁସାହି ଆଦି ରିଜର୍ଭ ଫରେଷ୍ଟ ଏରିଆରୁ ମାଙ୍ଗାନିଜ ଚୋରମାନେ ଶ୍ରମିକ ଲଗାଇ ଦିନ ରାତି ଖଣି ଉତ୍ତୋଳନ ପରି ମାଙ୍ଗାନିଜ ମାଟି ତଳୁ ଖୋଳୁଛନ୍ତି। ଏହି ମାଙ୍ଗାନିଜ ଉତ୍ତୋଳନ ପରେ ଟ୍ରକ ମାଧ୍ୟମରେ ପଡୋଶୀ ରାଜ୍ୟକୁ ଚୋରା ଚାଲାଣ କରୁଛନ୍ତି। କୌଣସି ସୂତ୍ରରୁ ଖବର ପାଇ କୋଇଡା ଖଣି ବିଭାଗ ବିଭିନ୍ନ ଇଲାକା ଉପରେ ଚଢ଼ାଉ କରି ୧୧୫୦ ଟନ୍‌ର ଚୋରା ମାଙ୍ଗାନିଜ ସମେତ ଏକ ଟ୍ରକ ଜବତ କରିଛି। ଜବତ ଚୋରା ମାଙ୍ଗାନିଜର ଆନୁମାନିକ ମୂଲ୍ୟ ୨ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି କୋଇଡା ଖଣି ବିଭାଗ ପକ୍ଷରୁ ଜଣାପଡିଛି। କୋଇଡା ବନ ବିଭାଗ ଜଙ୍ଗଲରେ ହାତୀ ଘଉଡାଇବା ସହ ଜଙ୍ଗଲ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ ମଧ୍ୟ କିପରି ଏହା ଜାଣି ପାରୁ ନାହିଁ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ କୋଇଡା ବନ ଅଧିକାରୀ କାଜଲ ନାଏକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ବଣାଇଁ ଡିଏଫଓ ଲଳିତ କୁମାର ପାତ୍ରଙ୍କୁ ପିଚାରିବାରୁ, ଏ ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି। କୋଇଡା ରେଞ୍ଜରେ ଯଦି ଏଭଳି ହେଉଥାଏ ତେବେ ଏସିଏଫଙ୍କୁ ପଠାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

**୨ କୋଟିରୁ ଉର୍ଦ୍ଧ୍ୱ ମାଙ୍ଗାନିଜ, ଟ୍ରକ୍ ଜବତ**

# କିଡ୍‌ନୀ ରୋଗରେ ପୀଡ଼ିତାଙ୍କୁ ସହାୟତା ଦେଲା ଜିଲା ପ୍ରଶାସନ



କ୍ୟାନସର ପୀଡ଼ିତା ଝିଅଙ୍କ ସହ ଅନ୍ୟମାନେ।

**ସୁନ୍ଦରଗଡ,୨୧।୭(ଜୟ ନାରାୟଣ ମେଣ୍ଟୁଳି)**

କିଡ୍‌ନୀ ରୋଗରେ ପୀଡିତା ୧୦ ବର୍ଷର ଶିଶୁ କନ୍ୟା ଆରିଫା ଫତିମାଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢାଇଛି ଜିଲା ପ୍ରଶାସନ। ଜିଲାପାଳ ଡା.ପରାଗ ହର୍ଷଦ ଗାଭାଲିଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର ଆରିଫାଙ୍କ ଚିକିତ୍ସା ଜନିତ ନଥିପତ୍ରର ବିବରଣୀରୁ ରୋଗ ସମ୍ପର୍କରେ ସବିଶେଷ ତଥ୍ୟ ଅବଗତ ପରେ ଶିଶୁକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରି ଚିକିତ୍ସା ଆରମ୍ଭ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ବିଏସ୍‌କେୱାଇ ଦପ୍ତର ସହ ଯୋଗାଯୋଗ କରିବା ପରେ କେଉଁ ପଞ୍ଜୀକୃତ ଚିକିତ୍ସାଳୟରେ ଶିଶୁର ସଫଳ କିଡ଼ିନୀ ପ୍ରତିରୋପଣ କରାଯାଇପାରିବ ତାହା ଅନୁଧ୍ୟାନ କରିବୁ ବୋଲି ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି। ଏହା ଏକ ସମୟ ସପେକ୍ଷ ଜଟିଳ ଅସ୍ତ୍ରୋପଚାର ପଦ୍ଧତି ହୋଇଥିବାରୁ ଡାଏଲିସିସ ପ୍ରକ୍ରିୟା ଏବଂ ସମୁଚିତ ଚିକିତ୍ସା ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟରେ ପୂର୍ବବତ ଚାଲୁରହିବ। ଏହାର ସବିଶେଷ ବିବରଣୀ ଜିଲାପାଳଙ୍କ ନିକଟରେ ଦାଖଲ କରାଯିବ। ସାମାଜିକକର୍ମୀ ସିଦ୍ଧାନ୍ତ କୁମାର ପଣ୍ଡା ଆଲୋଚନା ବେଳେ ଉପସ୍ଥିତ ଥିଲେ। ଆରିଫାଙ୍କ ଚିକିତ୍ସା ପାଇଁ ସେ ସହଯୋଗର ହାତ ବଢ଼ାଇବା ପାଇଁ କହିଛନ୍ତି।

# ୮ ଦଫା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଦାବିପତ୍ର ଦେବାକୁ ଆସିଥିବା ସମିତିସଭ୍ୟାସଭ୍ୟ।

**ସୁନ୍ଦରଗଡ,୨୧।୭(ଜୟନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ ଜିଲା ସମିତି ସଭ୍ୟାସଭ୍ୟ ସଂଘ ପକ୍ଷରୁ ୮ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲିଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ସଂଘ ସଭାପତି ଜ୍ୟୋତିରଞ୍ଜନ ନାୟକ, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ଅମାତ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ସେଠ, ଜିଲା ବିଜେଡି ଉପସଭାପତି ଜୟନାରାୟଣ ତ୍ରିପାଠୀ ଓ ବେଣୁଧର ଡାଣ୍ଡିଆଙ୍କ ନେତୃତ୍ୱରେ ଜିଲାର ୧୭ ବ୍ଲକ ପଞ୍ଚାୟତର ସମିତି ସଭ୍ୟାସଭ୍ୟମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଏକ ନକଲ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ ପଠାଯାଇଛି। ମାସିକ ସର୍ବନିମ୍ନ ୧୫ହଜାର ଟଙ୍କା ଦରମା, ଅବସର ପରେ ମାସିକ ୧୦ହଜାର ଟଙ୍କା ଭତ୍ତା, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସମିତି ସଭ୍ୟ ମାନଙ୍କ ପାଇଁ ନିଜସ୍ୱ କାର୍ଯ୍ୟାଳୟ କକ୍ଷ ପ୍ରଦାନ, କାର୍ଯ୍ୟ କାଳ ମଧ୍ୟରେ ମୃତ୍ୟୁ ଘଟିଥିଲେ ୧୫ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ, ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ସୁନ୍ଦରଗଡ ଜିଲାର ପ୍ରତ୍ୟେକ ବ୍ଲକକୁ ଜିଲା ଖଣିଜ ପାଣ୍ଠିରୁ ଅନୁଦାନ ପ୍ରଦାନ ଭଳି ୮ଦଫା ଦାବି ଏଥିରେ ଉଲ୍ଲେଖ ରହିଛି।

# ରାସ୍ତା ଉପରେ ପ୍ରବାହିତ ହେଲା ନର୍ଦ୍ଦମା ପାଣି

- ବ୍ୟବସାୟୀ ଓ ପଥଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ
- ଅଭିଯୋଗ ପରେ ପୌର ପରିଷଦ ପକ୍ଷରୁ ନିଷ୍କାସନ ପ୍ରକ୍ରିୟା ଆରମ୍ଭ

ଦେବଗଡ଼, ୨୧।୭(ଶଶାଙ୍କ ଶେଖର ଝାଙ୍କର)–ପୌର ପରିଷଦ ପକ୍ଷରୁ ନିୟମିତ ବ୍ୟବଧାନରେ ଦେବଗଡ଼ ଥାନାକୁ ଲାଗି ରହିଥିବା ହସପିଟାଲ ରୋଡ(୩ ନମ୍ବର ୱାର୍ଡ)ର ମୁଖ୍ୟ ଡ୍ରେନରେ ଅଳିଆ ଆବର୍ଜନା ଜମି ରହିବା ସହ ନର୍ଦ୍ଦମା ପାଣି ଠିକ ଭାବେ ନିଷ୍କାସିତ ହୋଇପାରୁ ନ ଥିଲା। ଫଳରେ ଉକ୍ତ ଡ୍ରେନରେ ନର୍ଦ୍ଦମା ପାଣି ଜମି ରହିବା ସହ ପ୍ରବଳ ଦୁର୍ଗନ୍ଧ ହେଉଥିଲା। ଏପରିକି ଅଳ୍ପ ବର୍ଷା ହେଲେ ଉକ୍ତ ଡ୍ରେନରୁ ନର୍ଦ୍ଦମା ପାଣି ଉଛୁଳି ରାସ୍ତା ଉପରେ ପ୍ରବାହିତ ହେଉଥିଲା। ଫଳରେ ସମ୍ପୃକ୍ତ ଅଞ୍ଚଳବାସୀ, ବ୍ୟବସାୟୀ ଓ ପଥଚାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଶୁକ୍ରବାର ସକାଳେ ଜଣେ ବ୍ୟକ୍ତି ଉକ୍ତ ଡ୍ରେନରେ ପଡିଯିବାରୁ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ଅଞ୍ଚଳବାସୀ ଏବଂ ଆଖପାଖରେ ଦୋକାନ କରିଥିବା ବ୍ୟବସାୟୀମାନେ ଏନେଇ ସମ୍ପୃକ୍ତ ୱାର୍ଡର ୱାର୍ଡ ସଦସ୍ୟା ବାସନ୍ତୀମଣି ମାଝୀ ଓ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କୁ ଜଣାଇବା ସହ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ସମ୍ପୃକ୍ତ ଡ୍ରେନରୁ ଆବର୍ଜନାପୂର୍ଣ୍ଣ ଜଳ ନିଷ୍କାସନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ଡ୍ରେନକୁ ସଂଯୋଗ କରୁଥିବା କଲଭର୍ଟକୁ ଖୋଲାଯାଇ ସମାଧାନର ବାଟ ବାହାର କରିବା ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାପଡିଛି।



ନର୍ଦ୍ଦମା ପାଣି ଜମି ରହିଛି।

# ରାସ୍ତାକଡ଼ରୁ କଟାଗଲା ଶୁଖିଲା ଗଛ



**ସୁନ୍ଦରଗଡ,୨୧।୭ (ଜୟନାରାୟଣ ମେଣ୍ଟୁଳି)**

**ଧରିତ୍ରୀ ପ୍ରଭାବ**

ସୁନ୍ଦରଗଡ ଜିଲା ବଡଗାଁ ଫରେଷ୍ଟ ରେଞ୍ଜ ଅଧୀନ କୁମବାହାଲ ରାସ୍ତା କଡରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶୁଖିଲା ଗଛକୁ ଶେଷରେ କଟାଯାଇଛି। ଏ ନେଇ ଗତ ୧୮ରେ ଧରିତ୍ରୀରେ ଖବର ପ୍ରକାଶ ପାଇବାପରେ ସ୍ଥାନୀୟ ଲୋକେ ଜିଲା ପ୍ରଶାସନ, ୫-ଟି, ଜଙ୍ଗଲ ବିଭାଗ ଓ ସୁନ୍ଦରଗଡ ଡିଏଫଓଙ୍କୁ ଟୁଇଟ୍ କରି ଜଣାଇଥିଲେ। ଏହା ପରେ ଜଙ୍ଗଲ ବିଭାଗ ତରଫରୁ ରାସ୍ତା କଡରୁ ଏହି ଶୁଖିଲା ଗଛ କଟାଯାଇଛି। ଭବିଷ୍ୟତରେ କୌଣସି ଅଘଟଣ ଘଟିବା ଆଗରୁ ସଚେତନ ନାଗରିକ ଚନ୍ଦ୍ରଭାନୁ ଜୁରା ପ୍ରଥମେ ଧରିତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ଗାଁ ରାସ୍ତାରେ ପାଚେରି ଦେଲେ

**ବଡ଼ଗାଁ,୨୧।୭(ଅଶୋକ ଷଡ଼ଙ୍ଗୀ)**

**ତହସିଲଦାରଙ୍କ ଉପସ୍ଥିତିରେ ଭଙ୍ଗାଗଲା**



ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପଟୁଆବେଡା ଗ୍ରାମବାସୀମାନେ ଦୀର୍ଘ ୬୫ ବର୍ଷରୁ ବ୍ୟବହାର କରିଆସୁଥିବା ଏକ ରାସ୍ତାକୁ ସେହି ଗ୍ରାମର କ୍ଷୀର ବେହେରା ନିଜ ଜମି ଦାବି କରି ଗୁରୁବାର ସକାଳେ ରାସ୍ତା ଉପରେ ଇଟାରେ ପାଚେରୀ ଦେଇ ଅବରୋଧ କରିଥିଲେ। ଏ ନେଇ ଗ୍ରାମବାସୀ ତାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଶେଷରେ ଗ୍ରାମବାସୀ ବଡ଼ଗାଁ ଥାନାର ଦ୍ୱାରସ୍ଥ ହେବା ସହିତ ତହସିଲଦାରଙ୍କୁ ଜଣାଇଥିଲେ। ଗୁରୁବାର ସନ୍ଧ୍ୟାରେ ପୋଲିସ ଓ ତହସିଲଦାର ସରୋଜ କୁମାର ପୃଷେଟ ଘଟଣାସ୍ଥଳକୁ ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବୁଝାଶୁଝା କରି ରାସ୍ତା ଉପରୁ ପାଚେରୀ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୨ରେ ବରଙ୍ଗାକଛାର ଗ୍ରାମ ପଞ୍ଚାୟତ ଦ୍ୱାରା ଏହି ରାସ୍ତାକୁ କଂକ୍ରିଟ କରାଯାଇଥିଲା। ଏହି ରାସ୍ତାରେ ଲୋକେ ପୋଖରୀକୁ ଗାଧୋଇବା ପାଇଁ ଯାଉଥିବାବେଳେ ଚାଷୀମାନେ ହଳ, ଟ୍ରାକ୍ଟର ନେଇ ବିଲକୁ ଯାଇଥାନ୍ତି। ପାଚେରୀ ଦେଇ ରାସ୍ତା ଅବରୋଧ କରିଥିବାରୁ ଲୋକେ ହଇରାଣ ହେଉଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ରାସ୍ତା ପାର୍ଶ୍ୱରେ ସମ୍ପୃକ୍ତ ବ୍ୟକ୍ତି ନିକଟରେ ଥିବା କୀର୍ତ୍ତନ ମଣ୍ଡପକୁ ଭାଙ୍ଗି ଘର କରିବା ସହିତ ରାସ୍ତାକୁ ନିଜର ଦାବି କରି ପାଚେରୀ ଦେଇ ଅବରୋଧ କରିଥିଲେ। ଘଟଣା ପରେ ତହସିଲଦାର ଓ ୬ଜଣ ରାଜସ୍ୱ ନୀରିକ୍ଷକ ଶୁକ୍ରବାର ସେହି ଜାଗାକୁ ମାପଚୁପ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ମଝିରୁ ରାସ୍ତା ବାହାରୁଥିବା ଓ ସମ୍ମୁଖ ସ୍ଥାନ ଅନ୍ୟ ବ୍ୟକ୍ତିଙ୍କ ନାମରେ ଜମି ବାହାରିଥିଲା ବୋଲି ମାପ କାର୍ଯ୍ୟରେ ଥିବା ଜରଙ୍ଗଲୋଇ ରାଜସ୍ୱ ନୀରିକ୍ଷକ ହରିଶ୍ଚନ୍ଦ୍ର ହୋତା ସୂଚନାଦେଇଥିଲେ। ତେବେ ଏହି ଜମି ବେହେରାଙ୍କ ହୋଇ ନ ଥିବା ସମ୍ପର୍କରେ କିଛି ବର୍ଷ ପୂର୍ବେ ଥାନାରେ ଗ୍ରାମବାସୀ ଜଣାଇଥିଲେ। ହେଲେ ସଂପୃକ୍ତ ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ ଗ୍ରାମର କେତେକ ବ୍ୟକ୍ତିଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିଲା। ଏପରିକି କୋର୍ଟ ମଧ୍ୟ ତାଙ୍କ ସପକ୍ଷ ରେ ରାୟ ଦେଇଥିଲେ। କିନ୍ତୁ ମାପ ହେଲାପରେ ଜମି ତାଙ୍କର ହୋଇ ନ ଥିବା ଜଣାପଡିଛି।

# ଟ୍ରାନ୍ସଫର୍ମରରୁ ବିଜୁଳି ସଂଯୋଗ କାଟି ତମ୍ବା କଏଲ ନେଇଗଲେ ଦୁର୍ବୃତ୍ତ

**ସବ୍‌ଡେଗା,୨୧।୭ (ଅନନ୍ତ ପଟେଲ)**



ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। କୁରୁମକେଲ ବସଷ୍ଟେଣ୍ଡପଡ଼ାରେ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବିପିଏଲ ଟ୍ରାନ୍ସଫର୍ମରରୁ ବିଜୁଳି ସଂଯୋଗ କାଟି ତମ୍ବା କଏଲ ଚୋରି କରି ନେଇଯାଇଛନ୍ତି। ସକାଳେ ଏନେଇ ଗ୍ରାମବାସୀ ଜାଣିବା ପରେ ତଳସରା ଥାନା ଓ ବିଜୁଳି ବିଭାଗରେ ଅଭିଯୋଗ କରିଛନ୍ତି। ସେହି ଟ୍ରାନ୍ସଫର୍ମରରେ କେତେଜଣ ହିତାଧିକାରୀ ଅଛନ୍ତି ଲେଖିକି ଦେବାକୁ କହି ଗ୍ରାମବାସୀଙ୍କୁ ବିଜୁଳି ବିଭାଗ କର୍ମଚାରୀ ପଠାଇଦେଇଥିଲେ। ଯଥାଶୀଘ୍ର ଟ୍ରାନ୍ସଫର୍ମର ଲଗା ନ ଗଲେ ୩୦ ପରିବାର ଅନ୍ଧାର ଘେରରେ ରହିବେ। ତେବେ ତୁରନ୍ତ ଟ୍ରାନ୍ସଫର୍ମର ଲଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଜେଡି ଜିଲା ସଂଖ୍ୟାଲଘୁ ସଭାପତିଙ୍କୁ ସମ୍ବର୍ଦ୍ଧନା



ସୁନ୍ଦରଗଡ଼,୨୧।୭(ଜୟନାରାୟଣ ମେଣ୍ଟୁଳି) ସୁନ୍ଦରଗଡ଼ ବିଜେଡି ଜିଲା ସଂଖ୍ୟାଲଘୁ ପ୍ରକୋଷ୍ଠ ସଭାପତି ପଦରେ ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା ହାଜି ଅବଦୁଲ ସଇଦଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ବିଜୁ ଛକଠାରୁ ଯୁବ ବିଜେଡି ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ହାଜି ସଇଦଙ୍କ ସୁନାରୀପଡାସ୍ଥିତ ବାସଭବନରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ରାଉରକେଲା ସଂଖ୍ୟାଲଘୁ ପ୍ରକୋଷ୍ଠ ସଭାପତି ଖାଲିଦ୍ ଆଜିଜ,ପୂର୍ବତନ କାଉନସିଲର ଅଫରୋଜ ଅହମଦ, ରାଜଗାଙ୍ଗପୁର ପୌରପାଳିକା ଉପାଧ୍ୟକ୍ଷ ଏମ୍‌ଡି ଇରଫାନ, ବିଶ୍ରା ସରପଞ୍ଚ ସୁରଜ ନାଏକ, ବିଶ୍ରା ଜିପି ଅଧ୍ୟକ୍ଷ ଦୀପକ ଓରାମ ଯୋଗଦେଇଥିଲେ। ହାଜି ସଇଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହ ତାଙ୍କ ପ୍ରତି ଦଳର ବିଶ୍ୱାସକୁ ବଜାୟ ରଖି ନିଜ ଦାୟିତ୍ୱ ସମ୍ପାଦନ କରିବେ ବୋଲି କହିଥିଲେ।

# ଭେଷଜ ପଟେଲ ମହାବିଦ୍ୟାଳୟରେ ୨ ଦିନିଆ କର୍ମଶାଳା

**ହେମଗିର,୨୧।୭(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଡୁଡୁକାସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟରେ ୨ ଦିନ ଧରି ରାଷ୍ଟ୍ରୀୟ ଗୁଣବତ୍ତା ମୂଲ୍ୟାୟନ ପରିଷଦ କର୍ମଶାଳା(ଏନ୍‌ଏଏସି)ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅଶୋକ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଏହା ଆୟୋଜିତ ହୋଇଥିଲା। ପରିଚାଳନା ସମିତିର ସୁଶିଲ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏହା ପରିଚାଳିତ ହୋଇଥିଲା। ଏହି ଅବସରରେ ଆଇଏଓ୍ୟୁଏସଓ ନିର୍ଦ୍ଦେଶକ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏକ୍ୟୁଏଆର ପୂରଣ ପାଇ ତାଲିମ ପ୍ରଦାନ କରିବା ସହିତ ଏନଏଏସି କାର୍ଯ୍ୟ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ସଂଯୋଜକ ସୁଶାନ୍ତ କୁମାର ପଟେଲ ଉପସ୍ଥିତ ଥିବା ବେଳେ ଡ. ଦୀପ୍ତିମୟୀ ସେଠ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ।

# ମାଛଚାଷ କରିବାକୁ ଯାଇ ଆନ୍ଧ୍ରରେ ଅଟକ

**ଲହୁଣୀପଡା,୨୧।୭(ଦାଶରଥି ପଣ୍ଡା)**

ଥମୁନି ଦାଦନ ଦୁଃଖ। କାମ କରିବାକୁ ଯାଇ ପାଉଣା ନ ପାଇ ନିର୍ଯାତନାର ଶିକାର ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଲହୁଣୀପଡ଼ା ବ୍ଲକରେ। ଏହି ବ୍ଲକ ଅନ୍ତର୍ଗତ ସମରଦରି, ବଡ଼ ପୁରୁଣାପାଣି, ଦର୍ଜିଂ ଏବଂ ଆଖପାଖ ଅଞ୍ଚଳରୁ ପ୍ରାୟ ୧୨ ଯୁବତୀଯୁବକ ମାଛଚାଷ କରିବାକୁ ଯାଇ ଆନ୍ଧ୍ରରେ ଅଟକ ଅଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକେ ବଣେଇ ଉପଜିଲାପାଳ ଓ ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଆନ୍ଧ୍ର ଅଞ୍ଚଳରୁ କେତେକ ଲୋକ ବେପାରୀ ହିସାବରେ ପ୍ରଥମେ ଗାଁ ଗହଳିରେ କମ୍ବଳ, ବେଡସିଟ୍, ଚାଦର ଆଦି ବେପାର କରୁଥିଲେ। ବେପାର ଭଲ ହେବାରୁ ଗାଁ ଗୁଡ଼ିକରେ ଘର ଭଡ଼ା ନେଇ ରହୁଥିଲେ। କିଛି ଦିନ ରହିବା ପରେ ଘର ଭଡ଼ା ଦେଇଥିବା ପରିବାର ସହ ସ୍ଥାନୀୟ ଲୋକଙ୍କଠାରେ ଆସ୍ଥାଭାଜନ ହୋଇଥିଲେ। ସ୍ଥାନୀୟ ଯୁବକ ଅର୍ଜୁନଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରି ଆଖପାଖ ଅଞ୍ଚଳରୁ ପ୍ରାୟ ୧୨ଯୁବତୀଯୁବକଙ୍କୁ ମାସକୁ ୧୦ ହଜାର ଟଙ୍କା ଦରମା ପାଇବାର ପ୍ରଲୋଭନ ଦେଖାଇ ମାଛ ଚାଷ କରିବାକୁ ଆନ୍ଧ୍ରକୁ ନେଇଥିଲେ। ଅଧିକ ରୋଜଗାର କରିବା ଆଶାରେ କାମ କରିବାକୁ ଯାଇଥିବା ନିରୀହ ଲୋକଙ୍କୁ ଜଣା ନ ଥିଲା ସେମାନଙ୍କ ଚାଲ। ସେଠାରେ ପହଞ୍ଚିଲା ପରେ ଆରମ୍ଭ ହୋଇଯାଇଥିଲା ଦାଦନ ଶ୍ରମିକର ନିର୍ଯ୍ୟାତନାର କାହାଣୀ। ଆନ୍ଧ୍ର ଅଞ୍ଚଳର ଏକ କମ୍ପାନୀରେ ଏମାନଙ୍କୁ କାମରେ ନିୟୋଜିତ କରାଯାଇଥିଲା। ଦୀର୍ଘ ଦିନ ଧରି କାମ କଲାପରେ ମଧ୍ୟ କମ୍ପାନୀ ଦରମା ଦେଲା ନାହିଁ। ଦରମା ମାଗିବାରୁ ଧମକ ଚମକ ଦେଇ ନିର୍ଯ୍ୟାତନା ଦେବା ଆରମ୍ଭ କଲେ। ଅଧିକ ଅସହ୍ୟ ହେବାରୁ ଜଣେ ଯୁବକ କୌଣସି ପ୍ରକାରେ ସେଠାରୁ ଖସି ଗାଁକୁ ଫେରଆସିଥିଲେ। ଗ୍ରାମବାସୀଙ୍କୁ ସବୁ କଥା କହିବା ପରେ ଅନ୍ୟ ପରିବାରର ଲୋକେ ବିଚଳିତ ହୋଇ ପ୍ରଶାସନଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିଲେ।



ଉଦ୍ଧାର ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ପରିବାରବର୍ଗ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁଲାଇ ୨୨/୨୦୨୩ Bhubaneswar, Saturday, July 22/ 2023

# ଭୁବନେଶ୍ୱର କଳିଙ୍ଗରୁ ଭାରତର ଅଭିଯାନ

ଭୁବନେଶ୍ୱର, ୨୧।୭
(ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍‌) ପକ୍ଷରୁ ଶୁକ୍ରବାର ୨୦୨୩-୨୪ ସିଜନ ପାଇଁ ହକି ପ୍ରୋ ଲିଗ୍‌ କ୍ୟାଲେଣ୍ଡର ପ୍ରକାଶ ପାଇଛି। ତଦନୁସାରେ ଭାରତର ଉଭୟ ମହିଳା ଓ ପୁରୁଷ ହକି ଦଳ ୨୦୨୪ ଫେବୃୟାରୀରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଅଭିଯାନ ଆରମ୍ଭ କରିବ। ଭୁବନେଶ୍ୱର ସମେତ ଉଭୟ ଦଳ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ରହିଛି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଅଭ୍ୟାସ ପାଇଁ ପ୍ରୋ-ଲିଗ୍‌ ମ୍ୟାଚ ବଡ଼ ପ୍ଲାଟଫର୍ମ ସଦୃଶ ହେବ।



ମହିଳା ଅଧିନାୟିକା ସବିତା ପୁନିଆ



ଅଧିନାୟକ ହରମନପ୍ରୀତ ସିଂ

## ମହିଳା ଦଳ ଚାଇନାକୁ ପ୍ରଥମେ ଭେଟିବ

ଏଫ୍‌ଆଇଏଚ୍‌ ନେସନ୍ସ ଲିଗ୍‌ ଚାମ୍ପିୟନ ହୋଇଥିବାରୁ ୨୦୨୩-୨୪ ସିଜନ ପାଇଁ ଯୋଗ୍ୟତା ପାଇଥିବା ଭାରତୀୟ ମହିଳା ହକି ଦଳ ଫେବୃୟାରୀ ୩ରେ ଏହାର ପ୍ରଥମ ମ୍ୟାଚରେ ଚାଇନାକୁ ଭେଟିବ। ଏହାପରେ ଦଳ ୪ରେ ନେଦରଲାଣ୍ଡ୍ସ, ୭ରେ ଅଷ୍ଟ୍ରେଲିଆ ଓ ୯ରେ ଆମେରିକାକୁ ଭେଟିବ। ଫେବୃୟାରୀ ୧୨ରୁ ଦଳ ରାଉରକେଲା ଯାଇ ମ୍ୟାଚ ଖେଳିବ। ବିର୍ସା ମୁଣ୍ଡାରେ ଦଳ ୧୨ରେ ଚାଇନା, ୧୪ରେ ନେଦରଲାଣ୍ଡ୍ସ, ୧୭ରେ ଅଷ୍ଟ୍ରେଲିଆ ଓ ୧୮ରେ ଆମେରିକା ସହିତ ଖେଳିବ। ଭୁବନେଶ୍ୱର ଓ ରାଉରକେଲାରେ ଘରୋଇ ପରିବେଶରେ ମ୍ୟାଚ ଖେଳିବା ପରେ ଭାରତୀୟ ମହିଳା ଦଳ ବିଦେଶରେ ବେଲଜିୟମର ଆଣ୍ଟ୍ୱେର୍ପ ଓ ଗ୍ରେଟ୍‌ ବ୍ରିଟେନର ଲିଭାଲି ଯାଇ ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ ଓ ଗ୍ରେଟ ବ୍ରିଟେନ ଆଦି ଦଳ ସହ ମୁକାବିଲା କରିବ।

## ପୁରୁଷ ଦଳର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ସ୍ପେନ୍‌

ସ୍ପେନ୍‌ ବିପକ୍ଷରୁ ଭାରତୀୟ ପୁରୁଷ ଦଳର ଅଭିଯାନ ଆରମ୍ଭ ହେବ।

### ଏଫ୍‌ଆଇଏଚ୍‌ ହକି ପ୍ରୋ ଲିଗ୍‌ ୨୦୨୩-୨୪

କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ ୨୦୨୪ ଫେବୃୟାରୀ ୧୦ରେ ଅନୁଷ୍ଠିତ ହେବ। ଏହାପରେ ୧୧ ତାରିଖରେ ନେଦରଲାଣ୍ଡ୍ସ, ୧୫ରେ ଅଷ୍ଟ୍ରେଲିଆ ଓ ୧୬ରେ ଆୟର୍ଲାଣ୍ଡକୁ ଭେଟିବ। ୧୯ ତାରିଖରୁ ଦଳ ରାଉରକେଲାରେ ସେହି ସ୍ପେନ ବିପକ୍ଷରୁ ଖେଳିବା ଆରମ୍ଭ କରିବ। ଏହାପରେ ୨୧ରେ ନେଦରଲାଣ୍ଡ୍ସ, ୨୪ରେ ଅଷ୍ଟ୍ରେଲିଆ ଏବଂ ୨୫ରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ। ଘରୋଇ ପରିବେଶରେ ମ୍ୟାଚ ପରେ ଦଳ ବିଦେଶ ଯାଇ ବେଲଜିୟମର ଆଣ୍ଟ୍ୱେର୍ପଠାରେ ଆର୍ଜେଣ୍ଟିନା ଓ ବେଲ୍‌ଜିୟମ ଏବଂ ଗ୍ରେଟ୍‌ ବ୍ରିଟେନର ଲିଭାଲିଠାରେ ଜର୍ମାନୀ ଓ ବ୍ରିଟେନ ସହ ମୁକାବିଲା କରିବ। ପୂର୍ବ ସିଜନରେ ଭାରତୀୟ ପୁରୁଷ ଦଳ ଓଭରଅଲ୍‌ ୪ର୍ଥ ସ୍ଥାନରେ ରହି ଲିଗ୍‌ ଶେଷ କରିଥିଲା। ତେଣୁ ଏଥର ପୋଡିୟମ ଫିନିଶ୍‌ କରିବା ଉପରେ ଦଳର ନଜର ରହିବ।

## ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି

"୨୦୨୨ ନେସନ୍ସ କପ୍‌ରେ ଆମେ କେତେକ ବଡ଼ ଦଳ ବିପକ୍ଷରେ ଲଢ଼େଇ କରି ଏଫ୍‌ଆଇଏଚ୍‌ ପ୍ରୋ ଲିଗ୍‌ ପାଇଁ ଯୋଗ୍ୟତା ପାଇଛୁ। ଆଗାମୀ ଲିଗ୍‌ରେ ବିଶ୍ୱର ଶୀର୍ଷ ର୍‍ୟାଙ୍କପ୍ରାପ୍ତ ଦଳଗୁଡ଼ିକ ବିପକ୍ଷରେ ଖେଳିବାକୁ ଆମେ ପ୍ରସ୍ତୁତ। ଏହି ମ୍ୟାଚଗୁଡ଼ିକ ପ୍ରକୃତରେ ଆମ ଦଳର ସ୍ଥିତି ସମ୍ପର୍କରେ ଅବଗତ କରାଇଦେବ। ଆମେ ଏହାର ସଦୁପଯୋଗ କରି ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହୋଇପାରିବୁ" ବୋଲି ମହିଳା ଦଳର ଅଧିନାୟିକା ସବିତା ପୁନିଆ ପ୍ରକାଶ କରିଛନ୍ତି। ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂ ମଧ୍ୟ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। "ଲିଗ୍‌ ପ୍ରାରମ୍ଭରେ ଆମେ ଘରୋଇ ପରିବେଶରେ ସ୍ପେନ୍‌, ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବାକୁ ପ୍ରସ୍ତୁତ ହେଉଛୁ। ଗତ ସିଜନରେ ଆମେ ଭଲ ଖେଳିଥିଲୁ। ମାତ୍ର ଆଗାମୀ ସିଜନରେ ଆହୁରି ଉନ୍ନତ ପ୍ରଦର୍ଶନ ଦେବାକୁ ଲକ୍ଷ୍ୟ ରଖିଛୁ। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆମେ ଅପରାଜେୟ ରହିଛୁ। ଏଥର ମଧ୍ୟ ତାହା ବଜାୟ ରହୁ ବୋଲି ଚାହିଁବୁ। ଭୁବନେଶ୍ୱର ହେଉ କି ଆଣ୍ଟ୍ୱେର୍ପ କିମ୍ବା ଲି ଭାଲି ଆମେ ସ୍ଥିର ପ୍ରଦର୍ଶନ ଦେବା ଉପରେ ଗୁରୁତ୍ୱ ଦେବୁ। ୨୦୨୪ ଅଲିମ୍ପିକ୍ସ ପୂର୍ବରୁ ଆମର ସ୍ଥିତି ସମ୍ପର୍କରେ ମଧ୍ୟ ଏଥିରୁ ଜାଣିହେବ" ବୋଲି ହରମନପ୍ରୀତ କହିଛନ୍ତି।

FIH PRO LEAGUE

### ମହିଳା ଦଳର କାର୍ଯ୍ୟସୂଚୀ

**ଭୁବନେଶ୍ୱର**
ଫେବୃୟାରୀ ୩: ବନାମ ଚାଇନା
ଫେବୃୟାରୀ ୪: ବନାମ ନେଦରଲାଣ୍ଡ୍ସ
ଫେବୃୟାରୀ ୭: ବନାମ ଅଷ୍ଟ୍ରେଲିଆ
ଫେବୃୟାରୀ ୯: ବନାମ ଆମେରିକା

**ରାଉରକେଲା**
ଫେବୃୟାରୀ ୧୨: ବନାମ ଚାଇନା
ଫେବୃୟାରୀ ୧୪: ବନାମ ନେଦରଲାଣ୍ଡ୍ସ
ଫେବୃୟାରୀ ୧୭: ବନାମ ଅଷ୍ଟ୍ରେଲିଆ
ଫେବୃୟାରୀ ୧୮: ବନାମ ଆମେରିକା

### ପୁରୁଷ ଦଳର କାର୍ଯ୍ୟସୂଚୀ

**ଭୁବନେଶ୍ୱର**
ଫେବୃୟାରୀ ୧୦: ବନାମ ସ୍ପେନ୍‌
ଫେବୃୟାରୀ ୧୧: ବନାମ ନେଦରଲାଣ୍ଡ୍ସ
ଫେବୃୟାରୀ ୧୫: ବନାମ ଅଷ୍ଟ୍ରେଲିଆ
ଫେବୃୟାରୀ ୧୬: ବନାମ ଆୟର୍ଲାଣ୍ଡ

**ରାଉରକେଲା**
ଫେବୃୟାରୀ ୧୯: ବନାମ ସ୍ପେନ୍‌
ଫେବୃୟାରୀ ୨୧: ବନାମ ନେଦରଲାଣ୍ଡ୍ସ
ଫେବୃୟାରୀ ୨୪: ବନାମ ଅଷ୍ଟ୍ରେଲିଆ
ଫେବୃୟାରୀ ୨୫: ବନାମ ଆୟର୍ଲାଣ୍ଡ

# ଆଶେସ ଟେଷ୍ଟ: ଇଂଲଣ୍ଡର ବୃହତ୍‌ ସ୍କୋର

ମାଞ୍ଚେଷ୍ଟର, ୨୧।୭

ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ୪ର୍ଥ ଆଶେସ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ବୃହତ୍‌ ସ୍କୋର କରିଛି। ତୃତୀୟ ଦିବସର ହିରୋ ଜନି ବେୟାରଷ୍ଟୋଙ୍କ ଅପରାଜିତ ୯୯ ରନ ସହାୟତାରେ ଘରୋଇ ଦଳ ୫୯୨ ସ୍କୋର କରି ଅଷ୍ଟ୍ରେଲିଆର ସମସ୍ୟା ବଢ଼ାଇଛି। ଫଳରେ ଦଳ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋରଠାରୁ ୨୭୫ ରନରେ ଅଗ୍ରଣୀଲାଭ କରିଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୭୯ରନ ସଂଗ୍ରହ କରିଛି। ଉସମାନ ଖ୍ୱାଜା ୧୮ ଓ ଡେଭିଡ ୱାର୍ନର ୨୮ ରନକରି ଆଉଟ ହୋଇଛନ୍ତି। ଇଂଲଣ୍ଡର ମାର୍କ ଉଡ୍‌ ଏହି ଉଇକେଟଟି ନେଇଛନ୍ତି।



ଶଟ୍‌ ଖେଳିବା ଅବସରରେ ଜନି ବେୟାରଷ୍ଟୋ।

## ବେୟାରଷ୍ଟୋ ୯୯*

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୩୮୪/୪ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଦୁଇ ଅପରାଜିତ ବ୍ୟାଟର ହ୍ୟାରି ବ୍ରୁକ୍‌ ଓ ଅଧିନାୟକ ବେନ୍‌ ଷ୍ଟୋକ୍ସ ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ୫ମ ଉଇକେଟରେ ୮୬ ରନ ଯୋଗ ହେବା ପରେ ଷ୍ଟୋକ୍ସଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍‌ ଥ୍ରୁ ଦେଇଥିଲେ ଅଧିନାୟକ ପ୍ୟାଟ୍‌ କୁମିନ୍ସ। ଷ୍ଟୋକ୍ସ ୫୧ ରନ କରିଥିବାବେଳେ ବୋଲ୍ଡ ହୋଇଯାଇଥିଲେ। ବ୍ରୁକ୍‌ ୬୧ ରନକରି ଜୋଶ୍‌ ହାଜେଲଉଡ୍‌ଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶେଷ ଭାଗରେ ଚମତ୍କାର ବ୍ୟାଟିଂ କରିଥିଲେ ଜନି ବେୟାରଷ୍ଟୋ। ସେ ଦ୍ରୁତ ହାରରେ ରନ ସଂଗ୍ରହ କରି ୯୯ ରନରେ ଅପରାଜିତ ଥିବାବେଳେ ଇଂଲଣ୍ଡ ଅଲ୍‌ଆଉଟ ହୋଇଯାଇଥିଲା। ମାତ୍ର ୮୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବେୟାରଷ୍ଟୋ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୪ ଛକା ମାରିଥିଲେ। ଇଂଲଣ୍ଡର ଲୋୟର ଅର୍ଡର ବ୍ୟାଟରମାନେ ଦୁଇଅଙ୍କ ସ୍ପର୍ଶ କରିବାରେ ବିଫଳ ହୋଇଥିବାବେଳେ ବେୟାରଷ୍ଟୋ ପ୍ରତିପକ୍ଷ ବୋଲରଙ୍କୁ ସଫଳ ମୁକାବିଲା କରିବାରେ ସକ୍ଷମ ହୋଇଥିଲେ। ୧୧ ନମ୍ବର ବ୍ୟାଟର ଜେମ୍ସ ଆଣ୍ଡରସନ ମାତ୍ର ୫ ରନ କରିଥିଲେ ହେଁ ବେୟାରଷ୍ଟୋଙ୍କ ଧୂଆଁଧାର ଇନିଂସ ଯୋଗୁ ଇଂଲଣ୍ଡ ଅନ୍ତିମ ଉଇକେଟ ଯୋଡ଼ିରେ ୬୬ ରନ ସଂଗ୍ରହ କରି ନେଇଥିଲା। ଇଂଲଣ୍ଡ ଇନିଂସର ୧୦୭ତମ ଓଭରରେ ବୋଲିଂ କରିଥିବା ପ୍ୟାଟ୍‌ କୁମିନ୍ସଙ୍କୁ ୨ଟି ଚୌକା ମାରି ୯୮ ରନରେ ପହଞ୍ଚିଥିଲେ ବେୟାରଷ୍ଟୋ। ୧୦୮ତମ ଓଭର ବୋଲିଂ କରିଥିବା କାମେରନ ଗ୍ରୀନଙ୍କ ପ୍ରଥମ ବଲ୍‌ରୁ ବାଇଭାବେ ୧ ରନ ନେଇଥିଲେ ଆଣ୍ଡରସନ। ଦ୍ୱିତୀୟ ବଲ୍‌ରୁ ବେୟାରଷ୍ଟୋ ରନ ନେଇପାରି ନ ଥିବାବେଳେ ତୃତୀୟ ବଲ୍‌କୁ ଲଙ୍ଗଅଫ୍‌ ଅଞ୍ଚଳକୁ ମାରି ସେ ୨ ରନ ନେଇ ଶତକ ପୂରଣ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ କଲ୍‌କୁ ଗ୍ରହଣ କରି ଆଣ୍ଡରସନ ପ୍ରଥମ ରନ ପୂରଣ କରିବା ପରେ ଦ୍ୱିତୀୟ ରନ ନେବାକୁ କ୍ରିଜ୍‌ର ଅଧାରେ ପହଞ୍ଚି ଯାଇଥିଲେ। ମାତ୍ର ଫିଲ୍ଡରଙ୍କ ଫୁର୍ତ୍ତି ଦେଖି ବେୟାରଷ୍ଟୋ ଅଧାରୁ ଫେରାଇ ଦେଇଥିଲେ। ଥ୍ରୋ ବିପରୀତ ଏଣ୍ଡକୁ ହୋଇଥିବାରୁ ବେୟାରଷ୍ଟୋ ସମ୍ଭବତଃ ଦ୍ୱିତୀୟ ରନ ପୂରଣ କରିପାରିଥାନ୍ତେ। ମାତ୍ର ଭାଗ୍ୟ ସାଥ୍‌ ଦେଇ ନ ଥିଲା। ୪ର୍ଥ ବଲ୍‌ରେ ଆଣ୍ଡରସନଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ ଗ୍ରୀନ୍‌। ଫଳରେ କିଂକର୍ତ୍ତବ୍ୟ ବିମୂଢ଼ଭାବେ ବେୟାରଷ୍ଟୋ ୯୯ ରନରେ ଅପରାଜିତ ରହି ପ୍ୟାଭିଲିୟନ ଫେରିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଜୋଶ୍‌ ହାଜେଲଉଡ୍‌ ୫ ଉଇକେଟ ସଫଳତା ପାଇଥିବାବେଳେ ମିଚେଲ ଷ୍ଟାର୍କ ଓ କାମେରନ ଗ୍ରୀନ୍‌ ୨ଟି ଲେଖାଏ ଏବଂ ପ୍ୟାଟ୍‌ କୁମିନ୍ସ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୧୭। ଇଂଲଣ୍ଡ ପ୍ରଥମ ଇନିଂସ: ୫୯୨ (ଜ୍ୟାକ୍‌ କ୍ରଲି-୧୮୯, ଜନି ବେୟାରଷ୍ଟୋ-୯୯*, ଜୋ ରୁଟ୍‌-୮୪, ହ୍ୟାରି ବ୍ରୁକ୍‌-୬୧, ମୋଇନ ଅଲୀ-୫୪, ବେନ୍‌ ଷ୍ଟୋକ୍ସ-୫୧, ଜୋଶ୍‌ ହାଜେଲଉଡ୍‌-୫/୧୨୬, ମିଚେଲ ଷ୍ଟାର୍କ-୨/୧୩୭, କାମେରନ ଗ୍ରୀନ୍‌-୨/୬୪, ପ୍ୟାଟ୍‌ କୁମିନ୍ସ-୧/୧୨୯)।

# ଭାରତୀୟ ସଫ୍ଟ ଟେନିସ ଦଳରେ ଓଡ଼ିଶାରୁ ୨



ସମ୍ବର୍ଦ୍ଧିତ ଅଂଶୁମାନ ବାବୁ ଓ ମନ୍ମୟ ପଟ୍ଟନାୟକଙ୍କ ସହ କର୍ମକର୍ତ୍ତାମାନେ।

**ଭୁବନେଶ୍ୱର, ୨୧।୭ (ତପନ ସ୍ୱାଇଁ):** ଚଳିତ ମାସ ୨୬ରୁ ୩୦ ପର୍ଯ୍ୟନ୍ତ ଥାଇଲାଣ୍ଡର ପଟାୟାଠାରେ ଆଇଏସ୍‌ଟିଏଫ୍‌ ୱାର୍ଲ୍ଡ ଟୁର୍‌ ଅନ୍ତର୍ଜାତୀୟ ସଫ୍ଟ ଟେନିସ ଚାମ୍ପିୟନଶିପ୍‌ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୨ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଂଶୁମାନ ବାବୁ ଓ ମନ୍ମୟ ପଟ୍ଟନାୟକ। ଉକ୍ତ ୨ ଖେଳାଳିଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ମହମ୍ମଦ ଆଜାମ ଓ ସତୀଶ କୁମାର ବିଶ୍ୱକର୍ମା ପ୍ରମୁଖ ଉପସ୍ଥିତ ଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ